


ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ
▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-209 ♦SATURDAY ♦24 JANUARY 2026 ♦PAGE-12 ♦₹ 7.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୨୦୯ ♦ଶନିବାର ♦୨୪ ଜାନୁଆରୀ ୨୦୨୬ ♦ପୃଷ୍ଠା-୧୨ ♦ଟ.୭.୦୦


**ପ୍ରାଣଘାତୀ ପ୍ରଦୂଷଣ**

# ବର୍ଷକୁ ଯାଉଛି ୧୭ ଲକ୍ଷ ଜୀବନ

## ଧୂଳି, ଧୂଆଁରେ ଦେଶ ବର୍ଷକୁ ହରାଉଛି ୩୦ ଲକ୍ଷ କୋଟି



■ ଡାଭୋସ୍, ୨୩।୧ (ଏଜେନ୍ସି): ପ୍ରଦୂଷଣ ଏବେ ମହାମାରୀର ରୂପ ନେଇଛି। ଏହା ଦିନକୁ ଦିନ ଭୟଙ୍କର ସ୍ଥିତି ସୃଷ୍ଟି କରୁଛି। ଅକାଳରେ ଲୋକଙ୍କ ଜୀବନ ନେଇଯାଉଛି। ଅନେକ ଶ୍ୱାସକ୍ରିୟା ଜନିତ ସମସ୍ୟାରେ ପଡୁଛନ୍ତି। ପ୍ରତିବର୍ଷ ପ୍ରଦୂଷଣ ଭାରତରେ ୧୭ ଲକ୍ଷ ଲୋକଙ୍କ ମୃତ୍ୟୁର କାରଣ ପାଲଟୁଛି। ୨୦୨୨ରେ ୱାର୍ଲ୍ଡ ବ୍ୟାଙ୍କ୍ ଦେଇଥିବା ରିପୋର୍ଟରୁ ଏହା ଜଣାପଡ଼ିଛି। ଏହା ଦେଶର ହେଉଥିବା ସମସ୍ତ ମୃତ୍ୟୁର ୧୮ ପ୍ରତିଶତ। ବୁଧବାର ଡାଭୋସରେ ଭାରତୀୟ ଗଣମାଧ୍ୟମଗୁଡ଼ିକ ସହ କଥା ହେବା ବେଳେ ହାଭାର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ଗୀତା ଗୋପୀନାଥ ଏହା କହିଛନ୍ତି। ଟାରିଫ୍ ଅପେକ୍ଷା ଭାରତ ପ୍ରଦୂଷଣ ଅଧିକ ବିପଜ୍ଜନକ ବୋଲି ସେ କହିଛନ୍ତି।

ଗୋପୀନାଥ ସ୍ୱିଜରଲାଣ୍ଡର ଡାଭୋସ୍‌ରେ ଚାଲିଥିବା ବିଶ୍ୱ ଅର୍ଥନୈତିକ ମଞ୍ଚ (ଡବ୍ଲ୍ୟୁଇଏଫ୍)ରେ ଯୋଗ ଦେବାକୁ ଆସିଥିଲେ। ଏହି ଅବସରରେ ସେ ଏକ ଗୁରୁତ୍ୱପୂର୍ଣ୍ଣ କଥା କହିଛନ୍ତି। ଯେତେବେଳେ ନୂଆ ବ୍ୟବସାୟ ଓ ଅର୍ଥନୈତିକ ଅଭିବୃଦ୍ଧିର କଥା ଆସେ ସେତେବେଳେ ଆଲୋଚନା ପ୍ରାୟତଃ ବାଣିଜ୍ୟ, ଶୁଳ୍କ ଓ ନିୟମାବଳୀ ପର୍ଯ୍ୟନ୍ତ ସୀମିତ ଥାଏ। କିନ୍ତୁ ପ୍ରଦୂଷଣ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଅଣଦେଖା କରାଯାଇଥାଏ। ଗତବର୍ଷ ଲାନସେଟ୍ କାଉଣ୍ଟଡାଉନ୍ ରିପୋର୍ଟ ଆକଳନ କରିଥିଲା ଯେ, ବାହ୍ୟ ପ୍ରଦୂଷଣ (ପିଏମ୍୨.୫, ଧୂଆଁ, ଯାନବାହାନ ପ୍ରଦୂଷଣ ଓ କାରଖାନା) ଯୋଗୁଁ ଭାରତରେ ୩୦ ଲକ୍ଷ କୋଟି ଟଙ୍କାର କ୍ଷତି ହେଉଛି। ଗୋପୀନାଥ କହିଛନ୍ତି ଯେ ପ୍ରଦୂଷଣ ପରୋକ୍ଷ ଓ ପ୍ରତ୍ୟେକ୍ଷ ଭାବେ ଦେଶର ବିକାଶକୁ ଦୀର୍ଘକାଳୀନ ଭାବେ କ୍ଷତି ପହଞ୍ଚାଇଥାଏ। ବିଦେଶ ନିବେଶକମାନେ ଭାରତରେ ନିବେଶ କରିବା ପୂର୍ବରୁ ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିଥାନ୍ତି। ତେଣୁ ପ୍ରଦୂଷଣ ଏବେ ନିବେଶକଙ୍କୁ ମଧ୍ୟ ପ୍ରଭାବିତ କରୁଛି। ଭାରତ ନିଜକୁ ଏକ ବିଶ୍ୱସ୍ତରୀୟ ଅର୍ଥନୈତିକ ଓ ଉତ୍ପାଦନ କେନ୍ଦ୍ର ଭାବେ ଉପସ୍ଥାପନ କରୁଥିବା ବେଳେ ▶ପୃଷ୍ଠା-୭

# ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଛାଡ଼ିଲା ଆମେରିକା

■ ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତ ଡୋନାଲ୍ଡ ଟ୍ରମ୍ପଙ୍କ ସରକାର ପୁଣି ବିଚଳିତ କରିବା ଭଳି ନିଷ୍ପତ୍ତି ନେଇଛି। ଏବେ ଏହି ଦେଶ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ (ହୁ)ରୁ ବାହାରି ଯାଇଛି। ଏହି ସଂଗଠନରେ ପୁଣି ସାମିଲ ହେବାର କୌଣସି ଯୋଜନା ନାହିଁ ବୋଲି ଆମେରିକା ସ୍ୱାସ୍ଥ୍ୟ ଅଧିକାରୀ କହିଛନ୍ତି। ଏହି ସଂଗଠନ ରୋଗର ପ୍ରସାର ରୋକିବାରେ, ନିୟନ୍ତ୍ରଣ କରିବାରେ ଏବଂ ସୂଚନା ଦେବାରେ ବିଫଳ ହୋଇଛି ବୋଲି ଆମେରିକା ପକ୍ଷରୁ କୁହାଯାଇଛି। ମାତ୍ର ଅନେକ ଦେଶ ଉପରେ ଶୁଳ୍କ ଲଗାଇ କୋଟି କୋଟି ଟଙ୍କା ଆଦାୟ କରିଥିବା ଆମେରିକା 'ହୁ'ର ବକେୟା ଦେବାକୁ ମନା କରିଦେଇଛି। 'ହୁ'କୁ ଆମେରିକା ୨୩୮୦ କୋଟିରୁ ଅଧିକ ଟଙ୍କା ଦେବାର ଥିଲା। ଏହା ଦେବ ନାହିଁ ବୋଲି ଆମେରିକା ରୋକଠୋକ୍ କହିଦେଇଛି।



## ୨୩୮୦ କୋଟିର ବକେୟା ଦେଲାନି

ଟ୍ରମ୍ପ ପ୍ରଶାସନ ପକ୍ଷରୁ କୁହାଯାଇଛି ଯେ ପୂର୍ବରୁ 'ହୁ'କୁ ଆବଶ୍ୟକତାଠାରୁ ଅଧିକ ଟଙ୍କା ଦିଆଯାଇଛି। ସଂଗଠନ ଛାଡ଼ିବା ପୂର୍ବରୁ ମଧ୍ୟ ଅର୍ଥ ଦେବା ଜରୁରୀ ନୁହେଁ। ମାତ୍ର ଆମେରିକା ନିୟମ ଅନୁଯାୟୀ, କୌଣସି ସଂଗଠନ ଛାଡ଼ିବାର ଏକ ବର୍ଷ ପୂର୍ବରୁ ▶ପୃଷ୍ଠା-୭

## ମହାନଦୀ ପ୍ରସଙ୍ଗରେ ସରକାରଙ୍କ ସାଂଘାତିକ ଖେଳ

# ସର୍ବଦଳୀୟ ବୈଠକ ବାତିଲ କଲେ ରାଜ୍ୟ ସରକାର

- ତେଜିଲା ଟ୍ରିବ୍ୟୁନାଲ୍ କାର୍ଯ୍ୟକାଳ ସଂକ୍ରାନ୍ତ ଚିଠି ବିବାଦ
- ଜଳସମ୍ପଦ ବିଭାଗର ଅପାରଗତା ଧରାଇଲେ ରାଜସ୍ୱ ମନ୍ତ୍ରୀ
- ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କଲା ବିଜେଡି
- ମହାନଦୀରେ ବାଲି ବନ୍ଧ ଭାଙ୍ଗିବ 'ମହାନଦୀ ବଞ୍ଚାଅ'

■ ଭୁବନେଶ୍ୱର, ୨୩।୧ (ସମିସ): ରାଜ୍ୟ ସରକାର ମହାନଦୀକୁ ନେଇ ଆରମ୍ଭ କରିଛନ୍ତି ଖେଳ। ଆପୋସ ଆଲୋଚନା ମାଧ୍ୟମରେ ବିବାଦର ସମାଧାନ ହେବ ବୋଲି କହୁଥିବା ସରକାର ଓ ଶାସକ ଦଳର ନେତାମାନେ ଜାଣିଶୁଣି ମହାନଦୀ ପ୍ରସଙ୍ଗରେ ରାଜ୍ୟର ସ୍ୱାର୍ଥ ସହ ଖେଳ ଖେଳି ଚାଲିଛନ୍ତି। ଏକପଟେ ମହାନଦୀ ବିବାଦ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି ପାଇଁ ନିର୍ଦ୍ଧାରିତ ସମୟ ପୂର୍ବରୁ ଚିଠି ନ ଲେଖି ଅଡୁଆରେ ପଡ଼ିଥିବା ସରକାର ରାଜ୍ୟରେ ସର୍ବଦଳୀୟ ବୈଠକକୁ ବାତିଲ କରିଛନ୍ତି। ଯାହା ସରକାରଙ୍କ ଆଭିମୁଖ୍ୟକୁ ନେଇ ଅଧିକ ସନ୍ଦେହ ସୃଷ୍ଟି କରିଛି। ରାଜ୍ୟ ସ୍ୱାର୍ଥ ସହ ତିଳେ ମାତ୍ର ସାଲିସ କରାଯିବ ନାହିଁ ବୋଲି ବାହାସ୍ଫୋଟ ମାରୁଥିବା ଶାସକ ଦଳର ନେତାମାନେ ଏହି ପ୍ରସଙ୍ଗରେ ରହସ୍ୟମୟ ଭାବରେ ନିରବ। ମହାନଦୀ ପ୍ରସଙ୍ଗରେ ସରକାର ଏବେ ତିନି ଆଡୁ ବିବାଦରେ ଫସିବା ପରେ କେଉଁ ରାସ୍ତା ଦେଇ ମୁକୁଳିବେ ସେଥିପାଇଁ ଉଦ୍ୟମ ଆରମ୍ଭ ହୋଇଛି।

ମହାନଦୀ ପ୍ରସଙ୍ଗରେ ଛତିଶଗଡ଼ ସହ ପୂର୍ବ ବିଜେଡି ସରକାର ଆଇନଗତ ▶ପୃଷ୍ଠା-୭

**ରାଜ୍ୟସଭା ନିର୍ବାଚନ**

# ୪ର୍ଥ ଆସନ ଗଣିତ ଅସ୍ପଷ୍ଟ

- ବିଜେପିକୁ ୨ ଓ ବିଜେଡିକୁ ଗୋଟିଏ ଆସନ ନିଶ୍ଚିତ
- କଂଗ୍ରେସ ସମର୍ଥନରେ ବିଜେଡି ଜିଣିପାରେ ୪ର୍ଥ ଆସନ
- ନିର୍ଦ୍ଦଳୀୟଙ୍କୁ ସମର୍ଥନ ଦେଇପାରନ୍ତି ବିଜେଡି-କଂଗ୍ରେସ
- ନିର୍ବିବାଦୀୟ ସ୍ୱାଧୀନଙ୍କୁ ସମର୍ଥନ ଦେଇପାରନ୍ତି ୩ ଦଳ

■ ଭୁବନେଶ୍ୱର, ୨୩।୧ (ସମିସ): ଆସନ୍ତା ଏପ୍ରିଲ ମାସରେ ହେବାକୁଥିବା ରାଜ୍ୟସଭା ନିର୍ବାଚନ ଅକସ୍ମାତ ରାଜ୍ୟ ରାଜନୀତିକୁ ସରଗରମ କରିଛି। ଖାଲି ହେବାକୁ ଥିବା ୪ଟି ଆସନ ମଧ୍ୟରୁ ସଂଖ୍ୟା ଦୃଷ୍ଟିରୁ ୨ଟି ଆସନରେ ବିଜେପି ଓ ଗୋଟିଏ ଆସନରେ ବିଜେଡିର ବିଜୟ ନିଶ୍ଚିତ। ତେବେ ୪ର୍ଥ ଆସନ ପାଇଁ ବିଜେପି ବା ବିଜେଡି ନିକଟରେ ଆବଶ୍ୟକ ସମର୍ଥନ ନାହିଁ। କଂଗ୍ରେସ ବା ବିଜେପି ସମର୍ଥନ କଲେ ୪ର୍ଥ ଆସନ ବିଜେଡି ଦଖଲ କରିପାରିବ କିମ୍ବା ବିଜେଡି ସମର୍ଥନ କଲେ କଂଗ୍ରେସ ବା ବିଜେପିର ପ୍ରାର୍ଥୀ ଏହି ଆସନରେ ବିଜୟୀ ହୋଇ ପାରିବେ। ଅନ୍ୟପକ୍ଷରେ ବିଜେଡି ସହଯୋଗରେ ▶ପୃଷ୍ଠା-୭

**ଅନ୍‌ଲାଇନ ଗେମ୍‌ର କରୁଣ ପରିଣତି**

# ଟ୍ରେନ୍ ଆଗକୁ ଡେଇଁ ଜୀବନ ହାରିଲେ ଯୁବକ

■ ରାଜଘାଟ, ୨୩।୧ (ସମିସ): ରାସଗୋବିନ୍ଦପୁର ବ୍ଲକ ଗାଁ ଅମର୍ଦା ପଞ୍ଚାୟତ ଅନ୍ତର୍ଗତ ହମାର ପଡିଆ ଗ୍ରାମର ଭାଗିରଥି ପାତ୍ରଙ୍କ ପୁତ୍ର ସୁଦୀପ୍ତ (୨୨) ରାତା ରାତି କୋଟିପତି ହେବା ନିଶାରେ ଦୀର୍ଘ ଦିନ ହେବ ନିଜ ମୋବାଇଲରେ ଅନଲାଇନ ଗେମ ଖେଳି ସର୍ବସ୍ୱାନ୍ତ ହୋଇପଡ଼ିଥିଲେ। ପରିବାର ଲୋକ ଓ ସାଙ୍ଗ ସାଥିରୁ ଉଧାର ନେଇ ଉକ୍ତ ଗେମ୍‌ରେ ନିବେଶ କରି ସମସ୍ତ ଅର୍ଥ ହରାଇବା ପରେ ମାନସିକ ଭାରସାମ୍ୟ ହରାଇ ଗୁରୁବାର ବିଳମ୍ବିତ ରାତିରେ ଘରୁ ବାହାରିଆସି ବସ୍ତା ବ୍ଲକ ରାଜଘାଟ ରେଳ ପୋଲ ନିକଟରେ ଆସି ଅପଲାଇନରେ ଟ୍ରେନ ଆଗକୁ ଡେଇଁ ଜୀବନ ହାରିଛନ୍ତି। ଖବର ପାଇ ରୁପ୍ସା ରେଳ ପୁଲିସ ଆସି ଶବକୁ ଜବତ ପରେ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଘଟଣାର ଅଧିକ ତଦନ୍ତ ଜାରିରଖିଛି। ଅପରାହ୍ନ ୩ଟାରେ ଶବ ଗ୍ରାମରେ ପହଞ୍ଚିବା ପରେ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

**ହାଇକୋର୍ଟଙ୍କ ଗୁରୁତ୍ୱପୂର୍ଣ୍ଣ ରାୟ**

# ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ ମିଳିବ ପରିବାର ପେନ୍‌ସନ୍

■ କଟକ, ୨୩।୧ (ସମିସ): ପେନସନ ପାଉଥିବା ସରକାରୀ କର୍ମଚାରୀଙ୍କ ମୃତ୍ୟୁ ପରେ ତାଙ୍କର ନିର୍ଭରଶୀଳ ଛାଡ଼ପତ୍ରପ୍ରାପ୍ତ ବିବାହିତ ଝିଅ ପରିବାର ପେନସନ ପାଇବା ପାଇଁ ଯୋଗ୍ୟ ବୋଲି ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଦେଇଛନ୍ତି। କେବଳ ଛାଡ଼ପତ୍ର ଡିଗ୍ରୀ ମିଳିବାରେ ବିଳମ୍ବ ହେବା କାରଣରୁ ଜଣେ ଅସହାୟ ଝିଅକୁ ପରିବାର ପେନସନରୁ ବଞ୍ଚିତ କରାଯାଇପାରିବ ନାହିଁ। ଯଦି ଜଣେ ଝିଅ ବିବାହ ବିଚ୍ଛେଦ ମାମଲା ଚାଲିଥିବା ବେଳେ ଶାଶୁ ଘରୁ ବାହାରି ଆସି ନିଜ ବାପା-ମା'ଙ୍କ ଉପରେ ନିର୍ଭରଶୀଳ ଥିଲେ, ତେବେ ତାଙ୍କୁ ପେନସନ ପାଇବାର ଅଧିକାରରୁ ବଞ୍ଚିତ କରିବା ଉଚିତ ନୁହେଁ ବୋଲି ହାଇକୋର୍ଟ କହିଛନ୍ତି। ବିଶ୍ୱମିତ୍ରା ଧଳ ଏବଂ ଅନ୍ୟମାନଙ୍କ ତରଫରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ରାୟ ଦେଇଛନ୍ତି। ଏଥିସହ ଆକାଉଣ୍ଟାଣ୍ଟ ଜେନେରାଲଙ୍କ ଦ୍ୱାରା ଆବେଦନକାରୀଙ୍କ ଦାବିପତ୍ର ଉପରେ ଜାରି ପ୍ରତ୍ୟାଖ୍ୟାନ ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ଆବେଦନକାରୀଙ୍କୁ ୮ ସପ୍ତାହ ମଧ୍ୟରେ ବକେୟା ସହ ପରିବାର ପେନସନ ପ୍ରଦାନ କରିବାକୁ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି। ମାମଲାରୁ ପ୍ରକାଶ ଯେ, ଆବେଦନକାରୀଙ୍କ ପିତା କୃଷି ବିଭାଗରେ ଓଭରସିଅର ଭାବେ କାର୍ଯ୍ୟ କରି ଅବସର ଗ୍ରହଣ କରିବା ପରେ ତାଙ୍କର ମୃତ୍ୟ ତଥା ୨୦୧୧ଡିସେମ୍ବର୩୧ ପର୍ଯ୍ୟନ୍ତ ପେନସନ ପାଉଥିଲେ। ଏହାପରେ ଆବେଦନକାରୀଙ୍କ ମା ୨୦୧୯ ଜୁନ ୯ ପର୍ଯ୍ୟନ୍ତ ପରିବାର ପେନସନ ପାଇ ମୃତ୍ୟୁବରଣ କରିଥିଲେ। ଏହା ପରେ ଆବେଦନକାରୀ ତଥା ମୃତ କର୍ମଚାରୀଙ୍କ ଛାଡପତ୍ର ପାଇଥିବା ବିବାହିତ ଝିଅ ପରିବାର ପେନସନ ପାଇଁ ଆବେଦନ କରିଥିଲେ ସୁଦ୍ଧା ଏହାକୁ ଖାରଜ କରାଯିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ▶ପୃଷ୍ଠା-୭

## ମୟୂରଭଞ୍ଜ ଜିଲ୍ଲାରେ ମାତୃ ମୃତ୍ୟୁହାର ରାଜ୍ୟରେ ସର୍ବାଧିକ

# ୩ ମାସରେ ଗଲାଣି ୨୦ ମା'ଙ୍କ ଜୀବନ

■ ବାରିପଦା, ୨୩।୧ (ମନୋଜ ପଣ୍ଡା): ରାଜ୍ୟରେ ମୟୂରଭଞ୍ଜ ଜିଲ୍ଲାର ମାତୃ ମୃତ୍ୟୁହାର ଅନ୍ୟ ଜିଲ୍ଲା ଅପେକ୍ଷା ସର୍ବାଧିକ ରହିଛି। ଯାହା ଏକ ଗମ୍ଭୀର ସ୍ୱାସ୍ଥ୍ୟ ସମସ୍ୟା ଭାବେ ଉଭା ହୋଇଛି। ଗତ ୩ ମାସ ମଧ୍ୟରେ କେବଳ ୨୦ ଜଣ ମାଆ ପ୍ରସବ ପରେ ମୃତ୍ୟୁବରଣ କରିଛନ୍ତି। ଏପ୍ରିଲଠାରୁ ଡିସେମ୍ବର ମାସ ପର୍ଯ୍ୟନ୍ତ ମୋଟ ୫୧ ଜଣ ପ୍ରସୂତି ପ୍ରସବ ପରବର୍ତ୍ତୀ ଜଟିଳତା ଯୋଗୁଁ ମୃତ୍ୟୁବରଣ କରିଛନ୍ତି। ଫଳରେ ସମାନ ସଂଖ୍ୟକ ନବଜାତ ଶିଶୁ ମାଆ ଛେଉଣ୍ଡ ହୋଇଛନ୍ତି। ଏହି ସଂଖ୍ୟା ଜିଲ୍ଲାର ସ୍ୱାସ୍ଥ୍ୟ ବ୍ୟବସ୍ଥା ଓ ମାତୃ ସ୍ୱାସ୍ଥ୍ୟ ସେବା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିବାବେଳେ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଜିଲ୍ଲାକୁ ଏ ନେଇ କୈଫିୟତ ମାଗିଥିବା ଜଣାପଡ଼ିଛି।

ମୟୂରଭଞ୍ଜ ଏକ ଆଦିବାସୀ ବହୁଳ ଜିଲ୍ଲା ହୋଇଥିବାରୁ ଏଠାରେ ଗ୍ରାମାଞ୍ଚଳରେ ଚିକିତ୍ସା ସୁବିଧାର ଅଭାବ, ସମୟାନୁକୂଳ ହସ୍ପିଟାଲ୍ ପହଞ୍ଚିବାରେ ବିଳମ୍ବ, ଅପର୍ଯ୍ୟାପ୍ତ ଗର୍ଭାବସ୍ଥା ଯତ୍ନ (ଆଣ୍ଟିନାଟାଲ୍ କେୟାର୍), ରକ୍ତହୀନତା,

**ଏପ୍ରିଲରୁ ଡିସେମ୍ବର ମଧ୍ୟରେ ୫୧ ନବଜାତକ ମା' ଛେଉଣ୍ଡ**

ଉଚ୍ଚ ରକ୍ତଚାପଜନିତ ଜଟିଳତା ଓ ଅନ୍ୟାନ୍ୟ କାରଣରୁ ଏଭଳି ମୃତ୍ୟୁହାର ବୃଦ୍ଧିର କାରଣ ବୋଲି ଜଣାପଡ଼ିଛି। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ଏହି ସମସ୍ୟାକୁ ଗୁରୁତ୍ୱ ଦେଇ ବିଭିନ୍ନ ଯୋଜନା ପ୍ରଣୟନ କରିଥିଲେ ହେଁ ମୟୂରଭଞ୍ଜରେ ଏହା ଆଖିଦୃଶିଆ ଫଳପ୍ରଦ ହେଉନାହିଁ।

ମିଳିଥିବା ରିପୋର୍ଟ ଅନୁଯାୟୀ, ଚଳିତ ଆର୍ଥିକ ବର୍ଷର ଏପ୍ରିଲରୁ ଡିସେମ୍ବର ମାସ ମଧ୍ୟରେ ୩୯ ହଜାର ୯୩୬ ଜଣ ପଞ୍ଜିକୃତ ଗର୍ଭବତୀଙ୍କ ପାଖରୁ ଶିଶୁ ଜନ୍ମ ନେଇଛନ୍ତି। ତେବେ ୫୧ ଜଣ ମା'ଙ୍କ ଜନ୍ମ ଦେବା ପରେ ମୃତ୍ୟୁ ଘଟିଛି। ଏପ୍ରିଲ ମାସରେ ଜିଲ୍ଲାରେ ୫ ଜଣ ମା'ଙ୍କ ମୃତ୍ୟୁ ଘଟିଥିବାବେଳେ ମେ ଓ ଜୁନରେ ୭ ଜଣ ଲେଖାଏଁ, ଜୁଲାଇରେ ୨ ଜଣ, ଅଗଷ୍ଟରେ ୬ ଜଣ, ସେପ୍ଟେମ୍ବରରେ ୫ ଜଣ, ଅକ୍ଟୋବରରେ ସର୍ବାଧିକ ୮ ଜଣ ଥିବାବେଳେ ନଭେମ୍ବର ଓ ଡିସେମ୍ବର ମାସରେ ୬ ଜଣ ଲେଖାଏଁ ପ୍ରସୂତୀ ମା'ଙ୍କ ମୃତ୍ୟୁ ଘଟିଛି। ଏହି ସମୟରେ ବିଜାତଳା ବ୍ଲକରେ ସର୍ବାଧିକ ୬ ଜଣ, ସାରସକଣା ବ୍ଲକ୍‌ରେ ୫ ଜଣ, ବେତନଟୀ ଓ ▶ପୃଷ୍ଠା-୭










# ବେପାରୀ ଟ୍ରମ୍ପ; ନିଜ ସ୍ୱାର୍ଥ ପାଇଁ ଶୁଳ୍କ ପ୍ରହାର

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକାକୁ ପୁଣିଥରେ ମହାନ ଏବଂ ଧନୀ କରିବାକୁ ଡାଭୋସରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଘୋଷଣା କରିଛନ୍ତି। ନିଜ ନୀତି ଏବଂ ଚଢ଼ା ଶୁଳ୍କ ପାଇଁ ୧୬.୪୮ ଲକ୍ଷ କୋଟି ଟଙ୍କାର ନିବେଶ ଆସିଥିବା ଦାବି କରିଛନ୍ତି। ଟ୍ରମ୍ପଙ୍କ ଦାବି ଉପରେ କେତେ ସତ୍ୟତା ଅଛି ତାହା ଜଣାନାହିଁ। କାରଣ ପୂର୍ବରୁ ସେ କରିଥିବା ଅନେକ ଘୋଷଣା ମିଛ ସାବ୍ୟସ୍ତ ହୋଇଛି। ନିଜେ ଦେଇଥିବା ପ୍ରତିଶ୍ରୁତିକୁ ସେ ପ୍ରତ୍ୟାହାର ମଧ୍ୟ କରି ନେଇଛନ୍ତି। ଆମେରିକାର ସମ୍ପତ୍ତି ବଢୁ କି ନ ବଢୁ, କିନ୍ତୁ ରାଷ୍ଟ୍ରପତି ହେବା ପରେ ଟ୍ରମ୍ପଙ୍କ ଧନ ହୁ ହୁ ହୋଇ ବଢ଼ି ବଢ଼ି ଚାଲିଛି। ଟ୍ରମ୍ପଙ୍କ ଟାରିଫ (ଶୁଳ୍କ)ର ପ୍ରଭାବରେ ଆମେରିକୀୟଙ୍କ ଜୀବନ ଦୁର୍ବିସହ ହୋଇଯାଇଛି। ଲୋକଙ୍କ ବ୍ୟୟ ପୂର୍ବାପେକ୍ଷା ଢେର ଅଧିକ ବୃଦ୍ଧି ପାଇଛି। ଲୋକେ ଚଢ଼ା ମୂଲ୍ୟରେ ସାମଗ୍ରୀ କ୍ରୟ କରୁଛନ୍ତି। ମାତ୍ର ଏଥିରେ ଟ୍ରମ୍ପଙ୍କ କିଛି ଯାଏ ଆସେ ନାହିଁ। କାରଣ ରାଷ୍ଟ୍ରପତି ହେବା ପରେ ତାଙ୍କ ବ୍ୟକ୍ତିଗତ ସମ୍ପତ୍ତି ରକେଟ ଗତିରେ ବଢ଼ି ଚାଲିଛି। ସେ ଶୁଳ୍କକୁ ବ୍ୟବହାର କରି ଗୁଣ୍ଡାରାଜ ଚଲାଇଛନ୍ତି। ଟ୍ରମ୍ପ ନିଜ ପଦ ବ୍ୟବହାର କରି ସମ୍ପତ୍ତି ବଢ଼ାଇ ଚାଲିଛନ୍ତି ବୋଲି ନ୍ୟୁୟର୍କ ଟାଇମ୍ସ ରିପୋର୍ଟ (ଏନୱାଇଟି)ରେ କୁହାଯାଇଛି।

- ପଦ ବଳରେ ସମ୍ପତ୍ତି ବଢ଼ାଉଛନ୍ତି; ବର୍ଷକରେ ବଢ଼ିଲା ୧୨,୮୦୦ କୋଟି
- ପ୍ରକୃତ ଆୟ ଏହାଠୁ ଢେର ଗୁଣ ଅଧିକ
- ବିଦେଶୀ ସରକାର ଓ କମ୍ପାନୀ ଦେଉଛନ୍ତି ଅର୍ଥ
- ଭାରତରେ ଚାଲିଛି ୮ଟି ମେଗା ପ୍ରକଳ୍ପ



ରିପୋର୍ଟ ଅନୁଯାୟୀ, ଗତ ବର୍ଷ ଜାନୁଆରୀରେ ହ୍ୱାଇଟ ହାଉସକୁ ଫେରିବା ପରଠାରୁ ଟ୍ରମ୍ପଙ୍କ ସମ୍ପତ୍ତି ଅତିକମ୍‌ରେ ୧୨,୮୧୦ କୋଟି ଟଙ୍କା ବଢ଼ିଛି। ମାତ୍ର ପ୍ରକୃତ ଆୟ ଏହାଠାରୁ ଢେର ଗୁଣ ଅଧିକ ହୋଇପାରେ। କାରଣ ତାଙ୍କର ଲାଭକୁ ସାର୍ବଜନୀନ କରାଯାଇ ନାହିଁ। ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ ରିପୋର୍ଟ ଅନୁଯାୟୀ, ଭାରତରେ ୮ଟି ଟ୍ରମ୍ପ-ବ୍ରାଣ୍ଡେଡ ପ୍ରୋଜେକ୍ଟ ଚାଲିଛି କିମ୍ବା ଯୋଜନାରେ ଅଛି। ଏଥିରେ ରେସିଡେନସିଆଲ ଟାୱାର୍ସ, କମର୍ସିଆଲ ସ୍ପେସ ଏବଂ ଅନ୍ୟ ପ୍ରକଳ୍ପ ସାମିଲ ରହିଛି। ଟ୍ରମ୍ପ ନିଜ କ୍ଷମତା ଏବଂ ଶକ୍ତିର ବ୍ୟବହାର କରି ନିଜର ଏବଂ ପରିବାରକୁ ଲାଭ ଦେଇଛନ୍ତି। ବିଦେଶୀ ସରକାର ଏବଂ କମ୍ପାନୀ ସହ ଟ୍ରମ୍ପ ଏଭଳି ଚୁକ୍ତି କରୁଛନ୍ତି ଯାହା ଦ୍ୱାରା ତାଙ୍କ ପରିବାରକୁ ଟଙ୍କା ମିଳୁଛି। ବିଦେଶୀ ରିୟଲ ଇଷ୍ଟେଟ ପ୍ରକଳ୍ପରୁ ସିଂହ ଭାଗ ଅର୍ଥ ଆସୁଛି। ଟ୍ରମ୍ପଙ୍କ ସଂଗଠନ ୨୦ରୁ ଅଧିକ ବିଦେଶୀ ପ୍ରକଳ୍ପ ଚଲାଉଛି। ସେ ଟ୍ରମ୍ପ ନାମରେ ଲାଇସେନ୍ସ ଦେଇ ପ୍ରାୟ ୨୧୦ କୋଟି ଟଙ୍କା ଆୟ କରିଛନ୍ତି। ଏଥିରେ ଓମାନରେ ବିଳାଶପୂର୍ଣ୍ଣ ହୋଟେଲ ଏବଂ ସାଉଦି ଆରବରେ ଗଲ୍ଫ କୋର୍ସ ରହିଛି। ସେ ଭାରତରେ ପ୍ରଥମ ଟ୍ରମ୍ପ-ବ୍ରାଣ୍ଡେଡ କମର୍ସିଆଲ ପ୍ରକଳ୍ପ 'ଟ୍ରମ୍ପ ୱାର୍ଲ୍ଡ ସେଣ୍ଟର' ନିର୍ମାଣ କରୁଛନ୍ତି। ଏଥିରୁ ସେ ୨୮୯ ନିୟୁତ ଡଲାର ଆୟ କରିବେ ବୋଲି ଆଶା। ଗୁରୁଗ୍ରାମରେ ସେ ରେସିଡେନସିଆଲ ଏବଂ ହୋଟେଲ ପ୍ରକଳ୍ପ ମଧ୍ୟ ଚଲାଇଛନ୍ତି। ଆଶ୍ଚର୍ଯ୍ୟର ବିଷୟ ଏହି କି ଯେ କିଛି ମାସ ତଳେ ଟ୍ରମ୍ପ ଭାରତରୁ ମୃତ ଅର୍ଥନୀତି କହିଥିଲେ।

ଗତ ବର୍ଷ ଟ୍ରମ୍ପ ଭିଏତନାମ ଉପରେ ୪୬ ପ୍ରତିଶତ ଶୁଳ୍କ ଲଗାଇ ଥିଲେ। ଶୁଳ୍କ ହ୍ରାସ ବଦଳରେ ଟ୍ରମ୍ପ ସଂଗଠନକୁ ହନୋଇରେ ୧.୫ ବିଲିୟନ ଡଲାରର ଗଲ୍ଫ ପ୍ରକଳ୍ପ ଆରମ୍ଭ କରିବାକୁ ଅନୁମତି ମିଳିଥିଲା। ଏହା ପରେ ସେ ଶୁଳ୍କକୁ ହ୍ରାସ କରି ୨୦ ପ୍ରତିଶତ କରିଥିଲେ। ଏହି ପ୍ରକଳ୍ପକୁ ଅନୁମତି ଦେବା ପାଇଁ ସରକାର ସ୍ଥାନୀୟ ଆଇନକୁ ଅଣଦେଖା କରିଦେଇଥିଲେ। ସେହିପରି ଗତ ବର୍ଷ ଅକ୍ଟୋବରରେ ଭାଇରାଲ ହୋଇଥିବା ଏକ ଭିଡିଓରେ ଟ୍ରମ୍ପଙ୍କ ପୁଅ ଏରିକଙ୍କ ସହ କଥା ହେବା ପାଇଁ ଇଣ୍ଡୋନେସିଆ ରାଷ୍ଟ୍ରପତି ପ୍ରୋବାଭୋ ସୁବିୟାନ୍ତୋ କହୁଥିବା ଶୁଣା ଯାଇଥିଲା। ଏବେ ଏରିକ ଟ୍ରମ୍ପଙ୍କ ପାରିବାରିକ ବ୍ୟବସାୟ ସମ୍ଭାଳୁଛନ୍ତି। ପରେ ଇଣ୍ଡୋନେସିଆରେ ଟ୍ରମ୍ପଙ୍କ ଏକ ଗଲ୍ଫ କ୍ଲବ ଖୋଲିଥିଲା।

ଅନ୍ୟପଟେ କ୍ରିପ୍ଟୋକରେନ୍ସିରୁ ଟ୍ରମ୍ପ ସର୍ବାଧିକ ଲାଭ ପାଇଛନ୍ତି। ଗତ ବର୍ଷ ଟ୍ରମ୍ପଙ୍କ ପରିବାର ସହ ଜଡ଼ିତ ୱାର୍ଲ୍ଡ ଲିବର୍ଟି ଫାଇନାନସିଆଲ କମ୍ପାନୀ ଏବଂ ଏକ ମିମ କଏନରୁ ଅତିକମରେ ୮୬୭ ନିୟୁତ ଡଲାର ଆସିଥିଲା। ୨୦୨୫ରେ ୟୁଏଇର ଏକ କମ୍ପାନୀ ଟ୍ରମ୍ପଙ୍କ ଫାର୍ମରେ ୨ ବିଲିୟନ ଡଲାର ନିବେଶ କରିଥିଲା। ଏହାକୁ ବିଶ୍ୱ ଲିବର୍ଟି ଫାଇନାନିସିଆଲ (ଡବ୍ଲ୍ୟୁଇଏଫ) ନାମରେ ପରିଚିତି। ମାତ୍ର ଏହାର କିଛି ମାସ ପରେ ୟୁଏଇକୁ ସେମିକଣ୍ଡକ୍ଟର ଚିପ୍‌ସ ବିକିବାକୁ ଟ୍ରମ୍ପ ମଞ୍ଜୁରି ଦେଇଥିଲେ। ଟ୍ରମ୍ପ ଏବଂ ତାଙ୍କ ପୁଅ ପାଖରେ ଡବ୍ଲ୍ୟୁଇଏଫର ୫ ବିଲିୟନ ଡଲାରରୁ ଅଧିକ ଅଂଶଧନ ରହିଛି। ଏହାକୁ ପରିବାରର ବଡ଼ ସମ୍ପତ୍ତି ଧରାଯାଏ। ପାକିସ୍ତାନ ସହ ମଧ୍ୟ ଟ୍ରମ୍ପ ଏକ ବଡ଼ ୧୭ ହଜାର କୋଟିର କ୍ରିପ୍ଟୋ ଚୁକ୍ତି କରିଥିଲେ।

## ଶାନ୍ତି ପରେ ଯୁଦ୍ଧ ମୁଦ୍ରାରେ ଟ୍ରମ୍ପ

ୱାଶିଂଟନ, ୨୩।୧ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କଥା ଏବଂ କାମରେ ତାଳମେଳ ରହୁନି। ସେଥିପାଇଁ ତାଙ୍କୁ ଆଡ଼ବାୟା କୁହାଯାଉଛି। ଗୋଟିଏ ପଟେ ସେ ଶାନ୍ତିର କଥା କହୁଥିବାବେଳେ ଅନ୍ୟପଟେ ଯୁଦ୍ଧ ପ୍ରସ୍ତୁତି କରୁଛନ୍ତି। ଟ୍ରମ୍ପଙ୍କ ଏଭଳି ଆଭିମୁଖ୍ୟକୁ ଦେଖି ବିଚଳିତ ହୋଇଯାଇଛି। ଡାଭୋସରେ ଆୟୋଜିତ ବିଶ୍ୱ ଆର୍ଥିକ ମଞ୍ଚରୁ ସେ ଶାନ୍ତି ବୋର୍ଡ ଗଠନ ଘୋଷଣା କରିଥିଲେ। ମାତ୍ର ୨୪ ଘଣ୍ଟା ଭିତରେ ତାଙ୍କ ଆଭିମୁଖ୍ୟ ବଦଳି ଯାଇଛି। ଏବେ ସେ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ସଙ୍କେତ ଦେଇଛନ୍ତି। ପଶ୍ଚିମ ଏସିଆରେ ଆମେରିକା ସେନା ଠୁଳ କରୁଛି। ଏହା ଚରମ ସଂଘର୍ଷର ରୂପ ନେଇପାରେ ବୋଲି କୁହାଯାଉଛି। ଉତ୍ତେଜନା ମଧ୍ୟରେ ଆମେରିକା ବିମାନବାହୀ ଯୁଦ୍ଧ ଜାହାଜ ଆବ୍ରାହାମ ଲିଙ୍କନ ଏବଂ ଅନ୍ୟ ସାମରିକ ଉପକରଣ ପଠାଇଛି। ଏହା ବ୍ୟତୀତ ଜୋର୍ଡାନ ଏବଂ କାତାର ଭଳି ସହଯୋଗୀଙ୍କ ଠିକଣାରେ ଏଫ-୧୫ଇ ଷ୍ଟ୍ରାଇକ ଇଗଲ, ଏ-୧୦ ଥଣ୍ଡରବୋଲ୍ଟ ୨ ବିମାନ ମୁତୟନ କରିଛି। ମାତ୍ର ଆମେରିକା ଅଧିକାରୀ ଏହାକୁ ସତର୍କତାମୂଳକ ପଦକ୍ଷେପ କହୁଛନ୍ତି। କିନ୍ତୁ ଇରାନର ବାରମ୍ବାର ଧମକ ଏବଂ ବିକ୍ଷୋଭ ପ୍ରଦର୍ଶନକାରୀଙ୍କ ନିନ୍ଦା ଟ୍ରମ୍ପଙ୍କୁ ବିଚଳିତ କରୁଥିବା କୁହାଯାଉଛି।

## ଜନଗଣନାରେ ୩୩ଟି ପ୍ରଶ୍ନ ପଚାରିବେ ସରକାର

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): କେନ୍ଦ୍ର ସରକାର ଜାତୀୟ ଜନଗଣନା ନେଇ ବିଜ୍ଞପ୍ତି ଜାରି କରିଛନ୍ତି। ଏଥିରେ ଲୋକଙ୍କୁ ୩୩ଟି ପ୍ରଶ୍ନ ପଚରାଯିବ ବୋଲି କୁହାଯାଇଛି। ଏହି ପ୍ରଶ୍ନଗୁଡ଼ିକରେ ବାସସ୍ଥାନ, ପରିବାର ଓ ଯାନବାହାନ ସମ୍ପର୍କିତ ପ୍ରଶ୍ନ ଅନ୍ତର୍ଭୁକ୍ତ। ଜନଗଣନା ସମୟରେ ପରିବାରର ମୁଖ୍ୟଙ୍କୁ ହିଁ ଏହି ପ୍ରଶ୍ନର ଉତ୍ତର ଓ ବିଭିନ୍ନ ସୂଚନା ଦେବାକୁ ହେବ। ଏହି ଜନଗଣନା ଦୁଇଟି ପର୍ଯ୍ୟାୟରେ କରାଯିବ ବୋଲି ସରକାର ପୂର୍ବରୁ ଘୋଷଣା କରିଥିଲେ। ପ୍ରଥମ ପର୍ଯ୍ୟାୟ ୨୦୨୬ ଏପ୍ରିଲରୁ ସେପ୍ଟେମ୍ବର ପର୍ଯ୍ୟନ୍ତ ଚାଲିବ। ଏହି ପର୍ଯ୍ୟାୟରେ ଘର ତାଲିକାଭୁକ୍ତ କରିବା ଓ ପରିବାରର ତଥ୍ୟ ସଂଗ୍ରହ ଅନ୍ତର୍ଭୁକ୍ତ ହେବ। ସେହିପରି ଦ୍ୱିତୀୟ ପର୍ଯ୍ୟାୟ ୨୦୨୭ ଫେବୃଆରୀ ଜନସଂଖ୍ୟା ଗଣନା ସହ ଆରମ୍ଭ ହେବ। ସୂଚନାଯୋଗ୍ୟ ଯେ, ଜନଗଣନା ମୂଳତଃ ୨୦୨୧ରେ କରାଯିବାକୁ ସ୍ଥିର କରାଯାଇଥିଲା। କିନ୍ତୁ କୋଭିଡ୍-୧୯ ମହାମାରୀ କାରଣରୁ ଏହାକୁ ସ୍ଥଗିତ କରାଯାଇଥିଲା। ଏବେ ଏହା ୨୦୨୭ ରେ ସମାପ୍ତ ହେବ।

## ପାକିସ୍ତାନରେ ମୃତ୍ୟୁ ବାଣ୍ଟୁଛନ୍ତି ୬ ଲକ୍ଷ ନକଲି ଡାକ୍ତର

ଇସଲାମାବାଦ, ୨୩।୧ (ଏଜେନ୍ସି): ପାକିସ୍ତାନରେ ଚିକିତ୍ସା ନାମରେ ଗାଁଠୁ ସହର ପର୍ଯ୍ୟନ୍ତ ବିପଜ୍ଜନକ ଖେଳ ଚାଲିଛି। ବିନା ଡିଗ୍ରୀ, ଲାଇସେନ୍ସ ଏବଂ ପର୍ଯ୍ୟବେକ୍ଷଣରେ ଲକ୍ଷାଧିକ ଲୋକ ନିଜକୁ ଡାକ୍ତର କହି ଚିକିତ୍ସା କରାଉଛନ୍ତି। ଏହି ଖେଳରେ ଗରିବ ଏବଂ ଅଶିକ୍ଷିତ ପରିବାର ସର୍ବାଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ସଠିକ୍ ଚିକିତ୍ସା ନ ମିଳିବାରୁ ମୃତ୍ୟୁ, ବିକଳାଙ୍ଗତା ଏବଂ ଡାକ୍ତରଖାନାର ବିପୁଳ ଖର୍ଚ୍ଚ ଲୋକଙ୍କ ଅଣ୍ଟା ଭାଙ୍ଗି ଦେଉଛି। ଦକ୍ଷିଣ ସିନ୍ଧ ପ୍ରଦେଶର ହାଇଦରାବାଦ ନିକଟସ୍ଥ ଅଞ୍ଚଳରେ ଅନେକ ନକଲି ଡାକ୍ତର କ୍ଲିନିକ କରି ବସି ଯାଇଛନ୍ତି। ଏଠାରେ ଦିନଯାକ ରୋଗୀଙ୍କ ଗହଳି ଲାଗି ରହିଛି। ପାକିସ୍ତାନ ମେଡିକାଲ ଆସୋସିଏସନ ଅନୁଯାୟୀ, ଏବେ ଦେଶରେ ୬ ଲକ୍ଷରୁ ଅଧିକ ନକଲି ଡାକ୍ତର ଅଛନ୍ତି। ଏଭଳି ଡାକ୍ତର ବିନା ଅଭିଜ୍ଞତା ଶିଶୁ, ମହିଳା ଏବଂ ବୟସ୍କଙ୍କ ଚିକିତ୍ସା କରାଉଛନ୍ତି। ପୂର୍ବରୁ ଡାକ୍ତରଖାନାରେ କାମ କରିଥିବା କିମ୍ବା ସହାୟକ ନର୍ସ, ୱାର୍ଡ ବୟ ଥିବା ଲୋକେ ଏହି କ୍ଲିନିକକୁ ଚଲାଉଛନ୍ତି।

## ଉଜ୍ଜୈନର ତରାନାରେ ଦୁଇ ସମ୍ପ୍ରଦାୟ ମଧ୍ୟରେ ଉତ୍ତେଜନାରୁ ହିଂସା

ଉଜ୍ଜୈନ, ୨୩।୧(ଏଜେନ୍ସି): ମଧ୍ୟପ୍ରଦେଶର ପୁରାତନ ସହର ତଥା ଜିଲ୍ଲା ଉଜ୍ଜୈନର ତରାନାରେ ଗୁରୁବାର ରାତିରେ ଆରମ୍ଭ ହୋଇଥିବା ବିମାନ ଶୁକ୍ରବାର ଅପରାହ୍ଣରେ ପୋଡ଼ାଜଳାରେ ପରିଣତ ହୋଇଥିଲା। ଅଜ୍ଞାତ ବ୍ୟକ୍ତିମାନେ ଏକ ବସ୍ ପୋଡ଼ି ଦେଇଥିଲେ। ଏକ ଦୋକାନ ଘର ମଧ୍ୟ ଜାଳି ଦିଆଯାଇଥିଲା। ଲୋକମାନେ ପରସ୍ପର ଉପରେ ପଥର ଫିଙ୍ଗିବା ଆରମ୍ଭ କରିଥିଲେ। ଫଳରେ ସ୍ଥିତି ଆହୁରି ଖରାପ ହୋଇଥିଲା। ଗତକାଲି ରାତିରେ ଜଣେ ଯୁବକଙ୍କୁ ଆକ୍ରମଣ କରାଯିବା ପରେ ଦୁଇଟି ସମ୍ପ୍ରଦାୟ ମୁହାଁମୁହିଁ ହୋଇଥିଲେ ଓ ୧୧ଟି ବସ୍‌ରେ ଭଙ୍ଗାରୁଜା କରାଯାଇଥିଲା। ହିନ୍ଦୁ ସଂଗଠନର କାର୍ଯ୍ୟକର୍ତ୍ତାମାନେ ସକାଳେ ତରାନା ଥାନା ଘେରାଉ କରିଥିଲେ। ବିଶ୍ୱ ହିନ୍ଦୁ ପରିଷଦ ଓ ବଜରଙ୍ଗ ଦଳର କାର୍ଯ୍ୟକର୍ତ୍ତାମାନେ ଥାନା ପହଞ୍ଚି ସ୍ଲୋଗାନ ଦେବା ଆରମ୍ଭ କରିଥିଲେ। ସୁରକ୍ଷାକୁ ଦୃଷ୍ଟିରେ ରଖି ଶୁକ୍ରବାର ବଜାରକୁ ବନ୍ଦ କରାଯାଇଥିଲା। ବହୁ ସଂଖ୍ୟାରେ ପୁଲିସ ମୁତୟନ କରାଯାଇଛି। ଏହି ଘଟଣାରେ ୫ ଜଣ ଅଭିଯୁକ୍ତଙ୍କୁ ପୁଲିସ ଗିରଫ କରିଛି।

## ରାହୁଲଙ୍କ ଉପରେ ଥରୁର ଅସନ୍ତୁଷ୍ଟ | କଂଗ୍ରେସ ବୈଠକରେ ଯୋଗ ଦେଲେନି

ତିରୁଅନନ୍ତପୁରମ, ୨୩।୧(ଏଜେନ୍ସି): ବରିଷ୍ଠ ନେତା ଶଶି ଥରୁର ଓ କଂଗ୍ରେସ ପାର୍ଟି ମଧ୍ୟରେ ଦୂରତା ଦିନକୁ ଦିନ ବଢ଼ିବାରେ ଲାଗିଛି। ଥରୁର ଶୁକ୍ରବାର ଏଠାରେ ଆୟୋଜିତ ହୋଇଥିବା ପାର୍ଟି ବୈଠକରେ ଯୋଗ ଦେଇ ନାହାନ୍ତି। ଏହି ଗୁରୁତ୍ୱପୂର୍ଣ୍ଣ ବୈଠକରେ ଥରୁରଙ୍କ ଅନୁପସ୍ଥିତି ନେଇ ନାନା ଆକଳନ କରାଯାଉଛି। କଂଗ୍ରେସର ଏହି ବୈଠକରେ କେରଳ ବିଧାନସଭା ନିର୍ବାଚନ ସମ୍ପର୍କିତ ବିଭିନ୍ନ ରଣନୀତି ନେଇ ଆଲୋଚନା ହେବାର କାର୍ଯ୍ୟକ୍ରମ ଥିଲା। କିଛିଦିନ ତଳେ ଲୋକସଭା ବିରୋଧୀ ଦଳ ନେତା ତଥା ବରିଷ୍ଠ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଥରୁରଙ୍କୁ ଅଣଦେଖା



କରିଥିଲେ। ଜାନୁଆରୀ ୧୯ରେ କୋଚିରେ ଅନୁଷ୍ଠିତ ମହାପଞ୍ଚାୟତ କାର୍ଯ୍ୟକ୍ରମରେ ରାହୁଲ କିଛି ବରିଷ୍ଠ ନେତାଙ୍କ ନାମ ନେଇଥିଲେ ମଧ୍ୟ ଥରୁରଙ୍କ ନାମ ନ ନେଇ ତାଙ୍କୁ ଅଣଦେଖା କରିଥିଲେ। ଏଥିରେ ଥରୁର ଅସନ୍ତୁଷ୍ଟ ଥିଲେ। ଏ ନେଇ କଂଗ୍ରେସ ନେତା ସନ୍ଦୀପ ଦୀକ୍ଷିତ ନିଜର ମତ ରଖିଛନ୍ତି। ସେ ଥରୁରଙ୍କ ନାମ ନ ନେଇ କହିଛନ୍ତି ଯେ ଯେଉଁ ନେତା କଂଗ୍ରେସର କାମକୁ ଆସୁନାହାନ୍ତି, ସେ ବଡ଼ ନେତା ନୁହଁନ୍ତି। ତେଣୁ ସେ ବୈଠକକୁ ଆସନ୍ତୁ କି ନ ଆସନ୍ତୁ କିଛି ଫରକ ପଡ଼ିବନି ବୋଲି ସେ କହିଛନ୍ତି। ସେପଟେ କେରଳ ଲିଟରେଚର ଫେଷ୍ଟିଭାଲ୍‌ରେ ସାମିଲ ହେବାର କାର୍ଯ୍ୟକ୍ରମ ଥିବାରୁ ଏହି ବୈଠକରେ ଥରୁର ଯୋଗ ଦେଇପାରିଲେ ନାହିଁ ବୋଲି ତାଙ୍କ କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଛି।

## କାନାଡ଼ାଠାରୁ ଶାନ୍ତି ବୋର୍ଡ ଆମନ୍ତ୍ରଣ ପ୍ରତ୍ୟାହାର

ୱାଶିଂଟନ, ୨୩।୧ (ଏଜେନ୍ସି): ଡାଭୋସରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଦେଇଥିବା ଟିପ୍ପଣୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ କ୍ଷୁବ୍ଧ ହୋଇଛନ୍ତି। ଏଥିଯୋଗୁଁ ଟ୍ରମ୍ପ ଗାଜା ପାଇଁ ଗଠିତ 'ବୋର୍ଡ ଅଫ ପିସ ତଥା ଶାନ୍ତି ବୋର୍ଡ'ରେ ସାମିଲ ହେବାର ଆମନ୍ତ୍ରଣକୁ ପ୍ରତ୍ୟାହାର କରି ନେଇଛନ୍ତି। ସାମାଜିକ ଗଣମାଧ୍ୟମରେ ଆମେରିକା ରାଷ୍ଟ୍ରପତି କହିଛନ୍ତି ଯେ ଏହି ଚିଠି ଶାନ୍ତି ବୋର୍ଡରେ ସାମିଲ ହେବାର ନିମନ୍ତ୍ରଣକୁ ପ୍ରତ୍ୟାହାର ନେଇ ରହିଛି। ଏହା ସବୁଠାରୁ ପ୍ରତିଷ୍ଠିତ ବୋର୍ଡ ହେବାକୁ ଯାଉଛି। ସୂଚନା ଅନୁଯାୟୀ, କାର୍ଣ୍ଣି ଗତ ୨୦ ତାରିଖରେ ଡାଭୋସରେ କହିଥିଲେ ଯେ ଆମେରିକା କର୍ତ୍ତୃତ୍ୱ ବିଶିଷ୍ଟ ବିଶ୍ୱ ବ୍ୟବସ୍ଥା ଶେଷ ହେବାକୁ ବସିଛି।

## ୫ ବର୍ଷର ଶିଶୁ ଓ ପିତାଙ୍କୁ ଉଠାଇନେଲା ଆମେରିକା



ମିନେସୋଟା, ୨୩।୧(ଏଜେନ୍ସି): ଅମେରିକାର ଅମାନବୀୟ ଚେହେରା ପୁଣି ସାମ୍ନାକୁ ଆସିଛି। ମିନେସୋଟା ରାଜ୍ୟର କଲମ୍ବିଆ ହ୍ୱାଇଟ୍ସରେ ଇମିଗ୍ରେସନ ଆଣ୍ଡ କଷ୍ଟମ ଏନଫୋର୍ସମେଣ୍ଟ (ଆଇସିଇ) ଏଜେଣ୍ଟମାନେ ଜଣେ ୫ବର୍ଷର ପିଲା ଲିଆମ କୋନେଜୋ ରାମୋସଙ୍କ ସହ ତାଙ୍କ ପିତାଙ୍କୁ ଅଟକ ରଖିଛି। ଦୁଇଜଣଙ୍କୁ ଏବେ ଟେକ୍ସାସ ସ୍ଥିତ ଇମିଗ୍ରେସନ ଡିଟେନସନ ସେଣ୍ଟରକୁ ପଠାଯାଇଛି। ଲିଆମଙ୍କୁ ଚଳନ୍ତା ଗାଡ଼ିରୁ ଉଠାଇ ନିଆଯାଇଥିଲା। ଲିଆମଙ୍କ ପିତା ଜଣେ ଅବୈଧ ପ୍ରବାସୀ ବା ଅନୁପ୍ରବେଶକରୀ ଥିଲେ ବୋଲି ଆଇସିଇ ସ୍ପଷ୍ଟ କରିଛି। ୫ ବର୍ଷର ଶିଶୁକୁ ନୁହେଁ ତାଙ୍କ ପିତା ଆଡ୍ରିଆନ ଆଲେକଜାଣ୍ଡର କୋନେଜୋ ଆରିଆସଙ୍କୁ ହିଁ ଟାର୍ଗେଟ କରାଯାଇଥିଲା। ସେ ଜଣେ ଇକ୍ୱେଡରର ଅବୈଧ ପ୍ରବାସୀ ଥିଲେ ଓ ବେଆଇନ ଭାବେ ଅନୁପ୍ରବେଶ କରିଥିଲେ। ଏଥିପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି ବୋଲି ଆଇସିଇ ତରଫରୁ କୁହାଯାଇଛି। ତେବେ ଆଇସିଇର ଏହି କାର୍ଯ୍ୟାନୁଷ୍ଠାନକୁ ବିଭିନ୍ନ ମହଲରୁ ନିନ୍ଦା କରାଯାଇଛି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପ୍ରଶାସନର ଏହି କାର୍ଯ୍ୟକୁ ପୂର୍ବତନ ଆମେରିକା ଉପ- ରାଷ୍ଟ୍ରପତି କମଳା ହାରିସ କଡ଼ା ସମାଲୋଚନା କରିଛନ୍ତି। ସେ ଇନ୍‌ଷ୍ଟାଗ୍ରାମରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି ଯେ, ଲିଆମ ରାମୋସ ଜଣେ ଛୋଟ ପିଲା। ସେ ତାଙ୍କ ପରିବାର ସହିତ ରହିବା ଉଚିତ। ଆଇସିଇ ତାଙ୍କୁ ଟେକ୍ସାସର ଅଟକ କେନ୍ଦ୍ର ରଖିବା ଠିକ୍ ନୁହେଁ। ତେଣୁ ଏହା ଏକ ବଡ଼ ଧରଣର ଅନ୍ୟାୟ ବୋଲି ସେ କହିଛନ୍ତି।

## ସିମ୍‌ଲା-ମନାଲିରେ ପ୍ରଥମ ତୁଷାରପାତ



ଡେରାଡୁନ, ୨୩।୧(ଏଜେନ୍ସି): ଉତ୍ତର ଭାରତରେ ୱେଷ୍ଟର୍ଣ୍ଣ ଡିଷ୍ଟର୍ବାନ୍ସ ଅର୍ଥାତ ପଶ୍ଚିମା ଝଡ଼ ସକ୍ରିୟ ହେବା କାରଣରୁ ପାଗ ପରିବର୍ତ୍ତନ ହୋଇଛି। ଗତକାଲି ବିଳମ୍ବିତ ରାତିରୁ ରାଜସ୍ଥାନ, ଉତ୍ତର ପ୍ରଦେଶ, ପଞ୍ଜାବ, ହରିୟାଣା, ଚଣ୍ଡିଗଡ଼ ଓ ଦିଲ୍ଲୀରେ ବର୍ଷା ହୋଇଛି। ପ୍ରବଳ ପବନ ମଧ୍ୟ ବହୁଥିବାର ଲକ୍ଷ୍ୟ କରାଯାଇଛି। ଅନେକ ଜିଲ୍ଲାରେ ତାପମାତ୍ରା ହ୍ରାସ ପାଇଛି। ହିମାଳୟ କ୍ଷେତ୍ରରେ ରହିଥିବା ରାଜ୍ୟଗୁଡିକରେ ମଧ୍ୟ ବର୍ଷା ସାଙ୍ଗକୁ ତୁଷାରପାତ ଆରମ୍ଭ ହୋଇଛି। ହିମାଚଳ ପ୍ରଦେଶର ସିମଲା ଓ ମନାଲିରେ ଋତୁର ପ୍ରଥମ ତୁଷାରପାତ ହୋଇଛି। ଫଳରେ ଗତ ସାଢ଼େ ୩ ମାସର ଶୁଷ୍କତାର ଅନ୍ତ ଘଟିଛି।

## ଭୋଜଶାଳାରେ ଏକାସାଙ୍ଗରେ ପୂଜା ଓ ନମାଜ

ଧାର, ୨୩।୧(ଏଜେନ୍ସି): ମଧ୍ୟପ୍ରଦେଶର ଧାର ସହରର ଭୋଜଶାଳାରେ ବସନ୍ତ ପଞ୍ଚମୀରେ, ଦେବୀ ବାଗ୍ଦେବୀଙ୍କ ପୂଜା ଓ ଶୁକ୍ରବାର ନମାଜ ଏକାସାଙ୍ଗରେ କରାଯାଇଥିଲା। ହିନ୍ଦୁ ସମ୍ପ୍ରଦାୟ ଶୁକ୍ରବାର ସକାଳ ୬ଟାରେ ସୂର୍ଯ୍ୟୋଦୟ ସମୟରେ ସରସ୍ୱତୀ ପୂଜା ଆରମ୍ଭ କରିଥିଲେ ଓ ଏହା ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ଜାରି ରହିଥିଲା। ଏହି ସମୟରେ, ମୁସଲିମ ସମ୍ପ୍ରଦାୟର ଲୋକେ ଭୋଜଶାଳା ପରିସରରେ ଦିନ ୧ରୁ ୩ଟା ପର୍ଯ୍ୟନ୍ତ ନମାଜ ପାଠ କରିଥିଲେ। କୌଣସି ପ୍ରକାର ଅପ୍ରୀତକର ସ୍ଥିତି ଓ ଘଟଣାକୁ ଏଡାଇବା ପାଇଁ ପ୍ରଶାସନ କଡ଼ା ସତର୍କତା ଅବଲମ୍ବ କରିଥିଲା। ଭୋଜଶାଳା ପରିସରକୁ ୬ଟି ସେକ୍ଟରରେ ବିଭକ୍ତ କରାଯାଇଥିଲା। ସେତେବେଳେ ୭ଟି ଜୋନ୍‌ରେ ବିଭକ୍ତ କରାଯାଇଥିଲା। ସ୍ଥାନୀୟ ପୁଲିସ, ସିଆରପିଏଫ୍, ରାପିଡ ଆକ୍ସନ ଫୋର୍ସର ୮, ୦୦୦ରୁ ଅଧିକ କର୍ମଚାରୀଙ୍କୁ ସହର ସାରା ମୁତୟନ କରାଯାଇଥିଲା। ସହରର ପ୍ରତ୍ୟେକ କୋଣ ଉପରେ ନଜର ରଖିବା ପାଇଁ ଡ୍ରୋନ୍ ଓ ଏଆଇର ବ୍ୟବହାର କରାଯାଇଥିଲା। ତେବେ ନମାଜ ପାଠକୁ ନେଇ ଦୁଇ ପ୍ରକାର ବିରୋଧାଭାସୀ ଦାବି କରାଯାଇଛି। ମୁସଲମାନମାନେ ଶାନ୍ତିପୂର୍ଣ୍ଣ ଭାବେ ନମାଜ ପାଠ କରିପାରିଛନ୍ତି ବୋଲି ପ୍ରଶାସନ ତରଫରୁ କୁହାଯାଇଛି। ତେବେ ଗୁଲମୋହର କଲୋନୀର ବାସିନ୍ଦାମାନେ କହିଛନ୍ତି ଯେ, ଉପ-ଜିଲ୍ଲାପାଳ ରୋଶନି ପଟିଦାର ଓ ଡିଏସ୍‌ପି ଆନନ୍ଦ ତିୱାରୀ ସେମାନଙ୍କୁ କମଲ ମୌଲା ମସଜିଦ୍‌ରେ ୧୬ ଘଣ୍ଟା ଅଟକ ରଖିଥିଲେ।

**■ ଓକିଲଙ୍କୁ ସୁପ୍ରିମକୋର୍ଟଙ୍କ ଭର୍ତ୍ସନା**

## ଆଖି ଦେଖାଅନି; ଆମେ ବି ଦେଖିନେବୁ

ନୂଆଦିଲ୍ଲୀ, ୨୩।୧ (ଏଜେନ୍ସି): ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତିଙ୍କ ସହ ଯୁକ୍ତି କରିବାକୁ ନେଇ ସୁପ୍ରିମକୋର୍ଟ ଜଣେ ଓକିଲଙ୍କୁ ତୀବ୍ର ଭର୍ତ୍ସନା କରିଛନ୍ତି। ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ପ୍ରାର୍ଥନା କରିବାକୁ ଓକିଲଙ୍କୁ ସର୍ବୋଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଛନ୍ତି। ଓକିଲ ଯଦି ଆଖି ଦେଖାଇବାକୁ ଚାହିଁବେ ତେବେ ଆମେ ମଧ୍ୟ ଦେଖି ନେବୁ ବୋଲି ପ୍ରଧାନ ବିଚାରପତି (ସିଜେଆଇ)ଙ୍କ ନେତୃତ୍ୱାଧୀନ ଖଣ୍ଡପୀଠ କହିଛନ୍ତି। ସୂଚନା ଅନୁଯାୟୀ, ଅକ୍ଟୋବର ୧୬ରେ ଓକିଲ ମହେଶ ତିୱାରୀ ଏବଂ ଝାଡ଼ଖଣ୍ଡ ହାଇକୋର୍ଟର ବିଚାରପତି ରାଜେଶ କମାରଙ୍କ ମଧ୍ୟରେ ଜୋରଦାର ଯୁକ୍ତିତର୍କ ହୋଇଥିଲା। ବିଚାରପତିଙ୍କୁ ସୀମା ପାର୍ ନ କରିବାକୁ ଓକିଲ କହିଥିଲେ। ଏହାର ଭିଡିଓ ଭାଇରାଲ ହୋଇଥିଲା। ହାଇକୋର୍ଟରେ ଓକିଲଙ୍କ ବିରୋଧରେ ଅପରାଧିକ ଅବମାନନା ନୋଟିସ ଜାରି କରିଥିଲେ। ଏହା ପରେ ମହେଶ ତିୱାରୀ ସୁପ୍ରିମକୋର୍ଟ ଯାଇଥିଲେ। ସୋମବାର ମାମଲାର ଶୁଣାଣି କରି ସିଜେଆଇ ସୂର୍ଯ୍ୟକାନ୍ତ ଓକିଲଙ୍କୁ ଚେତାବନୀ ଦେଇଥିଲେ। ସେ କହିଥିଲେ ଯେ ଯଦି ଓକିଲ ନିଜ ଭୁଲ ବୁଝିପାରୁଛନ୍ତି ତେବେ ସେ ହାଇକୋର୍ଟରେ ନିଃସର୍ତ୍ତ କ୍ଷମା ମାଗିବା ଉଚିତ। ଏହା ପରିବର୍ତ୍ତେ ବିଚାରପତିଙ୍କୁ ଆଖି ଦେଖାଇବା ଅନୁଚିତ।

## ଭାରତର 'ଆଣ୍ଟି ଡ୍ରୋନ୍ ସିଲ୍ଡ' ଯାଞ୍ଚ କରୁଛି ପାକିସ୍ତାନ

ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ଭାରତର ବାୟୁ ପ୍ରତିରକ୍ଷା ଓ ଆଣ୍ଟି ଡ୍ରୋନ୍ ପ୍ରଣାଳୀ ତଥା ସିଲ୍ଡକୁ ପାକିସ୍ତାନ ପରୀକ୍ଷା କରୁଛି। ଏଥିପାଇଁ ପାକିସ୍ତାନ ଭିନ୍ନ ପ୍ରକାର ରଣନୀତି ଅନୁସରଣ କରୁଛି। ଏଥିପାଇଁ ପାକିସ୍ତାନ ଅପରେସନ ସିନ୍ଦୂର ପରେ ଭାରତ ବିପକ୍ଷରେ ଏକ ବିପଜ୍ଜନକ ଓ ଶସ୍ତା ମଡେଲ ଗ୍ରହଣ କରିଛି। ପ୍ରତିରକ୍ଷା ସୂତ୍ର ଅନୁଯାୟୀ, ପାକିସ୍ତାନ ଏହି ଛୋଟିଆ ଯୁଦ୍ଧ ପରେ ଭାରତୀୟ ବାୟୁ ସୀମାକୁ ୮୦୦ରୁ ଅଧିକ ଡ୍ରୋନ ପଠାଇଛି। ଏହାକୁ ନିମ୍ନସ୍ତରୀୟ ଡ୍ରୋନ ଯୁଦ୍ଧ ବୋଲି କୁହାଯାଇଥାଏ। ଏହି ଡ୍ରୋନଗୁଡିକ କମ୍ ଉଚ୍ଚତାରେ ଉଡ଼େ ଓ ରାଡ଼ାରର ନଜରରୁ ବର୍ତ୍ତି ରହିଥାଏ। ଏହା ଦ୍ୱାରା ପାକିସ୍ତାନ ଭାରତର ଆଣ୍ଟି ଡ୍ରୋନ ସିଲ୍ଡର ପରୀକ୍ଷା କରିବାକୁ ପ୍ରୟାସ କରୁଛି। ଅଧିକାଂଶ ଡ୍ରୋନକୁ ରାଜସ୍ଥାନ ଓ ପଞ୍ଜାବ ସୀମାରେ ଦେଖାଯାଇଥିଲା। ଭାରତୀୟ ସୁରକ୍ଷା ବାହିନୀ ୮୦୦ରୁ ୨୪୦ଟି ଡ୍ରୋନ୍‌କୁ ମାରି ଖସାଇଛି। ଏଥିମଧ୍ୟରୁ ୫ଟି ଡ୍ରୋନରେ ଅସ୍ତ୍ରଶସ୍ତ୍ର ମିଳିଥିଲା। ୧୭୦ରୁ ଅଧିକ ଡ୍ରୋନ ଅନ୍ୟାନ୍ୟ ଜିନିଷ ଖସାଇବା ପାଇଁ ବ୍ୟବହାର କରାଯାଇଥିଲା। ସେହିପରି ୭୨ଟି ଡ୍ରୋନ ନିଶାଦ୍ରବ୍ୟ ବହନ କରି ଭାରତ ସୀମା ଭିତରକୁ ଆସିଥିଲା। ଜାନୁଆରୀରେ ଏପର୍ଯ୍ୟନ୍ତ ଡ୍ରୋନ ଅନୁପ୍ରବେଶର ୧୨ଟି ଘଟଣା ସାମ୍ନାକୁ ଆସିଛି।

**ପଠାଇଲାଣି ୮୦୦ରୁ ଅଧିକ ଡ୍ରୋନ୍**



## ବିମାନରେ ଥିଲା ବୈଷୟିକ ତ୍ରୁଟି: ଆମେରିକା

**ଅହମଦାବାଦ ବିମାନ ଦୁର୍ଘଟଣା**



ନୂଆଦିଲ୍ଲୀ, ୨୩।୧(ଏଜେନ୍ସି): ୨୦୨୫ ଜୁନ୍ ୧୨ରେ ଅହମଦାବାଦ ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିବା ଏୟାର ଇଣ୍ଡିଆ ବୋଇଂ ୭୮୭ ବିମାନରେ ଏକାଧିକ ଯାନ୍ତ୍ରିକ ସମସ୍ୟା ଥିଲା। ୪ ବର୍ଷ ତଳେ ବିମାନଟିରେ ନିଆଁ ମଧ୍ୟ ଲାଗିଥିଲା। ଆମେରିକାର ଫାଉଣ୍ଡେସନ ଫର୍ ଏଭିଏସନ ସେଫ୍ଟି (ଏଫ୍‌ଏଏସ୍) ଦାବି କରିଛି ଯେ, ବିମାନରେ ବୈଦ୍ୟୁତିକ ପ୍ରଣାଳୀର ବିଫଳତା କାରଣରୁ ଗୋଟିଏ ପରେ ଗୋଟିଏ ଅନେକ ସିଷ୍ଟମ ବନ୍ଦ ହୋଇଥିଲା। ଏହି କାରଣରୁ ଦୁର୍ଘଟଣା ହୋଇଥାଇପାରେ ବୋଲି ଏଫ୍‌ଏଏସ୍ କହିଛି। ଉଡ଼ାଣ ଭରିବାର ମାତ୍ର କିଛି ସେକେଣ୍ଡ ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଦୁର୍ଘଟଣାରେ ୨୭୦ ଜଣ ମୃତ୍ୟୁବରଣ କରିଥିଲେ ଓ ସୌଭାଗ୍ୟବଶତଃ ମାତ୍ର ଜଣେ ବ୍ୟକ୍ତି ବର୍ତ୍ତି ଯାଇଥିଲେ।

ଏଫ୍‌ଏଏସ୍ ଅନୁଯାୟୀ, ଏହି ବୋଇଂ ବିମାନ ୨୦୧୪ ମସିହାରୁ ବ୍ୟବହୃତ ହୋଇ ଆସୁଥିଲା। ହ୍ୱିସିଲବ୍ଲୋୟର ଡକୁମେଣ୍ଟ ଆଧାରରେ ସଂଗଠନ ଦାବି କରିଛି ଯେ, ବିମାନଟି ଆରମ୍ଭରୁ ବାରମ୍ବାର ଯାନ୍ତ୍ରିକ ଓ ସିଷ୍ଟମ ସମ୍ବନ୍ଧୀୟ ସମସ୍ୟାର ସମ୍ମୁଖୀନ ହୋଇଥିଲା। ୨୦୨୨ରେ ଏହି ବିମାନ ଉଡ଼ାଣ ସମୟରେ ଥରେ ନିଆଁ ଲାଗିଥିଲା। ଏଫ୍‌ଏଏସ୍ କହିଛି ଯେ ବିମାନର ବୈଷୟିକ ଅବସ୍ଥା ଓ କକ୍‌ପିଟ ଭଏସ ରେକର୍ଡ ସମ୍ବନ୍ଧୀୟ ସମ୍ପୂର୍ଣ୍ଣ ତଥ୍ୟ ଏପର୍ଯ୍ୟନ୍ତ ସାର୍ବଜନୀନ କରାଯାଇନାହିଁ। ବୋଇଂକୁ ନେଇ ଭାରତ ଛଡ଼ା ଅନ୍ୟ ଦେଶ ଯଥା ଆମେରିକା, କାନାଡ଼ା, ଅଷ୍ଟ୍ରେଲିଆରେ ମଧ୍ୟ ପ୍ରାୟ ୨,୦୦୦ ତ୍ରୁଟି ଓ ବିଫଳତାର ଅଭିଯୋଗ ହୋଇଛି।

# ଅନୁକୂଳ ହେଲା ରଥକାଠ



**ପୁରୀ,୨୩।୧(ସମିସ):** ଚଳିତ ବର୍ଷର ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ଆରମ୍ଭ ହୋଇଯାଇଛି ପ୍ରସ୍ତୁତି। ପ୍ରଥମ ପର୍ଯ୍ୟାୟ ରଥକାଠ ଆସି ପହଞ୍ଚିଯାଇଛି। ଆଗକୁ ମହାପ୍ରଭୁଙ୍କ ନିମନ୍ତେ ତିଆରି ହେବ ତିନିରଥ। ତେଣୁ ପରମ୍ପରା ଅନୁଯାୟୀ, ଶୁକ୍ରବାର ବସନ୍ତ ପଞ୍ଚମୀରେ ରଥକାଠ ଅନୁକୂଳ ହୋଇଛି। ରଥଖଳାରେ ୧୨ ଫୁଟିଆ ୩ ଖଣ୍ଡ ଧଉରା କାଠ ପୂଜା କରାଯାଇଛି। ସନ୍ଧ୍ୟାରେ ପ୍ରଥମେ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟ ପରିସରରେ ମା' ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା। ପରେ ରଥକାଠ ଅନୁକୂଳ ପୂଜା ହୋଇଥିଲା। ରାଜଗୁରୁ ଦେବୀପ୍ରସାଦ ରାଜଗୁରୁ ପୂଜାର୍ଚ୍ଚନା କରିଥିଲେ। ବୈଦିକ ଶାସ୍ତ୍ରୀୟ ମତରେ ୩ଟି କାଠକୁ ପ୍ରଥମେ ଜଳ, ପଞ୍ଚାମୃତ, ଶୁଦ୍ଧଜଳ, ଚନ୍ଦନ, ସିନ୍ଦୂର, ଫୁଲ, ଶ୍ରୀଫଳ, ଧୂପ, ଦୀପ ଦିଆଯାଇ ସଂସ୍କାର କରାଯାଇଥିଲା। ଶେଷରେ ମହାପ୍ରସାଦ ସମର୍ପଣ କରାଯାଇଥିଲା। ଅନୁକୂଳ ସମୟରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ, ଉପମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ୍ ସିଂ, ନୀତି ପ୍ରଶାସକ ଜିତେନ୍ଦ୍ର କୁମାର ସାହୁ, ଉନ୍ନୟନ ପ୍ରଶାସକ ଦେବବ୍ରତ ସାହୁଙ୍କ ସମେତ ପରିଚାଳନା କମିଟି ସଦସ୍ୟ, ବରିଷ୍ଠ ସେବାୟତ ଓ ଶ୍ରୀମନ୍ଦିର କାର୍ଯ୍ୟାଳୟର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ରଥ ସଂହିତା ଅନୁଯାୟୀ, ତିନିରଥ ନିର୍ମାଣ ଲାଗି ଆବଶ୍ୟକ ପଡିଥାଏ ମୋଟ ୮୬୫ ଖଣ୍ଡ କାଠ। ଗତବର୍ଷ ଆସିଥିବା କାଠ ମଧ୍ୟରୁ ୪୭ ଖଣ୍ଡ ବଳକା ଥିବାରୁ ଚଳିତବର୍ଷ ୮୧୮ ଖଣ୍ଡ କାଠ ଆସିବ। ସେଥିମଧ୍ୟରୁ ପ୍ରଥମ ପର୍ଯ୍ୟାୟରେ ୮୩ ଖଣ୍ଡ ଅସନ ଓ ଧଉରା କାଠ ଆସି ପହଞ୍ଚିଯାଇଛି। ପରମ୍ପରା ଅନୁଯାୟୀ, ବସନ୍ତ ପଞ୍ଚମୀ ତିଥିରେ ରଥକାଠ ଅନୁକୂଳ ହୋଇଥିବା ବେଳେ ପବିତ୍ର ଅକ୍ଷୟ ତୃତୀୟାରେ ରଥ ନିର୍ମାଣ ଅନୁକୂଳ ହେବାର ବିଧି ରହିଛି। ସେହିପରି ଶ୍ରୀରାମ ନବମୀରେ କଟକସ୍ଥିତ ଖପୁରିଆ କରତ କଳରେ ରଥକାଠ ଚିରଟ ଏବଂ ଅକ୍ଷୟ ତୃତୀୟାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଅନୁକୂଳ କରାଯିବ।

## ସୁଭାଷ ବୋଷଙ୍କ ଜନ୍ମପୀଠରେ ପରାକ୍ରମ ଦିବସ ସମାରୋହ

# ନେତାଜୀଙ୍କ ଜୀବନ କାହାଣୀ ମୋ ମନରେ ଦେଶପ୍ରେମ ଜଗାଇଥିଲା: ଉପରାଷ୍ଟ୍ରପତି

**କଟକ, ୨୩।୧(ସମିସ):** ଭାରତର ଉପ-ରାଷ୍ଟ୍ରପତି ସି. ପି. ରାଧାକୃଷ୍ଣନ୍ ଆଜି କଟକସ୍ଥିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଜନ୍ମସ୍ଥାନ ସଂଗ୍ରହାଳୟରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜନ୍ମବାର୍ଷିକୀ ପାଳନ ଅବସରରେ ଆୟୋଜିତ ପରାକ୍ରମ ଦିବସ ସମାରୋହରେ ଯୋଗ ଦେଇଛନ୍ତି।




ସମାବେଶକୁ ସମ୍ବୋଧିତ କରି ଉପରାଷ୍ଟ୍ରପତି ନେତାଜୀଙ୍କୁ ଭାରତର ଜଣେ ମହାନ ସୁପୁତ୍ର ଭାବରେ ବର୍ଣ୍ଣନା କରିବା ସହିତ ତାଙ୍କ ପ୍ରତି ହାର୍ଦ୍ଦିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ନେତାଜୀଙ୍କ ଜନ୍ମସ୍ଥାନକୁ ତାଙ୍କର ଗସ୍ତକୁ ସେ ଗଭୀର ଭାବରେ ପ୍ରେରଣାଦାୟକ ବୋଲି କହିଥିଲେ। ସେ କହିଥିଲେ ଯେ ନେତାଜୀ ସୁଭାଷ ଚନ୍ଦ୍ର ବୋଷ କେବଳ ଭାରତର ସ୍ୱାଧୀନତା ପାଇଁ ଲଢ଼ି ନଥିଲେ ବରଂ ସ୍ୱାଧୀନତା ପରେ ଦେଶର ଶାସନ ପାଇଁ ତାଙ୍କର ଏକ ସ୍ପଷ୍ଟ ଦୃଷ୍ଟିକୋଣ ଥିଲା। ନେତାଜୀ ଭାରତକୁ ଏକ ମଜବୁତ, ଶକ୍ତିଶାଳୀ ଏବଂ ଦାରିଦ୍ର୍ୟମୁକ୍ତ ରାଷ୍ଟ୍ର ଭାବେ ନିର୍ମାଣ କରିବାକୁ ପରିକଳ୍ପନା କରିଥିଲେ। ଆଜାଦ ହିନ୍ଦ୍ ଫୌଜର ପରିକ୍ରମା ସଙ୍ଗୀତ "କଦମ କଦମ୍ ବଢ଼ାଏ ଯା"ର ଉତ୍ସାହ ଉଦ୍ରେକକାରୀ ସ୍ୱରକୁ ସ୍ମୃତିଚାରଣ କରି ଉପରାଷ୍ଟ୍ରପତି କହିଥିଲେ, ମଜବୁତ ଏବଂ ଆତ୍ମନିର୍ଭର ଭାରତ ନିର୍ମାଣ ଲାଗି ନେତାଜୀଙ୍କର ଦୂରଦୃଷ୍ଟି ଦେଶକୁ ଲଗାତାର ପ୍ରେରଣା ଦେଇ ଆସୁଛି। ନେତାଜୀଙ୍କ ସାହସ, ଏକତା ଏବଂ ମାତୃଭୂମି ପ୍ରତି ସର୍ବୋଚ୍ଚ ସମର୍ପଣର ଆଦର୍ଶରୁ ପ୍ରେରଣା ନେଇ ୨୦୪୭ ସୁଦ୍ଧା ବିକଶିତ ଭାରତ ଲକ୍ଷ୍ୟ ଦିଗରେ ଆଗକୁ ବଢ଼ିବା ପାଇଁ ସାମୂହିକ ଭାବରେ ପ୍ରତିଜ୍ଞା କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ କରିଥିଲେ।

ଉପରାଷ୍ଟ୍ରପତି କହିଥିଲେ, ଭାରତର ସଭ୍ୟତାଗତ ଯାତ୍ରାରେ ଓଡ଼ିଶା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛି। ଏଠାରେ ଇତିହାସ, ଆଧ୍ୟାତ୍ମିକତା ଏବଂ ସଂସ୍କୃତି ଏକତ୍ରିତ ହୋଇଛି। ଜନଜାତି କଲ୍ୟାଣ, ଆଦିବାସୀ ସମ୍ପ୍ରଦାୟର ଜୀବନଧାରଣ ମାନ ଉନ୍ନତ କରିବା ପାଇଁ ଲକ୍ଷ୍ୟବଦ୍ଧ ପ୍ରୟାସ ଏବଂ ନିରନ୍ତର ଭିତ୍ତିଭୂମି ବିକାଶ ଲାଗି ସେ ଓଡ଼ିଶା ସରକାରଙ୍କ ପଦକ୍ଷେପକୁ ପ୍ରଶଂସା କରିଥିଲେ।

ଏହି ସ୍ମାରକୀ କାର୍ଯ୍ୟକ୍ରମର ଅଂଶବିଶେଷ ସ୍ୱରୂପ, ଉପରାଷ୍ଟ୍ରପତି ସଂସ୍କୃତି ମନ୍ତ୍ରଣାଳୟ ଦ୍ୱାରା ଆୟୋଜିତ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଉପରେ ଏକ ପ୍ରଦର୍ଶନୀ, ଆଜାଦ ହିନ୍ଦ ଫୌଜ ଉପରେ ଡାକ ଟିକଟ ଗ୍ୟାଲେରୀ ଏବଂ ନେତାଜୀ ସଂସ୍କୃତି ଭବନର ଉଦଘାଟନ କରିଥିଲେ। ଏହି ଅବସରରେ ଉପରାଷ୍ଟ୍ରପତି ସ୍ୱାଧୀନତା ସଂଗ୍ରାମୀ ମାୟାଧର ମଲ୍ଲିକ ଏବଂ ଅବସରପ୍ରାପ୍ତ ୱିଙ୍ଗ କମାଣ୍ଡର ବି.ଏସ୍. ସିଂହଦେଓ ଏବଂ ଆଜାଦ୍ ହିନ୍ଦ ଫୌଜର ଯବାନଙ୍କ ପରିବାର ସଦସ୍ୟଙ୍କୁ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ସାଂସଦ ଭର୍ତ୍ତୃହରି ମହତାବଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ।

# ଫେବୃୟାରୀ ୨ରୁ ୬ ଦିନିଆ ଓଡ଼ିଶା ଗସ୍ତରେ ରାଷ୍ଟ୍ରପତି

**ଭୁବନେଶ୍ୱର, ୨୩।୧(ସମିସ):** ଫେବୃୟାରୀ ୨ରୁ ୭ ପର୍ଯ୍ୟନ୍ତ ୬ ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଏଥିପାଇଁ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ରାଜ୍ୟସ୍ତରୀୟ ପ୍ରସ୍ତୁତି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଛି। ସମ୍ପୂର୍ଣ୍ଣ ଗସ୍ତ କାର୍ଯ୍ୟକ୍ରମକୁ ସୁଚାରୁ ରୂପେ ପରିଚଳନା କରିବା ପାଇଁ ବୈଠକରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରାଯାଇଛି।



ରାଷ୍ଟ୍ରପତିଙ୍କ ଗସ୍ତ ସୂଚୀ ଅନୁଯାୟୀ, ୨ ତାରିଖ ସନ୍ଧ୍ୟାରେ ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବା ପରେ ଲୋକ ଭବନରେ କିଛି ସାକ୍ଷାତ କାର୍ଯ୍ୟକ୍ରମ ପରେ ସେଠାରେ ରାତ୍ର ରହଣି କରିବେ। ୩ ତାରିଖ ସକାଳେ ଯାଜପୁର ଗସ୍ତ କରି ବିରଜା ମନ୍ଦିର ପରିଦର୍ଶନ କରି ନାଭି ଗୟା ଠାରେ ପୂଜାର୍ଚ୍ଚନା କରିବେ। ଅପରାହ୍ଣରେ ବାଲେଶ୍ୱର ଫକୀରମୋହନ ବିଶ୍ୱବିଦ୍ୟାଳୟର ଦ୍ୱାଦଶ ସମାବର୍ତ୍ତନ ଉତ୍ସବରେ ଯୋଗଦେବେ। ସେଦିନ ସନ୍ଧ୍ୟାରେ ପୁରୀ ଗସ୍ତ କରି ଶ୍ରୀଜଗନ୍ନାଥ ମନ୍ଦିର ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ୪ ତାରିଖରେ ମୟୂରଭଞ୍ଜ ଗସ୍ତ କରି ରାଇରଙ୍ଗପୁର ମହୁଲଡିହା ସ୍ଥିତ ଅବକାଶ ଗୃହ (ହୋଲି ଡେ ହୋମ୍) ଉଦ୍‌ଘାଟନ କରିବା ସହ ସେଠାରେ ଅନୁସୂଚିତ ଜନଜାତି, ଜାତି ଉନ୍ନୟନ ବିଭାଗ ପରିଚାଳିତ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିଦର୍ଶନ କରି ଭଞ୍ଜବୀର ସୁନାରାମ ସୋରେନଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବାର କାର୍ଯ୍ୟକ୍ରମ ରହିଛି।

# ବିଧାନସଭା ପରିସରରେ ନେତାଜୀ ଓ ବୀର ସୁରେନ୍ଦ୍ର ସାଏଙ୍କୁ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର,୨୩।୧(ସମିସ):** ବିଧାନସଭା ପରିସରରେ ସୁଭାଷ ବୋଷଙ୍କ ୧୨୯ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ୨୧୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଭାରତର ସ୍ୱାଧୀନତା ସଂଗ୍ରାମରେ ଯେଉଁ ମହାନ୍ ବିପ୍ଳବୀମାନେ ନେତୃତ୍ୱ ନେଇ ସଂଗ୍ରାମ ରଥର ସାରଥି ସାଜିଥିଲେ, ସେମାନଙ୍କ ମଧ୍ୟରୁ ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ଅଗ୍ରଗଣ୍ୟ। ନେତାଜୀ ସୁଭାଷ ଚନ୍ଦ୍ର ବୋଷ ଥିଲେ ବିଦ୍ରୋହର କର୍ଣ୍ଣଧାର, ସମାଜ ସଂସ୍କାରକ, ଦୟାର ଅବତାର ଏବଂ ଭାରତବର୍ଷର ସ୍ୱାଧୀନତା ସଂଗ୍ରାମ ଇତିହାସରେ ଜଣେ ଶ୍ରେଷ୍ଠ ବୀର ବିପ୍ଳବୀ ଯୁଗପୁରୁଷ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ସେହିପରି ମହାନ୍ ବୀର ପୁରୁଷ ଓ ଭାରତର ସର୍ବଶ୍ରେଷ୍ଠ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ପଶ୍ଚିମ ଓଡିଶାରେ ୧୮୨୭ ମସିହାରେ ସ୍ୱାଧୀନତା ସଂଗ୍ରାମର ଅଗ୍ନିଶିଖାକୁ ପ୍ରଜ୍ୱଳିତ କରି ଇଂରେଜମାନଙ୍କ



ବିରୁଦ୍ଧରେ ବିଦ୍ରୋହ କରିଥିଲେ। ତାଙ୍କର ପ୍ରଧାନ ଲକ୍ଷ୍ୟ ଥିଲା ସମ୍ବଲପୁର ମାଟିରୁ ବ୍ରିଟିଶ ଶାସନ ଲୋପ କରିବା। ପରବର୍ତ୍ତୀ ପର୍ଯ୍ୟାୟରେ ଏହା ଅଧିକ ସୁସଂଗଠିତ, ସୁସଂହତ ତଥା ବୀରତ୍ୱପୂର୍ଣ୍ଣ ଥିଲା। ସୁରେନ୍ଦ୍ର ସାଏଙ୍କ କୌଶଳପୂର୍ଣ୍ଣ ଗରିଲା ଯୁଦ୍ଧ, ରଣସଜ୍ଜା, ଦୃଢ଼ ମନୋବଳ, ଅସୀମ ଧୈର୍ଯ୍ୟ ଓ ସାହସ ନିକଟରେ ଇଂରେଜମାନେ ହାର୍ ମାନିଥିଲେ। ଓଡିଶାର ଏହି ବରପୁତ୍ର, ବିପ୍ଳବୀ ବୀର ସୁରେନ୍ଦ୍ର ସାଏଙ୍କ ବିପ୍ଳବର ଜୟଗାଥା ଓଡିଶା ଇତିହାସରେ ଚିରଦିନ ପାଇଁ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ପୃଷ୍ଠା ମଣ୍ଡିତ କରୁଥିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

କାର୍ଯ୍ୟକ୍ରମରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ରହି ସୁଭାଷ ବୋଷ ଓ ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଏହି ଅବସରରେ ବିଧାନସଭାର ଗବେଷଣା ଶାଖା ପକ୍ଷରୁ ପ୍ରକାଶିତ ନେତାଜୀଙ୍କ ଜୀବନୀ ସମ୍ପର୍କିତ ଏକ ପୁସ୍ତିକାକୁ ଅତିଥିମାନେ ଉନ୍ମୋଚନ କରିଥିଲେ। କାର୍ଯ୍ୟକ୍ରମରେ ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମରେ ସୁଶ୍ରୀ ରୋଜାଲିନ୍ ସାହୁ ପରିଚାଳନା କରିଥିଲେ।



ସମ୍ବଲପୁରଠାରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆର୍‌ଏସ୍‌ଏସ୍) ର ଶତାବ୍ଦୀ ବର୍ଷ ଅବସରରେ ଆୟୋଜିତ ଶତାବ୍ଦୀ ପଥ ସଞ୍ଚାଳନ କାର୍ଯ୍ୟକ୍ରମରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ

# ପ୍ରତିଶ୍ରୁତି ପରେ ବସ୍ ଧର୍ମଘଟ ପ୍ରତ୍ୟାହୃତ

**କଟକ,୨୩।୧(ସମିସ):** ଗ୍ରାମାଞ୍ଚଳ ତଥା ବ୍ଲକରୁ ଜିଲ୍ଲା ମୁଖ୍ୟାଳୟକୁ ମୁଖ୍ୟମନ୍ତ୍ରୀ ବସ୍ ଚଳାଚଳକୁ ଓଡ଼ିଶା ଘରୋଇ ବସ୍ ମାଲିକ ସଂଘ ବିରୋଧ କରି ଆସନ୍ତା ୨୪ତାରିଖରୁ ଦେଇଥିବା ଧର୍ମଘଟ ଡାକରାକୁ ଆଜି ପ୍ରତ୍ୟାହାର କରିଛି। କଟକସ୍ଥିତ ଜିଲ୍ଲା ଘରୋଇ ବସ୍ ମାଲିକ ସଂଘ କାର୍ଯ୍ୟାଳୟରେ ଏକ ବୈଠକ ଅନୁଷ୍ଠିତ ହୋଇ ପ୍ରସ୍ତାବିତ ଧର୍ମଘଟକୁ ପ୍ରତ୍ୟାହାର କରାଯାଇଛି ବୋଲି ସୂଚନା ଦେଇଛନ୍ତି ରାଜ୍ୟ ଘରୋଇ ବସ ମାଲିକ ସଂଘର ସାଧାରଣ ସଂପାଦକ ଦେବେନ୍ଦ୍ର ସାହୁ। କୌଣସି ଜିଲ୍ଲାରେ ମୁଖ୍ୟମନ୍ତ୍ରୀ ବସ ସେବା ଚଳାଚଳ ପୂର୍ବରୁ ଗଠିତ କମିଟି ଓ ଆଞ୍ଚଳିକ ବସ ମାଲିକ ସଂଘ ସହମତିରେ ନିଷ୍ପତ୍ତି ନିଆଯିବ। ପରିବହନ ବିଭାଗ ପକ୍ଷରୁ ଆଜି ପରିବହନ ଆୟୁକ୍ତଙ୍କୁ ଏ ନେଇ ଚିଠି କରାଯାଇଛି। ଯେପରି ଆଞ୍ଚଳିକ ବସ ମାଲିକ ସଂଘ ସହ କୌଣସି ବିବାଦ ରହିବ ନାହିଁ ସେ ନେଇ ଓଏସଆରଟିସି ଓ ଜିଲ୍ଲା ସ୍ତରୀୟ କମିଟି ସହ ପରାମର୍ଶ କରିବାକୁ ଉକ୍ତ ଚିଠିରେ କୁହାଯାଇଛି। ନିଷ୍ପତ୍ତି ଅନୁସାରେ ଏହି କମିଟିରେ ଜିଲ୍ଲାପାଳ,ଆରଟିଓ, ଡିଟିଏମ ଓ ଆଞ୍ଚଳିକ ବସ ମାଲିକ ସଂଘର ପ୍ରତିନିଧି ମାନେ ରହିବେ। କେଉଁ ରୁଟରେ ଏହି ବସ ଚଳାଚଳ କରିବ ଏହି କମିଟି ନିଷ୍ପତ୍ତି ଗ୍ରହଣ କରିବ। ତଥାପି ଯଦି କିଛି ଆପତ୍ତି ଥାଏ ତାହାକୁ ପରିବହନ କମିସନରଙ୍କ ନିକଟରେ ସମୀକ୍ଷା କରାଯିବ। ଏହି ବୈଠକରେ ଘରୋଇ ବସ ମାଲିକ ସଂଘର ସଭାପତି ଲୋକନାଥ ପାଣି, ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ , କଟକ ଜିଲ୍ଲା ଘରୋଇ ବସ ମାଲିକ ସଂଘ ସଭାପତି ପ୍ରିୟବ୍ରତ ତ୍ରିପାଠୀ, ଆଶିଷ କୁମାର ସାହୁ ପିନାକପାଣି ଷଡ଼ଙ୍ଗୀ, ବିବେକାନନ୍ଦ ଖଣ୍ଡାଇ ,କିଶୋର ଚନ୍ଦ୍ର ବିଶ୍ୱାଳ ପବିତ୍ର ମୋହନ ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ କେବଳ ପଞ୍ଚାୟତରୁ ବ୍ଲକ୍ ମୁଖ୍ୟାଳୟ ପର୍ଯ୍ୟନ୍ତ ସୀମିତ ଥିଲା। ବର୍ତ୍ତମାନ ଏହି ବସ୍ ଜିଲ୍ଲା ମୁଖ୍ୟାଳୟକୁ ଗଡିବା ଦ୍ୱାରା ଘରୋଇ ବସ୍‌ଗୁଡ଼ିକ ଆର୍ଥିକ କ୍ଷତିର ସମ୍ମୁଖୀନ ହେଉଛନ୍ତି ବୋଲି ସଂଘ ଅଭିଯୋଗ କରି ଧର୍ମଘଟ ଡାକରା ଦେଇଥିଲା।

# ଭିଡ଼କୁ ନୁହେଁ ସରକାରୀ ୱେବ୍‌ସାଇଟ୍

**ବ୍ୟବହାର ସମୟରେ କୁଣ୍ଠାଉଛି**

**ଭୁବନେଶ୍ୱର, ୨୩।୧(ସମିସ):** ଚାକିରି ଆଶାୟୀଙ୍କ ପାଇଁ ସରକାରୀ ୱେବସାଇଟ୍ ଦୁଃସ୍ୱପ୍ନ ପାଲଟିଛି। ଆବେଦନ କରିବାକୁ ଦିନରାତି ଏକ କରିଥିଲେ ମଧ୍ୟ ଆବେଦନ କରିପାରୁ ନାହାନ୍ତି। ଓଡ଼ିଶା କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ସି) ଏବଂ ଓଡ଼ିଶା ଅଧସ୍ତନ କର୍ମଚାରୀ ପ୍ରବରଣ ଆୟୋଗ (ଓଏସ୍‌ଏସ୍‌ଏସ୍‌ସି) ୱେବସାଇଟ୍ ବିଭ୍ରାଟକୁ ପ୍ରାୟ ମାସେ ପୁରିଥିଲେ ମଧ୍ୟ ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ କରାଯାଇପାରୁ ନାହିଁ। ଏପରିକି ଚାକିରି ପାଇଁ ନାମ ପଞ୍ଜିକରଣ ବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ କରିବାକୁ ଉପଲବ୍ଧ ୱେବସାଇଟ୍ ପିଲାଙ୍କୁ କନ୍ଦାଇଲାଣି।

ଓଏସ୍‌ଏସ୍‌ସି ପକ୍ଷରୁ ୧୫୭୬ ସିଜିଏଲ୍ ପଦରେ ନିଯୁକ୍ତି ପାଇଁ ଆବେଦନ ଜାରି ରହିଛି। ପୂର୍ବରୁ ଏହାର ୱେବସାଇଟ୍ ସମ୍ପୂର୍ଣ୍ଣ କ୍ରାସ୍ କରିଯିବାରୁ ଆବେଦନ ହୋଇପାରି ନଥିଲା। ଫଳରେ ଆବେଦନ ଅବଧିକୁ ଆଉ ୧୦ ଦିନ ଅର୍ଥାତ୍ ଚଳିତମାସ ଶେଷ ପର୍ଯ୍ୟନ୍ତ ବଢ଼ାଯାଇଥିଲା। ମାତ୍ର ଓଏସ୍‌ଏସ୍‌ସି ୱେବସାଇଟ୍ ଏବେସୁଦ୍ଧା ସମ୍ପୂର୍ଣ୍ଣ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଆବେଦନ ସମୟରେ ଅଧାରୁ କଟି ଯାଉଥିବାବେଳେ ସମୟ ଅବଧି ମଧ୍ୟରେ ଆବେଦନ କରିପାରିବେ ନା ନାହିଁ, ସେନେଇ ଆଶାୟୀମାନେ ସନ୍ଦିହାନ ଅବସ୍ଥାରେ କାଳାତିପାତ କରୁଛନ୍ତି। ଅନୁରୂପ ଭାବେ ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ପରି ୩୨୫୦ ପଦରେ ନିଯୁକ୍ତି ପାଇଁ ଓଏସ୍‌ଏସ୍‌ଏସ୍‌ସି ପକ୍ଷରୁ ଆବେଦନ ଗ୍ରହଣ କରାଯାଉଛି। ସେହିପରି ଫରେଷ୍ଟର, ଫରେଷ୍ଟଗାର୍ଡ ପାଇଁ ମଧ୍ୟ ଆବେଦନ ଜାରି ରହିଛି। ମାତ୍ର ପ୍ରଥମରୁ ଧିମା ଚାଲୁଥିବା ଓଏସ୍‌ଏସ୍‌ଏସ୍‌ସି ୱେବସାଇଟ୍ ଏବେ ସମ୍ପୂର୍ଣ୍ଣ ଅଚଳ ହୋଇପଡ଼ିଛି। ୱେବସାଇଟ୍‌ରେ ଲଗ୍‌ଇନ୍ କରିବା ତ ଦୂର କଥା, ମୂଳରୁ ଖୋଲୁନାହିଁ।

ଆଶାୟୀଙ୍କ ଦୁର୍ଦ୍ଦଶା ଏତିକିରେ ସରିନାହିଁ। ଆର୍‌ଆଇ, ଅମିନ ଓ ଆଇସିଡିଏସ୍ ସୁପରଭାଇଜର ପଦରେ ଆବେଦନ ପାଇଁ ନାମ ପଞ୍ଜିକରଣ ବା ଏମ୍ପ୍ଲୟମେଣ୍ଟ ଏକ୍ସଚେଞ୍ଜ ରେଜିଷ୍ଟ୍ରେସନ୍ କରିବା ବାଧ୍ୟତାମୂଳକ କରାଯାଇଥିବାବେଳେ ତାହାର ୱେବସାଇଟ୍ ମଧ୍ୟ ଖୋଲୁନାହିଁ। ନିଯୋଜନ ନିର୍ଦ୍ଦେଶାଳୟ ୱେବସାଇଟ୍ ଅଚଳ ହୋଇ ପଡ଼ିଥିବାରୁ ତୋଷାଳୀ ଭବନସ୍ଥିତ ରାଜ୍ୟ ନିଯୋଜନ କାର୍ଯ୍ୟାଳୟରେ ଆଶାୟୀମାନଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ହେଲେ ସରକାର କୌଣସି ପଦକ୍ଷେପ ନ ନେବା ସହ କେବେସୁଦ୍ଧା ୱେବସାଇଟ୍ କାର୍ଯ୍ୟକ୍ଷମ ହେବ, ସେନେଇ ଆଶ୍ୱସ୍ତି କରୁନାହାନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ଧିମେଇ ଧିମେଇ ଚାଲୁଥିବା ୱେବସାଇଟ୍‌ରେ ଆବେଦନ ବେଳେ ଅଧାରୁ କଟିଗଲେ ଆଉ ଆଗକୁ ବଢ଼ିପାରୁନାହାନ୍ତି। ପୁଣି ତାକୁ ଡିଲିଟ୍ କରି ମୂଳରୁ ଆବେଦନ କରିବାକୁ ପଡୁଛି। ଫଳରେ ଆଶାୟୀଙ୍କ ଅସନ୍ତୋଷ ଶିର୍ଷରେ ପହଞ୍ଚିଲାଣି। ଆସନ୍ତା ମଙ୍ଗଳବାର ସୁଦ୍ଧା ୱେବସାଇଟ୍ କାର୍ଯ୍ୟକ୍ଷମ ନ କଲେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ସାମାଜିକ ଗଣମାଧ୍ୟମରେ ଲେଖୁଛନ୍ତି। ଏସବୁ ୱେବସାଇଟ୍ କ୍ରମାଗତ ଭାବେ ଅଚଳାବସ୍ଥା ଜାରି ରହିଥିବାରୁ ସରକାରୀ ୱେବସାଇଟ୍ କୌଣସି କାମକୁ ନୁହଁ ବୋଲି ଆଶାୟୀଙ୍କ ମଧ୍ୟରେ ଏକ ଧାରଣା ସୃଷ୍ଟି ହେବାରେ ଲାଗିଛି।

**ଧାନ ସଂଗ୍ରହରେ ଅବ୍ୟବସ୍ଥା**

# ପଛରେ ପଡ଼ିଛି ମୁଖ୍ୟମନ୍ତ୍ରୀ ଏବଂ ଉପମୁଖ୍ୟମନ୍ତ୍ରୀଙ୍କ ଜିଲ୍ଲା

**ଭୁବନେଶ୍ୱର,୨୩।୧(ସମିସ):** ଧାନ ସଂଗ୍ରହ କ୍ଷେତ୍ରରେ ଓଡ଼ିଶା ଇତିହାସରେ ପୂର୍ବରୁ କେବେ ଏମିତି ଅବ୍ୟବସ୍ଥା ଦେଖା ଦେଇ ନଥିଲା। ଓଡ଼ିଶା ଏକ କୃଷିପ୍ରଧାନ ଅର୍ଥନୀତି ହୋଇଥିବାରୁ ୬୦ ପ୍ରତିଶତରୁ ଅଧିକ ଲୋକ ଜୀବିକା ପାଇଁ କୃଷି ଉପରେ ନିର୍ଭର କରନ୍ତି। ହେଲେ ଡବଲ୍ ଇଞ୍ଜିନ୍ ସରକାର ଧାନ ସଂଗ୍ରହରେ ଓଡ଼ିଶାର ଚାଷୀମାନଙ୍କ ସହ ବିଶ୍ୱାସଘାତକତା କରଛନ୍ତି ବୋଲି ବିଜେଡି କହିଛି। ଶୁକ୍ରବାର ଏକ ପ୍ରେସବିବୃତ୍ତିରେ ଦଳର ମୁଖପାତ୍ର ଡଃ ଲେନିନ ମହାନ୍ତି ୨୦୨୩-୨୪, ୨୦୨୪-୨୫ ଏବଂ ୨୦୨୫-୨୬ର ଧାନ ସଂଗ୍ରହ ସ୍ଥିତିର ତୁଳନାତ୍ମକ ବିଶ୍ଳେଷଣ କରି ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ୨୨ ଜାନୁଆରୀ ୨୦୨୪ରେ ବିଜେଡି ସରକାର ସମୟରେ ମୋଟ ୩୯,୭୪,୬୮୭ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରାଯାଇଥିଲା ଏବଂ ୮,୪୦,୧୮୧ ଚାଷୀ ଓଡ଼ିଶାରେ ଧାନ ବିକ୍ରୟ କରିପାରିଥିଲେ। ହେଲେ ୨୨ ଜାନୁଆରୀ ୨୦୨୫ରେ ବିଜେପି ସରକାର ସମୟରେ ମୋଟ ଧାନ ସଂଗ୍ରହ ୩୫,୬୪,୨୬୭ ମେଟ୍ରିକ୍ ଟନ୍‌କୁ ହ୍ରାସ ପାଇଥିବା ବେଳେ ମାତ୍ର ୭,୧୨,୪୮୧ ଚାଷୀ ଧାନ ବିକ୍ରୟ କରିପାରଥିସଲେ। ମାତ୍ର ୨୨ ଜାନୁଆରୀ ୨୦୨୬ରେ ମୋଟ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ୩୦,୪୯,୫୫୦ ମେଟ୍ରିକ୍ ଟନ୍‌କୁ ଖସି ଆସିଛି। ଏହାସହ ଏହି ସମୟ ସୁଦ୍ଧା ମାତ୍ର ୬,୯୩,୦୯୭ ଚାଷୀ ଧାନ ବିକ୍ରୟ କରିପାରିଛନ୍ତି। ଏପର୍ଯ୍ୟନ୍ତ ୩୦ ପ୍ରତିଶତ ଚାଷୀ ୩୫ ପ୍ରତିଶତ ଧାନ ବିକ୍ରି କରିଥିବାରୁ ବିଜେପି ସରକାର ସମୟରେ ସଂଗ୍ରହ ହୋଇଥିବା ଧାନ ପରିମାଣ ଏବଂ ଚାଷୀଙ୍କ ସଂଖ୍ୟାରେ କାହିଁକି ହ୍ରାସ ଘଟିଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ବଡ଼ କଥା ହେଉଛି ଯେ ମୁଖ୍ୟମନ୍ତ୍ରୀ (କେନ୍ଦୁଝର) ଏବଂ ଦୁଇ ଉପମୁଖ୍ୟମନ୍ତ୍ରୀ (ବଲାଙ୍ଗୀର ଏବଂ ପୁରୀ) ଜିଲ୍ଲା ଧାନ ସଂଗ୍ରହରେ ବହୁତ ପଛରେ ଅଛନ୍ତି। ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ କେନ୍ଦୁଝର ଜିଲ୍ଲାରେ ୮୬,୬୪୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା।

**ଛତିଶଗଡ଼ରେ ହୋଇସାରିଲାଣି ଧାର୍ଯ୍ୟ ଲକ୍ଷ୍ୟ ହାସଲ**

**ଓଡ଼ିଶାରେ ଏଯାଏଁ ୩୦ ପ୍ରତିଶତରୁ ଧାନ କିଣାରୁ ବଢୁନି**

ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୮୦,୮୯୫ ମେଟ୍ରିକ୍ ଟନ୍ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ଆହୁରି ହ୍ରାସ ପାଇ ମାତ୍ର ୫୦,୭୦୮ ମେଟ୍ରିକ୍ ଟନ୍ ହୋଇଥିଲା। ଏହା ଧାନ ସଂଗ୍ରହରେ ତଥାକଥିତ ଲୋକଙ୍କ ମୁଖ୍ୟମନ୍ତ୍ରୀ ମୋହନ ମାଝୀଙ୍କ ଅପାରଗତାକୁ ସ୍ପଷ୍ଟ ଭାବରେ ପ୍ରତିଫଳିତ କରୁଛି ବୋଲି ଡଃ ମହାନ୍ତି କହିଛନ୍ତି। ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ବଲାଙ୍ଗୀର ଜିଲ୍ଲାରେ ୩,୨୦,୮୭୦ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୨,୭୮,୮୨୯ ମେଟ୍ରିକ୍ ଟନ୍ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କେ ଭି ସିଂହଦେଓ କହୁଛନ୍ତି, ଚାଷୀମାନେ ନୌଟଙ୍କି କରୁଛନ୍ତି, କିନ୍ତୁ ତାଙ୍କ ନିଜ ଜିଲ୍ଲାରେ ଧାନ ସଂଗ୍ରହ କରୁନାହାନ୍ତି। ସେହିପରି ବିଜେଡି ସରକାର ସମୟରେ ୨୨ ଜାନୁଆରୀ ୨୦୨୪ରେ ପୁରୀ ଜିଲ୍ଲାରେ ୨୧,୮୯୧ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୫ରେ ଧାନ ସଂଗ୍ରହ ହ୍ରାସ ପାଇ ୧୧,୭୯୨ ମେଟ୍ରିକ୍ ଟନ୍ ହୋଇଥିଲା। ବିଜେପି ସରକାର ସମୟରେ ୨୨ ଜାନୁଆରୀ ୨୦୨୬ରେ ଧାନ ସଂଗ୍ରହ ହ୍ରାସ ପାଇ ମାତ୍ର ୭୯୭ ମେଟ୍ରିକ୍ ଟନ୍ ହୋଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସର୍ବଦା ନିଜର ଅପାରଗତାକୁ ଲୁଚାଇବା ପାଇଁ ବେପରୁଆ ବୟାନ ଦେବାରେ ବ୍ୟସ୍ତ। ଏଭଳି ବେପରୁଆ ମନ୍ତବ୍ୟ ନ ଦେଇ ନିଜ ଜିଲ୍ଲାରେ କାମ କରନ୍ତୁ ବୋଲି ବିଜେଡି କହିଛି।

ବର୍ତ୍ତମାନ ଛତିଶଗଡ଼ ସରକାର ଛତିଶଗଡ଼ରେ ଧାନ ସଂଗ୍ରହ ଲକ୍ଷ୍ୟ ହାସଲ କରିସାରିଛନ୍ତି। ଯଦିଓ ଲକ୍ଷ୍ୟ ଥିଲା ୮୦ ଲକ୍ଷ ମେଟ୍ରିକ୍ ଟନ୍, ଛତିଶଗଡ଼ ସରକାର ବହୁ ପୂର୍ବରୁ ୧୨୩ ଲକ୍ଷ ମେଟ୍ରିକ୍ ଟନ୍ ଧାନ ସଂଗ୍ରହ କରିସାରିଛନ୍ତି ଏବଂ ପ୍ରକ୍ରିୟା ଏବେ ବି ଜାରି ରହିଛି। ଛତିଶଗଡ଼ ସରକାର ଯୋଜନା ଅନୁଯାୟୀ ୨୭୪୦ ଧାନ ସଂଗ୍ରହ କେନ୍ଦ୍ର ଖୋଲିଛନ୍ତି, ଯେଉଁଠାରେ ଓଡ଼ିଶାରେ ଥିବା ବିଜେପି ସରକାର ଯୋଜନା ଅନୁଯାୟୀ ୪୦୮୩ ଧାନ ସଂଗ୍ରହ କେନ୍ଦ୍ର ବଦଳରେ ୨୭୭୨ ଧାନ ସଂଗ୍ରହ କେନ୍ଦ୍ର ଖୋଲିଛନ୍ତି।

# ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ; ଅଭିଯୁକ୍ତ ଗିରଫ

**ବ୍ରହ୍ମପୁର,୨୩।୧(ସମିସ):** ନାବାଳିକାକୁ ଅପହରଣ ଓ ଦୁଷ୍କର୍ମ କରିବା ଅଭିଯୋଗରେ ଗୋପାଳପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଅଭିଯୁକ୍ତ ଜଣକ ହେଲେ ଯାଜପୁର ଥାନା ଜେନାପୁର ବାଲିସାହି ଅଂଚଳର ବସନ୍ତ ମଲ୍ଲିକ(୨୧)।

ସୂଚନାଯୋଗ୍ୟ ଯେ, ବ୍ରହ୍ମପୁରର ଜଣେ ୧୪ବର୍ଷିଆ ନାବାଳିକା ଗତ ଡିସେମ୍ବର ୨୮ ତାରିଖରେ ଗୋପାଳପୁର ପିଉସୀଙ୍କ ଘରକୁ ଆସିଥିଲା। ପରେ ପିଉସୀ ଓ ପିଉସା ବ୍ରହ୍ମପୁର ଯିବା ପାଇଁ ବସରେ ବସାଇଥିଲେ। କିନ୍ତୁ ନାବାଳିକା ଘରକୁ ଫେରି ନ ଥିବାରୁ ବହୁ ଖୋଜା ଖୋଜି ପରେ ଗୋପାଳପୁର ଥାନାରେ ୨୯ ତାରିଖରେ ଗୋସାଇ ମା' ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ପ୍ରକାରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ପରେ ଅଭିଯୁକ୍ତ ଯାଜପୁର ଥାନା ଜେନାପୁର ବାଲିସାହି ଅଂଚଳର ବସନ୍ତ ମଲ୍ଲିକ ନାବାଳିକାକୁ ଅପହରଣ କରି ନେଇଥିବା କୌଣସି ସୂତ୍ରରୁ ପୁଲିସ ଖବର ପାଇଁ ଥାନା ଅଧିକାରୀ ପ୍ରଶାନ୍ତ କୁମାର ମଲ୍ଲିକଙ୍କ ନିର୍ଦ୍ଦେଶକ୍ରମେ ଏସ.ଆଇ ଭବାନୀ ଶଙ୍କର ନାୟକ, ଏଏସଆଇ ମେଘନାଦ ସାହୁ, ମହିଳା ପୁଲିସ ପଦ୍ମିନୀ ପାତ୍ର ଢେଙ୍କାନାଳ ଜିଲ୍ଲା ବିଧାରପୁର ଗ୍ରାମରୁ ଉଭୟଙ୍କୁ କାବୁ କରିଥିଲେ। ଆଜି ନାବାଳିକା ଓ ଅଭିଯୁକ୍ତର ଡାକ୍ତର ପରୀକ୍ଷା ହୋଇଥିଲା। ଏହାସହ ପିଡିତାଙ୍କ ବୟାନ ରେକର୍ଡ ମଧ୍ୟ ହୋଇଥିବା ପୁଲିସ କହିଛି।

ସକାଳ THE SAKALA



# କର୍ଣ୍ଣଦାଣ୍ଡି ଗ୍ରାମରେ ମା' ସରସ୍ୱତୀଙ୍କ ପୂଜା



ମଙ୍ଗଳପୁର,୨୩।୧(ସମିସ): ମଙ୍ଗଳପୁର ପଞ୍ଚାୟତ କର୍ଣ୍ଣଦାଣ୍ଡି ଗ୍ରାମରେ ମା' ସରସ୍ୱତୀଙ୍କ ପୂଜା ଆରମ୍ଭ ହୋଇଛି। ମୂର୍ତ୍ତି କାରିଗର ସୁଶାନ୍ତ କୁମାର ପଣ୍ଡାଙ୍କ ଦ୍ୱାରା ନିର୍ମିତ ମୃଣ୍ମୟ ମୂର୍ତ୍ତିଟି ବେଶ ଆକର୍ଷଣୀୟ ହୋଇଥିବା ବେଳେ ପୂଜା ମଣ୍ଡପଟିକୁ ଆଲୋକ ମାଳାରେ ସଜ୍ଜିତ କରାଯାଇଛି। ପୂଜକ ପ୍ରଭାତ ପଣ୍ଡା ପୂଜା କରିଥିବା ବେଳେ ସସ୍ମିତା କୁଅଁର ସଂକଳ୍ପ କରିଛନ୍ତି। ପୂଜାର ପ୍ରଥମ ଦିନରେ ବାବା କାର୍ତ୍ତିକେଶ୍ୱର ପୂଜା କମିଟିର ସଭାପତି ଦାମୋଦର ରାଉତ ଓ ସମ୍ପାଦକ ସୁବ୍ରତ ବେହେରା ଯୋଗ ଦେଇଥିଲେ। ଏହି ପୂଜାରେ ୩୦ ତାରିଖରେ ଭସାଣି ହେବ ବୋଲି ପୂଜା କମିଟି ପକ୍ଷରୁ କୁହାଯାଇଛି। ସେହିପରି ପୂଜା ମଣ୍ଡପ ନିକଟରେ ପ୍ରତ୍ୟହ ସନ୍ଧ୍ୟାରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ।

# ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜା



ବରୀ,୨୩।୧(ସମିସ): ମା' ସରସ୍ୱତୀ ପୂଜା ପାଇଁ ଉତ୍ସବ ମୁଖର ଗାଁଠୁ ସହର। ବରୀ ଅଞ୍ଚଳର ବିଭିନ୍ନ ପୂଜା ମଣ୍ଡପରେ ଚାଲିଛି ମା' ବିଦ୍ୟାଦାତ୍ରୀଙ୍କ ପୂଜାର୍ଚ୍ଚନା। ପୂଜା ମଣ୍ଡପରେ ସୁନ୍ଦର ସାଜସଜ୍ଜା ସାଙ୍ଗକୁ ମେଢ଼ ତୋରଣ ଓ ରଙ୍ଗୀନ ଆଲୋକରେ ଝଲସୁଛି ପୂଜା ମଣ୍ଡପ। ବରୀ ବ୍ଲକ୍ ଅରଙ୍ଗାବାଦ ପଞ୍ଚାୟତର ଆନନ୍ଦପୁର ସରସ୍ୱତୀ ପୂଜା କମିଟି ପୂଜା ସରସ ସୁନ୍ଦର ସହିତ ଅନୁଷ୍ଠିତ ହେଉଛି। ସକାଳୁ ଯଥାବିଧି ପୂଜାର୍ଚ୍ଚନା ପରେ ହୋମ ଯଜ୍ଞପରେ ଶ୍ରଦ୍ଧାଞ୍ଜଳି ଅନୁଷ୍ଠିତ ହୋଇଥିଲା। ପୂଜା କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ରହି ପୂଜା ସମ୍ପାଦନ କରିବା ସହ ପୁଷ୍ପାଞ୍ଜଳି ଦେଇଥିଲେ।

# ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ



ବିଞ୍ଝାରପୁର,୨୩।୧(ସମିସ): ଛଅିଣା ଗ୍ରାମସ୍ଥିତ ପ୍ରସିଦ୍ଧ ରାଧାକୃଷ୍ଣ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପୂଜକ ରାଜୀବ ଲୋଚନ ଦାଶ ଓ ଗୋବର୍ଦ୍ଧନ ମହାପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବୁଧବାର ବିଳମ୍ବିତ ରାତିରେ ଶୁଭାଧିବାସ କାର୍ଯ୍ୟକ୍ରମ ଓ ଗୁରୁବାର ପ୍ରାତଃ ସମୟରେ କଳସଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ରାଧାକୃଷ୍ଣ ବିଗ୍ରହଙ୍କ ମହାସ୍ନାନ, ବିଧିମୁତାବକ ଷୋଡ଼ଶ ଉପଚାର ପୂଜା ଓ ଯଜ୍ଞ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟାବେଳେ ଯଜ୍ଞର ପୂର୍ଣ୍ଣାହୁତି ପଡ଼ିଥିବା ବେଳେ ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର କର୍ତ୍ତା ଭାବେ ଉମେଶ ମହାପାତ୍ର ଓ ସୁପ୍ରିଆ ମହାପାତ୍ର ସଂକଳ୍ପ କରିଥିଲେ।

ରମେଶ ମହାପାତ୍ର, ଉମାକାନ୍ତ ମହାପାତ୍ର, ସତ୍ୟପ୍ରସନ୍ନ ମହାପାତ୍ର, ଅଧିକାରୀ ବୃନ୍ଦାବନ ଦାସ, ଶରଣ ବାରିକ, ମାଧବାନନ୍ଦ ଦଳାଇ, ଶତ୍ରୁଘ୍ନ ପରିଡ଼ା, ସତ୍ୟାନନ୍ଦ ଦଳାଇ, ଅନିରୁଦ୍ଧ ମହାପାତ୍ର, ନରେନ୍ଦ୍ର ସାମଲ, ଦିଲୀପ ସାମଲ, ଅଜୟ ସାହୁ, ଗୋବର୍ଦ୍ଧନ ଦାସ, ବିଷ୍ଣୁଚରଣ ମହାପାତ୍ର, ନାରାୟଣ ନାୟକ, ରାହାସଚନ୍ଦ୍ର ବାରିକ, ଗଣନାଥ ଯେନା ପ୍ରମୁଖଙ୍କ ସହ ସମସ୍ତ ଗ୍ରାମବାସୀଙ୍କ ସହଯୋଗରେ ଉତ୍ସବ ସଫଳ ହୋଇଥିଲା।

ଅରଙ୍ଗାବାଦ ସନ୍ତୋଷ ହତ୍ୟା ଘଟଣା

# ବ୍ୟବଚ୍ଛେଦ ରିପୋର୍ଟ ପରେ ଖୋଲୁଛି ଗୁମର

ବରୀ,୨୩।୧(ସମିସ)

ବରୀ ରାମଚନ୍ଦ୍ରପୁର ଥାନା ଅଧୀନସ୍ଥ ଅରଙ୍ଗାବାଦ ପଞ୍ଚାୟତର ସନ୍ତୋଷ ମଲିକ ଓରଫ ମିଞ୍ଜା ହତ୍ୟାକାଣ୍ଡରେ ବ୍ୟବଚ୍ଛେଦ ରିପୋର୍ଟ ଆସିଛି। ଏହା ପରେ ମିଞ୍ଜା ମୃତ୍ୟୁର ଅସଲ ଗୁମର ଖୋଲିବାରେ ଲାଗିଛି।

ଗତ ଅକ୍ଟୋବର ୧୭ ତାରିଖରେ ସନ୍ତୋଷ ମଲିକ (ମିଞ୍ଜା) ଙ୍କୁ ଘରୁ ଡାକି ନେଇ ଖାଦ୍ୟରେ ବିଷଦେଇ ମାରିଦେଇଥିବା ପରିବାର ଲୋକେ ଅଭିଯୋଗ କରିଥିଲେ। ସନ୍ତୋଷ ଓ ତାର ସାନ ଭାଇ ସହିତ ପୂର୍ବରୁ ଝଗଡ଼ା ହୋଇଥିଲା। ଯାହାକୁ ନେଇ ସେହି ପଞ୍ଚାୟତର କିଛି ବ୍ୟକ୍ତି ଦୁଇଭାଇଙ୍କ କଳିର ସମାଧାନ କରିବାକୁ ଘରୁ ଡାକିନେଇଥିଲେ ପରେ ସମସ୍ତେ ସାଙ୍ଗ ହୋଇ ଖାଇବା ସହିତ ନିଶା ସେବନ କରିଥିଲେ। ପରେ ପ୍ରାୟ ରାତି ଗୋଟାଏ ସମୟରେ ସନ୍ତୋଷ ଯନ୍ତ୍ରଣାରେ କଷ୍ଟ ପାଉଥିବା ବେଳେ ସେମାନେ ଛାଡ଼ି ଚାଲିଯାଇଥିଲେ ଏବଂ ଗଲାବେଳେ 'ଆମେ ବିଷ ଦେଇଛୁ। ତୁ ମରି ଯା'।' କହି ଛାଡ଼ି ଚାଲିଯାଇଥିଲେ ବୋଲି ଅଭିଯୋଗରେ ଉଲ୍ଲେଖ ଅଛି। ବହୁ କଷ୍ଟରେ ସନ୍ତୋଷ ଘରକୁ ଆସିବା ବେଳେ ଘରଠାରୁ କିଛି ଦୂରରେ ପଡି ଚିତ୍କାର କରି ନିଜ ଝିଅକୁ ଡାକିଥିଲା। ପରିବାର ଲୋକେ ପହଞ୍ଚିବା ପରେ ମୋତେ ଖାଦ୍ୟରେ ସେମାନେ ବିଷ ଦେଇଦେଇଛନ୍ତି। ଶୀଘ୍ର ମେଡିକାଲ ନେଇଚାଲ ବୋଲି ସନ୍ତୋଷ କହିବାରୁ ପରିବାର ଲୋକେ ତାଙ୍କୁ ପ୍ରଥମେ ବରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର; ପରେ ଯାଜପୁର ମୁଖ୍ୟ ଚିକିତ୍ସାଳୟ ନେଇଥିଲେ। ସେଠାରେ ସ୍ୱାସ୍ଥ୍ୟ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ନିଆ ଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ପରେ ମୃତ ସନ୍ତୋଷ ମଲିକର ପତ୍ନୀ ବନ୍ଦନା ମଲିକ ବରୀ ଥାନାରେ ଲିଖିତ ଅଭିଯୋଗ କରିବା ସହିତ ପରିବାର ସଦସ୍ୟ ଓ ଗ୍ରାମବାସୀ ତାଙ୍କ ମୃତଶରୀରକୁ ବରୀ ରାମଚନ୍ଦ୍ରପୁର ଥାନା ସମ୍ମୁଖରେ ରଖି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବାକୁ ଦାବି କରି ଧାରଣାରେ ବସିଥିଲେ। ଏଭଳି ଏକ ସମ୍ବେଦନଶୀଳ ଘଟଣାକୁ ଗୁରୁତ୍ୱ ଦେଇ ଅତିରିକ୍ତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଶିତିକଣ୍ଠ କାନୁନ୍‌ଗୋ ଏବଂ ଏସ୍‌ଡିପିଓ ପ୍ରଶାନ୍ତ କୁମାର ମାଝୀ ଘଟଣାସ୍ଥଳରେ ପହଞ୍ଚି ସ୍ଥାନୀୟ ଗ୍ରାମବାସୀ ଏବଂ ପରିବାର ସଦସ୍ୟଙ୍କୁ ବୁଝାସୁଝା କରିବା ସହିତ ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପରାମର୍ଶ ଦେଇଥିଲେ। ପରବର୍ତ୍ତୀ ଅବସ୍ଥାରେ ଜିଲ୍ଲା ପୁଲିସ ଅଧିକାରୀଙ୍କ ପ୍ରତିଶ୍ରୁତିକୁ ଭରସା କରି ପରିବାର ଲୋକେ ସବ ସତ୍କାର କରିଥିଲେ। ମାତ୍ର ଶବ ବ୍ୟବଚ୍ଛେଦ ରିପୋର୍ଟରେ ବିଷ କ୍ରିୟାରେ ସନ୍ତୋଷଙ୍କ ମୃତ୍ୟୁ ଘଟିଛି ବୋଲି ସ୍ପଷ୍ଟ ଭାବେ ଉଲ୍ଲେଖ ଥିବାରୁ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପରିବାର ଲୋକେ ଅଭିଯୋଗ କରିଛନ୍ତି। କିନ୍ତୁ ଏହା ପରେ ପୁଲିସ୍ ଚୁପ୍ ରହିବାକୁ ନେଇ ନାନା ପ୍ରଶ୍ନ ଉଠୁଛି। ସନ୍ତୋଷ ମୃତ୍ୟୁ ଘଟଣାକୁ ତିନି ମାସ ବିତି ଯାଇଥିଲେ ମଧ୍ୟ ଅଭିଯୁକ୍ତମାନଙ୍କୁ ପୁଲିସ ଡାକି ପଚରାଉଚୁରା ବି କରିନାହିଁ। ଅନ୍ୟ ପଟେ ମୃତ ସନ୍ତୋଷଙ୍କ ପତ୍ନୀ ଓ ପିଲାମାନଙ୍କୁ ଧମକ ଦିଆଯାଉଥିବାରୁ ସେମାନେ ନିଜଗାଁ ଘରେ ରହି ପାରୁନାହାଁନ୍ତି। ସନ୍ତୋଷ ମୃତ୍ୟୁ ପରେ ପତ୍ନୀ ବନ୍ଦନା ଭୟଭୀତ ଅବସ୍ଥାରେ ଘର ଛାଡ଼ି ବାପ ଘରେ ରହୁଥିବା ବେଳେ ଅଭିଯୁକ୍ତ ମାନେ ଖୋଲମ୍‌ଖୋଲା ବୁଲୁଥିବା କହିଛନ୍ତି। ମୃତ ସନ୍ତୋଷଙ୍କ ପତ୍ନୀ ପୁଲିସ ପ୍ରଶାସନ ନିକଟରୁ ନ୍ୟାୟ ପାଇବା ପାଇଁ ଦୌଡ଼ିଦୌଡ଼ି ନିରାଶ ହେବା ପରେ ଗଣମାଧ୍ୟମର ସାହାରା ନେଇଛନ୍ତି। ଏଭଳି ଏକ ସମ୍ବେଦନଶିଳ ଘଟଣାରେ ପୁଲିସ ହାତବାନ୍ଧି ବସିବା ଘଟଣା ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହି ଘଟଣାକୁ ଗୁରୁତ୍ୱ ଦେଇ ଯାଜପୁର ପୁଲିସ ଅଭିଯୁକ୍ତମାନଙ୍କ ନିକଟରେ ପହଞ୍ଚି ତଦନ୍ତ କରି କ'ଣ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ତାହାକୁ ନେଇ ସାଧାରଣରେ ଚର୍ଚ୍ଚା ଜୋରଧରିଛି।

# ରାଜେଶ୍ ମେମୋରିଆଲ୍‌ର କ୍ରୀଡ଼ା ଉତ୍ସବ

ଦାନଗଦି,୨୩।୧(ସମିସ): ଦାନଗଦି ବ୍ଲକ ଅନ୍ତର୍ଗତ କିଆଝର ପଞ୍ଚାୟତର ଅଗ୍ରଣୀ ଅନୁଷ୍ଠାନ ବୀଣାପାଣି ୟୁଥ୍ କ୍ଲବ ଉପରଟମକାର ୪୩ତମ ରାଜେଶ୍ ମେମୋରିଆଲର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କ୍ଲବର ସଭାପତି ସୌମ୍ୟରଞ୍ଜନ ମହାପାତ୍ରଙ୍କ ସଭାପତିତ୍ୱରେ ବରିଷ୍ଠ ମଞ୍ଚ ଉପସ୍ଥାପକ ବାବାଜି ଚରଣ ଜେନାଙ୍କ ସଂଚାଳନରେ ଅନୁଷ୍ଠିତ ଉକ୍ତ ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ଡ. ପ୍ରଦୀପ ବଳ ସାମନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟଅତିଥି ମାନଙ୍କ ମଧ୍ୟରେ ଯାଜପୁର ଜିଲ୍ଲା ବିଜେପି ଯୁବମୋର୍ଚ୍ଚାର ସଭାପତି ବିଶ୍ୱଜିତ୍ ରାଜ, ସମିତିସଭ୍ୟ ଦେଉଳକଣ ଓ ଜିଲ୍ଲା ବିଜେପି ସଂପାଦକ ପ୍ରତାପ ଚନ୍ଦ୍ର ଧର, ବରିଷ୍ଠ ନେତା ପବିତ୍ରମୋହନ ମହାପାତ୍ର, ସାଂସଦଙ୍କ ପ୍ରତିନିଧି ରବୀନ୍ଦ୍ରମୋହନ ଜେନା, ଶ୍ରମିକନେତା ଭାରଥି ମହାକୁଡ଼, ୮ନଂ ଜୋନ୍‌ର ମଣ୍ଡଳ ସଭାପତି ସନ୍ତୋଷ ପାଣିଗ୍ରାହୀ, ଦେଉଳକଣ ସରପଞ୍ଚ ବିଜୟ କୁମାର ଯେନା ଯୋଗଦେଇଥିଲେ। ଉପଦେଷ୍ଟା ନୃପମଣି ଦାସ ବିବରଣୀ ପାଠ କରିଥିଲେ। କ୍ଲବର ସଂପାଦକ ହାରିକାନାଥ ଦାସଙ୍କ ସମେତ ଜର୍ମାନୀ ଦାସ, ମଦନତନ୍ତୀ, କିସାନ ମୁଣ୍ଡା, ଦୀଲ୍ଲିପ ପ୍ରଧାନ, ମଦନ ଦାସ, ଅବୟ ଦାସ, ମଧୂ ମହାକୁଡ଼, ସମୀର ମହାକୁଡ଼, ଶିଶିର ବେହେରା, ରାଜେଶ ଦାସ, ଚନ୍ଦନ ଦାସ, ସମେତ କ୍ଲବର ସମସ୍ତ ସଭ୍ୟ ସହଯୋଗ କରିଥିଲେ।

# ଶେଷ ହେଲା ବରୁଣେଶ୍ୱର ମେଳା



ବିଞ୍ଝାରପୁର,୨୩।୧(ସମିସ): ଯାଜପୁର ଜିଲ୍ଲାର ପ୍ରସିଦ୍ଧ ଶୈବକ୍ଷେତ୍ର ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ଅରେଇସ୍ଥିତ ବରୁଣେଶ୍ୱର ପୀଠରେ ୯ ଦିନ ବ୍ୟାପୀ ଆୟୋଜିତ ବରୁଣେଶ୍ୱର ମେଳା ଗୁରୁବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ଚଳିତ ବର୍ଷ ମେଳାର ଶେଷ ଦିନରେ ବହୁ ସଂଖ୍ୟାରେ ଯାତ୍ରୀଙ୍କ ସମାଗମ ଦେଖିବାକୁ ମିଳିଥିଲା। ମେଳା ଶେଷ ହେବା ସମୟରେ ଅନେକ ବ୍ୟବସାୟୀ ଅବଶିଷ୍ଟ ସାମଗ୍ରୀକୁ ଅପେକ୍ଷାକୃତ ଶସ୍ତା ମୂଲ୍ୟରେ ବିକ୍ରୟ କରିଥିଲେ। ମେଳାରେ ଛୋଟ ବଡ଼ ବ୍ୟବସାୟୀମାନେ ଭଲ ଲାଭବାନ ହୋଇଥିବା ବେଳେ ଯାତ୍ରା ଆୟୋଜକମାନେ ମଧ୍ୟ ଭଲ ରୋଜଗାର କରିଥିବା ଜଣାପଡ଼ିଛି। ଏପରିକି ଚଳିତ ବର୍ଷ ମେଳାରେ ପ୍ରାୟ ୪ କୋଟି ଟଙ୍କାର ବ୍ୟବସାୟ ହୋଇଥିବା କଥା କୁହାଯାଉଛି। ମେଳା ସମୟରେ କାଁ ଭାଁ ଛୋଟ ଘଟଣାକୁ ଛାଡ଼ି ଦେଲେ ସମଗ୍ର ମେଳାକୁ ସୁଚାରୁ ଓ ସଫଳ ଭାବରେ ପରିଚାଳନା କରାଯାଇଥିଲା। ମେଳା ପରିଚାଳନାରେ ପ୍ରଶାସନ, ବିଭିନ୍ନ ବିଭାଗ ଓ ପଞ୍ଚାୟତ କର୍ମକର୍ତ୍ତାମାନେ ନିଜ ନିଜ ଦାୟିତ୍ୱ ସଫଳତାର ସହିତ ନିର୍ବାହ କରିଥିଲେ।

# ବିବେକାନନ୍ଦ ଶିକ୍ଷାକେନ୍ଦ୍ରରେ ମାତୃସମ୍ମିଳନୀ



ବାଲିଚନ୍ଦ୍ରପୁର,୨୩।୧(ସମିସ): ବାଲିଚନ୍ଦ୍ରପୁର ଥାନା ତଥା ଅରେଇକଣା ପଞ୍ଚାୟତ ଅନ୍ତର୍ଗତ ରମାପୁର ସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପକ୍ଷରୁ ମାତୃ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଶିକ୍ଷାକେନ୍ଦ୍ର କମିଟି ଉପଦେଷ୍ଟା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ କ୍ଷୀରୋଦ ଚନ୍ଦ୍ର ରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଧର୍ମଶାଳା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦୁପ୍ରଭା ସାମଲ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଡ. ତୁହିନାଂଶୁ ରଥ ଓ ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ତଥା ସାମ୍ବାଦିକ ଭକ୍ତଚରଣ ସାହୁ, ପ୍ରାଧ୍ୟାପକ ନୃସିଂହ ଚରଣ ନାୟକ, ଇଂ. ନରେନ କୁମାର ଜେନା, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋହନ ଚରଣ ସାମଲ ଓ ଧୀରେନ୍ଦ୍ର କୁମାର ରାୟ ପ୍ରମୁଖ ଯୋଗଦେଇଥିଲେ। ଏଥିରେ ଉପସ୍ଥିତ ମାଆମାନଙ୍କ ପକ୍ଷରୁ ରୁବ୍ୟାରାଣୀ ସାମଲ ଓ ଉର୍ମିଳା ସାମଲ ବକ୍ତବ୍ୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ରଘୁନାଥ ପାଢ଼ୀ ଅତିଥି ପରିଚୟ ପ୍ରଦାନ ସହିତ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିବା ବେଳେ ଧନ୍ୟବାଦ ଦେଇଥିଲେ ଆଚାର୍ଯ୍ୟ ସୁବ୍ରତ କୁମାର ନାୟକ। ରାଜକିଶୋର ତରେଇ, ସଂଯୁକ୍ତା ଓଝା, ଲୁନା ଲେଙ୍କା, ନୀଳିମା ଶାନ୍ତି, ଅମିତା ସାହୁ, ରିନୁଲତା ବେହେରା, କନକଲତା ଜେନା, ସ୍ୱୟଂସୁଧା ପ୍ରଧାନ ପ୍ରମୁଖ ଆଚାର୍ଯ୍ୟ ଆଚାର୍ଯ୍ୟାମାନେ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ପ୍ରାରମ୍ଭରେ ଛାତ୍ରଛାତ୍ରୀ ନୃତ୍ୟଗୀତ ମାଧ୍ୟମରେ ଅତିଥି ମାନଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

# ପ୍ରାକୃତିକ ଚିକିତ୍ସା ଶିବିର ୨୫ରେ

ବ୍ୟାସନଗର,୨୩।୧(ସମିସ): ଲକ୍ଷ୍ମୀନଗର ପଞ୍ଚାୟତ ଭିକିପୁର ସ୍ଥିତ ଗୋପାଳ ଜୀଉ ମଠ ପରିସରରେ ଆସନ୍ତା ୨୫ ତାରିଖ ଏକ ପ୍ରାକୃତିକ ଚିକିତ୍ସା ଶିବିର ଅନୁଷ୍ଠିତ ହେବ। ସକାଳ ୯ଟାରୁ ଏହି ଶିବିର ଚାଲିବ। ବାଲେଶ୍ୱରର ବିଶିଷ୍ଟ ଚିକିତ୍ସକ ଡାକ୍ତର ଚିତ୍ତରଞ୍ଜନ ସାହୁ ଓ ତାଙ୍କର ୫ ଜଣିଆ ସହଯୋଗୀ ଟିମ ଓ ବାବା ଦିନ ଦୟାଳ ସରସ୍ୱତୀ ମହାରାଜ ଏଠାରେ ଉପସ୍ଥିତ ରହି ସେବା ଯୋଗାଇ ଦେବେ। ମା' ବିରଜା ବିଶ୍ୱ ଜ୍ୟୋତି ସେବା ସମିତି ଆନୁକୂଲ୍ୟରେ ଏହି ଶିବିର ଅନୁଷ୍ଠିତ ହେବ। ସମସ୍ତ ଜଟିଳ ଓ ପୁରାତନ ରୋଗ, ମଧୁମେହ, ରକ୍ତଚାପ, ଅମ୍ଳ ରୋଗ, ଆଣ୍ଠୁଗଣ୍ଠି, କର୍କଟ ସମେତ ବିଭିନ୍ନ ରୋଗର ଏଠାରେ ବିନା ଔଷଧରେ ଉପଚାର କରାଯିବ ବୋଲି ଗୋସେବକ ପ୍ରଫୁଲ୍ଲ କୁମାର ସାହୁ ସୂଚିତ କରିଛନ୍ତି। ଅଧିକ ଯୋଗାଯୋଗ ନିମନ୍ତେ ସେ ୮୦୯୩୨୬୮୨୩୪ ନଂ ରେ ସମ୍ପର୍କ କରିବାକୁ କମିଟି ପକ୍ଷରୁ ଅନୁରୋଧ କରାଯାଇଛି।

# ଜଗନ୍ନାଥ ମନ୍ଦିର ହୁଣ୍ଡିରୁ ଚୋରି ଉଦ୍ୟମ



ସୁକିନ୍ଦା,୨୩।୧(ସମିସ): ସୁକିନ୍ଦା ସଦର ମହକୁମାରେ ଥିବା ଜଗନ୍ନାଥ ମନ୍ଦିର ଦାନ ବାକ୍ସ (ହୁଣ୍ଡି)ରୁ ଲୁଟ୍ ଉଦ୍ୟମ ବିଫଳ ହୋଇଥିବା ଜଣାପଡିଛି। ସୂଚନା ମୁତାବକ ଜଗନ୍ନାଥ ମନ୍ଦିର ସିଂହଦ୍ୱାର ନିକଟରେ ଥିବା ଦାନ ବାକ୍ସ (ହୁଣ୍ଡି) କୁ କିଛି ଦୁର୍ବୃତ୍ତ ଲୁଟ୍ କରିବାକୁ ଉଦ୍ୟମ କରିଥିବା ଥାନାରେ ଲିଖିତ ଅଭିଯୋଗ ହୋଇଛି। ଲୁଟେରା ଗତ ଗୁରୁବାର ରାତିରେ ଲୁଟ୍ କରିବା ଉଦ୍ୟମ କରି କୌଣସି କାରଣରୁ ଲୁଟ୍ କରିନପାରି ଚାଲିଯାଇଥିଲେ। ଶୁକ୍ରବାର ସକାଳୁ ମନ୍ଦିର ପୂଜାରୀ ମନ୍ଦିରରେ ପହଞ୍ଚିବା ପରେ ହୁଣ୍ଡି ପୂର୍ବ ସ୍ଥାନରେ ନଥିବା ଦେଖିଥିଲେ ଏବଂ ହୁଣ୍ଡି ନିକଟରେ ଲୁହା ରଡ୍ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ଓ ଆର୍‌ଆଇଙ୍କୁ ସୂଚନା ଦେଇଥିଲେ। ଦେବୋତ୍ତର ବିଭାଗ ମୁଖ୍ୟ ତଥା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ନିର୍ଦ୍ଦେଶ କ୍ରମେ ଆର୍‌ଆଇ ସ୍ନିଗ୍ଧା ରାଣୀ ନନ୍ଦୀ ମନ୍ଦିରରେ ପହଞ୍ଚି ହୁଣ୍ଡି ତାଲା ଖୋଲି ହୁଣ୍ଡି ମଧ୍ୟରୁ ଷୋହଳ ହଜାର ଟଙ୍କା ସଂଗ୍ରହ କରିଥିବା ସୁକିନ୍ଦା ତହସିଲଦାର ମାନସ ରଞ୍ଜନ ତ୍ରିପାଠୀଙ୍କ ପକ୍ଷରୁ ସୂଚନା ମିଳିଛି। ଏହି ଚୋରି ଉଦ୍ୟମ ସମ୍ପର୍କରେ ଥାନାରେ ଲିଖିତ ଅଭିଯୋଗ ହୋଇଥିବା ଜଣାପଡିଛି। ଗତ କିଛିଦିନ ହେବ ସୁକିନ୍ଦା ଥାନା ଅଞ୍ଚଳରେ ଚୋରି, ଲୁଟ୍, ହତ୍ୟାକାଣ୍ଡ ଭଳି ଘଟଣା ଘଟି ଚାଲିଥିଲେ ମଧ୍ୟ କୌଣସି ଘଟଣାରେ ସ୍ଥାନିୟ ପୁଲିସକୁ ସଫଳତା ମିଳିନଥିବା ପୁଲିସର କାର୍ଯ୍ୟ ଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।

# ଯାଜପୁର ଲିଡର୍ସ କ୍ଲବ୍ ପକ୍ଷରୁ ସ୍ମୃତିଚାରଣ ସଭା

ଯାଜପୁର,୨୩।୧(ସମିସ): ଶ୍ରୀଜଗନ୍ନାଥ ମନ୍ଦିରରେ ଲିଡର୍ସ କ୍ଲବ୍‌ର ପୂର୍ବତନ ସାଂସ୍କୃତିକ ସମ୍ପାଦକ ତଥା ଯାଜପୁର ରୋଡ୍‌ର ବିଶିଷ୍ଟ ବ୍ୟବସାୟୀ ଦୁର୍ଗାଚରଣ ସନ୍ଧିବିଗ୍ରହଙ୍କ ବିୟୋଗରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। କ୍ଲବ୍‌ର ସଭାପତି ନାରାୟଣ ସାମନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ଦିଲ୍ଲୀପ ଦାଶଙ୍କ ଆବାହକତ୍ୱ କରିଥିଲେ। ଏଥିରେ ପୂର୍ବତନ ସାଂସଦ ଅଞ୍ଚଳ ଦାସ, ସନ୍ତୋଷ କୁମାର ନନ୍ଦ, ଆଦିତ୍ୟ ମହାନ୍ତି, ଅଶୋକ କୁମାର ଦାଶ, ରମେଶ ଦାସ, ବିଦ୍ୟାଧର ବାରିକ, ନିକୁଞ୍ଜ ବିହାରୀ ସାମଲ, ଅଧିକାରୀ ନବକିଶୋର ଦାସ, ସମାଜସେବୀ ହୃଷିକେଶ ପତି, ଗୋବିନ୍ଦ ଚନ୍ଦ୍ର ବେହେରା, ରଜନୀକାନ୍ତ ବିଶ୍ୱାଳ, ନକୁଳଦେବ ସାହୁ, କମଳାକାନ୍ତ ଦାଶ, ବିଜୟ କୁମାର ମହାରଣା, ବିଘେଶ ପାଣିଗ୍ରାହୀ, ବିସ୍ମୟ ସନ୍ଧିବିଗ୍ରହ, ଲୋକନାଥ ମିଶ୍ର, ଅରଜିତ ନାୟକ, ପ୍ରଭାତ କୁମାର ଦାସଳ ବିଜୟ ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ମୃତିଚାରଣ କରିଥିଲେ।

# ଅଜାଣବନ ଶିଶୁ ମହୋତ୍ସବ ଉଦ୍‌ଘାଟିତ




ବରୀ,୨୩।୧(ସମିସ): ସ୍ଥାନୀୟ ଅଜାଣବନ ଶୋଭନୀୟ ଶିକ୍ଷାଶ୍ରମ ମେଦୁଆକୂଳ ପରିସରରେ "ଶିଶୁ ମହୋତ୍ସବ' ଉଦ୍‌ଘାଟିତ ହୋଇଯାଇଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବୃନ୍ଦାବନ ସାମଲ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ନେତା କର୍ଣ୍ଣଚନ୍ଦ୍ର ଘଡ଼ାଇ, ମକରଧ୍ୱଜ ସାହୁ, ନାଟ୍ୟକାର ଅଭୟ କୁମାର ଶତପଥୀ, କରୁଣାକର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ଶିକ୍ଷାଶ୍ରମର ମୁଖ୍ୟ ସେବକ ଡ. ନୃସିଂହ ଚରଣ ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ୮ ଦିନ ବ୍ୟାପୀ ହେବାକୁ ଥିବା କାର୍ଯ୍ୟକ୍ରମ ସଂପର୍କରେ ବିସ୍ତୃତ ଆଲୋଚନା ସହିତ ନେତାଜୀଙ୍କ ଜୟନ୍ତୀ ପାଳନ ଅବସରରେ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବାପାଇଁ ଆହ୍ୱାନ ଦେଇଥିଲେ। ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ସୌଭାଗ୍ୟ କୁମାର ଜେନା, ସମସ୍ତ ଗୁରୁଜୀ/ଗୁରୁମାମାନେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାଇବାରେ ସହଯୋଗ ପାଇଁ ମତାମତ ଉପସ୍ଥାପନ କରିଥିଲେ। ଏହା ସହିତ ବୀର ସୁରେନ୍ଦ୍ର ସାଏ ଜୟନ୍ତୀ, ସରସ୍ୱତୀ ପୂଜା, ନୂତନ ବର୍ଷ ପାଇଁ ନାମଲେଖା ଓ ଖଡ଼ିଛୁଆଁ ଉତ୍ସବ ପାଳିତ ହୋଇଯାଇଛି। ୨୫ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ନାମ ଲେଖାଇଥିଲେ। ଆସନ୍ତା ବୁଧବାର ଜିଲ୍ଲାସ୍ତରୀୟ ଶିଶୁ ପ୍ରତିଭା ଚୟନ ପ୍ରତିଯୋଗିତା ଅନୁଷ୍ଠିତ ହେବ। ମିହିର କୁମାର ଜେନା ଧନ୍ୟବାଦ ଅର୍ପଣକରିଥିଲେ।

# ପ୍ରେସ୍ କ୍ଲବ ପୂର୍ବତନ ସଭାପତିଙ୍କ ସ୍ମୃତିଚାରଣ



ଧର୍ମଶାଳା,୨୩।୧(ସମିସ)

ଧର୍ମଶାଳା ପ୍ରେସ କ୍ଲବର ଦିବଂଗତ ସଭାପତି ତଥା ସ୍ୱାଧୀନତା ସଂଗ୍ରାମୀ ନରହରି ମହାନ୍ତିଙ୍କ ୧୭ତମ ଶ୍ରାଦ୍ଧ ବାର୍ଷିକୀ ଉତ୍ସବ ଜାରକାସ୍ଥିତ ପ୍ରେସ କ୍ଲବ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରେସ୍ କ୍ଲବର ସଭାପତି ପୂର୍ଣ୍ଣଚନ୍ଦ୍ର ଶତପଥୀଙ୍କ ସଭାପତିତ୍ୱରେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟଅତିଥି ଭାବେ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ ଯୋଗଦେଇ ଦିବଂଗତ ସଭାପତିଙ୍କ ମହାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇବା ସହ ସ୍ୱର୍ଗତ ନରହରି ମହାନ୍ତି ଜଣେ ନିର୍ଭିକ ଓ ସଚ୍ଚୋଟ ବ୍ୟକ୍ତିତ୍ୱ ଥିଲେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ମହେଶ୍ୱର ବଳ ଓ ଶିକ୍ଷାବିତ ଯୋଗେନ୍ଦ୍ର ପଣ୍ଡା ଯୋଗଦେଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ବିଶ୍ୱନାଥ ପଣ୍ଡାଙ୍କୁ ନରହରି ମହାନ୍ତି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ପ୍ରେସ୍ କ୍ଲବର ବରିଷ୍ଠ ଉପଦେଷ୍ଟା ରମାକାନ୍ତ ଜେନା, ବଟକୃଷ୍ଣ ପରିଡ଼ା ଓ ବରିଷ୍ଠ ସଭ୍ୟ କପିଳେନ୍ଦ୍ର ରାଉତ ଅତିଥିମାନଙ୍କୁ ଉପଢୌକନ ପ୍ରଦାନ କରି ସମ୍ମାନିତ କରିଥିଲେ। ପ୍ରେସ କ୍ଲବର ସାଧାରଣ ସମ୍ପାଦକ ଅବିନେଶ୍ୱର ଶତପଥୀ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରେସ କ୍ଲବର କାର୍ଯ୍ୟକରୀ ସଭାପତି ଅଖିଳ କୁମାର ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ବିଜେପି ନେତା କାହ୍ନୁଚରଣ ଦାଶ, କଂଗ୍ରେସ ନେତା କିଷାନ ପଣ୍ଡା, ଶିକ୍ଷାବିତ ରମେଶ ସିଂ, ମନୋରଞ୍ଜନ ମହାନ୍ତି, ପ୍ରିୟନାଥ ମହାପାତ୍ର, କୈଳାସ ନାୟକ, ସଂଗ୍ରାମ ଜେନା,ସନ୍ତୋଷ ଜେନା,ଯୁଧିଷ୍ଠିର ସ୍ୱାଇଁ, ବେଣୁଧର ନାୟକ, କବି ଡ. ରାଜକିଶୋର ପାଢୀ, ଡ. ଗୌତମ ଜେନା, ଡ. ପ୍ରଶାନ୍ତ କୁମାର ସ୍ୱାଇଁ, ବିଜୟ ଦ୍ୱିବେଦୀ, ଅଜାମ୍ବର ସାହୁ, ସୁନାକର ସାହୁ, ରାଧେଶ୍ୟାମ ସାହୁ, ତପନ ମିଶ୍ର, ବସନ୍ତ ପରିଡା, ମାନସ ରଞ୍ଜନ କର, ମହେଶ୍ୱର ପଣ୍ଡା, ବିଭୁତି ଭୂଷଣ ପାଳ,ଦୁର୍ଗାପ୍ରସନ୍ନ ଦାଶ, ପ୍ରଶାନ୍ତ ପୃଷ୍ଟି, ରବୀନ୍ଦ୍ର ମହାନ୍ତି, ପବିତ୍ର ବିଶ୍ୱାଳ, ଚିତ୍ତରଞ୍ଜନ ମହାନ୍ତି, ଇନ୍ଦୁପ୍ରଭା ସାମଲ, ସୁଦାମ ବେହେରା ପ୍ରମୁଖ ଶତାଧିକ ବୁଦ୍ଧିଜୀବୀ, କବି ଓ ସାମ୍ବାଦିକ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନାରେ ପ୍ରେସ୍ କ୍ଲବର ସଦସ୍ୟମାନେ ସହାୟତା କରିଥିଲେ। ଉପସଭାପତି ମାନସ ରଞ୍ଜନ ଜେନା ଧନ୍ୟବାଦ ଅର୍ପଣ କରିଥିଲେ।

# ଭେଟେରାନ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



ମଙ୍ଗଳପୁର,୨୩।୧(ସମିସ): ଥାଲକୁଡ଼ି ପଞ୍ଚାୟତ ଧନୀପୁର ଲକ୍ଷ୍ମୀ ପଡ଼ିଆରେ ୧୧ତମ ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦଘାଟନ ମ୍ୟାଚରେ ମୁଖ୍ୟଅତିଥି ଭାବେ ଦୁବକଣ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଗଙ୍ଗାଧର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରବୀନ୍ଦ୍ର ନାୟକ ଓ ରବିନାରାୟଣ ରାୟ ଯୋଗ ଦେଇଥିଲେ। ଆଜିର ମ୍ୟାଚ୍ ବିମଳ ରାୟ ଏକାଦଶ ଓ ଜିତେନ୍ଦ୍ର ରାୟ ଏକାଦଶ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ଜିତେନ୍ଦ୍ର ଏକାଦଶ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୫ ଓଭରରେ ୯ ୱିକେଟ ହରାଇ ୧୭୬ରନ ସଂଗ୍ରହ କରିଥିବା ବେଳେ ଜବାବରେ ବିମଳ ରାୟ ଏକାଦଶ ୪ ୱିକେଟ ବିନିମୟରେ ୨୪.୫ ଓଭରରେ ୧୭୭ରନ ସଂଗ୍ରହ କରି ବିଜୟଲାଭ କରିଥିଲେ। ଏହି ଭେଟେରାନ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ବାଉତରା ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବିମଳ ରାୟ, ଦଶରଥପୁର ବ୍ଲକ ଅତିରିକ୍ତ ମଣ୍ଡଳ ଶିକ୍ଷା ଅଧିକାରୀ ନୃସିଂହ ଚରଣ ମହାନ୍ତି, ଶୁଶୁଆ ପଞ୍ଚାୟତ ପୂର୍ବତନ ସରପଞ୍ଚ ଜିତେନ୍ଦ୍ର ରାୟ, ଦଶରଥପୁର ବ୍ଲକ ଅଧକ୍ଷ ଦିଗମ୍ବର ମଲ୍ଲିକ, ମହାନ୍ତିପାଟଣା ସରକାରୀ ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ବିଜୟ ମଲ୍ଲିକ, ତ୍ରୈଲୋକ୍ୟ ମୋହିନୀର ମୁଖ୍ୟ ପରିଚାଳକ ସନ୍ଦୀପ ରାୟ, ପ୍ରିୟବ୍ରତ ବିଶ୍ୱାଳ, ସୁନିଲ ନାୟକ, ଦେଓପଡ଼ା ସରକାରୀ ପ୍ରାଥମିକ ବିଦ୍ୟାଳୟ ସହକାରୀ ଶିକ୍ଷକ ବାଇଧର ମଲ୍ଲିକ ପ୍ରମୁଖ ଖେଳାଳି ଖେଳୁଥିବା ବେଳେ ଟୁର୍ଣ୍ଣାମେଣ୍ଟଟି ଡିୟୁଜ ବଲରେ ଖେଳ ଅନୁଷ୍ଠିତ ହେଉଛି। ଲଳିତ ରାୟ ଓ ମନୋରଞ୍ଜନ ବାଇ ଖେଳ ପରିଚାଳନା କରୁଥିବା ବେଳେ ସହିଦ ଆଫ୍ରୋଦ ଅଲି ଭାଷ୍ୟକାର ଦାୟିତ୍ୱ ତୁଲାଇଥିଲେ।

## ଗଞ୍ଜେଇ ଜବତ; ୫ ଅଟକ

**ପାଣିକୋଇଲି, ୨୩।୧(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ଚମାରଗଡ଼ିଆ ଆଡିରେ ଆଦିବାସୀ ମଗାନ ରହୁଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣେ ବୃଦ୍ଧାଙ୍କର ମୃତ୍ୟୁ ହୋଇଥିଲା। ତାଙ୍କୁ ଖେଜୁରିଆ ପୋଖରୀ ଆଡ଼ି ଶ୍ମଶାନରେ ସତ୍କାର କରିବାକୁ ନେବା ବେଳେ ଏକ ଗଞ୍ଜେଇ ବସ୍ତା ମିଳିଥିଲା। ସେମାନେ ଗଞ୍ଜେଇକୁ ନେଇ ଲୋକମାନଙ୍କ ମଧ୍ୟରେ ବିକ୍ରି କରିଥିଲେ। ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇ ଖବର ଥାନାରେ ପହଞ୍ଚିଥିଲା। ପାଣିକୋଇଲି ପୁଲିସ ତଦନ୍ତ କରି ୫ ଜଣଙ୍କୁ ଅଟକ ରଖି ତଦନ୍ତ ଜାରି ରଖିଛି। ଗଞ୍ଜେଇ କେଉଁଠୁ ଆସିଲା ଓ ଏହା କିଏ ସେପାର କରୁଛି ତାହା ନେଇ ପୁଲିସ ତଦନ୍ତ ଜାରି ରଖିଛି।

### ବିଜ୍ଞାନ ଶିକ୍ଷକଙ୍କ ବଦଳିକୁ ନେଇ ତେଜିଲା ଅସନ୍ତୋଷ


# ବଦଳି ବାତିଲ ନ ହେଲେ ଆନ୍ଦୋଳନ ପାଇଁ ଚେତାବନୀ

**ମଙ୍ଗଳପୁର/କର୍ଯ୍ୟାଁଗୋଲା, ୨୩।୧(ସମିସ)**



ଦଶରଥପୁର ବ୍ଲକ କର୍ଯ୍ୟାଁ ପଞ୍ଚାୟତ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୨୪୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି। ବାର୍ଷିକ ପରୀକ୍ଷା ଆଉ ମାତ୍ର ମାସେ ୨ ମାସ ଥିବା ବେଳେ ଅଚାନକ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ସୁରେନ୍ଦ୍ର କୁମାର ପଣ୍ଡାଙ୍କୁ ବଦଳି କରାଯାଇ ଥିବାରୁ ବଦଳିକୁ ନେଇ ବିଦ୍ୟାଳୟ ପରିଚାଳନା କମିଟିର ସଭାପତିଙ୍କ ସମେତ ସମସ୍ତ ସଦସ୍ୟସଦସ୍ୟା ଅସନ୍ତୋଷ ପ୍ରକାଶ କରିଛନ୍ତି। ସେହିପରି ବିଦ୍ୟାଳୟର ଏକମାତ୍ର ବିଜ୍ଞାନ ଶିକ୍ଷକଙ୍କୁ ବାର୍ଷିକ ପରୀକ୍ଷାରେ ଅଳ୍ପ ଦିନ ଆଗରୁ ଏମିତି ଅଚାନକ ଭାବେ ବଦଳି କରାଯାଇ ଥିବାରୁ ଅଭିଭାବକ ମହଲରେ ତିବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସୁରେନ୍ଦ୍ର ପଣ୍ଡାଙ୍କୁ ଧରମପୁର ପ୍ରାଥମିକ ବିଦ୍ୟାଳୟକୁ ବଦଳି କରାଯାଇ ଥିବା ବେଳେ ଧରମପୁର ପ୍ରାଥମିକ ବିଦ୍ୟାଳୟର ଅନ୍ୟ ଜଣେ ସହକାରୀ ଶିକ୍ଷକ ଖଗେଶ୍ୱର ସାହୁ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟକୁ ପୂର୍ବରୁ ଡେପୁଟେସନରେ ଆସି ବର୍ତ୍ତମାନ ଦୁବକଣ ନୋଡାଲ ଉପ୍ରା ବିଦ୍ୟାଳୟରେ କାର୍ଯ୍ୟରତ ଅଛନ୍ତି। ଧରମପୁର ବିଦ୍ୟାଳୟର ଶିକ୍ଷକଙ୍କୁ ଦୁବକଣ ନୋଡାଲକୁ ଡେପୁଟେସନ କରିବା ଆଉ ଦୁବକଣ ନୋଡାଲ ସ୍କୁଲର ଶିକ୍ଷକଙ୍କୁ ଧରମପୁରକୁ ବଦଳି କରିବା ଘଟଣାକୁ ନେଇ ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ୨୪ ତାରିଖ ଶନିବାର ବିଦ୍ୟାଳୟ ସମ୍ମୁଖରେ ଆନ୍ଦୋଳନ କରାଯିବ ବୋଲି ଗ୍ରାମବାସୀଙ୍କ ପକ୍ଷରୁ ଚେତାବନୀ ଦିଆଯାଇଛି। ତୁରନ୍ତ ବଦଳି ବାତିଲ କରିବା ପାଇଁ ଗ୍ରାମବାସୀ, ଅଭିଭାବକ ଓ ବିଦ୍ୟାଳୟ ପରିଚାଳନା କମିଟି ପକ୍ଷରୁ ମଣ୍ଡଳ ଶିକ୍ଷାଧିକାରୀଙ୍କ ନିକଟରେ ଦାବି ହୋଇଛି।

## ପୂଜା ପାଇଲେ ମା' ସରସ୍ୱତୀ



**ଯାଜପୁର, ୨୩।୧(ସମିସ):** ବିଦ୍ୟାଳୟ, ମହାବିଦ୍ୟାଳୟରେ ଛାତ୍ରଛାତ୍ରୀ ମା' ସରସ୍ୱତୀଙ୍କ ପୂଜା କରିଛନ୍ତି। ଯାଜପୁର ସହରର ବିଭିନ୍ନ ସ୍ଥାନରେ ମା' ହଂସବାହିନୀଙ୍କ ପୂଜା କରାଯାଉଥିବାର ଦେଖାଯାଉଛି। ମହାବୀର ଛକ, ବୈଦ୍ୟରାଜପୁର, ସନ୍ତେଶ୍ୱରପୁର, ଶୀତଳସାହି, ଭଗବାନଗଞ୍ଜ, ବଡ଼ବଜାର, ସାନ ବଜାର, ବଡ଼ ଶାସନ, ଗଣପତିପୁର, ଯାଗେଶ୍ୱରପୁର ସମେତ ବିଭିନ୍ନ ସ୍ଥାନରେ ମା'ଙ୍କର ଆରାଧନା ହୋଇଥିଲା। ପୂଜା ମଣ୍ଡପ ବିଭିନ୍ନ ଫୁଲ ଓ ରଙ୍ଗୀନ ଆଲୋକମାଳରେ ଝଲସୁଥିବାର ଦେଖାଯାଇଛି। କିଛି ପୂଜା ମଣ୍ଡପରେ ସନ୍ଧ୍ୟା ସମୟରେ ଭଜନ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। କିଛି ସ୍ଥାନରେ କୁନି କୁନି ପିଲାମାନେ ପାଠ ଆରମ୍ଭ କରିବା ପୂର୍ବରୁ ଖଡ଼ି ଛୁଆଁ ହୋଇଥିଲା। ବିଦ୍ୟାର୍ଥୀମାନେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କୁ ପୂଜା କରି ବେଶ ଖୁସି ଓ ଉତ୍ସାହ ଥିବାର ଦେଖାଯାଇଛି।

## ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ




**ବ୍ୟାସନଗର, ୨୩।୧(ସମିସ):** ମହାନ ସ୍ୱାଧୀନତା ସଂଗ୍ରାମୀ ଦେଶପ୍ରେମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସଏଙ୍କ ଜୟନ୍ତୀ ନେତାଜୀ ସ୍ମୃତିସଂସଦ ବ୍ୟାସନଗର ତରଫରୁ ସଂସଦର ସଭାପତି ବିଶିଷ୍ଟ ଶ୍ରମିକ ନେତା ପ୍ରଫୁଲ୍ଲ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ନେତାଜୀ ଓ ଯୁବଶକ୍ତି ଶୀର୍ଷକ ଆଲୋଚନାସଭାକୁ ଅତିଥିମାନେ ଉଦଘାଟନ କରିଥିଲେ। ସଭାରେ ଶିକ୍ଷକ ନେତା ଦୁଷ୍ମନ୍ତ କୁମାର ନାୟକ, ଜିଲ୍ଲା ଟ୍ୟାକ୍ସ ବାର୍ ଆସୋସେସନର ସଭାପତି ବିବେକାନନ୍ଦ ମହାନ୍ତି, ବ୍ୟାସନଗର କଲେଜର ପୂର୍ବତନ ଅଧ୍ୟକ୍ଷ ଡ. କୁଶଚନ୍ଦ୍ର ପ୍ରଧାନ, ବ୍ୟାସନଗରର ପୂର୍ବତନ ଅଧ୍ୟକ୍ଷା ସବିତା ରାଉତ, ଆମ୍ବେଦକର ସ୍ମୃତି ସଂସଦର ସଭାପତି ବାବୁଲାଲ ଗୁରୁ, ସମାଜସେବୀ ନିରଞ୍ଜନ ଘଡ଼ାଇ, ଉଦୟବଟର ସମ୍ପାଦକ ଦୁଷ୍ମନ୍ତ ରାଉତ, ନେତାଜୀ ସ୍ମୃତି ସଂସଦର ଯୁଗ୍ମ ସମ୍ପାଦକ ପରମାନନ୍ଦ ସେଠୀ, ତ୍ରିଲୋଚନ ରାଉତ ପ୍ରମୁଖ ଆଲୋଚନାରେ ଭାଗନେଇଥିଲେ। ରଶ୍ମିରେଖା ନାୟକ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଫନି କିସ୍କୁ, ପ୍ରଣବ ଜୀ, ସନ୍ତୋଷ ବରାଳ, ଲିଟା ଲାଗୁରୀ, ମନ୍ମଥ କୁମାର ରାୟ ପ୍ରମୁଖ କାର୍ଯ୍ୟକ୍ରମରେ ସକ୍ରିୟ ସହଯୋଗ କରିଥିଲେ। ସଂସଦ ତରଫରୁ ଏ ବର୍ଷ ନୂତନ ଭାବେ ୧୦ଜଣ ଶ୍ରମିକ ସମୀର ମୁଖୀ, ମାଳତୀ ହାଁସଦା, ଜୟରାମ ମୁର୍ମୁ, ଗୋବିନ୍ଦ ନାୟକ, କୁନି ପୂର୍ତ୍ତୀ, ଜସ୍ମିତା ବିନ୍ଧାଣି, ସୁରିଆ ହେମ୍ବ୍ରମ, ଗୁରୁବାରୀ ଲାଗୁରୀ ପ୍ରମୁଖ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ସଭାପତି ପ୍ରଫୁଲ୍ଲ ନାୟକ ନେତାଜୀଙ୍କ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ପ୍ରସ୍ତାବ ଦେଇଥିଲେ।

# ନେତାଜୀ ଜୟନ୍ତୀରେ ଶ୍ରଦ୍ଧା ସୁମନ ଅର୍ପଣ



**ପ୍ରୀତିପୁର, ୨୩।୧(ସମିସ):** ବିଞ୍ଝାରପୁର ବ୍ଲକର ପ୍ରୀତିପୁର ପଞ୍ଚାୟତ ତଥା ଗ୍ରାମରେ ଅବସ୍ଥିତ ନେତାଜୀ ଯୁଥକ୍ଲବର ୩୧ତମ ବାର୍ଷିକ ଉତ୍ସବ ସହିତ ନେତାଜୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ନେତାଜୀ କ୍ଲବର ସଭାପତି ଅକ୍ଷୟକୁମାର ରଣାଙ୍କ ସଭାପତିତ୍ୱରେ ଓ ପ୍ରହଲାଦ ଯେନାଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାବେଶରେ ମୁଖ୍ୟଅତିଥି ଭାବରେ ବିଧାୟିକା ପ୍ରମିଳା ମଲ୍ଲିକ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବରେ ଶିକ୍ଷାବିତ୍ ରବିନାରାୟଣ ସାମଲ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ, ସ୍ଥାନୀୟ ସରପଞ୍ଚ ଭାଗୀରଥି ଦାସ, ଶିକ୍ଷାବିତ୍ ରତନଲାଲ ଭୂୟାଁ, ଡା.ଅଞ୍ଜନା ଦତ୍ତ, ସାମ୍ବାଦିକ କୈଳାସ ଚନ୍ଦ୍ର ଯେନା, ସୁଧୀର କୁମାର ଭୂୟାଁ, ନିରଞ୍ଜନ ସାହୁ, ଅଭିମନ୍ୟୁ ମହାପାତ୍ର, ଯୁଗଳ କିଶୋର ସାହୁ, ପର୍ଶୁରାମ ସାମଲ, ମଳୟ କୁମାର ନାୟକ, ବିନୋଦ ବିହାରୀ ଦାସ, ଶିବପ୍ରସାଦ ରଣା ପ୍ରମୁଖ ଯୋଗଦେଇଥିଲେ। କ୍ଲବର ସମ୍ପାଦକ ରମେଶ କୁମାର ବାରିକ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ। ଶ୍ରୀଧର ମହାଳିକ ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ସ୍ଥାନୀୟ ପ୍ରୀତିପୁର ଠାରେ ଥିବା ରିଜିଓନାଲ ଇଂଲିସ ମିଡିୟମ ସ୍କୁଲ, ନଥପୁରରେ ଥିବା ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଲୁଣିଡିହ ପ୍ରକଳ୍ପ ପ୍ରାଥମିକ ବିଦ୍ୟାୟୟ, କରୁଣାକର ନୋଡାଲ ଉଚ୍ଚ ବିଦ୍ୟାଳୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ବିତନା, ସତ୍ୟଭାମା ଗଣେଶ ଚନ୍ଦ୍ର ଉଚ୍ଚବିଦ୍ୟାଳୟ, କପିଳା, ଗିରାଧାରି ଜୀଉ ପ୍ରାଥମିକ ବିଦ୍ୟାଳୟରେ ନେତାଜୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ରତିଲାଲବ ଭୂୟାଁ, କୁମୁଦିନୀ ଜେନା, ରମାଲାଲ ଭୂୟାଁ, ଜଗନ୍ନାଥ ବେହେରା, ସୌଦାମିନୀ ଜେନା, ନନ୍ଦିନୀ ଆଚାର୍ଯ୍ୟ, ରତନଲାଲ ଭୂୟାଁ ପ୍ରମୁଖ ବିଦ୍ୟାଳୟ ଗୁଡିକର ମୁଖ୍ୟ ଭାବରେ ନେତାଜୀ ଜୟନ୍ତୀ ସଞ୍ଚାଳନ କରିଥିଲେ।

## ପୁରପଲ୍ଲୀରେ ସରସ୍ୱତୀ ପୂଜା

**ପାଣିକୋଇଲି, ୨୩।୧(ସମିସ):** ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ପୁରପଲ୍ଲୀରେ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଛି। ସମସ୍ତ ଶିକ୍ଷାନୁଷ୍ଠାନ, କେତକ ସରକାରୀ ଏବଂ ବେସରକାରୀ କାର୍ଯ୍ୟାଳୟ, ପୂଜା କମିଟି ଓ କ୍ଲବ ଘରେ ପୂଜାଚର୍ଚ୍ଚା ହୋଇଛି। ଛାତ୍ରଛାତ୍ରୀ ସେମାନଙ୍କ ଅନୁଷ୍ଠାନରେ ପୂଜାର୍ଚ୍ଚନା କରିଛନ୍ତି। ପାଣିକୋଇଲି ସରସ୍ୱତୀ ବଜାର କମିଟି ପକ୍ଷରୁ ସମବାୟ ସମିତି ପରିସରରେ ମଧ୍ୟ ପୂଜା ଆୟୋଜନ କରାଯାଇଛି। ସରସ୍ୱତୀ ପୂଜା ଚଳିତ ବର୍ଷ ଆହୁରି ଉତ୍ସବ ମୁଖର ହୋଇଛି ପୂଜା ମଣ୍ଡପ। ମା' ତାରିଣୀ ମହାବିଦ୍ୟାଳୟ, ମା' ତାରିଣୀ ବାଳିକା ଉଚ୍ଚ ବିଦ୍ୟାଳୟ, ପାଣିକୋଇଲି ସରକାରୀ ଉଚ୍ଚ ବିଦ୍ୟାଳୟ, ଓଟିନ୍ଦା ସରକାରୀ ପ୍ରାଥମିକ ବିଦ୍ୟାଳୟ, ବିବେକାନନ୍ଦ ଇଂଲିସ ମିଡିୟମ ସ୍କୁଲ, ନେମ୍ ଏଣ୍ଡ ଫେମ ପବ୍ଲିକ ସ୍କୁଲ, ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲ, ବିଦ୍ୟା ଗ୍ରୁପ ଅଫ ସ୍କୁଲ ଏଣ୍ଡ କଲେଜ, ସିଟ କମ୍ପ୍ୟୁଟର, ପାଣିକୋଇଲି, ମୂଳାପାଳ ଓ ଅମୃତିଆ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମହାଆଡମ୍ବରରେ ସରସ୍ୱତୀ ପୂଜା ପାଳିତ ହୋଇଛି। ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଆଲୋକମାଳରେ ସୁସଜ୍ଜିତ ତୋରଣ ଦର୍ଶକଙ୍କୁ ଆକର୍ଷିତ କରିଛି।

## ପାଲା ଗୁରୁକୁଳର ବାର୍ଷିକ ଉତ୍ସବ



**କର୍ଯ୍ୟାଁଗୋଲା, ୨୩।୧(ସମିସ):** ଦଶରଥପୁର ବ୍ଲକ କର୍ଯ୍ୟାଁ ପଞ୍ଚାୟତ ମଲ୍ଲିପୁର ଠାରେ ଗାୟକ ସୌରଭ ଭାଗୀରଥି ପଣ୍ଡା ମେମୋରିଆଲ ପାଲା ଗୁରୁକୁଳର ବାର୍ଷିକ ଉତ୍ସବ ଆଜି ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ ବୈକୁଣ୍ଠନାଥ ପରିଡ଼ାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟଅତିଥି ଭାବେ ଯୁବନେତା ପ୍ରିୟବ୍ରତ ବିଶ୍ୱାଳ, ମୁଖ୍ୟବକ୍ତା ଭାବେ ସାଧୁଗୌରେଶ୍ୱର ମହାବିଦ୍ୟାଳୟର ସଂସ୍କୃତି ବିଭାଗ ମୁଖ୍ୟ ଡ. ସ୍ମିତାରାଣୀ ଭଞ୍ଜ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁଶାନ୍ତ କୁମାର ବେହୁରିଆ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସମ୍ପାଦକ ପ୍ରତାପ କୁମାର ପଣ୍ଡା ବାର୍ଷିକ ବିବରଣୀ ପାଠ କରିଥିବା ବେଳେ। ସହସମ୍ପାଦକ ମନୋଜ ରାୟ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଅତିଥିମାନେ ଗାୟକ ସୌରଭ ଭାଗୀରଥି ପଣ୍ଡାଙ୍କର ପାଲା ସଂସ୍କୃତି ପ୍ରତି ଥିବା ଅବଦାନ ସମ୍ପର୍କରେ ବକ୍ତବ୍ୟ ରଖିଥିଲ। ଏହି ଅବସରରେ ଯୁବନେତା ପ୍ରିୟବ୍ରତ ବିଶ୍ୱାଳଙ୍କୁ ବିଶିଷ୍ଟ ସମାଜସେବୀ ଭାବେ ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ସିଦ୍ଧନାରାୟଣ ପୀଠରେ ଅଷ୍ଟପ୍ରହରୀ ନାମଯଜ୍ଞ

**ଧର୍ମଶାଳା, ୨୩।୧(ସମିସ):** ଧର୍ମଶାଳା ବ୍ଲକ କ୍ଷେତ୍ରପାଳ ଗ୍ରାମସ୍ଥିତ ସିଦ୍ଧ ନାରାୟଣ ପୀଠରେ ତିନି ଦିନ ବ୍ୟାପୀ ଅଷ୍ଟପ୍ରହରୀ ନାମଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ନାମଯଜ୍ଞ ଚଳିତ ମାସ ୨୧ରୁ ଆରମ୍ଭ ହୋଇ ୨୩ ତାରିଖ ପର୍ଯ୍ୟନ୍ତ ଚାଲିଥିଲା ବେଳେ ଆଖ ପାଖ ଅଞ୍ଚଳରୁ ୧୩ ଗୋଟି ସଂକୀର୍ତ୍ତନ ମଣ୍ଡଳୀ ସହ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥିଲା। ଏହି ନାମ ସଂକୀର୍ତ୍ତନ ଉତ୍ସବରେ ସମାଜସେବୀ ମିନତି ସାହୁ, ବ୍ଲକ ଅଧ୍ୟକ୍ଷା ସୁଚିସ୍ମିତା ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ପ୍ରଭାତ ବଳବନ୍ତରାୟ, ସମାଜସେବୀ ରାକେଶ ନାୟକ, କ୍ଷେତ୍ରପାଳ ସରପଞ୍ଚ ଫକୀର ନାରାୟଣ ମିଶ୍ର ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ପହଞ୍ଚି ପ୍ରଭୁ କୃପା ଲାଭ କରିଥିଲେ। ଏହି ନାମଯଜ୍ଞରେ ନବଜ୍ୟୋତି ସଂକୀର୍ତ୍ତନନ ମଣ୍ଡଳୀର ସଦସ୍ୟ ଦୁଷ୍ମନ୍ତ କୁମାର ପଣ୍ଡା କର୍ତ୍ତା ଭାବେ କର୍ମ କରିଥିବା ବେଳେ ସମସ୍ତ ସଦସ୍ୟ କାର୍ଯ୍ୟକୁ ଶାନ୍ତି ଶୃଙ୍ଖଳାର ସହ ସମ୍ପାଦନ କରିଥିଲେ। ଏଥିଲାଗି ନବଜ୍ୟୋତି ସଂକୀର୍ତ୍ତନନ ମଣ୍ଡଳୀର ସଭାପତି ରବୀନ୍ଦ୍ର କୁମାର ସାହୁ, ସମ୍ପାଦକ ସରୋଜ କୁମାର ସାହୁ ସମସ୍ତ ଭଗବତ ପ୍ରେମୀମାନଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ଜୟ ଜଗନ୍ନାଥ ମହୋତ୍ସବ କଳସ ଯାତ୍ରା



**ଜେନାପୁର, ୨୩।୧(ସମିସ):** ଧର୍ମଶାଳା ବ୍ଲକ ମଧୁପୁରଗଡ଼ ପଞ୍ଚାୟତ ଭୁବନପୁର ଗ୍ରାମରେ ଅନୁଷ୍ଠିତ ହେଉଥିବା ଜୟ ଜଗନ୍ନାଥ ମହୋତ୍ସବର ଶୁକ୍ରବାର ସକାଳେ କଳସ ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ଏହି କଳସ ଶୋଭାଯାତ୍ରାରେ ଛଉ ନୃତ୍ୟ, ପାଇକ ଅଖଡା, ସଂକୀର୍ତ୍ତନ, ଯୋଡ଼ଶଙ୍ଖ, ବାଡ଼ିଖେଳ, ଢୋଲବାଦ୍ୟ ଆଦି ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ପାଇକ ଆଖଡ଼ା ଦଳର ଚମତ୍କାର ରଣ କୌଶଳ ପ୍ରଦର୍ଶନ ଏବଂ ଘୁମୁରାର ତାଳେ ତାଳେ ନୃତ୍ୟ ବେଶ ଆକର୍ଷଣୀୟ ହୋଇଥିଲା। ସେହିପରି ଢୋଲବାଦ୍ୟ ମଧ୍ୟରେ କଳସ ଶୋଭାଯାତ୍ରା ମହାପ୍ରଭୁ ଶ୍ରୀଶ୍ରୀ ରାଧାକୃଷ୍ଣ ମନ୍ଦିର ଯଜ୍ଞ ମଣ୍ଡପ ନିକଟରେ ପହଞ୍ଚିବା ପରେ ସ୍ଥାପନା କରାଯାଇଥିଲା। ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହେବା ସହ ମଞ୍ଚରେ ଶ୍ରୀଜଗନ୍ନାଥ ସଂସ୍କୃତି ଆଧାରିତ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଅଭିନେତା ରାକେଶ ଦେଓ ଆଜି ସନ୍ଧ୍ୟାରେ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରସିଦ୍ଧ ପାଲାଗାୟକ ଗଗନ କୁମାର ମହାପାତ୍ରଙ୍କ ତରଫରୁ ପାଲା ପରିବେଷଣ ହୋଇଥିଲା। ରାତିରେ ଗୀତିନାଟ୍ୟ ସୁଭଦ୍ରା ହରଣ ଏବଂ ଘୋଡ଼ାନାଚ ପରିବେଷଣ କରାଯାଇଥିଲା। ଶନିବାର ସନ୍ଧ୍ୟାରେ ସୁବାସ ଦାସ ଭଜନ ସନ୍ଧ୍ୟା ଅନୁଷ୍ଠିତ ହେବ।

# ମାଧବାନନ୍ଦ ପାଠାଗାର ଲୋକାର୍ପିତ



**ଯାଜପୁର, ୨୩।୧(ସମିସ):** ଯାଜପୁର ବ୍ଲକ ଭୁବନେଶ୍ୱରପୁର ପଞ୍ଚାୟତ ଭଗତପୁର ଗ୍ରାମରେ ମାଧବାନନ୍ଦ ପାଠାଗାର ଉଦ୍‌ଘାଟିତ ହୋଇଛି। ବିଶିଷ୍ଟ ଗାନ୍ଧୀବାଦୀ ନେତ୍ରୀ ତଥା ଉତ୍କଳ ଗାନ୍ଧୀ ସ୍ମାରକ ନିଧିର ଅଧ୍ୟକ୍ଷା କୃଷ୍ଣା ମହାନ୍ତିଙ୍କ ଦ୍ୱାରା ଏହା ଲୋକାର୍ପିତ ହୋଇଛି। ପାଠାଗାରର ସଭାପତି ସନ୍ତୋଷ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବରିଷ୍ଠ ସାମ୍ବାଦିକ ସତ୍ୟ ପ୍ରକାଶ ନାୟକ, କେନ୍ଦ୍ରୀୟ ଗାନ୍ଧୀ ସ୍ମାରକ ନିଧିର ଟ୍ରଷ୍ଟି ଡ. ବିଶ୍ୱଜିତ ରାୟ ଓ ସାପ୍ତାହିକ 'ସାମ୍ୟବାଦୀ'ର ସମ୍ପାଦକ ବସନ୍ତ ମାଝୀ, ଶିକ୍ଷାବିତ୍ ସୁରେନ୍ଦ୍ର ରାୟ ଓ ଡ. ବିମଳ ଷଡ଼ଙ୍ଗୀ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଛାତ୍ରଛାତ୍ରୀ ଏହାର ସୁଯୋଗ ନେଇ ନିଜ ଜ୍ଞାନର ବିକାଶ ଘଟାଇବାକୁ ଆହ୍ୱାନ ଜଣାଇଥିଲେ। ଏହି ଅବସରରେ ବରିଷ୍ଠ ସାମ୍ବାଦିକ ଆନନ୍ଦ ଚନ୍ଦ୍ର ସାହୁ, ବରିଷ୍ଠ ନାଗରିକ ତଥା ସମାଜସେବୀ ଲଳିତ ମୋହନ ରାୟ, ପୂର୍ବତନ ସମିତି ସଦସ୍ୟା ସ୍ନେହଲତା ବସନ୍ତରାୟ ଓ ନିଳିମା ଓଝାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅନ୍ୟ ମାନଙ୍କ ମଧ୍ୟରେ ସୁନିତା ଜେନା, ସୁଶ୍ରୀ ଅମ୍ରିତା ସାହୁ, ସୃଜନ ସନ୍ଦୀପନ ସାହୁ, ସ୍ମୃତି ରଞ୍ଜନ ଦଳେଇ ଓ ସୌଭାଗ୍ୟ ରଞ୍ଜନ ସାହାଣୀଙ୍କୁ ମାଧବାନନ୍ଦ ମେଧା ପୁରସ୍କାର ଏବଂ ଜ୍ୟୋତି ରଞ୍ଜନ ପଣ୍ଡାଙ୍କୁ ମାଧବାନନ୍ଦ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା। ପାଠାଗାରର ସମ୍ପାଦକ ରବି ନାରାୟଣ ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଗଣେଶ ପ୍ରସାଦ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୫ରୁ କରଦା ହରିହାଟ ମେଳା ଓ ୨୭ରୁ ମହୋତ୍ସବ

**ପାଣିକୋଇଲି, ୨୩।୧(ସମିସ):** ପବିତ୍ର ମାଘ ସପ୍ତମୀରୁ ଆରମ୍ଭ ହେବ କରଦା ହରିହାଟ ମେଳା। ୨୫ ତାରିଖରୁ ଫେବୃଆରୀ ୪ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ ମହୋତ୍ସବ। ଚଳିତ ବର୍ଷ ଏହାକୁ ସରସ ସୁନ୍ଦର କରିବା ପାଇଁ ମେଳା ଓ ମହୋତ୍ସବ କମିଟି ପକ୍ଷରୁ ଆହୂତ ଗଣମାଧ୍ୟମ ସମ୍ମିଳନୀରେ ସୂଚନା ଦିଆଯାଇଛି। ୨୫ ତାରିଖରୁ ନିର୍ବେଦ ଯଜ୍ଞ, ନାମଯଜ୍ଞ ଅନୁଷ୍ଠିତ ହେବ। ମେଳା ପାଇଁ ସାଧୁସନ୍ଥ ସମ୍ମିଳନୀ ସହ ବିଭିନ୍ନ ଷ୍ଟଲ, ଦୋଳି, ମୀନାବଜାର କରାଯିବ। ୨୭ ତାରିଖରୁ ଆରମ୍ଭ ମହୋତ୍ସବରେ ରାଜ୍ୟ ସଂସ୍କୃତି ବିଭାଗ ପକ୍ଷରୁ ବଛା ବଛା ନୃତ୍ୟଦଳ ନୃତ୍ୟ ପରିବେଷଣ କରିବେ। ପ୍ରତିଦିନ ସନ୍ଧ୍ୟାରେ ଓଡ଼ିଶାର କଳା, ଐତିହ, ସଂସ୍କୃତି ସମ୍ବନ୍ଧରେ ଆଲୋଚନା କରାଯିବ। ପଲିଶ୍ରୀ ମେଳା, ସରକାରୀ ଓ ବେସରକାରୀ ବିପଣୀ ବସିବ। ଓଡିଆ ଚଳଚିତ୍ର ଜଗତର ସିନେ ତାରକା, ସେଲିବ୍ରେଟି ଓ ଗାୟକ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ମେଳା ଓ ମହୋତ୍ସବକୁ ଅତ୍ୟାଧୁନିକ ଭାବେ କରାଯିବା ସହ ପାଣିକୋଇଲି ପୁଲିସ ପକ୍ଷରୁ ଶାନ୍ତି ଓ ଶୃଂଖଳା ନିମନ୍ତେ ବ୍ୟାପକ ବ୍ୟବସ୍ଥା କରାଯିବାକୁ ନିଷ୍ପତ୍ତି ନିଆଯାଇଛି। କରଦା ଗ୍ରାମ ପଞ୍ଚାୟତ, କୋରେଇ ପତ୍ରକାର ସଂଘ, ବିଭିନ୍ନ ସାମାଜିକ ସଂଗଠନ ପୂର୍ଣ୍ଣ ସହଯୋଗ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଛନ୍ତି।

## ସିଂଗଡ଼ାରେ ବାଦିପାଲା

**ପାଣିକୋଇଲି, ୨୩।୧(ସମିସ):** କୋରେଇ ବ୍ଲକ ଅନ୍ତର୍ଗତ ଗୋଳେଇପୁର ପଞ୍ଚାୟତର ଖାନ୍ଦରାପୁର (ସିଂଗଡ଼ା) ଗ୍ରାମରେ ସରସ୍ୱତୀ ପୂଜା ଉପଲକ୍ଷେ ବାଦିପାଲା ଅନୁଷ୍ଠିତ ହୋଇଛି। ସୁନାମଧନ୍ୟ ଗାୟକ ଯୁବ ସମ୍ରାଟ ନୃସିଂହ ହୋତା ଓ ଗାୟକ ସନା ଦାସଙ୍କ ମଧ୍ୟରେ ଏହା ଅନୁଷ୍ଠିତ ହେଉଛି। ଏହି ଅବସରରେ ଖାନ୍ଦରାପୁରରେ ପାଲା ମହାମଞ୍ଚ ସମ୍ମିଳନୀର ଆୟୋଜନ କରାଯାଇଛି। ମା'ସରସ୍ୱତୀ ପୂଜା କମିଟି ଓ ଗ୍ରାମାବସୀଙ୍କ ସହାୟତାରେ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଉଛି।

## ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଭୂମିପୂଜନ



**ଧର୍ମଶାଳା, ୨୩।୧(ସମିସ):** ଆରୁହା ଠାରେ ଧର୍ମଶାଳା ଟ୍ରକ୍ ମାଲିକ ସଂଘର ନୂତନ କାର୍ଯ୍ୟାଳୟ ଗୃହ ନିର୍ମାଣ ନିମନ୍ତେ ଭୂମିପୂଜା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ଧର୍ମଶାଳା ବିଧାୟକ ହିମାଂଶୁ ଶେଖର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ଆରୁହା ମଣ୍ଡଳ ବିଜେପି ସଭାପତି ଜିତେନ୍ଦ୍ର ରାଉତ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରକମାଲିକ ସଂଘର ସଭାପତି ସୂର୍ଯ୍ୟମଣି ବେହୁରିଆ, ସମ୍ପାଦକ ଦୁଷ୍ମନ୍ତ ବଳ, ସହ ସମ୍ପାଦକ ପ୍ରମୋଦ କୁମାର ନାୟକ, ଉପସଭାପତି ଶ୍ରୀନିବାଶ ଜେନା, କୋଷାଧ୍ୟକ୍ଷ ବିକ୍ରମ କୁମାର ବିଶ୍ୱାଳ, ଦିଲିପ ସାମଲ, ସଚିନ୍ଦ୍ର ପାତ୍ର ପ୍ରମୁଖ ସଂଘର ବହୁ କର୍ମକର୍ତ୍ତା ଉପସ୍ଥିତ ରହିଥିଲେ।

# ପଥରପଦା ନେତାଜୀ କ୍ଲବ୍‌ର ବାର୍ଷିକୋତ୍ସବ

**ପାଣିକୋଇଲ, ୨୩।୧(ସମିସ)**



ପଥରପଦା ନେତାଜୀ ଯୁବକ ସଙ୍ଘ ଆନୁକୂଲ୍ୟରେ ଦ୍ୱିଦିବସୀୟ ୩୦ତମ ନେତାଜୀ ଜୟନ୍ତୀ ଓ ବାର୍ଷିକ ଉତ୍ସବ ଆଜି ଉଦ୍‌ଘାଟିତ ହୋଇଯାଇଛି। ପାଣିକୋଇଲି ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତିଙ୍କ ଦ୍ୱାରା ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରାଯିବା ସହ ପତାକା ଉତ୍ତୋଳନ କରାଯାଇ ନେତାଜୀ ଜ୍ୟୋତିରେ ଅଗ୍ନି ସଂଯୋଗ କରାଯାଇଥିଲା। ଏହି ଅବସରରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ନେତାଜୀ ଜ୍ୟୋତି ପାଣିକୋଇଲି ବଜାର ପରିକ୍ରମା କରିଥିଲା। ଏହି କାର୍ଯ୍ୟକ୍ରମରେ ସହସ୍ରାଧିକ ଛାତ୍ର/ ଛାତ୍ରୀ ଭାଗ ନେଇଥିଲେ। ପାଣିକୋଇଲି ସରସ୍ୱତୀ ଶିଶୁ ମନ୍ଦିର, ଜବାହର ନବୋଦୟ ବିଦ୍ୟାଳୟ, ପଥରପଦା ପ୍ରାଥମିକ ବିଦ୍ୟାଳୟ, ପାଣିକୋଇଲି ସରକାରୀ ହାଇସ୍କୁଲ, ମା' ତାରିଣୀ ଗାର୍ଲ୍ସ ହାଇସ୍କୁଲ ଛାତ୍ରଛାତ୍ରୀ ସହସ୍ରାଧିକ ସଂଖ୍ୟାରେ ଯୋଗଦେଇଥିଲେ। ମା' ତାରିଣୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଚନ୍ଦ୍ରକାନ୍ତ ମହାନ୍ତି, ଅଧ୍ୟାପକ ଡ. ପ୍ରତାପ ଚନ୍ଦ୍ର ତ୍ରିପାଠୀ, ଅଧ୍ୟାପକ ମଦନ ମୋହନ ପାତ୍ର ପ୍ରମୁଖ ବିଚାରକ ଭାବେ ଯୋଗଦେଇଥିଲେ। ସବ ଜୁନିଅର ବିଭାଗରେ ବିଭାଗରେ ସୁଭାଷ ବୋଷ ଇଂଲିସ ମିଡିୟମ ସ୍କୁଲର ଅଦଭିକ ଅଭୟ ଓ ଯୁଗ୍ମ ଭାବେ ପାଣିକୋଇଲି ହାଇସ୍କୁଲର ଆଦିତ୍ୟ ନାରାୟଣ, ଏସ୍‌ବିଡି ବିଦ୍ୟାଳୟର ସୁପ୍ରିୟା ଘଡ଼େଇ, ସୁଭାଷ ବୋଷର ଆର୍‌ଜେ ସୋହନ ସାହୁ, ଜୁନିଅର ବିଭାଗରେ ଏସ୍‌ବିଡିର ବିଦିଶା ଲକ୍ଷ୍ମୀ ଶତପଥି, ଜବାହାର ନବୋଦୟ ବିଦ୍ୟାଳୟର ଭାଗଶ୍ରୀ ମହାପାତ୍ର ଓ ହରିଶଙ୍କର ତ୍ରିପାଠୀ ଓ ସନିଅର ବିଭାଗରେ ଆଦର୍ଶ ବିଦ୍ୟାଳୟର ଏସ୍ ମାନ୍ୟତା ମହାନ୍ତି, ପାଣିକୋଇଲି ହାଇସ୍କୁଲର ଦିପାଳୀ ଦିବ୍ୟଜ୍ୟୋତି ବାରିକ, ଦେବ ଇଣ୍ଟରନ୍ୟାସନାଲ ସ୍କୁଲର ସାଇ ଶକ୍ତି ମହାପାତ୍ର ଓ ପାଣିକୋଇଲି ହାଇସ୍କୁଲର ଅର୍ଚ୍ଚିତା ବିଶ୍ୱାଳ ପ୍ରଥମ, ଦ୍ୱିତୀୟ, ତୃତୀୟ ସ୍ଥାନ ହାସଲ କରିଥିଲେ। କ୍ଲବ ପକ୍ଷରୁ ଅଶୋକ କୁମାର ବେହେରା, ମାନସ କୁମାର ସାହୁ, ପର୍ଶୁରାମ ବେହେରା, ପ୍ୟାରୀମୋହନ ବାରିକ, ଚନ୍ଦ୍ରକାନ୍ତ ବିଶ୍ୱାଳ, ସୌମ୍ୟ ରଞ୍ଜନ ସାହୁ, ପ୍ରେମାନନ୍ଦ ବାରିକ, ଜିତେନ୍ଦ୍ର ବେହେରା, ରମେଶ ବାରିକ, ସୁଧାଂଶୁ ବାରିକ, ନିଳମଣି ବାରିକ, ତାପସ ଦାସ, ଅଞ୍ଜନ କୁମାର ଦାସ, ଶରତ ଚନ୍ଦ୍ର ପରିଜା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ୨୬ରେ 'ନେସନ' ପକ୍ଷରୁ ରକ୍ତଦାନ ଶିବିର

**ଧର୍ମଶାଳା, ୨୩।୧(ସମିସ):** ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ନେସନ' ପକ୍ଷରୁ ଏକ ରକ୍ତଦାନ ଶିବିର ୨୬ ଜାନୁଆରୀ ସାଧାରଣତନ୍ତ୍ର ଦିବସ ଅବସରରେ ଜାରକା ଫ୍ଲାଏଓଭର ବ୍ରିଜ ତଳେ ଭ୍ରାମ୍ୟମାଣ ବସ୍‌ରେ ଅନୁଷ୍ଠିତ ହେବ। କଟକ ସେଣ୍ଟ୍ରାଲ ରେଡକ୍ରସ ବ୍ଲଡ୍ ବ୍ୟାଙ୍କର ଅଭିଜ୍ଞ ଡାକ୍ତରମାନେ ରକ୍ତଦାତାଙ୍କ ଠାରୁ ରକ୍ତ ସଂଗ୍ରହ କରିବେ। ଏନେଇ ଅନୁଷ୍ଠାନର ସମ୍ପାଦକ ଅଖିଳ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରସ୍ତୁତି ବୈଠକରେ ବରିଷ୍ଠ ସାମ୍ବାଦିକ ସୀତାକାନ୍ତ ସାମଲ, ବିନୋଦ ବିହାରୀ ସାହୁ, ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ଜୟପ୍ରକାଶ ତ୍ରିପାଠୀ, ସମାଜସେବୀ ଦେବବ୍ରତ ରାଉତ, ଦୀପକ କୁମାର ଜେନା, ସାମାଜିକ କର୍ମୀ ଅଭିଷେକ ପାଣି, ମୃତ୍ୟୁଞ୍ଜୟ ଦେଓ, ରମେଶ ଚନ୍ଦ୍ର ନାୟକ, ଶ୍ୟାମଘନ ଗୁଇଁ, ତୁଷାରକାନ୍ତ ପୃଷ୍ଟି ପ୍ରମୁଖ ଯୋଦଦେଇ ଆଲୋଚନା କରିଥିଲେ। ୨୩ତମ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ କଲେଜ ଛାତ୍ରଛାତ୍ରୀ, କ୍ରୀଡ଼ାବିତ, ଯୁବ ସଂଗଠକ, ସାମ୍ବାଦିକ, ବ୍ୟବସାୟୀ, ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା, ରୋଟାରୀ ଓ ଇନର ହୁଇଲ କ୍ଲବର କର୍ମକର୍ତ୍ତା ମାନେ ଯୋଗଦେଇ ରକ୍ତଦାନ କରିବାକୁ ପ୍ରତିଶ୍ରୁତି ପ୍ରଦାନ କରିଥିବା ନେଇ ଆଲୋଚନା କରାଯାଇଥିଲା। ଦୀର୍ଘ ୨୩ବର୍ଷ ହେବ 'ନେସନ' ପକ୍ଷରୁ ଗ୍ରାମାଞ୍ଚଳରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜନ କରାଯାଇ ରକ୍ତ ଅଭାବୀ ରୋଗୀମାନଙ୍କୁ ରକ୍ତ ଯୋଗାଇ ଦିଆଯାଉଛି ବୋଲି ସମ୍ପାଦକ ଶ୍ରୀ ସ୍ୱାଇଁ କହିଥିଲେ।

THE SAKALA

# ସମ୍ପାଦକୀୟ



ମାତୃଭାଷାରେ ହିଁ ବିଜ୍ଞାନ ଶିକ୍ଷା ଦେବା ଜରୁରୀ। ଅନ୍ୟଥା ବିଜ୍ଞାନ ଏପରି ଏକ କାର୍ଯ୍ୟକ୍ରମ ହୋଇଯିବ, ଯେଉଁଥିରେ ସମାଜର ସବୁ ଲୋକ ଅଂଶଗ୍ରହଣ କରିପାରିବେ ନାହିଁ।

- ସି ଭି ରମଣ

## ସଂଘୀୟ ପରମ୍ପରା ଉଲ୍ଲଙ୍ଘନ

ଅଣଏନଡିଏ ଶାସିତ ରାଜ୍ୟରେ ଅବସ୍ଥାପିତ ରାଜ୍ୟପାଳମାନଙ୍କ କାର୍ଯ୍ୟଶୈଳୀ ପୁଣି ଥରେ ଚର୍ଚ୍ଚିତ ହୋଇଛି। ଗତ କିଛି ବର୍ଷ ହେଲା ରାଜ୍ୟପାଳ-ରାଜ୍ୟସରକାରଙ୍କ ସମ୍ପର୍କ ଅଧିକ ବିବାଦୀୟ ହୋଇପଡ଼ିଛି। ବିଭିନ୍ନ ରାଜ୍ୟ ବିଧାନସଭା ଦ୍ୱାରା ପାରିତ ଏକାଧିକ ବିଲ୍ ବର୍ଷାଧିକ କାଳ ଅନୁମୋଦନ ଅପେକ୍ଷାରେ ରାଜ୍ୟପାଳଙ୍କ ସ୍ତରରେ ଅଟକି ରହିଥିବାରୁ ଯେଉଁ ଅସ୍ୱାଭାବିକ ପରିସ୍ଥିତି ସୃଷ୍ଟି ହେଉଛି ତାହାର ସମାଧାନ ପାଇଁ ସୁପ୍ରିମକୋର୍ଟଙ୍କୁ ହସ୍ତକ୍ଷେପ କରିବାକୁ ପଡୁଛି। ଏପରିକି ସୁପ୍ରିମକୋର୍ଟଙ୍କ ରାୟକୁ ରାଷ୍ଟ୍ରପତିଙ୍କ ପକ୍ଷରୁ ସରକାର ଚ୍ୟାଲେଞ୍ଜ କରିବା ଭଳି ସ୍ଥିତି ସୃଷ୍ଟି ହୋଇଛି। ବହୁମତରେ ନିର୍ବାଚିତ ସରକାରଙ୍କ ଆଇନ ପ୍ରଣୟନ କ୍ଷମତା ଏହାଦ୍ୱାରା କ୍ଷୁଣ୍ଣ ହେଉଛି। ନୀତି ନିର୍ଦ୍ଧାରଣ ଓ ଆଇନ ପ୍ରଣୟନରେ ବିଫଳ ହେଲେ ରାଜ୍ୟବାସୀଙ୍କ ନିକଟରେ ସରକାର ହିଁ କେବଳ ଉତ୍ତରଦାୟୀ ହେବେ। ତେଣୁ କୁହାଯାଇଛି ସରକାରଙ୍କ ବିନା ଅନୁମୋଦନ ଓ ପରାମର୍ଶରେ ଶାସନ ମୁଖ୍ୟ ଏକତରଫା କୌଣସି ନିଷ୍ପତ୍ତି ନେଇ ପାରିବେ ନାହିଁ।

ସେହିଭଳି ବିଧାନସଭା ଅଧିବେଶନ ଆରମ୍ଭ ରାଜ୍ୟପାଳଙ୍କ ଅଭିଭାଷଣରୁ ହିଁ ହୋଇଥାଏ। ଉଭୟ କେନ୍ଦ୍ର ଓ ରାଜ୍ୟକ୍ଷେତ୍ରରେ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ଯଥାକ୍ରମେ ରାଷ୍ଟ୍ରପତି ଓ ରାଜ୍ୟପାଳ ପାଠ କରିଥା’ନ୍ତି ଏବଂ ତାହା ଉପରେ ଧନ୍ୟବାଦ ପ୍ରସ୍ତାବ ଆଲୋଚନାକ୍ରମେ ଗୃହୀତ ହୋଇଥାଏ। ଏହା ହେଉଛି ସଂସଦୀୟ ପରଂପରା ଓ ସଂଘୀୟ ଶୃଙ୍ଖଳା। ତାମିଲନାଡୁ ରାଜ୍ୟପାଳ ଆର.ଏନ.ରବି ଚତୁର୍ଥ ଥର ପାଇଁ ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ ତ୍ରୁଟିପୂର୍ଣ୍ଣ ଦର୍ଶାଇ ବିଧାନସଭା ତ୍ୟାଗ କରିଛନ୍ତି। ତାଙ୍କର କହିବା କଥା ହେଲା, ଜାତୀୟ ସଂଗୀତ ପରିବର୍ତ୍ତେ ତାମିଲ ରାଜ୍ୟ ସଂଗୀତ ଗାନ କରାଗଲା। ଏହା ଜାତୀୟ ସଂଗୀତ ପ୍ରତି ଅପମାନ। ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣରେ ମିଛକଥା ଲେଖାଯାଇଛି, ଯାହା ତାଙ୍କ ପକ୍ଷରେ ପଢ଼ିବା ସମ୍ଭବ ନୁହେଁ। ଅନ୍ୟପକ୍ଷରେ କେରଳ ବିଧାନସଭାରେ ମଧ୍ୟ ରାଜ୍ୟପାଳ ରାଜେନ୍ଦ୍ର ବିଶ୍ୱନାଥ ଆର୍ଲେକର ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଭାଷଣ କିଛି ଅଂଶ ବାଦ ଦେବା ସହ ସଂଶୋଧନ ମଧ୍ୟ କରିଛନ୍ତି। କେନ୍ଦ୍ର ସରକାରଙ୍କ ସଂପର୍କରେ ଦିଆଯାଇଥିବା ପ୍ରତିକୂଳ ମନ୍ତବ୍ୟ ଓ ଅଟକି ରହିଥିବା ବିଲ ନେଇ ସୁପ୍ରିମକୋର୍ଟରେ ଆବେଦନ ଭଳି ପ୍ରସଙ୍ଗକୁ ରାଜ୍ୟପାଳ ବାଦ ଦେଇଛନ୍ତି। କର୍ଣ୍ଣାଟକ ରାଜ୍ୟପାଳ ଥାୱର ଚାନ୍ଦ ଗେହେଲୋଟ୍ ମଧ୍ୟ ତାମିଲନାଡୁ ଓ କେରଳ ରାଜ୍ୟପାଳଙ୍କ ପଦାଙ୍କ ଅନୁସରଣ କରି ରାଜ୍ୟ ସରକାରଙ୍କ ଦ୍ୱାରା ପ୍ରସ୍ତୁତ ଅଭିଭାଷଣକୁ ପଢ଼ିବାକୁ ମନା କରି ଦେଇଛନ୍ତି। କର୍ଣ୍ଣାଟକ ମନ୍ତ୍ରିପରିଷଦ ଦ୍ୱାରା ପ୍ରସ୍ତୁତ ଏହି ଅଭିଭାଷଣ ପୁସ୍ତିକାରେ ୟୁପିଏ ସରକାର ଅମଳରେ ପ୍ରଣୀତ ଏମ୍‌ନରେଗା ପ୍ରସଙ୍ଗ ଉଲ୍ଲେଖ ଥିବା ପରିଚ୍ଛେଦ ୧୧କୁ କେନ୍ଦ୍ର ସରକାରୀ ବିରୋଧୀ କହି ରାଜ୍ୟପାଳ ଗେହେଲୋଟ୍ ତାହାକୁ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ତାହା ନ ହଟିବାରୁ ବିଧାନସଭା ଅଧିବେଶନକୁ ସମ୍ବୋଧିତ କରିବାରୁ ବିରତ ରହିଛନ୍ତି।

ତିନି ରାଜ୍ୟପାଳଙ୍କ ନିଷ୍ପତ୍ତି ଓ ପଦକ୍ଷେପ କାକତାଳିକ ହୋଇ ନ ପାରେ। ତେଣୁ କେନ୍ଦ୍ର ସରକାରଙ୍କ ସଖିକଣ୍ଢେଇ ରୂପେ ରାଜ୍ୟପାଳମାନେ କାମ କରୁଛନ୍ତି ବୋଲି ତିନି ରାଜ୍ୟର ମୁଖ୍ୟମନ୍ତ୍ରୀମାନେ ଅଭିଯୋଗ କରିଛନ୍ତି। ରାଜ୍ୟପାଳମାନେ ସାମ୍ବିଧାନିକ ବ୍ୟବସ୍ଥା, ଶୃଙ୍ଖଳା ଓ ପରମ୍ପରା ବିରୋଧୀ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି। ଘଟଣା ସଂପର୍କରେ କେନ୍ଦ୍ରସରକାର ଯେ ଅବଗତ ନଥିବେ ଏକଥା ନୁହେଁ। ଏପ୍ରକାର ବ୍ୟତିକ୍ରମକୁ ପ୍ରୋତ୍ସାହନ ଦେଇ ବ୍ୟବସ୍ଥାରେ ବିଶୃଙ୍ଖଳା ସୃଷ୍ଟି କରିବାରେ କୌଣସି ଯଥାର୍ଥତା ନାହିଁ। ଯଦି ଏଭଳି ପରମ୍ପରା ଅନାବଶ୍ୟକ ବୋଲି ମନେକରାଯାଇଛି ତେବେ ସେଥିରେ ସଂଶୋଧନ ଅଣାଯିବା ଉଚିତ୍। ଏକ୍ଷେତ୍ରରେ ସବୁ ରାଜ୍ୟ ପାଇଁ ସମାନ ନିୟମ ଓ ଶୃଙ୍ଖଳା ପ୍ରବର୍ତ୍ତିତ ହେବା ଉଚିତ୍ ନୁହେଁ କି?

## ଟ୍ରମ୍ପଙ୍କ ଅହଂକାରକୁ ଛାଟ

ଗ୍ରୀନଲାଣ୍ଡ ଦଖଲ ପାଇଁ ବଳ ପ୍ରୟୋଗ କରିବେ ନାହିଁ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସ୍ପଷ୍ଟ କରିଥିଲେ ମଧ୍ୟ ଡାଭୋସ୍ ବିଶ୍ୱ ଅର୍ଥନୈତିକ ଫୋରମ୍ ମଞ୍ଚରେ ସ୍ପଷ୍ଟ ହୋଇଯାଇଥିଲା ଯେ ୟୁରୋପୀୟ ସଂଘ ମିତ୍ର ରାଷ୍ଟ୍ରମାନେ ତାଙ୍କ ସହ ନାହାନ୍ତି। ଆମେରିକା ନେତୃତ୍ୱାଧୀନ ବିଶ୍ୱ ଶୃଙ୍ଖଳା ଭୁଶୁଡ଼ି ପଡ଼ିବା ଅପସ୍ଥାରେ ପହଞ୍ଚିଛି। ଶୁଳ୍କଲୋଭୀ ଟ୍ରମ୍ପଙ୍କ ଦମନକାରୀ ନୀତିକୁ ଆଉ କୌଣସି ପ୍ରକାରେ ଗ୍ରହଣ କରି ହେବନି। ତାଙ୍କୁ ଗ୍ରୀନ୍‌ଲାଣ୍ଡ ଦଖଲ କରିବା ମୋହ ଛାଡ଼ିବାକୁ ପଡ଼ିବ। ଏହି ପ୍ରେକ୍ଷାପଟ୍ଟରେ ଆମେରିକା ସହ ହୋଇଥିବା ସମସ୍ତ ବାଣିଜ୍ୟକ ଚୁକ୍ତିକୁ ୟୁରୋପୀୟ ରାଷ୍ଟ୍ର ସଂଘର ପାର୍ଲାମେଣ୍ଟ ନୀତିଗତ ଭାବେ ବାତିଲ କରିଛି। ଡାଭୋସ୍ ମଞ୍ଚରେ କାନାଡ଼ା ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣିଙ୍କ ଆହ୍ୱାନରେ ଥିଲା ଏକ ପରିବର୍ତ୍ତନର ଆଭାସ। ପରିବର୍ତ୍ତିତ ସମୟ ସ୍ପଷ୍ଟ କରିଦେଇଛି ଯେ ଶୃଙ୍ଖଳା ଭିତ୍ତିକ ବିଶ୍ୱ ଆଇନ ଆପେକ୍ଷିକ ସତ୍ୟଥିଲା, ଏବେ ତାହା ମିଛ ପାଲଟିଛି। ଅତିଶକ୍ତିଶାଳୀ ରାଷ୍ଟ୍ର ନିଜର ସ୍ୱାର୍ଥରକ୍ଷା ପାଇଁ କିଛି ଆଇନକୁ କଠୋରତା ପୂର୍ବକ ପ୍ରୟୋଗ କରୁଥିବା ବେଳେ ନିଜ ସୁବିଧା ସୁଯୋଗ ଦେଖି ସେଥିରୁ ଓହରି ଯାଇଥା’ନ୍ତି। ତେଣୁ ମଧ୍ୟମ ବର୍ଗର ରାଷ୍ଟ୍ରମାନେ ମିଳିତ ଭାବେ କାର୍ଯ୍ୟ କରିବାକୁ ମାର୍କକାର୍ଣ୍ଣି ଆହ୍ୱାନ ଦେଇଛନ୍ତି।

ଫ୍ରାନ୍ସ ରାଷ୍ଟ୍ରପତି ଇମାନୁଏଲ ମାକ୍ରନ, ୟୁରୋପୀୟ କମିଶନର ୟୁ ଭିଡି ଲେନ୍ ଓ ବେଲଜିୟମ୍ ପ୍ରଧାନମନ୍ତ୍ରୀ ବାର୍ଟ ଦେ ଉଭର ପ୍ରମୁଖ ଟ୍ରମ୍ପଙ୍କ କାର୍ଯ୍ୟଶୈଳୀକୁ କଠୋର ସମାଲୋଚନା କରି ତାଙ୍କୁ ତାଗିଦ୍ ଓ ସତର୍କ କରାଇବା ସହ ସମ୍ଭାବ୍ୟ ବିକଳ୍ପ ବ୍ୟବସ୍ଥାର ସୂଚନା ଦେଇଛନ୍ତି। ଏପରିକି ଆମେରିକା ସଂପର୍କର ଲକ୍ଷ୍ମଣରେଖା ଅତିକ୍ରମ କରୁଥିବାର ମଧ୍ୟ ଚେତାଇ ଦିଆଯାଇଛି। ଆଗକୁ ଇରାନ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଏବଂ ଗାଜାରେ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରସ୍ତାବିତ ୫୮ ଜଣିଆ ବୋର୍ଡ ଗଠନ ଭଳି ପ୍ରସଙ୍ଗରେ ଟ୍ରମ୍ପଙ୍କ ପାଇଁ ସବୁଠାରୁ ବିଶ୍ୱସ୍ତ ସହଯୋଗୀଙ୍କ ଆବଶ୍ୟକତା ରହିଛି। କିନ୍ତୁ ନିର୍ବିଚାରରେ ଅଧିକାଂଶ ରାଷ୍ଟ୍ରଙ୍କ ଉପରେ ବହିଃଶୁଳ୍କ ଲାଗୁ କରିବା ପରେ ଏକକାଳୀନ ଏକାଧିକ ପ୍ରସଙ୍ଗରେ ହାତ ମାରିଦେଇ ଟ୍ରମ୍ପ ଅଡୁଆରେ ପଡ଼ିଯାଇଛନ୍ତି। ପରିସ୍ଥିତିର ଚାପରେ ପଡ଼ି ଗ୍ରୀନଲାଣ୍ଡ ଓ ଇରାନ ନିଷ୍ପତ୍ତି କାର୍ଯ୍ୟକାରିତା ପାଇଁ ସେ ସମୟ ନେଇଛନ୍ତି।

ଆର୍ଥିକ ଓ ରାଜନୈତିକ ସଂକଟରୁ ଉଦ୍ଧାର ପାଇଁ କୌଣସି ଶକ୍ତିଶାଳୀ ରାଷ୍ଟ୍ର ଉପରେ ନିର୍ଭରଶୀଳତାର ପରିଣତି ଓ ପରିଣାମ ଯେ ବିପଜ୍ଜନକ ତାହା ବୁଝିବାକୁ ବିଶ୍ୱବାସୀଙ୍କୁ ସମୟ ଲାଗିଲା। ପରିସ୍ଥିତି ଏପରି ହୋଇଛି ଯେ ଜାତିସଂଘ ବିଶ୍ୱବ୍ୟାଙ୍କ ଓ ବିଶ୍ୱସ୍ୱାସ୍ଥ୍ୟ ସଂଗଠନ ଭଳି ବହୁପାକ୍ଷିକ ସଂସ୍ଥା କ୍ରମେ ଦୁର୍ବଳ ହୋଇଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ପ୍ରତିଷ୍ଠାନ ଗଠନ କରାଯାଇଥିଲା ତାହା ବ୍ୟାହତ ହୋଇଛି। ଏପର୍ଯ୍ୟନ୍ତ ବିଶ୍ୱରେ ସର୍ବଶକ୍ତିମାନ ଆମେରିକା ନିର୍ଦ୍ଦେଶରେ ଇରାକ, ଆଫଗାନିସ୍ତାନ ଓ ଲିବିୟା ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନରେ ସାମିଲ ହୋଇଥିବା ୟୁରୋପର ମିତ୍ର ରାଷ୍ଟ୍ରଙ୍କ ବିଳମ୍ବରେ ନିଦ ଭାଙ୍ଗିଛି। ସେ ଯାହା ହେଉ ବ୍ୟବସ୍ଥାରେ ପରିବର୍ତ୍ତନର ଯେଉଁ ଆଭାସ ମିଳିଛି ତାହା ନିଶ୍ଚୟ ସ୍ୱାଗତଯୋଗ୍ୟ।

# ବନ୍ଧୁ-ବଇରି ବ୍ୟୂହରେ ଭେନେଜୁଏଲା

**ଡାକ୍ତର ରାଜକିଶୋର ପଣ୍ଡା**

ଭେନେଜୁଏଲା ଉପରେ ଆମେରିକାର ଆକ୍ରମଣ ଏବଂ ଏହାର ତାତ୍କାଳିକ ରାଷ୍ଟ୍ରପତି ନିକୋଲାସ ମାଦୁରୋ ଓ ତାଙ୍କ ପତ୍ନୀଙ୍କୁ ଗିରଫ କରିବା ପ୍ରସଙ୍ଗକୁ ନେଇ ବର୍ତ୍ତମାନ ବିଶ୍ୱ ରାଜନୀତି ବାଣ୍ଟି ହେବାରେ ଲାଗିଛି। କଲମ୍ବିଆ, ଚୀନ, ରୁଷିଆ, ଉତ୍ତର କୋରିଆ, ଏପରିକି ମିଳିତ ଜାତିସଂଘ ଆମେରିକାର ଏହି ପଦକ୍ଷେପକୁ ଦୃଢ଼ ବିରୋଧ କରିଛନ୍ତି। ତେବେ ବର୍ତ୍ତମାନ ଏକ ପ୍ରଶ୍ନ ଉଠୁଛି ଯେ ଆମେରିକାର ଏପରି କରିବାର କାରଣ କ’ଣ? ଯଦି ଅବୈଧ ନିଶା କାରବାର କାରଣ ହୋଇଥାଏ, ତେବେ ଏହି ବିଷୟକୁ ନେଇ ଚୀନ ଉପରେ ମଧ୍ୟ ପ୍ରଶ୍ନ ଉଠିବା କଥା। ଊନବିଂଶ ଶତାବ୍ଦୀରେ ହୋଇଥିବା ଅଫିମ ଯୁଦ୍ଧଠାରୁ ଆରମ୍ଭ କରି ବର୍ତ୍ତମାନ ପର୍ଯ୍ୟନ୍ତ ଚୀନ୍ ଉପରେ ଅବୈଧ ଭାବରେ ବିଭିନ୍ନ ଡ୍ରଗ୍ସ ବା ନିଶାଦ୍ରବ୍ୟର ପ୍ରସ୍ତୁତି ଓ ଚୋରା ଚାଲାଣକୁ ନେଇ ଆରୋପ ଲାଗିଆସିଛି। ଭେନେଜୁଏଲାରେ ଥିବା ବିପୁଳ ତୈଳ ଭଣ୍ଡାର ଓ ଅନ୍ୟାନ୍ୟ ଖଣିଜ ପଦାର୍ଥ ସମ୍ଭାରରେ ଲାଳାୟିତ ହୋଇ ଆମେରିକାର ଏହା ଉପରେ ଆକ୍ରମଣ ମଧ୍ୟ ଏକ ସମ୍ଭାବ୍ୟ କାରଣ ହୋଇପାରେ, କିନ୍ତୁ ତାହା ଏକମାତ୍ର ନୁହେଁ। ଏହାପଛରେ ଥିବା ଆହୁରି ଅନେକ ରହସ୍ୟ ଧୀରେଧୀରେ ସାମ୍ନାକୁ ଆସୁଛି।

ଭେନେଜୁଏଲା ଓ ଆମେରିକା ମଧ୍ୟରେ ତିକ୍ତ ସମ୍ପର୍କ ଏବେକାର ନୁହେଁ। ୧୯୯୯ ମସିହାରେ ହ୍ୟୁଗୋ ଚାଭେଜ୍ କ୍ଷମତାକୁ ଆସିଲା ପରେ ବିବାଦର ସୂତ୍ରପାତ ହୋଇଥିଲା। ଚାଭେଜ୍ ନିଜକୁ ସମାଜବାଦୀ ଏବଂ ଆମେରିକାକୁ ସାମ୍ରାଜ୍ୟବାଦୀ ବୋଲି ଦର୍ଶାଇବା ସହିତ ବିଭିନ୍ନ କ୍ଷେତ୍ରରେ ଆମେରିକାକୁ ବିରୋଧ କରିବା ଆରମ୍ଭ କରିଥିଲେ। ଆମେରିକାର ଶତ୍ରୁରାଷ୍ଟ୍ର କ୍ୟୁବା ଓ ଇରାନ୍ ସହିତ ବନ୍ଧୁତା ଏବଂ କ୍ୟୁବା ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋଙ୍କ ସହିତ ଚାଭେଜଙ୍କ ଘନିଷ୍ଠତା ପ୍ରଭୃତି ଏହି ବିରୋଧ ପ୍ରକ୍ରିୟାର ଅନ୍ତର୍ଭୁକ୍ତ। କ୍ୟୁବାର ରାଷ୍ଟ୍ରପତି ଫିଡେଲ କାଷ୍ଟ୍ରୋଙ୍କୁ ବିରୋଧ ଏବଂ ବାରମ୍ବାର ହତ୍ୟା ଉଦ୍ୟମ କରି ଆମେରିକା କ୍ୟୁବାକୁ ବିଶ୍ୱରାଜନୀତିରେ ଏକଘରିକିଆ କରିଥିବା ବେଳେ ଚାଭେଜ୍ କ୍ୟୁବା ସହ ଭେନେଜୁଏଲାର ବାଣିଜ୍ୟିକ ଓ ସାମାଜିକ ସମ୍ପର୍କକୁ ବୃଦ୍ଧି କରିଥିଲେ। ଆହୁରି ମଧ୍ୟ ଆମେରିକା ଓ ଭେନେଜୁଏଲାର ସୈନ୍ୟବାହିନୀ ମଧ୍ୟରେ ଥିବା ପୁରାତନ ବନ୍ଧୁତ୍ୱପୂର୍ଣ୍ଣ ସହଯୋଗିତା ଚାଭେଜଙ୍କ ଶାସନ ସମୟରେ ବିପୁଳ ଭାବରେ ହ୍ରାସ ଘଟିଲା।

ଏସବୁର ପ୍ରତିଶୋଧ ରୂପେ ଆମେରିକା ଚାଭେଜ୍‌ଙ୍କର ବିରୋଧୀ ଭାବେ ଜଣାଶୁଣା ପେଡ୍ରୋ କାର୍ମୋନାଙ୍କୁ ହାତ କରି ଭେନେଜୁଏଲାରେ ଏକ ସାମରିକ ବିଦ୍ରୋହର ସୂତ୍ରପାତ, ୧୧ ଏପ୍ରିଲ୍ ୨୦୦୨ ମସିହାରେ କରିଥିଲା। ଉଦ୍ଦେଶ୍ୟ ଥିଲା ଚାଭେଜ୍‌ଙ୍କୁ ଗାଦିରୁ ହଟାଇ ଆମେରିକାର ହିତାକାଂକ୍ଷୀ କାର୍ମୋନାଙ୍କୁ ରାଷ୍ଟ୍ରପତି କରିବା। ସାମରିକ ବିଦ୍ରୋହଟି ବିଫଳ ହେଲା। ଗାଦିରୁ ଯିବାର ମାତ୍ର କିଛିଘଣ୍ଟା ପରେ ଚାଭେଜ୍ ରାଷ୍ଟ୍ରପତି ଆସନରେ ପୁନଃ ଅବସ୍ଥାପିତ ହେଲେ। ତତ୍କାଳୀନ ଆମେରିକା ରାଷ୍ଟ୍ରପତି ଜର୍ଜ ଡବଲ୍ୟୁ ବୁଶଙ୍କର ପ୍ରଶାସନକୁ ଏଥିପାଇଁ ଦାୟୀ କରାଯାଏ। ୨୦୧୩ ମସିହାରେ ଚାଭେଜ୍‌ଙ୍କ ମୃତ୍ୟୁ ଉପରାନ୍ତେ ତାଙ୍କ ଶିଷ୍ୟ, ଉତ୍ତରାଧିକାରୀ ତଥା ତତ୍କାଳୀନ ଉପରାଷ୍ଟ୍ରପତି ଏବଂ ବର୍ତ୍ତମାନର ବିତାଡ଼ିତ ରାଷ୍ଟ୍ରପତି ନିକୋଲାସ୍ ମାଦୁରୋ ନିଜ ଗୁରୁଙ୍କର ସ୍ୱଘୋଷିତ ସମାଜବାଦ(ଯାହାକୁ ମଧ୍ୟ କୁହାଯାଏ ‘ଚାଭିଜିମ୍’)କୁ ଭେନେଜୁଏଲାରେ ଆଗେଇ ନେଇଥିଲେ। ନିଜ ରାଜନୈତିକ ଗୁରୁଙ୍କ ଭଳି ସେ ମଧ୍ୟ ଆମେରିକାକୁ ତୀବ୍ର ବିରୋଧ କରିଥିଲେ। ତେଣୁ ଏହା ମଧ୍ୟ ଅନୁମାନ କରାଯାଉଛି ଯେ ଆମେରିକାର ଭେନେଜୁଏଲା ଉପରେ ଆକ୍ରମଣ ଚାଭେଜଙ୍କ ଦ୍ୱାରା ପ୍ରତିଷ୍ଠିତ ‘ସ୍ୱଘୋଷିତ ସମାଜବାଦ’ ବା ‘ଚାଭିଜିମ୍’ର ସମାପ୍ତି ଘଟାଇବା ହୋଇଥାଇପାରେ।

କଥା ପୁଣି ଆସୁଛି ନିଶା କାରବାରକୁ। ଏପରି କେଉଁ ନିଶା ଯୋଗୁଁ ଆମେରିକାକୁ ଏପରି ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିଲା? ଏହି ନିଶା ଅଫିମ, ଚରସ୍ କିମ୍ବା କୋକେନ ନୁହେଁ; ଏହା ହେଉଛି ବର୍ତ୍ତମାନ ଯୁଗର ସବୁଠାରୁ ଘାତକ ନିଶା ଫେଣ୍ଟାନିଲ। ଏହା ଯୋଗୁଁ ଆମେରିକାରେ ପ୍ରତିବର୍ଷ ଲକ୍ଷଲକ୍ଷ ଯୁବକ ନିଶାଗ୍ରସ୍ତ ହେବା ସହ ମୃତ୍ୟୁବରଣ କରୁଛନ୍ତି। ଏହି ଫେଣ୍ଟାନିଲ କେବଳ ପରୀକ୍ଷାଗାରରେ ହିଁ ପ୍ରସ୍ତୁତ କରାଯାଇପାରୁଥିବା ଏକପ୍ରକାରର ମାଦକ ଦ୍ରବ୍ୟ, ଯାହା ମର୍ଫିନଠାରୁ ପାଖାପାଖି ଶହେ ଗୁଣା ଓ ହେରୋଇନ୍‌ଠାରୁ ପାଖାପାଖି ପଚାଶ ଗୁଣ ଅଧିକ ଘାତକ ଅଟେ। ସାଧାରଣ ଭାବେ ଏହାର ମୁଖ୍ୟ ବ୍ୟବହାର କର୍କଟ ରୋଗର ଯନ୍ତ୍ରଣା ଓ ଅସ୍ତ୍ରୋପଚାର ଯନ୍ତ୍ରଣାରୁ ଉପଶମ ନିମନ୍ତେ କରାଯାଇଥାଏ। କିନ୍ତୁ ଏକ ନିଶା ଭାବରେ ଏହାର ସେବନ କରି ଏକ ରିପୋର୍ଟ ମୁତାବକ ୧୯୯୯ ମସିହାରୁ ଆଜି ପର୍ଯ୍ୟନ୍ତ ଆମେରିକାରେ ପାଖାପାଖି ଦଶଲକ୍ଷରୁ ଅଧିକ ଲୋକ ମୃତ୍ୟୁବରଣ କରିଛନ୍ତି। ୨୦୨୨ ମସିହାରେ ଏହି ମୃତ୍ୟୁ ସଂଖ୍ୟା ୧, ୦୭, ୯୪୧ ରେ ପହଞ୍ଚିଥିଲା। ୧୮ ରୁ ୪୫ ବର୍ଷ ବୟସ୍କ ଆମେରିକୀୟମାନଙ୍କ ମୃତ୍ୟୁର ସବୁଠାରୁ ପ୍ରମୁଖ କାରଣ ଫେଣ୍ଟାନିଲର ମାତ୍ରାଧିକ ସେବନ। ସମଗ୍ର ଯୁକ୍ତରାଷ୍ଟ୍ରରେ କେବଳ ଡ୍ରଗ୍ସର ମାତ୍ରାଧିକ ସେବନ ହେତୁ ଘଟୁଥିବା ମୃତ୍ୟୁ ଘଟଣା ମଧ୍ୟରେ ଫେଣ୍ଟାନିଲ ଜନିତ ମୃତ୍ୟୁ ସର୍ବାଧିକ।

ଏହି ଫେଣ୍ଟାନିଲର କିଣାବିକା ପାଇଁ ଏକ ଗୁପ୍ତ ବଜାରର ବ୍ୟବସ୍ଥା ଅଛି, ଇଣ୍ଟରନେଟ୍‌ରେ ଯାହାକୁ କୁହାଯାଏ ‘ଡାର୍କନେଟ୍’। ‘ଡାର୍କନେଟ୍’ରେ ହିଁ ବିଶ୍ୱରେ ବିଭିନ୍ନ ପ୍ରକାର ନିଶାଦ୍ରବ୍ୟ, ଅବୈଧ ଅସ୍ତ୍ରଶସ୍ତ୍ରର କିଣାବିକା, ସମ୍ବେଦନଶୀଳ ତଥ୍ୟର ଆଦାନପ୍ରଦାନ ଆଦି ହୋଇଥାଏ। ୨୦୨୦ ରେ ‘ଡ୍ରଗ୍ସ ଏନ୍‌ଫୋର୍ସମେଣ୍ଟ ଆଡ୍‌ମିନିଷ୍ଟ୍ରେସନ’ର ଏକ ରିପୋର୍ଟ ମୁତାବକ ଚୀନ ହିଁ ବିଶ୍ୱସ୍ତରରେ ଫେଣ୍ଟାନିଲର ସର୍ବବୃହତ୍ ଉତ୍ପାଦନକାରୀ। ଉପରୋକ୍ତ ସଂସ୍ଥା ଏହା ମଧ୍ୟ ଦର୍ଶାଇଛି ଯେ ଫେଣ୍ଟାନିଲ୍ ପ୍ରସ୍ତୁତିରେ ପ୍ରୟୋଜନ ହେଉଥିବା ରସାୟନ ଚୀନରୁ ଗୁପ୍ତ ଭାବରେ ଲାଟିନ ଆମେରିକାକୁ ନିଆଯାଇଥାଏ। ସେଠାରେ ଫେଣ୍ଟାନିଲ ପ୍ରସ୍ତୁତି ପରେ ଅବୈଧ ଭାବରେ ଯୁକ୍ତରାଷ୍ଟ୍ର ଆମେରିକାକୁ ଚୋରା ଚାଲାଣ କରାଯାଇଥାଏ। ଫେଣ୍ଟାନିଲ ପ୍ରସ୍ତୁତି ତଥା ଏହାର ପରିବହନରେ ସଂପୃକ୍ତ ଥିବା ଲାଟିନ ଆମେରିକୀୟ ଦେଶମାନଙ୍କ ମଧ୍ୟରେ ଭେନେଜୁଏଲା ଶୀର୍ଷରେ ରହିଛି। ଚୀନ୍‌ର ଏହି ଫେଣ୍ଟାନିଲ ଯୋଗାଣକାରୀମାନଙ୍କୁ ମୁଖ୍ୟତଃ କ୍ରିପ୍ଟୋକରେନ୍ସି ମାଧ୍ୟମରେ ସେମାନଙ୍କର ପ୍ରାପ୍ୟ ପ୍ରଦାନ କରାଯାଇଥାଏ। ପ୍ରମୁଖ କ୍ରିପ୍ଟୋ ମୁଦ୍ରା ହେଉଛି ବିଟ୍‌କଏନ୍। ବିଟ୍‌କଏନ୍‌ର ଫେଣ୍ଟାନିଲ କିଣାବିକାରେ ବ୍ୟାପକ ବ୍ୟବହାର ହେତୁ ଟ୍ରମ୍ପଙ୍କ ନିଜସ୍ୱ କ୍ରିପ୍ଟୋ ମୁଦ୍ରାରେ ମଧ୍ୟ ବ୍ୟାପକ କ୍ଷତି ଘଟିଛି। ଏହି କଥାଟିକୁ ସେ ସର୍ବସମ୍ମୁଖରେ ପ୍ରକାଶ କରିପାରୁ ନ ଥିବା ବେଳେ ଏହା ମଧ୍ୟ ତାଙ୍କର ଭେନେଜୁଏଲା ଆକ୍ରମଣର ଅନ୍ୟ କାରଣ।

ଏବେ ଆସିବା ଅନ୍ୟ ଗୋଟିଏ ଦିଗ, ଯାହା ହେଉଛି ‘ବ୍ୟବସାୟ’। ୨୦୦୦ ମସିହା ପୂର୍ବରୁ ଭେନେଜୁଏଲା ଅସ୍ତ୍ରଶସ୍ତ୍ର ପାଇଁ ମୁଖ୍ୟତଃ ଆମେରିକା ଉପରେ ନିର୍ଭରଶୀଳ ଥିଲା ବେଳେ ଏହାପରେ ରୁଷିଆ ଓ ଚୀନରୁ ଅସ୍ତ୍ରଶସ୍ତ୍ର ଆମଦାନୀ କରିବା ଆରମ୍ଭ କରିଥିଲା। ମାଦୁରୋଙ୍କ ରାଷ୍ଟ୍ରପତିତ୍ୱ ସମୟରେ ଏହି ଧାରା କ୍ରମାଗତ ଭାବରେ ଆଗକୁ ବଢ଼ିବା ସହିତ ବର୍ତ୍ତମାନ ସମୟରେ ଭେନେଜୁଏଲା ନିଜ ଅସ୍ତ୍ରଶସ୍ତ୍ରର ପ୍ରାୟ ପଚାଶ ପ୍ରତିଶତ ଚୀନ୍‌ରୁ ଆମଦାନୀ କରୁଛି। ଏହାଛଡ଼ା ଭେନେଜୁଏଲା ବିଶ୍ୱର ବୃହତ୍ତମ ତେଲ ଖଣିର ଅଧିକାରୀ ହୋଇଥିବା ସତ୍ତ୍ୱେ ଏହି ଅଶୋଧିତ ତୈଳକୁ ବ୍ୟବହାର ଉପଯୋଗୀ କରିବା ପାଇଁ ଏହା ପାଖରେ କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏହି ଅଶୋଧିତ ତୈଳକୁ ସେ ମୁଖ୍ୟତଃ ରୁଷ୍ ଓ ଚୀନ୍‌କୁ ରପ୍ତାନୀ କରିଥାଏ। ୨୦୨୫ ସୁଦ୍ଧା ଭେନେଜୁଏଲା ନିଜର ଉତ୍ପାଦିତ ତୈଳର ପାଖାପାଖି ଶତପ୍ରତିଶତ ଚୀନକୁ ରପ୍ତାନୀ କରିଛି ବୋଲି ନିକଟରେ ରଏଟର୍ସ ତରଫରୁ ପ୍ରକାଶିତ ଏକ ରିପୋର୍ଟରୁ ଜଣାପଡ଼ିଛି।

ସେହିଭଳି ଭେନେଜୁଏଲାକୁ ଖାଦ୍ୟଦ୍ରବ୍ୟଠାରୁ ଆରମ୍ଭ କରି ଅନ୍ୟାନ୍ୟ ଆବଶ୍ୟକୀୟ ସାମଗ୍ରୀ ରପ୍ତାନୀ କରିବାରେ ମଧ୍ୟ ଆମେରିକାକୁ ହଟାଇ ବର୍ତ୍ତମାନ ଚୀନ୍ ଶୀର୍ଷ ସ୍ଥାନ ଅଧିକାର କରିଛି। ୨୦୦୧ ରୁ ଆରମ୍ଭ କରି ଆଜିପର୍ଯ୍ୟନ୍ତ ଲାଟିନ ଆମେରିକାରେ ଚୀନ୍ ପ୍ରାୟ ୩୦୦ ନିୟୁତ ଡଲାରରୁ ଅଧିକ ପରିମାଣର ପୁଞ୍ଜି ନିବେଶ କରିଛି। ଉପରୋକ୍ତ ପରିମାଣରୁ କେବଳ ଭେନେଜୁଏଲାରେ ଚୀନ ନିବେଶ କରିଥିବା ପୁଞ୍ଜିର ପରିମାଣ ୧୦୦ ବିଲିଅନ ଡଲାରରୁ ଅଧିକ। ତେଣୁ ଲାଟିନ ଆମେରିକା ଓ ଭେନେଜୁଏଲାରେ ଚୀନର କ୍ରମାଗତ ବର୍ଦ୍ଧିଷ୍ଣୁ ପ୍ରଭାବକୁ ପ୍ରତିହତ କରିବା ଲକ୍ଷ୍ୟ ନେଇ ମଧ୍ୟ ଟ୍ରମ୍ପ ଭେନେଜୁଏଲା ଉପରେ ଆକ୍ରମଣ କରିଥିବା ସ୍ପଷ୍ଟ ହୁଏ। ତେବେ ଟ୍ରମ୍ପଙ୍କ ଏହି ସାମରିକ ଅଭିଯାନ ତାଙ୍କର ଭବିଷ୍ୟତର ଆଶା ଓ ବିଶ୍ୱ ରାଜନୀତିକୁ କେଉଁ ମୋଡ଼ ଦେବ ତାହା ସମୟ ହିଁ କହିବ।

ଘଟଣାକ୍ରମକୁ ସାମଗ୍ରିକ ଭାବେ ଅନୁଶୀଳନ କଲେ ଏହା ଜଣାପଡୁଛି ଯେ ଭେନେଜୁଏଲା ଆଜି ଯେଉଁ ଦଶା ଭୋଗୁଛି ତାହା ପଛରେ ରହିଛି ତା’ର ଦୁଷ୍ଟବୁଦ୍ଧି ସମ୍ପନ୍ନ ବନ୍ଧୁରାଷ୍ଟ୍ରମାନଙ୍କର ସହାଚାର୍ଯ୍ୟ। ଅପରପକ୍ଷରେ ଭେନେଜୁଏଲାର ବନ୍ଧୁରାଷ୍ଟ୍ରମାନେ ହିଁ ଆମେରିକାର ବଇରି। ଯେଉଁମାନେ ଆମେରିକା ବିରୋଧରେ ଭେନେଜୁଏଲାକୁ ବ୍ୟବହାର କରୁଥିଲେ ଏବେ ସେମାନେ ସମଦୂରତ୍ୱ ରକ୍ଷା କରୁଛନ୍ତି। ଏଥିରୁ ଭେନେଜୁଏଲା ଶିକ୍ଷା ଲାଭ କରିବା ଉଚିତ। ଆମେରିକା-ବିରୋଧୀ ରାଷ୍ଟ୍ରଙ୍କ ସହିତ ବନ୍ଧୁ ବାନ୍ଧି ଭେନେଜୁଏଲା ଏଭଳି ଏକ ବ୍ୟୂହରେ ଫସି ଯାଇଛି, ଯେଉଁଥିରୁ ନିକଟ ଭବିଷ୍ୟତରେ ମୁକୁଳିବାର ସମ୍ଭାବନା ଦିଶୁନାହିଁ।

(ଓଡ଼ିଶା ସ୍ୱାସ୍ଥ୍ୟ ସେବା)

ଭୁବନେଶ୍ୱର, ମୋ: ୮୧୪୪୦୪୨୯୯୭

# ଏ ପ୍ରହସନ କାହା ସ୍ୱାର୍ଥରେ?

**ଅଶୋକ ମହାରଣା**




ସମ୍ପ୍ରତି ରାଜ୍ୟ ସରକାରଙ୍କ ନିଷ୍ପତ୍ତି ପ୍ରଦୂଷଣ ପ୍ରମାଣପତ୍ର ନଥିଲେ ପେଟ୍ରୋଲ ପମ୍ପ ମନା, ଗ୍ରୀନ ଷ୍ଟିକର ପ୍ରବର୍ତ୍ତନ ଆଦି ସ୍ୱାଗତଯୋଗ୍ୟ ନିଶ୍ଚିତ। ଲୋକଙ୍କୁ ସଚେତନ କରାଇବା, ପରିବେଶ ପ୍ରଦୂଷଣକୁ ନିୟନ୍ତ୍ରିତ କରିବା, ସୁସ୍ଥ ଜୀବନ ଯାପନ କରି ନିରୋଗ ରହିବା ଏହାର ଲକ୍ଷ୍ୟ। ଓଡ଼ିଶାରେ ବାୟୁର ମାନ ହ୍ରାସ ପାଉଛି। ଦିଲ୍ଲୀ ଅବସ୍ଥା ଓଡ଼ିଶାରେ ନହେଉ ଏହି ଚିନ୍ତାରେ ଯଦି ଉପରୋକ୍ତ ପଦକ୍ଷେପ ନିଆଯାଇଥିବ ତେବେ ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। କିନ୍ତୁ ସରକାରଙ୍କ ପଦକ୍ଷେପ ଝିଣ୍ଟିକା ମାରିବା ପାଇଁ ବଣି ପୋଷିବା ଭଳି ହୋଇଛି।

ବାୟୁ ପ୍ରଦୂଷଣ କେବଳ କ’ଣ ଗାଡ଼ି ଯୋଗୁଁ ହେଉଛି? ଓଡ଼ିଶାର ଶହ ଶହ ଶିଳ୍ପ ସମସ୍ତ ନୀତିନିୟମକୁ ଉଲ୍ଲଙ୍ଘନ କରି କଳାଧୂଆଁରେ ସମଗ୍ର ବାୟୁମଣ୍ଡଳକୁ ପ୍ରଦୂଷିତ କରିବା ସହିତ ପାଉଁଶ ଗୁଣ୍ଡରେ ଅଞ୍ଚଳ ପ୍ରଦୂଷିତ ହେଉଛି। ଜଳ, ଜମି, ମୃତ୍ତିକା, ବାୟୁ ସବୁକିଛି ପ୍ରଦୂଷିତ। ସେ ବିଷୟରେ କେବେ ସରକାର ଚିନ୍ତା କରିଛନ୍ତି? ରାଜରାସ୍ତାରେ ପ୍ରତିଦିନ ହଜାର ହଜାର ଟ୍ରକ ପାଉଁଶ ପରିବହନ କରୁଛନ୍ତି। ସେଥିପ୍ରତି ସରକାର କଠୋର ନୁହନ୍ତି କାହିଁକି? ‘ପ୍ଲାଷ୍ଟିକମୁକ୍ତ ଓଡ଼ିଶା’ର ସ୍ୱପ୍ନ କାହିଁକି ସ୍ୱପ୍ନ ହୋଇ ରହିଛି? ରାଜ୍ୟର ଚଉଦ ନଦୀର ଜଳ ବିଷାକ୍ତ କାହିଁକି? ଆବର୍ଜନା ପାଣିକୁ ନଦୀରେ ଛାଡୁଥିବା କଳକାରଖାନାଗୁଡ଼ିକ ପାଇଁ ସରକାର ଉଦାର କାହିଁକି?

ଫେରି ଚାଲନ୍ତୁ ୨୫ ବର୍ଷତଳକୁ। କେହି ପାଣି କିଣି ପିଇବା ଥିଲା ବିରଳ। କିନ୍ତୁ ବର୍ତ୍ତମାନ ଯେଉଁଠିକୁ ଯାଅ ପାଣି କିଣି ପିଇବାକୁ ପଡୁଛି। ସତତ ବିଶୁଦ୍ଧ ପାଣି ଗ୍ଲାସଟେ ମିଳିବା କାଠିକର ପାଠ। ପୁରୀ ସମୁଦ୍ର କୂଳ ପ୍ରଦୂଷିତ। ହୋଟେଲରେ ଆବର୍ଜନା ପାଣି ରତ୍ନଗର୍ଭାରେ ମିଶୁଛି। ତା’ ପାଇଁ କ’ଣ ଆଇନ ନାହିଁ? ସମଗ୍ର ଭାରତ ବର୍ଷରେ ପୁରୀ ସମୁଦ୍ର କୂଳ ଶ୍ରେଷ୍ଠ। ତା’ର ଗରିମା ବଜାୟ ରଖିବା ପାଇଁ ସରକାର କଠୋର ନୁହନ୍ତି କାହିଁକି? ଖୋଲାଖୋଲି ଭାବରେ ଆବର୍ଜନା ପାଣି ମିଶୁଛି। ଏହାର ସମାଧାନ ସରକାରଙ୍କ ନିକଟରେ ଅଛିକି? କଟକର ମହାନଦୀ ଓ କାଠଯୋଡ଼ିକୁ ଚବିଶ ଘଣ୍ଟା ଆବର୍ଜନା ପାଣି ପ୍ରବେଶ କରୁଛି। ତା’ର ବିଶୋଧନ ପାଇଁ ଯୋଜନା ହେଉଛି କି? ନଦୀ ଉପରେ ନିର୍ଭର କରୁଥିବା ଲକ୍ଷ ଲକ୍ଷ ମତ୍ସ୍ୟଜୀବୀଙ୍କ ଜୀବନଜୀବିକାରେ ପୂର୍ଣ୍ଣଚ୍ଛେଦ ପଡ଼ିଛି। ଦୂଷିତ ପାଣି ଯୋଗୁଁ ମାଛ ବଂଶ ଲୋପପାଉଛି।

କଳ କାରଖାନା ନାମରେ ହଜାର ହଜାର ହେକ୍ଟର ଜଙ୍ଗଲ ନଷ୍ଟ ହେଉଛି। ସୃଷ୍ଟି ହେଉଛି କେତେ? ସମୁଦ୍ରକୂଳର ଗାଁ ସମୁଦ୍ର ଗର୍ଭରେ ଲୀନ ହେଉଛି। ତା’ର ଯୋଜନା କ’ଣ? ଜଳ, ବାୟୁ, ଶବ୍ଦ ସହିତ ମୃତ୍ତିକା ବି ପ୍ରଦୂଷିତ। ଡିଜେ ସାଉଣ୍ଡ ଯୋଗୁଁ ଯେଉଁ ଶବ୍ଦ ପ୍ରଦୂଷଣ ହେଉଛି, ତା’କୁ କ’ଣ ନିୟନ୍ତ୍ରଣ କରାଯାଇ ପାରିଛି? ଯେତେବେଳେ ଏକ ସରକାର ଜନଗଣଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ଜୀବନ ଜୀବିକା ପାଇଁ ସଂଘର୍ଷ କରୁଥିବା ଲୋକଙ୍କ ସ୍ୱାର୍ଥକୁ ଦୃଷ୍ଟି ନ ଦେଇ ନିଜର ସ୍ୱାର୍ଥକୁ ଗୁରୁତ୍ୱ ଦିଏ ସେ କ’ଣ ଲୋକଙ୍କ ସରକାର ହୋଇପାରେ? ଲୋକ ଏକପ୍ରକାର ବିଶେଷଣ ପଦବାଚ୍ୟ। ନିର୍ବାଚନ ବୈତରଣୀ ଅତିକ୍ରମ କରିବାର ଏକ ମାଧ୍ୟମ। ନିର୍ବାଚନ ପରେ ଲୋକ ଗୌଣ ହୋଇଯାଆନ୍ତି।

ପ୍ରଦୂଷଣ ନିୟନ୍ତ୍ରଣ ପାଇଁ ବିଭାଗ ରହିଛି। ନିୟମ ବି ରହିଛି। ନିୟମରେ ମୁହଁ ଦେଖି କାରବାର। ମୁହଁ ଦେଖି ନିଷ୍ପତ୍ତି ଏକ ଜନମଙ୍ଗଳ ରାଷ୍ଟ୍ରରେ ଅଶାନ୍ତିର ବିଷବଳୟ ସୃଷ୍ଟି କରିବାରେ ସହାୟକ ହୋଇଥାଏ। ନୀତିଗତ ନିଷ୍ପତ୍ତି ପୂର୍ବରୁ ଜନଗଣଙ୍କ ସ୍ୱାର୍ଥକୁ ଚିନ୍ତା କରିବାର ଅଛି। ଯେଉଁଠି ଗଣମାନଙ୍କର ସ୍ୱାର୍ଥକୁ ଜଳାଞ୍ଜଳି ଦିଆଯାଏ ସେଠାରେ ‘ଆ କୁରାଢ଼ୀ ମୋତେ ହାଣ’ ଅବସ୍ଥା ହୋଇଥାଏ। ଲୋକଙ୍କ ସ୍ୱାର୍ଥକୁ ବଳି ଦେଇ କେତେ ସରକାର, ରାଜା, ମହାରାଜା ଗାଦିଚ୍ୟୁତ ହୋଇଛନ୍ତି ତାହା ଇତିହାସର ସ୍ୱର୍ଣ୍ଣିମ ପୃଷ୍ଠାରେ ଲିପିବଦ୍ଧ ହୋଇରହିଛି। ଅନ୍ତତଃ ବାଇମୁଣ୍ଡିଙ୍କଠାରୁ ଶିଖିବା ଦରକାର - ସେ ସରକାର ହୁଅନ୍ତୁ କିମ୍ବା ସାଧାରଣ ଲୋକଟିଏ ହେଉ। ଏବେ ପ୍ରଶ୍ନ ଉଠୁଛି ଏତେ ସବୁ ପ୍ରଦୂଷଣ ପ୍ରତି ଆଖିବୁଜି ଦେଇଥିବା ସରକାର କେବଳ ଗାଡ଼ି ପଛରେ କାହିଁକି ପଡ଼ିଛନ୍ତି? ଏ ପ୍ରହସନ କାହା ସ୍ୱାର୍ଥ ପାଇଁ?

ଢେଙ୍କାନାଳ, ମୋ: ୭୬୦୯୯୯୫୬୯୩

# ପ୍ରାଚୀନ ଭାରତୀୟ ସାହିତ୍ୟରେ କଳିଙ୍ଗ ଓ ଉତ୍କଳ

**ପ୍ରବୀର କୁମାର ପଟ୍ଟନାୟକ**

## ଓଡ଼ିଶାର ବୌଦ୍ଧ ପରମ୍ପରା

*ପୂର୍ବପ୍ରକାଶିତ ଉତ୍ତାରୁ...*

ମହାଭାରତ ତଥ୍ୟ ଅନୁଯାୟୀ ଦିଗ୍‌ବିଜୟୀ ରାଜାମାନଙ୍କ ଦ୍ୱାରା କଳିଙ୍ଗର ରାଜା ମଧ୍ୟ ପରାସ୍ତ ହୋଇଥିଲେ। ସହଦେବ, କର୍ଣ୍ଣ, ରାମ ଜାମଦଗ୍ନ୍ୟ(ପରଶୁରାମ) ତଥା ସହଦେବ ଓ କୃଷ୍ଣଙ୍କର ମିଳିତ ଶକ୍ତି ଦ୍ୱାରା କଳିଙ୍ଗର ରାଜା ପରାସ୍ତ ହୋଇଥିଲେ। ସହଦେବ ଓ କୃଷ୍ଣଙ୍କର ମିଳିତ ଶକ୍ତି କଳିଙ୍ଗ ସୈନ୍ୟମାନଙ୍କୁ ‘ଦନ୍ତକୁର’ ଠାରେ ସଂପୂର୍ଣ୍ଣ ବିଧ୍ୱସ୍ତ କରିଥିଲେ। କୁରୁକ୍ଷେତ୍ର ଯୁଦ୍ଧରେ ଦ୍ରୋଣ ଯେତେବେଳେ ଜୟଦ୍‌ରଥଙ୍କୁ ରକ୍ଷା କରିବା ନିମନ୍ତେ ଭୀମ ଓ ଅର୍ଜୁନଙ୍କ ସହ ଭୀଷଣ ସଂଗ୍ରାମରେ ଲିପ୍ତ ଥିଲେ, କଳିଙ୍ଗର ରାଜା ଶ୍ରୁତାୟୁସ ଦ୍ରୋଣଙ୍କ ସୈନ୍ୟବାହିନୀର ଦକ୍ଷିଣ ଭାଗର କମାଣ ସମ୍ଭାଳିଥିଲେ। ଦ୍ରୋଣ ଯେତେବେଳେ ‘ଗରୁଡ଼ ବ୍ୟୂହ’ ରଚନା କରିଥିଲେ କୁହାଯାଇଛି ଯେ କଳିଙ୍ଗ ବାହିନୀ ସେଠାରେ ଏକ ବିରାଟ ବ୍ୟୂହର ଗଳାସଦୃଶ ଥିଲା। ଯୁଦ୍ଧରେ ଶ୍ରୁତାୟୁସ ଓ ତାଙ୍କର ବୀରପୁତ୍ରମାନେ ଭୀମଙ୍କ ଦ୍ୱାରା ନିହତ ହୋଇଥିଲେ। କଳିଙ୍ଗର କ୍ଷତ୍ରୀୟମାନେ ନିମ୍ନସ୍ତରର ଥିବା ଏବଂ ଶୁଦ୍ରମାନଙ୍କ ସମାସ୍କନ୍ଧ ଥିବା ତଥା ସାମଗ୍ରିକ ଭାବେ କଳିଙ୍ଗର ଲୋକମାନେ ମଧ୍ୟ ଅଧାର୍ମିକ ଅଥବା ଦୁର୍ଧର୍ମନ ଥିବା ବିଷୟ ମହାକାବ୍ୟରେ ବର୍ଣ୍ଣନା କରାଯାଇଛି। କିନ୍ତୁ କଳିଙ୍ଗ ଦେଶଟି ଏକ ପବିତ୍ର ସ୍ଥଳ ରୂପେ ବିଚାର କରାଯାଉଥିଲା। ଯୁଧିଷ୍ଠିର ତାଙ୍କ ତୀର୍ଥଯାତ୍ରା କାଳରେ କଳିଙ୍ଗ ପରିଦର୍ଶନ କରିଥିବା କୁହାଯାଇଛି।

***ପ୍ରାରମ୍ଭିକ ବୌଦ୍ଧସାହିତ୍ୟରେ କଳିଙ୍ଗ*** : ପ୍ରାଚୀନ ‘ପାଲି’ ଧର୍ମଗ୍ରନ୍ଥଗୁଡ଼ିକରେ ବିଶେଷ ଭାବେ ‘ବୌଦ୍ଧ ଜାତକକଥା’ରେ କଳିଙ୍ଗରେ ଆର୍ଯ୍ୟ ସଭ୍ୟତାର ବିକାଶ ସଂପର୍କରେ ସମ୍ୟକ ଭାବେ ସୂଚନା ରହିଛି। ସେଥିରେ ବୁଦ୍ଧଙ୍କ ଆବିର୍ଭାବ ପୂର୍ବରୁ ମଧ୍ୟ କଳିଙ୍ଗରେ କ୍ଷୁଦ୍ର କ୍ଷୁଦ୍ର ବ୍ରାହ୍ମଣ ବସତିମାନ ଗଢ଼ି ଉଠିଥିବା କଥା ଉଲ୍ଲେଖ ରହିଛି। ବିଶେଷଭାବେ ‘ବେସ୍ସନ୍ତର ଜାତକ’ରେ କଳିଙ୍ଗ ରାଷ୍ଟ୍ରରେ ‘ଦୁନ୍ନିବିଥ’ ନାମକ ବ୍ରାହ୍ମଣ ଗ୍ରାମ କଥା ଉଲ୍ଲେଖ ରହିଛି। ସେହିଭଳି ‘କୁରୁଧମ୍ମ ଜାତକ’ରେ ମଧ୍ୟ ଏକଦା କଳିଙ୍ଗରେ ଭୀଷଣ ଦୁର୍ଭିକ୍ଷ ଦେଖା ଦେଇଥିବା ବେଳେ ରାଜା ବ୍ରାହ୍ମଣମାନଙ୍କୁ କୁରୁରାଜ୍ୟକୁ ଯାଇ ସେଠାକାର ରାଜାଙ୍କୁ ତାଙ୍କର ‘ଅଞ୍ଜନ’ ବା ‘ସଭ’ ନାମକ ହାତୀଟିକୁ କଳିଙ୍ଗ ଆଣିବା ନିମିତ୍ତ ଭିକ୍ଷା ମାଗିବା ପାଇଁ ପଠାଇଥିଲେ। କାରଣ ଏହି ହାତୀଟିର ବର୍ଷା କରାଇବାର ଚମତ୍କାରୀ ଶକ୍ତି ରହିଥିଲା।

ସେହିଭଳି ‘ବେସ୍ସନ୍ତର ଜାତକ’ରେ ମଧ୍ୟ ସମାନ ଧରଣର କଥା ରହିଛି, ଯେଉଁଠି କଳିଙ୍ଗର ବ୍ରାହ୍ମଣମାନେ ରାଜ୍ୟର ଅନାବୃଷ୍ଟି ପରିସ୍ଥିତିକୁ ଦୂରେଇବା ନିମିତ୍ତ ବେସନ୍ତରର ‘ଧବଳ ହସ୍ତୀ’ କୁ ହାସଲ କରିଥିଲେ। ଏହିଭଳି ଭାବେ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଜରୁରୀ ସମସ୍ୟାର ସମାଧାନ, ଯାହାକି ରାଜ୍ୟର ଅତ୍ୟନ୍ତ ଗୁରୁତର ବିପତ୍ତି ସମୟରେ ଏହି ଦୁର୍ବିପାକର ନିବାରଣ ନିମନ୍ତେ ବ୍ରାହ୍ମଣମାନଙ୍କୁ ନିୟୋଜିତ କରାଯିବା ପ୍ରସଙ୍ଗ ନିଶ୍ଚିତ ଭାବେ ଏତେ ପ୍ରାଚୀନ କାଳରେ ମଧ୍ୟ ସେମାନଙ୍କର ନୈତିକ ତଥା ଆଧ୍ୟାତ୍ମିକ ପ୍ରଭାବ କିଭଳି ମହତ୍ତ୍ୱପୂର୍ଣ୍ଣ ହୋଇ ପାରୁଥିଲା ତାହା ଦର୍ଶାଇଥାଏ। ପ୍ରାଚୀନ ପାଲି ବୌଦ୍ଧ ସାହିତ୍ୟ ‘ବିନୟ’ ତଥା ‘ନିକାୟ’ ଗ୍ରନ୍ଥଗୁଡ଼ିକରେ କଳିଙ୍ଗ ସଂପର୍କରେ ସେଭଳି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳେ ନାହିଁ। କାରଣ ସେଗୁଡ଼ିକ ବୁଦ୍ଧ ତଥା ବୌଦ୍ଧଧର୍ମର କେନ୍ଦ୍ରସ୍ଥଳ ମଧ୍ୟଦେଶ (ମଧ୍ୟ-ଭାରତ) କୈନ୍ଦ୍ରିକ ଥିଲେ। କେବଳ ଲାଗି ରହିଥିବା ଅଞ୍ଚଳ ହେତୁ ଗାନ୍ଧାର, କମ୍ବୋଜ, କଳିଙ୍ଗ ତଥା ଅସ୍‌ସକ ରାଜ୍ୟଗୁଡ଼ିକ ବିଷୟ ସୂଚାଇଥା’ନ୍ତି।

‘ଅଙ୍ଗୁତ୍ତର ନିକାୟ’ ତ କଳିଙ୍ଗ ଭଳି ପ୍ରାଚୀନ ତଥା ବୃହତ୍ ଏକ ଭୂଖଣ୍ଡର ରାଜନୈତିକ ଅବସ୍ଥିତି ବିଷୟକୁ ଦୃଷ୍ଟିପାତ କରିନାହିଁ। ସେଥିରେ ୧୬ ମହାଜନପଦର ତାଲିକା ସୂଚିତ ହୋଇଥିଲେ ମଧ୍ୟ କଳିଙ୍ଗକୁ ଅନ୍ତର୍ଭୁକ୍ତ କରାଯାଇନାହିଁ। ଏହି ୧୬ ଗୋଟି ମହାଜନପଦ ହେଉଛି କାଶୀ, କୋଶଳ, ଅଙ୍ଗ, ମଗଧ, ବଜ୍ଜି, ମଲ୍ଲ, ଚେଦି (ଚେତିୟ), ବଂସ, କୁରୁ, ପାଞ୍ଚାଳ, ମତ୍ସ୍ୟ, ସୁରସେନ, ଅସ୍‌ସକ (ଅଶ୍ମକ) ଅବନ୍ତୀ, ଗାନ୍ଧାର ଓ କମ୍ବୋଜ। ଏଥିମଧ୍ୟରୁ ପ୍ରଥମ ୧୪ ଗୋଟି ହେଉଛି ମଧ୍ୟଦେଶ ଅନ୍ତର୍ଗତ ଏବଂ ଶେଷ ଦୁଇଟି ଉତ୍ତରାପଥରେ। ଏହି ସୂଚନା ସମ୍ଭବତଃ ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀର। କିନ୍ତୁ ବିଧିବଦ୍ଧ ଭାବେ ଏକ ସ୍ୱତନ୍ତ୍ର ରାଷ୍ଟ୍ର ଭାବେ କଳିଙ୍ଗର ଉପସ୍ଥିତି ଷଷ୍ଠ ଶତାବ୍ଦୀ ଖ୍ରୀଷ୍ଟପୂର୍ବ ପୂର୍ବରୁ ମଧ୍ୟ ରହିଥିବା ବିଭିନ୍ନ ବୌଦ୍ଧ ପାଲି ଗ୍ରନ୍ଥରୁ ଜଣା ପଡ଼ିଥାଏ। (କ୍ରମଶଃ)

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. ‘ସକାଳ’ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. ‘ସକାଳ’କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. ‘ସକାଳ’ ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ ‘ସକାଳ’ ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

# ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ପ୍ରଥମ ସ୍ଥାନରେ ଏମ୍ସ ଭୁବନେଶ୍ୱର

## ଦୁଇ ଦିନିଆ ଚିନ୍ତନ ଶିବିରରେ ପୁରସ୍କୃତ କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର,୨୩।୧(ସମିସ):** ଆୟୁଷ୍ମାନ ଭାରତ ଡିଜିଟାଲ୍ ମିଶନ୍ (ଏବିଡିଏମ) ଅନ୍ତର୍ଗତ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ ବର୍ଗରେ ଏମ୍ସ ଭୁବନେଶ୍ୱରକୁ ଶ୍ରେଷ୍ଠ ସରକାରୀ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଭାବେ ସମ୍ମାନିତ କରାଯାଇଛି। ଏହି ପ୍ରତିଷ୍ଠାନ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍ କ୍ଷେତ୍ରରେ ଜାତୀୟ ସ୍ତରରେ ଏକ ନମ୍ବର ସ୍ଥାନ ହାସଲ କରିଛି, ଯାହା ଭାରତର ଡିଜିଟାଲ୍ ସ୍ୱାସ୍ଥ୍ୟ ପରିବର୍ତ୍ତନ ଯାତ୍ରାରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ।




ସ୍ୱାସ୍ଥ୍ୟ ଏବଂ ପରିବାର କଲ୍ୟାଣ ମନ୍ତ୍ରଣାଳୟ ଅଧୀନରେ ଜାତୀୟ ସ୍ୱାସ୍ଥ୍ୟ ପ୍ରାଧିକରଣ (ଏନଏଚଏ) ଦ୍ୱାରା ଭୁବନେଶ୍ୱରରେ ଅନୁଷ୍ଠିତ ଚିନ୍ତନ ଶିବିରରେ ଏହି ସମ୍ମାନଜନକ ପୁରସ୍କାର ପ୍ରଦାନ କରାଯାଇଥିଲା। ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ପ୍ରଫେସର ଡ. ଆଶୁତୋଷ ବିଶ୍ୱାସ ଏବଂ ଆଇଟି କମିଟି ଅଧ୍ୟକ୍ଷ ଡ. ମନୋଜ କୁମାର ମହାନ୍ତି, ଓଡ଼ିଶା ସରକାରଙ୍କ ମୁଖ୍ୟ ସଚିବ ଅନୁ ଗର୍ଗଙ୍କଠାରୁ ଏହି ପୁରସ୍କାର ଗ୍ରହଣ କରିଛନ୍ତି। ଏନଏଚ୍ଏ ସିଇଓ ଡ. ସୁନୀଲ କୁମାର ବର୍ଣ୍ଣୱାଲ, ରାଜସ୍ଥାନର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ଗାୟତ୍ରୀ ରାଠୋର, ମେଘାଳୟର ପ୍ରମୁଖ ସ୍ୱାସ୍ଥ୍ୟ ସଚିବ ସମ୍ପଥ କୁମାର, ଓଡ଼ିଶାର ସ୍ୱାସ୍ଥ୍ୟ ସଚିବ ଅଶ୍ୱଥୀ ଏସ୍, ଡ. ବୃନ୍ଦା ଡି ଙ୍କ ସମେତ ଏନଏଚଏ ଏବଂ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଦୁଇ ଦିନିଆ ଚିନ୍ତନ ଶିବିରରେ ୨୭ଟି ରାଜ୍ୟ ଏବଂ ୭ଟି କେନ୍ଦ୍ରଶାସିତ ଅଞ୍ଚଳର ପ୍ରତିନିଧିମାନେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଦେଶବ୍ୟାପୀ ବରିଷ୍ଠ ନୀତି ନିର୍ଦ୍ଧାରକ ଏବଂ ସ୍ୱାସ୍ଥ୍ୟ ପ୍ରଶାସକମାନେ ଏବିଡିଏମ ଅଧୀନରେ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକର ଅଗ୍ରଗତି ସମୀକ୍ଷା ଏବଂ ଭବିଷ୍ୟତ ରୋଡମ୍ୟାପ୍ ପ୍ରସ୍ତୁତ କରିବା ପାଇଁ ଏକତ୍ରିତ ହୋଇଥିଲେ। କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେ. ପି. ନଡ୍ଡାଙ୍କ ମାର୍ଗଦର୍ଶନରେ ଏମ୍ସ ଭୁବନେଶ୍ୱର ନାଗରିକ-କୈନ୍ଦ୍ରିକ ସ୍ୱାସ୍ଥ୍ୟସେବା ପ୍ରଦାନ ପାଇଁ ଡିଜିଟାଲ୍ ସ୍ୱାସ୍ଥ୍ୟ ପଦକ୍ଷେପଗୁଡ଼ିକୁ ଆଗକୁ ବଢାଇବାରେ ବିଶେଷ ପ୍ରଯତ୍ନ କରିଚାଲିଥିବା କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି। ଏମ୍ସ ଭୁବନେଶ୍ୱର ଏବିଡିଏମ କାର୍ଯ୍ୟାନ୍ୱୟନରେ ଉଲ୍ଲେଖନୀୟ ପ୍ରଗତି ହାସଲ କରିଛି, ଯେଉଁଥିରେ ୪୨ ଲକ୍ଷ ସ୍ୱାସ୍ଥ୍ୟ ରେକର୍ଡ ଲିଙ୍କେଜ୍, ୧୯ ଲକ୍ଷ ଆଭା ଟୋକନ୍ ସୃଷ୍ଟି ଅନ୍ତର୍ଭୁକ୍ତ। ବିଲିଂକୁ ସୁଗମ କରିବା, ରୋଗୀଙ୍କ ଧାଡ଼ି ହ୍ରାସ କରିବା ଏବଂ ହସ୍ପିଟାଲ ଦକ୍ଷତା ବୃଦ୍ଧି କରିବା ପାଇଁ ସ୍କାନ ଏବଂ ପେ ସୁବିଧାର ସଫଳ କାର୍ଯ୍ୟାନ୍ୱୟନ ମଧ୍ୟ କରାଯାଇଛି। ଏହି ପଦକ୍ଷେପଗୁଡ଼ିକ ରୋଗୀଙ୍କ ସୁବିଧାରେ ଉଲ୍ଲେଖନୀୟ ଉନ୍ନତି ଆଣିଛି, କାଗଜବିହୀନ କାର୍ଯ୍ୟପ୍ରବାହ ସୁନିଶ୍ଚିତ କରିଛି ଏବଂ ଚିକିତ୍ସାର ନିରନ୍ତରତାକୁ ସୁଦୃଢ଼ କରିଥିବା ଡାକ୍ତର ବିଶ୍ୱାସ କହିଛନ୍ତି।

# କିମ୍ସରେ ୟୁଥ୍ ୱେଲନେସ୍ କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ

**ଭୁବନେଶ୍ୱର,୨୩।୧(ସମିସ):** ଯୁବପିଢ଼ିଙ୍କ ଅଣଦେଖା କରାଯାଉଥିବା ସ୍ୱାସ୍ଥ୍ୟ ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏକ ପଦକ୍ଷେପ ସ୍ୱରୂପ, କିମ୍ସ ଭୁବନେଶ୍ୱରର ଶିଶୁ ରୋଗ ବିଭାଗରେ ଯୁବ ସୁସ୍ଥତା କ୍ଲିନିକ୍ 'ତାରୁଣ୍ୟ' ଉଦ୍‌ଘାଟିତ

**୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଗୁରୁତ୍ୱ ଦିଆଯିବ**




ହୋଇଯାଇଛି। କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ତଥା ଡିନ୍ ପ୍ରଫେସର ଡ. ଆର.ସି. ଦାସ ଏହି କ୍ଲିନିକକୁ ଉଦ୍‌ଘାଟନ କରିଥିବା ବେଳେ ଡ. ମାନସ ରଞ୍ଜନ ବେହେରା, ଶିଶୁ ରୋଗ, ମାନସିକ ରୋଗ ଏବଂ କମ୍ୟୁନିଟି ମେଡିସିନ ବିଭାଗର ମୁଖ୍ୟ ଓ ଅଧ୍ୟାପକମାନେ ଉପସ୍ଥିତ ଥିଲେ। ଏଥିରେ ୧୦ରୁ ୧୯ ବର୍ଷ ବୟସର କିଶୋରମାନଙ୍କ ସାମଗ୍ରିକ ସୁସ୍ଥତା ଉପରେ ଧ୍ୟାନ ଦିଆଯିବ। କିଶୋରାବସ୍ଥାରେ ମଣିଷ ଶରୀରରେ ଶାରୀରିକ, ହରମୋନ୍, ମାନସିକ, ସାମାଜିକ ଓ ଭାବପ୍ରବଣ ଜନିତ ପରିବର୍ତ୍ତନ ପରିଲକ୍ଷିତ ହୋଇଥାଏ। ଏହି ସମୟରେ ଯୁବକଯୁବତୀମାନଙ୍କୁ ବିଶେଷ ଭାବରେ ଦୁର୍ବଳ କରିଥାଏ ତଥା ସେମାନଙ୍କ ସ୍ୱାସ୍ଥ୍ୟ ଚିନ୍ତାକୁ ସ୍ପଷ୍ଟ କରିଥାଏ। ଏଭଳି ଜଟିଳତାର ସମାଧାନ ଲାଗି କିମସରେ 'ତାରୁଣ୍ୟ' ଭଳି ଦେଶର ପ୍ରଥମ କ୍ଲିନିକ୍ ଆରମ୍ଭ କରାଯାଇଛି। ଏହି କ୍ଲିନିକ୍ ଶିଶୁରୋଗ, ମାନସିକ ରୋଗ, ପ୍ରସୂତି ଓ ସ୍ତ୍ରୀରୋଗ ଓ କମ୍ୟୁନିଟି ମେଡିସିନ୍ ବିଭାଗର ବିଶେଷଜ୍ଞମାନଙ୍କୁ ନେଇ ମିଳିତ ଭାବେ କାର୍ଯ୍ୟ କରୁଛି। ଶିଶୁରୋଗ ବିଶେଷଜ୍ଞ ଡ. ସ୍ୱର୍ଣ୍ଣଲତା ଦାସଙ୍କ ନେତୃତ୍ୱରେ ପରିଚାଳିତ ଏହି କ୍ଲିନିକ୍ ୟୁଥ୍ ୱେଲନେସ୍ କ୍ଲିନିକ୍ କୈଶୋରାବସ୍ଥାର ବିକାଶ, ଋତୁସ୍ରାବ ସ୍ୱାସ୍ଥ୍ୟ ଓ ପିସିଓଏସ, ପୁଷ୍ଟିକର ପରାମର୍ଶ, ଚିନ୍ତା ଓ ପରୀକ୍ଷା ସମ୍ବନ୍ଧୀୟ ଚାପ, ସମ୍ପର୍କ ଓ ଯୋଗାଯୋଗ ଚ୍ୟାଲେଞ୍ଜ, ନିଶା ନିବାରଣ ପରାମର୍ଶ, ଯୌନ ଓ ପ୍ରଜନନ ସ୍ୱାସ୍ଥ୍ୟ ଶିକ୍ଷା, ବୟସ-ଉପଯୋଗୀ ଟୀକାକରଣ ଉପରେ ମାର୍ଗଦର୍ଶନ ପ୍ରଦାନ କରିବ। ନୂତନ ଭାବପ୍ରବଣତା ପ୍ରତିକ୍ରିୟାରେ ପିତାମାତାଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ସାମାଜିକ ଗଣମାଧ୍ୟମର ଅତ୍ୟଧିକ ବ୍ୟବହାର ଓ ଡିଜିଟାଲ୍ ନିଶା ଭଳି ଗୁରୁତ୍ୱପୂର୍ଣ୍ଣ ସମସ୍ୟାଗୁଡିକ ଉପରେ ମଧ୍ୟ ଏହି କ୍ଲିନିକ ମାଧ୍ୟମରେ ବିସ୍ତାର କରାଯିବ। ତେବେ ପ୍ରଥମ ବର୍ଷରେ ୫ ହଜାର କିଶୋରକିଶୋରୀଙ୍କ ନିକଟରେ ପହଞ୍ଚିବା ଏହି କ୍ଲିନିକ୍‌ର ଲକ୍ଷ୍ୟ ରହିଛି।

# ୩ ଦିନ ପରେ ଆଉ ୩ ଡିଗ୍ରୀ ବଢ଼ିବ ତାପମାତ୍ରା

**ଭୁବନେଶ୍ୱର,୨୩।୧(ସମିସ):** ସଂପ୍ରତି ଏକ ଶକ୍ତିଶାଳୀ ପଶ୍ଚିମା ଝଡ଼ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜଧାନୀ ଦିଲ୍ଲୀ ସମେତ ପଞ୍ଜାବ, ହରିୟାଣା, ଜମ୍ମୁ-କଶ୍ମୀର, ଲେହ-ଲଦାଖ, ରାଜସ୍ଥାନ, ହିମାଚଳପ୍ରଦେଶ ଏବଂ ଉତ୍ତରଖଣ୍ଡର ବିଭିନ୍ନ ଅଞ୍ଚଳରେ ବର୍ଷା /ତୁଷାରପାତ, ଝଡ଼ପବନ ସହ ବିଜୁଳି ଓ ଘଡ଼ଘଡି ଲାଗି ରହିଛି। ଫଳରେ ଏହି ସବୁ ଅଞ୍ଚଳରେ ତାପମାତ୍ରା ଦୃଷ୍ଟାନ୍ତମୂଳକ ଭାବେ ହ୍ରାସ ହୋଇଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଶନିବାର ମଧ୍ୟ ରାଜ୍ୟର କିଛି ସ୍ଥାନରେ ଏଭଳି ସ୍ଥିତି ସୃଷ୍ଟି ହେବାର ଆଶଙ୍କା ରହିଛି। ତେବେ ଆସନ୍ତା ୩ ଦିନ ପର୍ଯ୍ୟନ୍ତ ତାପମାତ୍ରାର ବୈଶେଷ ପରିବର୍ତ୍ତନ ଆଶଙ୍କା ନ ଥିବା ବେଳେ ଏହା ପରେ ପୁଣି ତାପମାତ୍ରା ବଢ଼ିବା ନେଇ ପାଣିପାଗ କେନ୍ଦ୍ର ଆକଳନ କରିଛି। ପାଣିପାଗ କେନ୍ଦ୍ର କହିଛି, ୩ ଦିନ ପରେ ରାଜ୍ୟର ବିଭିନ୍ନ ସ୍ଥାନରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ବୃଦ୍ଧି ପାଇବ। ଶନିବାର ରାତିରୁ ରବିବାର ସକାଳ ମଧ୍ୟରେ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ସୁନ୍ଦରଗଡ଼, ଝାରସୁଗୁଡ଼ା, ଅନୁଗୋଳ ଓ ଢେଙ୍କାନାଳରେ ହାଲୁକାରୁ ମଧ୍ୟମ ଧରଣର କୁହୁଡ଼ି ନେଇ ଆକଳନ କରାଯାଇଛି।

# ଲୋକଭବନରେ ଉପରାଷ୍ଟ୍ରପତିଙ୍କୁ ସମ୍ବର୍ଦ୍ଧିତ କଲେ ରାଜ୍ୟପାଳ

**ଭୁବନେଶ୍ୱର,୨୩।୧(ସମିସ):** ଭାରତର ଉପରାଷ୍ଟ୍ରପତି ସି.ପି. ରାଧାକୃଷ୍ଣନଙ୍କୁ ଓଡ଼ିଶା ଲୋକଭବନଠାରେ ରାଜ୍ୟପାଳ ଡ. ହରିବାବୁ କମ୍ଭମ୍‌ପାଟି ସମ୍ବର୍ଦ୍ଧିତ କରିଛନ୍ତି। ଶୁକ୍ରବାର ଉପରାଷ୍ଟ୍ରପତିଙ୍କ ଦିନିକିଆ ଓଡ଼ିଶା ଗସ୍ତ କାଳରେ ଲୋକଭବନର ନ୍ୟୁ ଅଭିଷେକ ହଲ୍‌ରେ ଆୟୋଜିତ ଔପଚାରିକ ଭୋଜି କାର୍ଯ୍ୟକ୍ରମରେ ଉପରାଷ୍ଟ୍ରପତିଙ୍କୁ ରାଜ୍ୟପାଳ ସମ୍ବର୍ଦ୍ଧିତ କରିଥିଲେ। କାର୍ଯ୍ୟକ୍ରମରେ



ଓଡ଼ିଶାର ପ୍ରଥମ ମହିଳା ଜୟଶ୍ରୀ କମ୍ଭମପାଟି, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ ତାଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହ ଦେଓ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ସ୍ୱାସ୍ଥ୍ୟ ମନ୍ତ୍ରୀ ମୁକେଶ ମହାଲିଙ୍ଗଙ୍କ ସମେତ ସାଂସଦ ଏବଂ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଯୋଗଦେଇ ଥିଲେ।

# ମାଲ୍‌ବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ; ୪ ବଗି କ୍ଷତିଗ୍ରସ୍ତ

**ବସ୍ତା ବ୍ଲକ, ୨୩।୧ (ସମିସ):** ଦକ୍ଷିଣ ପୂର୍ବ ରେଳବାଇର ରୂପ୍‌ସା ଜଙ୍କସନ ନିକଟରେ ଏକ ମାଲ୍ ବୋଝେଇ ଟ୍ରେନ୍ ଦୁର୍ଘଟଣାଗ୍ରସ୍ତ ହୋଇଛି। ଟ୍ରେନ୍‌ଟି ଲାଇନ୍‌ଚ୍ୟୁତ ଫଳରେ ୪ଟି ବଗି କ୍ଷତିଗ୍ରସ୍ତ ହୋଇଥିବା ଜଣାପଡିଛି।



ଶୁକ୍ରବାର ସକାଳ ସମୟରେ ବାଲେଶ୍ୱର ପଟୁ ଖଡ଼ଗପୁର ଅଭିମୁଖେ ଯାଉଥିବା ଏହି ମାଲ୍ ବୋଝେଇ ଟ୍ରେନ୍‌ଟି ରୂପସା ଜଙ୍କସନ୍ ଡାଉନ୍ ଲାଇନ ୭ ନମ୍ବର ପ୍ଲାଟଫର୍ମରେ ଅତିକ୍ରମ କରୁଥିବା ବେଳେ ଟ୍ରେନ୍‌ର ୪ଟି ବଗି ଲାଇନ୍‌ଚ୍ୟୁତ ହୋଇଥିଲା। ଯାହାଫଳରେ ଟ୍ରେନ୍ ଅଟକି ରହିଥିଲା। ଦୁର୍ଘଟଣା ପରେ କିଛି ସମୟ ଧରି ଅନ୍ୟ ଟ୍ରେନ୍ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ଖବର ଲେଖା ହେବା ପର୍ଯ୍ୟନ୍ତ ମରାମତି କାର୍ଯ୍ୟ ଚାଲୁଥିବା ବେଳେ ଯାତାୟାତ ସ୍ୱାଭାବିକ ହୋଇଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ବର୍ଷକୁ ଯାଉଛି...

ପ୍ରଦୂଷଣକୁ ନେଇ ଗୁରୁତର ଭାବେ ଚିନ୍ତା କରିବାର ଆବଶ୍ୟକତା ରହିଛି। ଏବେ ପ୍ରଦୂଷଣ ମୁକାବିଲା ଏକ ପରିବେଶଗତ ସମସ୍ୟା ନୁହେଁ, ବରଂ ଜୀବନ ରକ୍ଷା, ଆର୍ଥିକ ଅଭିବୃଦ୍ଧି ଏବଂ ବିଦେଶୀ ନିବେଶକଙ୍କ ପାଇଁ ଭାରତକୁ ଆକର୍ଷଣୀୟ କରିବାର ଏକ ବିଷୟ ମଧ୍ୟ ବୋଲି ଗୀତା କହିଛନ୍ତି।

### ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ...

ନୋଟିସ ଏବଂ ବକେୟା ପୈଠ କରିବାକୁ ପଡ଼ିଥାଏ। ଏବେ ଆମେରିକା ସରକାର ନିଜ ଆଇନକୁ ନିଜେ ଭାଙ୍ଗୁଛନ୍ତି। 'ହୁ'ରୁ ବାହାରିବା ନିଷ୍ପତ୍ତି ଦ୍ୱାରା ଆମେରିକା ସହିତ ବିଶ୍ୱର ସ୍ୱାସ୍ଥ୍ୟ ବ୍ୟବସ୍ଥା ଉପରେ ପ୍ରଭାବ ପଡ଼ିପାରେ। ଏହାକୁ ଆମେରିକା ଆଇନ ବିରୋଧୀ ମଧ୍ୟ କୁହାଯାଉଛି।

ସୂଚନାଯୋଗ୍ୟ ଯେ ଟ୍ରମ୍ପ ଦ୍ୱିତୀୟ ଥର ପାଇଁ ରାଷ୍ଟ୍ରପତି ଭାବେ ଶପଥ ଗ୍ରହଣ କରିବାର ଦିନକ ପରେ 'ହୁ'ରୁ ବାହାରିବାକୁ ଘୋଷଣା କରିଥିଲେ। ଏହି ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥାକୁ ଦିଆଯାଉଥିବା ଆର୍ଥିକ ଏବଂ ସମ୍ବଳ ସହାୟତାକୁ ଟ୍ରମ୍ପ ରୋକି ଦେଇଛନ୍ତି।

### ସର୍ବଦଳୀୟ ବୈଠକ...

ଲଢ଼େଇ ଲଢ଼ି ଆସୁଥିଲେ। ଟ୍ରିବ୍ୟୁନାଲ୍‌ରେ ଦୁଇ ରାଜ୍ୟ ମଧ୍ୟରେ ଏହି ମାମଲାରେ ବିଚାର ଚାଲିଥିଲା। ହେଲେ ଏପ୍ରିଲ୍ ବେଳକୁ ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ଶେଷ ହେଉଥିବାରୁ ଚଳିତ ମାସ ପ୍ରଥମ ସପ୍ତାହ ସୁଦ୍ଧା ଟ୍ରିବ୍ୟୁନାଲଙ୍କ କାର୍ଯ୍ୟକାଳ ବୃଦ୍ଧି କରିବା ପାଇଁ ରାଜ୍ୟ ସରକାର କେନ୍ଦ୍ରକୁ ଚିଠି ଲେଖିବା କଥା। ମାତ୍ର ସରକାର ଏହି ଚିଠି ଲେଖିବାକୁ ପୂରାପୂରି ଭୁଲି ଯାଇଛନ୍ତି। ଓଡ଼ିଶା, ଛତିଶଗଡ଼ ଓ କେନ୍ଦ୍ରରେ ବିଜେପି ଶାସନ କରୁଥିବାରୁ ଏହାକୁ ଆପୋସ ଆଲୋଚନା ମାଧ୍ୟମରେ ସମାଧାନ କରାଯିବ ବୋଲି ଅନେକ ସମୟରେ ଯୁକ୍ତି ବାଢୁଥିବା ଶାସକ ଦଳର ନେତା ଓ ରାଜ୍ୟ ସରକାର ନିର୍ଦ୍ଦିଷ୍ଟ ଭାବରେ ଏହାର ସମାଧାନର ପଥ ସ୍ପଷ୍ଟ କରିପାରି ନାହାନ୍ତି। ଏପରିକି ଆଇନଗତ ଲଢ଼େଇର ସୁଯୋଗ ମଧ୍ୟ ରାଜ୍ୟ ସରକାର ହାତଛଡ଼ା କରିବାକୁ ବସିଛନ୍ତି। ତେଣୁ ଆଗକୁ ମହାନଦୀର ଭବିଷ୍ୟତ ଅନ୍ଧକାରକୁ ଠେଲି ହୋଇଯିବାର ଆଶଙ୍କା ସୃଷ୍ଟି ହୋଇଛି। ଅନ୍ୟପଟେ ଜାନୁଆରୀ ୨୩ ତାରିଖ ଅର୍ଥାତ ଶୁକ୍ରବାର ମହାନଦୀ ପ୍ରସଙ୍ଗରେ ଏକ ସର୍ବଦଳୀୟ ବୈଠକ ଆହ୍ୱାନ କରାଯାଇଥିଲେ ହେଁ ଶେଷ ମୁହୂର୍ତ୍ତରେ ଏହାକୁ ରାଜ୍ୟ ସରକାର ବାତିଲ କରି ଦେଇଛନ୍ତି। ଯାହାକୁ ନେଇ ବିରୋଧୀ ବିଜେଡି, କଂଗ୍ରେସ ସହ ମହାନଦୀ ବଞ୍ଚାଅ ଆନ୍ଦୋଳନ ଓ ଅନ୍ୟ ସାମାଜିକ ସଂଗଠନଗୁଡ଼ିକ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି । ଅନ୍ୟପଟେ ସରକାର ଏହି ଦୋଷ ଖସାଇବା ପାଇଁ ୨୪ ବର୍ଷ ପୂର୍ବ ସରକାରଙ୍କ ଉପରେ ରାଜସ୍ୱ ମନ୍ତ୍ରୀ ଦୋଷ ଲଦୁଲଦୁ ନିଜ ସରକାରଙ୍କୁ ଅଠକାଠିରେ ଛନ୍ଦି ଦେଇଛନ୍ତି । ସେ କହିଛନ୍ତି ଯେ ୨୦୧୪ ରୁ ୨୦୨୨ ପର୍ଯ୍ୟନ୍ତ ଛତିଶଗଡ଼ ସରକାର ୫୦୦ରୁ ଅଧିକ ବ୍ୟାରେଜ ନିର୍ମାଣ କଲେ, ହେଲେ ସେ ସମୟରେ ରାଜ୍ୟ ସରକାର ବିରୋଧ କଲେ ନାହିଁ ବୋଲି ସୁରେଶ ଅଭିଯୋଗ କରିଛନ୍ତି। ତେବେ ଜଳସମ୍ପଦ ବିଭାଗ ତଥ୍ୟ ଦାଖଲ କରିବାରେ ବିଳମ୍ବ କରିବାରୁ ଟ୍ରିବ୍ୟୁନାଲ ସଂକ୍ରାନ୍ତ ଚିଠି ଲେଖାଯାଇ ପାରିନାହିଁ ବୋଲି ତାଙ୍କର ଟିପ୍ପଣୀ ନିଜ ସରକାର ଓ ଜଳସମ୍ପଦ ବିଭାଗର ଗୁମର ଖୋଲିଦେଇଛି।

ତେବେ ବିଜେଡି ସରକାର ଉପରେ ରାଜସ୍ୱ ମନ୍ତ୍ରୀଙ୍କ ଦୋଷାରୋପକୁ ଖଣ୍ଡନ କରିଛନ୍ତି ବିଜେଡି ଉପସଭାପତି ତଥା ପୂର୍ବତନ ମନ୍ତ୍ରୀ ଦେବୀ ମିଶ୍ର। ସେ କହିଛନ୍ତି ଯେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ ଜଣେ ପଢ଼ାଶୁଣା ଲୋକ। ସେମାନେ ଆମ ସହ ୯ ବର୍ଷ ସରକାରରେ ଥିଲେ। ମାତ୍ର ଏବେ ସେ ନୂଆ କାହାଣୀ କହୁଛନ୍ତି। ଲୋକ ଆଶା କରିଥିଲେ ଡିସେମ୍ବର ଭିତରେ ମହାନଦୀ ଜଳ ବିବାଦର ସମାଧାନ ହୋଇଯିବ। ଏକଥା ନିଜେ ମୁଖ୍ୟମନ୍ତ୍ରୀ ମଧ୍ୟ କହିଥିଲେ। ୨୦୧୬ରେ ନବୀନ ବାବୁ ଯେଉଁ ପ୍ରୟାସ ଆରମ୍ଭ କରିଥିଲେ ସେତେବେଳେ କେନ୍ଦ୍ର ସରକାର ତାକୁ ଗୁରୁତ୍ୱ ଦେଲେ ନାହିଁ। ସେତେବେଳେ ଛତିଶଗଡ଼ ବ୍ୟାରେଜ ନିର୍ମାଣ ନ କରିବାକୁ ଦାବି କରିଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ। ହେଲେ ରମଣ ସିଂ ତାକୁ ରୋକଠୋକ ମନା କରିଦେଲେ। କେନ୍ଦ୍ର ନିରବଦ୍ରଷ୍ଟା ରହିଲା। ଯାହା ଫଳରେ ଓଡ଼ିଶା ଟ୍ରିବ୍ୟୁନାଲକୁ ଗଲେ। ଆଜି ସର୍ବଦଳୀୟ କମିଟି ବୈଠକ ଡାକି ବନ୍ଦ କରିଦେଲେ ମହାନଦୀର ତଳିଆ ଅଞ୍ଚଳରେ ପାଣି ନାହିଁ। ଖରା ବଢିଲେ ଅବସ୍ଥା ଆହୁରି ଖରାପ ହେବ। ଇକୋ ସିଷ୍ଟମ ପ୍ରଭାବିତ ହେବ ବୋଲି ଶ୍ରୀ ମିଶ୍ର କହିଛନ୍ତି। ସେହିପରି ପିସିସି ସଭାପତି ଭକ୍ତ ଚରଣ ଦାସ ମଧ୍ୟ ଟ୍ରିପଲ ଇଂଜିନ ସରକାରରେ କାହିଁକି ମହାନଦୀ ସମସ୍ୟା ସମାଧାନ ହୋଇପାରୁନି ବୋଲି ସରକାରଙ୍କୁ ପ୍ରଶ୍ନ କରିଛନ୍ତି।

ଅନ୍ୟପଟେ ମହାନଦୀ ବଞ୍ଚାଅ ଆନ୍ଦୋଳନ ଆଜି ଏକ ଗୁରୁତ୍ୱପୂର୍ଣ୍ଣ ସାମ୍ବାଦିକ ସମ୍ମିଳନୀ କରି ସରକାରଙ୍କ ଉପରେ ବର୍ଷିଛନ୍ତି। ଛତିଶଗଡ କରିଥିବା ବାଲିବନ୍ଧ ଭାଙ୍ଗିବାକୁ ଛତିଶଗଡ ମୁଖ୍ୟମନ୍ତ୍ରୀଙ୍କ ସମେତ ପ୍ରଧାନମନ୍ତ୍ରୀ, ଓଡିଶା ମୁଖ୍ୟମନ୍ତ୍ରୀ, କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ତଥା ମହାନଦୀ କମିଟି ମୁଖ୍ୟ ଓ ମହାନଦୀ ଟ୍ରିବ୍ୟୁନାଲ ଅଧ୍ୟକ୍ଷଙ୍କୁ ସଂଗଠନ ଚିଠି ଲେଖି ଦାବି ଜଣାଇଛି। ଯଦି ସରକାର ଏହି ବାଲି ବନ୍ଧ ନ ଭଙ୍ଗନ୍ତି ତେବେ ୨୭ ତାରିଖରେ ମହାନଦୀ ବଞ୍ଚାଅ ଆନ୍ଦୋଳନ ସ୍ଥାନୀୟ ଜନସାଧାରଣଙ୍କୁ ନେଇ ବେଆଇନ ବାଲିବନ୍ଧ ଭାଙ୍ଗିବ ବୋଲି ସଂଗଠନର ଆବାହକ ସୁଦର୍ଶନ ଦାସ କହିଛନ୍ତି।

### ୪ର୍ଥ ଆସନ...

କଂଗ୍ରେସ ମଧ୍ୟ ଏହି ଆସନକୁ ଦଖଲ କରିପାରିବ। ତେଣୁ ସାମ୍ପ୍ରତିକ ରାଜନୈତିକ ସ୍ଥିତି ଓ ବିଧାନସଭା ଗଣିତକୁ ଦେଖିଲେ ଏହି ୪ର୍ଥ ଆସନ କ୍ଷେତ୍ରରେ କିଛି ବି ଘଟିପାରେ ବୋଲି ରାଜନୈତିକ ସମୀକ୍ଷକମାନେ ମତ ଦେଉଛନ୍ତି।

ଆଗାମୀ ରାଜ୍ୟସଭା ନିର୍ବାଚନରେ ଜଣେ ପ୍ରାର୍ଥୀଙ୍କୁ ବିଜୟୀ ହେବା ପାଇଁ ୩୦.୪ ପ୍ରଥମ ପସନ୍ଦ ଭୋଟ ଆବଶ୍ୟକ ରହିଛି। ବିଧାନସଭାର ୧୪୭ ଆସନ ମଧ୍ୟରୁ ବିଜେପି ନିକଟରେ ୭୯ ଜଣ ଦଳୀୟ ବିଧାୟକ ଓ ୩ ଜଣ ସ୍ୱାଧୀନ ବିଧାୟକଙ୍କ ସମର୍ଥନ ଥିବାରୁ ଦଳ ଅତି ସହଜରେ ୨ଟି ଆସନରେ ବିଜୟ ହୋଇ ପାରିବ। ଏହା ପରେ ବି ବିଜେପି ନିକଟରେ ସହଯୋଗୀ ୩ ସ୍ୱାଧୀନ ବିଧାୟକଙ୍କୁ ମିଶାଇ ମୋଟ ୨୦ ଭୋଟ ବଳକା ରହିବ। ତୃତୀୟ ଆସନରେ ବିଜୟୀ ହେବା ପାଇଁ ବିଜେପିକୁ ଆହୁରି ୧୧ଟି ଭୋଟର ଆବଶ୍ୟକତା ରହିଛି। ବିଜେଡିର ବଳକା ଭୋଟ ବା କଂଗ୍ରେସର ଭୋଟ ପାଇଲେ ବିଜେପି ୩ୟ ଆସନରେ ବିଜୟୀ ହୋଇ ପାରିବ। ସେହିପରି ବିଜେଡିର ବିଧାନସଭା ସଦସ୍ୟ ସଂଖ୍ୟା ୫୦। ଗୋଟିଏ ଆସନରେ ନିର୍ବିରୋଧ ବିଜୟ ପରେ ବିଜେଡି ନିକଟରେ ଆହୁରି ୧୯ଟି ବଳକା ଭୋଟ ରହୁଛି। ତେଣୁ କଂଗ୍ରେସ ବା ବିଜେପିର ସମର୍ଥନ ନେଇପାରିଲେ ବିଜେଡି ଏହି ଆସନକୁ ଦଖଲ କରିପାରିବ।

ଅନ୍ୟପକ୍ଷରେ ଚତୁର୍ଥ ଆସନରେ ବିଜୟ ପାଇଁ ୩୦.୪ ଅର୍ଥାତ୍ ହାରାହାରି ୩୧ ଆସନ ଆବଶ୍ୟକ ଥିବାବେଳେ କଂଗ୍ରେସ ନିକଟରେ ଆବଶ୍ୟକ ସଂଖ୍ୟା ନାହିଁ। ଏହି ପରିପ୍ରେକ୍ଷୀରେ କଂଗ୍ରେସ ଯଦି ପ୍ରାର୍ଥୀ ଦିଏ, ତେବେ ବିଜୟ ପାଇଁ ଦଳ ବିଜେଡି ବା ବିଜେପିର ସହଯୋଗ ଅନିବାର୍ଯ୍ୟ ହୋଇପଡ଼ିବ। ଏ କ୍ଷେତ୍ରରେ ବିଜେପି ତ କେବେହେଲେ କଂଗ୍ରେସକୁ ସମର୍ଥନ ଦେବାର ସମ୍ଭାବନା ନାହିଁ। ତେଣୁ କେବଳ ବିଜେଡି ସମର୍ଥନରେ ହିଁ କଂଗ୍ରେସ ବା କଂଗ୍ରେସ ସମର୍ଥନରେ ବିଜେଡି ୪ର୍ଥ ଆସନରେ ବିଜୟୀ ହୋଇ ପାରିବ। ତେଣୁ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟ ପାଇଁ ପ୍ରାର୍ଥୀଙ୍କୁ ବିଜେଡିର ବଳକା ଭୋଟ ସହ କଂଗ୍ରେସର ସମର୍ଥନ ଅତ୍ୟନ୍ତ ଜରୁରୀ। ବିଜେଡି ଓ ବିଜେପିର ବଳକା ଭୋଟ ୪ର୍ଥ ପ୍ରାର୍ଥୀଙ୍କୁ ବିଜୟୀ କରିବା ପାଇଁ ଯଥେଷ୍ଟ ଥିବାରୁ ବିଜେପି ୩ୟ ଆସନ ଓ ବିଜେଡି ୨ୟ ଆସନରେ ବିଜୟୀ ପାଇଁ ନିଶ୍ଚିତ ଉଦ୍ୟମ କରିବ। ତେଣୁ ବିଜେଡି -କଂଗ୍ରେସ, ବିଜେପି-ବିଜେଡି ବା ବିଜେପି-କଂଗ୍ରେସ କାହାରିକୁ ବି ପ୍ରାର୍ଥୀ କରିପାରନ୍ତି ବୋଲି କୁହାଯାଉଛି। ବିଜେପି ଓ କଂଗ୍ରେସ ମଧ୍ୟରେ ରହିଥିବା ସମ୍ପର୍କ ଦୃଷ୍ଟିରୁ ବିଜେଡି ଚେଷ୍ଟା କଲେ ୪ର୍ଥ ଆସନଟିକୁ ନିଜ ଦଖଲକୁ ନେଇପାରିବ।

ତେବେ ଏ କ୍ଷେତ୍ରରେ ଆଉ ଏକ ସମ୍ଭାବନା ରହିଛି। ରାଜ୍ୟରୁ ସ୍ୱାଧୀନ ଭାବରେ ପ୍ରାର୍ଥୀ ହେଉଥିବା କୌଣସି ପ୍ରତିଭାବାନ ବା ବିତ୍ତଶାଳୀ ବ୍ୟକ୍ତି ସ୍ୱାଧୀନ ପ୍ରାର୍ଥୀ ଭାବରେ ରାଜ୍ୟସଭାକୁ ନିର୍ବାଚିତ ହେବାର ସମ୍ଭାବନା ରହିଛି। ମାତ୍ର ଏଥିପାଇଁ ତାଙ୍କୁ ବିଜେଡି ଓ ବିଜେପିର ବଳକା ଭୋଟ, ବିଜେଡିର ବଳକା ଓ କଂଗ୍ରେସ ଭୋଟ ବା ବିଜେପିର ବଳକା ଭୋଟ ସହ କଂଗ୍ରେସ ବିଧାୟକଙ୍କ ସମର୍ଥନ ଜରୁରୀ ହେବ।

### ଛାଡ଼ପତ୍ରପ୍ରାପ୍ତ ଝିଅଙ୍କୁ...

ଆବେଦନକାରୀଙ୍କର ଆବେଦନକୁ ଆକାଉଣ୍ଟାଣ୍ଟ ଜେନେରାଲ ଏହି ଆଧାରରେ ପ୍ରତ୍ୟାଖ୍ୟାନ କରିଥିଲେ ଯେ, ପେନସନଭୋଗୀ ବାପା ବା ମା'ଙ୍କ ମୃତ୍ୟୁ ବେଳକୁ ସେମାନଙ୍କ ପାଖରେ ବିଧିବଦ୍ଧ ଛାଡ଼ପତ୍ର ଡିଗ୍ରୀ ନଥିଲା। ତେଣୁ ସେମାନଙ୍କୁ "ନିର୍ଭରଶୀଳ" ଶ୍ରେଣୀଭୁକ୍ତ କରାଯାଇ ପାରିବ ନାହିଁ ବୋଲି ଯୁକ୍ତି ଦର୍ଶାଯାଇଥିଲା। ଆବେଦନକାରୀ ଦର୍ଶାଇଥିଲେ ଯେ ସେ ତାଙ୍କ ପିତାମାତାଙ୍କ ପେନସନ ଉପରେ ନିର୍ଭରଶୀଳ ଥିଲେ ଓ ୨୦୧୦ଡିସେମ୍ବର୨୫ରୁ ପୈତୃକ ଘରେ ରହିଆସୁଥିଲେ।

### ୩ ମାସରେ ଗଲାଣି...

କପ୍ତିପଦା ବ୍ଲକ୍‌ରେ ୪ ଜଣ ଲେଖାଏଁ, ବହଳଦା, ମୋରଡା ଓ ଶାମାଖୁଣ୍ଟା ବ୍ଲକ୍‌ରେ ୩ ଜଣ ଲେଖାଏଁ ପ୍ରସୂତୀ ମୃତ୍ୟୁ ଉଦବେଗଜନକ ରହିଛି। ଏହି ଦୁଃଖଦ ଘଟଣା ସମ୍ପୃକ୍ତ ପରିବାରଙ୍କ ପାଇଁ ବଡ଼ ଆଘାତ ସାଜିଛି। ଡବଲ ଇଞ୍ଜିନ ସରକାରର ସମସ୍ତ ୯ ବିଧାୟକ, ୪ ସାଂସଦ ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବାବେଳେ ମହିଳା ରାଷ୍ଟ୍ରପତି ଏହି ଜିଲ୍ଲାର। ଏପରି ସ୍ଥଳେ ଜିଲ୍ଲାରେ ମାତୃ ସ୍ୱାସ୍ଥ୍ୟ ସେବାକୁ ଅଧିକ କ୍ରିୟାଶୀଳ ଓ ଶକ୍ତିଶାଳୀ କରିବା ଜରୁରୀ। ଏଭଳି ମୃତ୍ୟୁକୁ ରୋକିବା ପାଇଁ ତୁରନ୍ତ ପଦକ୍ଷେପ ଆବଶ୍ୟକ ବୋଲି ସମାଜର ବିଭିନ୍ନ ସ୍ତରରୁ ମତ ପ୍ରକାଶ ପାଉଥିବାବେଳେ ଗ୍ରାମାଞ୍ଚଳରେ ଅଧିକ ସଂଖ୍ୟକ ପ୍ରସବ କେନ୍ଦ୍ର, ଯୋଗ୍ୟ ଡାକ୍ତର ଓ ନର୍ସ, ଆମ୍ବୁଲାନ୍ସ ସେବାର ଉନ୍ନତି ଓ ଜନସଚେତନତା ବୃଦ୍ଧି କରିବା ଜରୁରୀ ବୋଲି ବିଶେଷଜ୍ଞ ମତ ପ୍ରକାଶ କରିଛନ୍ତି। ଏ ନେଇ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. କିଶୋର ଆଚାର୍ଯ୍ୟଙ୍କୁ ପଚାରିବାରୁ ମୟୂରଭଞ୍ଜ ଜିଲ୍ଲାରେ ସଚେତନା ଅଭାବ ଓ ପୁଷ୍ଟିକର ଖାଦ୍ୟ ନ ଖାଇବା ଫଳରେ ଏପରି ଘଟଣା ଘଟୁଛି ବୋଲି କହିଛନ୍ତି।

## ତେଜିଲା ଦଶାବତାର ମୂର୍ତ୍ତି ବିବାଦ

# ସିଂହଦ୍ୱାର ସମ୍ମୁଖରେ ମୂର୍ତ୍ତି ଆଣି ରଖିଲା ଜଗନ୍ନାଥ ସେନା

**ପୁରୀ,୨୩।୧(ସମିସ):** ବର୍ଷେ କି ଦୁଇବର୍ଷ ନୁହେଁ, ଦୀର୍ଘ ୧୪ ବର୍ଷ ହେବ ଶ୍ରୀହୀନ ଶ୍ରୀମନ୍ଦିର ମୁଖଶାଳା। ସିଂହଦ୍ୱାର ସମ୍ମୁଖରେ ଲାଗି ପାରୁନାହିଁ ଦଶାବତାର ମୂର୍ତ୍ତି। ଏହାକୁ ନେଇ ଦୀର୍ଘବର୍ଷ ହେବ ବାଦ ବିବାଦ ଲାଗି ରହିଥିବାବେଳେ ଗତ ପରିଚାଳନା କମିଟି ବୈଠକରେ ଏହି ପ୍ରସଙ୍ଗ ଉଠିଥିଲା। ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ଆଧାରରେ ପଦକ୍ଷେପ ନିଆଯିବ ବୋଲି ନିଷ୍ପତ୍ତି ହୋଇଥିଲା। ତେବେ ଶୁକ୍ରବାର ସିଂହଦ୍ୱାର ସମ୍ମୁଖରେ ଦେଖିବାକୁ ମିଳିଛି ଦଶାବତାର ମୂର୍ତ୍ତି ବିବାଦ। ଶ୍ରୀଜଗନ୍ନାଥ ସେନା କାରିଗରଙ୍କଠାରୁ ଏହି ମୂର୍ତ୍ତି ଆଣି ସିଂହଦ୍ୱାର ସମ୍ମୁଖରେ ପ୍ରଦର୍ଶନ କରିଛି। ଆଧ୍ୟାତ୍ମିକ ପରିବେଶରେ ପବିତ୍ର ଶ୍ରୀପଞ୍ଚମୀରେ ମୂର୍ତ୍ତି ଆଣି ରଖାଯାଇଛି। ମୂର୍ତ୍ତି ସ୍ଥାପନ ଲାଗି ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାରଙ୍କୁ ଏକ ମାସ ସମୟ ଦେଇଛି ସେନା। ପ୍ରଶାସନ ଏହା ନ ଲଗାଇଲେ ବାଧ୍ୟ ହୋଇ ଭକ୍ତଙ୍କ ସହାୟତାରେ ଶ୍ରୀଜଗନ୍ନାଥ ସେନା ନିଜେ ଲଗାଇବ ବୋଲି ଚେତାବନୀ ଦେଇଛି।

୨୦୧୨ ମସିହାରେ ମରାମତି ପାଇଁ ଏଏସ୍‌ଆଇ ସିଂହଦ୍ୱାର ଗୁମୁଟରୁ ଚୁନର ଦଶାବତାର ମୂର୍ତ୍ତି ଅପସାରଣ କରାଯାଇଥିଲା। ସେ ସମୟରେ ଦଶାବତାର ମୂର୍ତ୍ତି ହଟାଯିବାକୁ ନେଇ ତୀବ୍ର ବିବାଦ ଓ ଆନ୍ଦୋଳନ ମୁଣ୍ଡ ଟେକିଥିଲା। ପୁନର୍ବାର ପୂର୍ବ ସ୍ଥାନରେ ଦଶାବତାର ମୂର୍ତ୍ତି ଲଗାଇବା ପାଇଁ ଭକ୍ତ ଓ ବିଭିନ୍ନ ସଙ୍ଗଠନ ଦାବି କରିଥିଲେ। ତେଣୁ ଏଏସ୍‌ଆଇ ୨୦୧୨ରେ ବୀରହରେକୃଷ୍ଣପୁରର ମୂର୍ତ୍ତି କାରିଗର ମହେନ୍ଦ୍ର ସାମଲଙ୍କୁ ୩୫ ହଜାର ଟଙ୍କାରେ ଦଶ ଅବତାର ପଥର ମୂର୍ତ୍ତି ନିର୍ମାଣ ପାଇଁ ଅର୍ଡର ଦେଇଥିଲେ। ତିନିମାସ ଭିତରେ ମୂର୍ତ୍ତି ନିର୍ମାଣ ସାରିବା ପାଇଁ କହିଥିଲା ଏଏସ୍‌ଆଇ। ଏହା ପରଠାରୁ ନା ଏଏସ୍‌ଆଇ ଟଙ୍କା ଦେଇଥିଲା ନା ଶିଳ୍ପୀ ମହେନ୍ଦ୍ରଙ୍କ

**ଏକମାସ ଭିତରେ ସ୍ଥାପନ ନ ହେଲେ ନିଜେ ଲଗାଇବାକୁ ସେନାର ଚେତାବନୀ**

ପାଖକୁ ଯାଇଥିଲା। ଠିକ୍ ସେହି ସମୟରେ ଦଶାବତାର ମୂର୍ତ୍ତିଙ୍କ ନବମ ସ୍ଥାନରେ ବୁଦ୍ଧ ନା ଜଗନ୍ନାଥ ସ୍ଥାନୀତ କରାଯିବ ତାକୁ ନେଇ ବିବାଦ ମୁଣ୍ଡ ଟେକିଥିଲା। ଦଶାବତାର କହିଲେ ମତ୍ସ୍ୟ, କଶ୍ୟପ, ବରାହ, ନୃସିଂହ, ବାମନ, ପର୍ଶୁରାମ, ରାମ, ବଳରାମ, ବୁଦ୍ଧ ଓ କଲ୍‌କୀଙ୍କୁ ବୁଝାଏ। ମାତ୍ର ନବମ ସ୍ଥାନରେ ଜଗନ୍ନାଥ ରହିଥିଲେ। ଏହି ତ୍ରୁଟିକୁ ସୁଧାରି ଜଗନ୍ନାଥଙ୍କ ସ୍ଥାନରେ ବୁଦ୍ଧଙ୍କ ମୂର୍ତ୍ତି ଲଗାଇବାକୁ ଅନେକ ଯୁକ୍ତି ବାଢ଼ିଥିଲେ। ସେମାନେ କହିଥିଲେ ଯେ, ଶ୍ରୀଜଗନ୍ନାଥ ଅବତାର ନୁହଁନ୍ତି, ସେ ହେଉଛନ୍ତି ଅବତାରୀ। ଯେହେତୁ ନବମ ଅବତାର ବୁଦ୍ଧଙ୍କର ତେଣୁ ଦଶାବତାର ଭିତରେ ଜଗନ୍ନାଥ ରହିବା ଅନୁଚିତ ବୋଲି ମତ ରଖିଥିଲେ। ଅନେକ କିନ୍ତୁ ପୂର୍ବଭଳି ଦଶାବତାର ରଖିବାକୁ ଜିଦ୍ ଧରିଥିଲେ। ଏହି ବାଦ ବିବାଦ ଭିତରେ ମାମଲା ହାଇକୋର୍ଟରେ ପହଞ୍ଚିଥିବା ବେଳେ ଆଜି ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ଦଶାବତାର ମୂର୍ତ୍ତି ଲାଗିପାରୁ ନାହିଁ। ୨୦୨୩ରେ ଶ୍ରୀଜଗନ୍ନାଥ ସେନା ନିଜସ୍ୱ ଉଦ୍ୟମରେ ଚାନ୍ଦା କରି ୩୫ ହଜାର ଟଙ୍କା କାରିଗରଙ୍କୁ ଦେଇଥିଲା। ପୂର୍ବରୁ ପ୍ରସ୍ତୁତ ହୋଇ ରହିଥିବା ଦଶ ଅବତାର ମୂର୍ତ୍ତିକୁ ଶୁକ୍ରବାର ସେନା କାରିଗରଙ୍କଠାରୁ ଆଣି ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ପୂଜାର୍ଚ୍ଚନା କରିଥିଲା। ଏକ ମାସ ଭିତରେ ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ, ଶ୍ରୀମନ୍ଦିର ପ୍ରଶାସନ ଓ ରାଜ୍ୟ ସରକାର ମୂର୍ତ୍ତି ସ୍ଥାପନ କରିବାକୁ ଦାବି କରିଛି ସେନା। ଏହା ନ ହେଲେ ମୂର୍ତ୍ତି ନିର୍ମାଣ କରିଥିବା ଶିଳ୍ପୀ ଓ ପୁରୀ ପଥୁରିଆ ସାହିର ଶିଳ୍ପୀଙ୍କ ଦ୍ୱାରା ଭକ୍ତଙ୍କ ସହାୟତାରେ ଦଶ ଅବତାର ମୂର୍ତ୍ତି ସ୍ଥାପନ କରାଯିବ ବୋଲି ସେନାର ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି।

ଅନ୍ୟପକ୍ଷରେ ଦଶାବତାର ମୂର୍ତ୍ତି ସିଂହଦ୍ୱାର ପାଖର ରହିଥିବାରୁ ପବିତ୍ରତା ଦୃଷ୍ଟିରୁ ଏହାକୁ ବ୍ୟାରିକେଡ୍ କରି ରଖାଯାଇଛି। ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢୀ ଅନ୍ୟ ଅଧିକାରୀଙ୍କ ସହ ସେଠାକୁ ଆସି ଧାର୍ମିକ ଓ ପବିତ୍ରତା ଦୃଷ୍ଟିକୋଣରୁ ଏହାକୁ ସୁରକ୍ଷିତ ସ୍ଥାନରେ ରଖାଯିବ ବୋଲି କହିଥିଲେ। ଏଥିସହ ଜଗନ୍ନାଥ ସେନା ସହିତ ଆଲୋଚନା କରିଥିଲେ। ମୁଖ୍ୟ ପ୍ରଶାସକ କହିଛନ୍ତି, ଶ୍ରୀମନ୍ଦିରର ଧାର୍ମିକ ପ୍ରସଙ୍ଗରେ ଜଗତ୍‌ଗୁରୁ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ନିଆଯାଇଥାଏ। ତେଣୁ ଏହି ପ୍ରସଙ୍ଗରେ ଶଙ୍କରାଚାର୍ଯ୍ୟଙ୍କ ପରାମର୍ଶ ପରେ ଆଗାମୀ ପରିଚାଳନା କମିଟି ବୈଠକରେ ଏ ନେଇ ଆଲୋଚନା କରାଯିବ ବୋଲି କହିଛନ୍ତି।

# ୨ କୋଟିରୁ ଅଧିକ ଟଙ୍କାର ଠକେଇ: ଜଣେ ଗିରଫ

**କଟକ,୨୩।୧(ସମିସ):** କ୍ରାଇମବ୍ରାଞ୍ଚ ସାଇବର ଶାଖା ଏକ ବଡ଼ ଧରଣର ଅନଲାଇନ୍ ନିବେଶ ଠକେଇର ପର୍ଦ୍ଦାଫାସ୍ କରି ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ଖୋର୍ଦ୍ଧା ଜିଲ୍ଲା ବାଲିଅନ୍ତା ହଂସପାଳର ମେଟ୍ରୋ ସାଟେଲାଇଟ ସିଟି ସି ବ୍ଲକରେ ରହୁଥିବା ମନୋରଞ୍ଜନ ରାଉତ (୪୨)। ନକଲି ଟ୍ରେଡିଂ ପ୍ଲାଟଫର୍ମ ମାଧ୍ୟମରେ ଜଣେ ବ୍ୟକ୍ତିଙ୍କଠାରୁ ପ୍ରାୟ ୨କୋଟିରୁ ଅଧିକ ଟଙ୍କା ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଥିଲା। ସାଇବର ଠକ ଜଣକ ପ୍ରଥମେ ସୋସିଆଲ ମିଡିଆ ମାଧ୍ୟମରେ ପୀଡ଼ିତଙ୍କ ସହ ଯୋଗାଯୋଗ କରି ଏକ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସାମିଲ କରିଥିଲେ। ଅଧିକ ଲାଭର ପ୍ରଲୋଭନ ଦେଖାଇ ଆରସିଏଲ-ପିଏମଏ, ଫାଇଭମାକ୍ସ, ଭି୧୦୭୦୫ ଟ୍ରେଡର ହବ ଭଳି ନକଲି ଆପ୍ଲିକେସନରେ ନିବେଶ କରିବାକୁ ପୀଡ଼ିତଙ୍କୁ ପ୍ରବର୍ତ୍ତାଇଥିଲେ। ଅଭିଯୁକ୍ତମାନଙ୍କ ମିଥ୍ୟା ଆଶ୍ୱାସନାରେ ବଶବର୍ତ୍ତୀ ହୋଇ ପୀଡ଼ିତ ଜଣକ ସେମାନଙ୍କ ଦ୍ୱାରା ଦିଆଯାଇଥିବା ବିଭିନ୍ନ ବ୍ୟାଙ୍କ ଆକାଉଣ୍ଟକୁ ମୋଟ ୨କୋଟି ୧ଲକ୍ଷ ୫୦ ହଜାର ଟଙ୍କା ପଠାଇ ଠକେଇର ଶିକାର ହୋଇଥିବା ଜାଣି କ୍ରାଇମବ୍ରାଞ୍ଚରେ ଅଭିଯୋଗ କରିଥିଲେ। ଇନ୍ସପେକ୍ଟର ବିଜିତ କୁମାର ବେହେରାଙ୍କ ନେତୃତ୍ୱରେ କ୍ରାଇମବ୍ରାଞ୍ଚର ଏକ ତଦନ୍ତକାରୀ ଦଳ ଡିଜିଟାଲ ପ୍ରମାଣ ଏବଂ ବ୍ୟାଙ୍କ ନେଣଦେଣର ତଥ୍ୟ ଆଧାରରେ ଅଭିଯୁକ୍ତ ମନୋରଞ୍ଜନକୁ ଚିହ୍ନଟ କରି ଗିରଫ କରିଛନ୍ତି। ଅଭିଯୁକ୍ତ ନିକଟରୁ ପାଖରୁ ମୋବାଇଲ୍ ଫୋନ୍ ଏବଂ ସିମ୍ କାର୍ଡ ଭଳି ବହୁ ଆପତ୍ତିଜନକ ସାମଗ୍ରୀ ଜବତ କରାଯାଇଛି। ଅଭିଯୁକ୍ତ ବିରୋଧରେ ବିଭିନ୍ନ ସାଇବର ଅପରାଧ ଧାରା ବିଏନଏସ ଏବଂ ଆଇଟି ଆକ୍ଟ ଅନୁଯାୟୀ ମାମଲା ରୁଜୁ କରାଯାଇ ଭୁବନେଶ୍ୱର ଏସଡିଜେଏମ କୋର୍ଟରେ ହାଜର କରାଯାଇଛି।

**AFFIDAVIT**

By virtue of an affidavit no.3814, dtd.14.10.2025 before the Notary Public, Sambalpur, I, Smt. Kamalesh Kumari Parida, W/o- Lingraj Parida, At- Adarshmarg, Po/Ps– Ainthapali, Dist.: Sambalpur declare that my maiden name was Kamalesh Kumari Dang as per my Voter ID. After married with Lingraj Parida, my name changed from Kamalesh Kumari Dang to Kamalesh Kumari Parida. Henceforth, I shall be known as **Kamalesh Kumari Parida** for all purposes.

# ବାଲି ବୋଝେଇ ହାଇୱା ଜବତ; ୨ ମାମଲା ରୁଜୁ



**ଧାମନଗର, ୨୩।୧(ସମିସ):** ଧାମନଗର ଅଞ୍ଚଳରେ ଦିନ ରାତି ଖୋଲା ଖୋଲି କାହାକୁ ଖାତିରି ନକରି ବେଆଇନ ଭାବେ ମାଟି ଓ ବାଲି ଧାମନଗରର ବିଭିନ୍ନ ଅଞ୍ଚଳକୁ ଚାଲାଣ ବୃଦ୍ଧି ପାଇବାରେ ଲାଗିଛି। ଶୁକ୍ରବାର ଏକ ସାଙ୍ଗରେ ବାଲି ବୋଝେଇ ୨ଟି ହାଇୱା ବାରିକପୁର ବାଟ ଦେଇ ଚୁଡ଼ାକୁଟି ଅଭିମୁଖେ ଆସୁଥିବା ବେଳେ ଅଭିଲ ଛକରେ ଧାମନଗର ପୁଲିସ ଦ୍ୱାରା ଜବତ କରାଯାଇଛି। ପ୍ରକାଶ ଯେ, ଦିନ ଦ୍ୱିପ୍ରହରେ ଏହି ବାଲି ବୋଝେଇ ହାଇୱାରେ ଚୋରା ଚାଲାଣ ହେଉଥିବାର ବିଶେଷ ସୂତ୍ରରୁ ଖବର ପାଇ ଧାମନଗର ଥାନା ଆଇଆଇସି ରଞ୍ଜନ ସେଠୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମହେଶ୍ୱର ପ୍ରଧାନ ସଦଳବଳ ହାଇୱା ଜବତ କରି ଥାନାକୁ ଆଣିଥିଲେ। ଏହି ଦୁଇଟି ହାଇୱାକୁ ଥାନାରେ ଅଟକ ରଖି କାଗଜପତ୍ର ଯାଞ୍ଚ କରାଯାଇଥିଲା। ତେବେ ଟ୍ରକ୍ ଚାଳକ ଯୋଗ୍ୟ ଟ୍ରାଞ୍ଜିଟ ପାସ୍ ବା ୱାଇ ଫର୍ମ ଦେଖାଇ ପାରିନଥିଲେ। ଧାମନଗର ଥାନା କେଶ ନଂ ୩୨/୨୦୨୬ ଏବଂ ୩୩/୨୦୨୬ରେ ୨ଟି ମାମଲା ରୁଜୁ କରାଯାଇ ଥିବା ବେଳେ ଦୁଇ ଜଣ ଜଣ ଡ୍ରାଇଭରଙ୍କୁ ଥାନାରୁ ନୋଟିସ୍ ଦିଆଯାଇଛି ବୋଲି ଅଧିକାରୀ ରଞ୍ଜନ ସେଠୀ ସୂଚନା ଦେଇଛନ୍ତି। ତେବେ ବାଲି ପାଇଁ ସରକାରୀ ଓ ବେସରକାରୀ ଉନ୍ନତି ମୂଳକ କାର୍ଯ୍ୟ ନିମନ୍ତେ ଘୋର ଅଭାବ ଅସୁବିଧା ଦେଖାଦେଇଥିବାରୁ ରାଜ୍ୟ ସରକାର ଏବଂ ଜିଲ୍ଲା ପ୍ରଶାସନ ଏହାର ସାମାନ ପାଇଁ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ସାଧାରଣରେ ଦାବି କରିଛନ୍ତି।

## କୁଟାରେ ନିଆଁ ଲଗାଉଛନ୍ତି ଚାଷୀ

# କମୁଛି ଜମିର ଉର୍ବରତା; କୃଷି ବିଭାଗ ନିରବ

**ବନ୍ତ/ଆଗରପଡ଼ା, ୨୩/୧(ସମିସ)**



ଧାନ ଫସଲ ମେସିନରେ ଅମଳ ହେବା ପରେ ଜମିରେ ରହିଯାଉଥିବା ନଡ଼ାକୁ ଜମିରେ ନିଆଁ ଲଗାଇଦେଉଛନ୍ତି ଚାଷୀ। ଏହା ଦ୍ୱାରା ଜମିର ଉର୍ବରତା ନଷ୍ଟ ହେଉଛି। ଭଦ୍ରକ ଜିଲ୍ଲା ବନ୍ତ ବ୍ଲକ ଅଧୀନରେ ଥିବା ୨୫ଟି ପଞ୍ଚାୟତରେ ହେକ୍ଟର ହେକ୍ଟର ଚାଷ ଜମିରେ ଏଭଳି ନିଆଁ ଲାଗିଥିବା ଦେଖିବାକୁ ମିଳୁଛି। ଅଧିକାଂଶ ଲୋକ ନିଜ ନିଜ ଜମିରେ ନିଆଁ ଲଗାଇ ଉକ୍ତ ଜମିରେ ଥିବା ଘାସ ଓ ଅନାବନା ଗଛଗୁଡ଼ିକୁ ପୋଡ଼ି ଜମିକୁ ସଫା କରିଦେଉଛନ୍ତି। ଯାହା ଦ୍ୱାରା ପରିବେଶ ମଧ୍ୟ ପ୍ରଦୂଷିତ ହେଉଛି। ବେଳେ ବେଳେ ନିଆଁ ଚାରିଆଡ଼େ ବ୍ୟାପିଯାଇ ଜମିର ଆଖ ପାଖରେ ଥିବା ଜଙ୍ଗଲରେ ନିଆଁ ଲାଗି ଜଙ୍ଗଲ ସମ୍ପଦ ନଷ୍ଟ ହେବା ସହ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଥିବା ଦେଖିବାକୁ ମିଳୁଛି। ଚାଷ ଜମିରେ ନିଆଁ ନ ଲଗାଇବା ପାଇଁ କୃଷି ବିଭାଗ ଓ ସ୍ଥାନୀୟ ପ୍ରଶାସନ ପକ୍ଷରୁ ଆଦୌ ସଚେତନ କରାଯାଉନାହିଁ। ଫଳରେ ପ୍ରତିବର୍ଷ ଜମିରେ ନିଆଁ ଲଗାଇବା ଭଳି ଘଟଣା ବୃଦ୍ଧି ପାଇବାରେ ଲାଗିଛି। କୃଷି ବିଭାଗ କର୍ତ୍ତୃପକ୍ଷ ଏବଂ ପ୍ରଶାସନ ପକ୍ଷରୁ ତୁରନ୍ତ ଏ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରିବାକୁ ବିଭିନ୍ନ ମହଲରେ ଦାବି ହେଉଛି।

# ମହାବୀର ଯୁବକ ସଂଘର ସରସ୍ୱତୀ ପୂଜା



**ବନ୍ତ/ଆଗରପଡ଼ା, ୨୩।୧(ସମିସ):** ବନ୍ତ ବ୍ଲକ ବିଟିପୁର ପଞ୍ଚାୟତସ୍ଥିତ ମହାବୀର ଯୁବକ ସଂଘ ପକ୍ଷରୁ ଚଳିତ ବର୍ଷ ବାଗଦେବୀଙ୍କ ପୂଜାକୁ ନିଆରା ଢଙ୍ଗରେ ପାଳନ କରାଯାଇଛି। ମହାବୀର ଯୁବକ ସଂଘର ଏହା ୧୪ତମ ବାର୍ଷିକ ପୂଜା ଉତ୍ସବ ହୋଇଥିବାବେଳେ, ସ୍ଥାନୀୟ ଅଞ୍ଚଳର ମୂର୍ତ୍ତିକାର ପଦ୍ମନାଭ ସେଠୀଙ୍କ ନିଖୁଣ କଳାକୃତିରେ ଗଢାଯାଇଥିବା ମା'ଙ୍କ ଟେରାକୋଟା ମୂର୍ତ୍ତି ସମଗ୍ର ଅଞ୍ଚଳ ତଥା ରାଜ୍ୟରେ ପ୍ରଶଂସା ସାଉଁଟିଛି। ପୂଜା ଉପଲକ୍ଷେ ସ୍ଥାନୀୟ ଗ୍ରାମ୍ୟ ପୁଷ୍କରିଣୀରୁ ଏକ ଭବ୍ୟ ଶୋଭାଯାତ୍ରାରେ ଘଟ ଉତ୍ତୋଳନ କରାଯାଇ ପୂଜାସ୍ଥଳୀକୁ ଅଣାଯାଇଥିଲା। ସଂଘ ସଭାପତି ବାବୁରାମ ବେହେରା ଓ ସଭ୍ୟ ସାଇ ଶୁଭ୍ରାଂଶୁ ସେଠୀ କର୍ତ୍ତା ଭାବେ ଘଟ ଉତ୍ତୋଳନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରୁଦ୍ରପ୍ରତାପ ସିଂହ, ସଭ୍ୟ ରାଣାପ୍ରତାପ ସିଂହ, ଚିନ୍ମୟ ସିଂହ, ପ୍ରଦୀପ୍ତ ସେଠୀ, ଶୁଭମ୍ ସିଂହ, ରଞ୍ଜିତ ପ୍ରତାପ ସିଂହ, ଆୟୁଷ ସେଠୀ, ଶ୍ରୀତମ ସିଂହ, ବାପୁନୁ ସିଂହ, ଦଶରଥ ସିଂହ, ବଦ୍ରି ନାରାୟଣ ସିଂହ, ସୁଶାନ୍ତ ପେଡ଼ି, ଦେବାଶିଷ ଦାସ, ଅଭି ସେଠୀ ଏବଂ ସଭ୍ୟା ଲକ୍ଷ୍ମୀପ୍ରିୟା ସେଠୀ, କ୍ଷମାରାଣୀ ସେଠୀ, ଟୁଇଁକିଲ ସେଠୀ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସଭାପତି ଶ୍ରୀ ବେହେରାଙ୍କ ଅଧ୍ୟକ୍ଷତାରେ କୁନି କୁନି ପିଲାଙ୍କ ମଧ୍ୟରେ ଜିଲାପି ଡିଆଁ, ଗଣିତ ଦୌଡ଼, ମ୍ୟୁଜିକ ଚେୟାର ଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ



**ତିହିଡ଼ି, ୨୩।୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ନନ୍ଦପୁର ବଜାରରେ ମାଛ ମାର୍କେଟର ଶିଳାନ୍ୟାସ ଓ ମିଶନ ଶକ୍ତି ଗୃହର ଉଦ୍‌ଘାଟନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ମାଛହାଟର ଶିଳାନ୍ୟାନ କରିବା ପରେ ପଞ୍ଚାୟତ ସମିତି ଅନୁଦାନରେ ୩୦ ଲକ୍ଷ ଟଙ୍କାରେ ବ୍ୟୟରେ ନିର୍ମିତ ମିଶନ ଶକ୍ତି ଗୃହକୁ ଉଦଘାଟନ କରିଥିଲେ। ଯୁବନେତା ସୂର୍ଯ୍ୟନାରାୟଣ ଭୋଇଙ୍କ ଆୟୋଜନରେ ଉତ୍ସବରେ ସମିତିସଭ୍ୟା ମାଧବୀଲତା ଭୋଇ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଧାମନଗର ପ୍ରଭାରୀ ବୁଦ୍ଧଦେବ ଜେନା, ବରିଷ୍ଠ ନେତା ରଘୁନାଥ ପାତ୍ର, କାନ୍ତକବି ମଣ୍ଡଳ ସଭାପତି ସରୋଜ ନାୟକ, ସରପଞ୍ଚ ପ୍ରଦୀପ ବଳ, ଉଷକାନ୍ତ ନାୟକ, କମଳାକାନ୍ତ ଲେଙ୍କା, ପ୍ରଦୀପ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# 'ସାମୂହିକ ପ୍ରୟାସ ଜରିଆରେ ସମାଜର ନିରନ୍ତର ବିକାଶ ସମ୍ଭବ'

**ତିହିଡ଼ି, ୨୩।୧(ସମିସ):** ସମାଜ ଓ ପ୍ରକୃତି ଜଗତରେ ସନ୍ତୁଳନ ସ୍ଥାପନ କରିବାର ଏକ ସାମୁହିକ ପ୍ରୟାସ ହେଉଛି 'ନିରନ୍ତର ବିକାଶ'ର ଆଭିମୁଖ୍ୟ। ଏହା ବିଗତ ୨୦୧୫ ମସିହାରୁ ଜାତିସଂଘ ଦ୍ୱାରା ଗ୍ରହଣ କରାଯାଇଥିବା ୧୭ଟି ବିଶ୍ୱସ୍ତରୀୟଲକ୍ଷ୍ୟ ସମୂହ ଯାହାର ମୂଳ ଉଦ୍ଦେଶ୍ୟ ହେଉଛି ଆଗାମୀ ୨୦୩୦ ସୁଦ୍ଧା ସମାଜରୁ ଦାରିଦ୍ର ମୁକ୍ତ, କ୍ଷୁଧା ମୁକ୍ତ, ସୁସ୍ଥ ନିରାମୟ ଜୀବନ, ଗୁଣାତ୍ମକ ଶିକ୍ଷା, ଲିଙ୍ଗଗତ ସମାନତା, ସ୍ୱଚ୍ଛ ଜଳ ଓ ପରିମଳ, ସୁଲଭ ଓ ସ୍ୱଚ୍ଛ ଶକ୍ତି, ମର୍ଯ୍ୟାଦାସମ୍ପନ୍ନ କାର୍ଯ୍ୟ ଓ ଅର୍ଥନୈତିକ ବିକାଶ, ଶିଳ୍ପ, ଉଦ୍ଭାବନ ଓ ଭିତ୍ତିଭୂମି, ଅସମାନତା ହ୍ରାସ, ସହର ଜନ ସମୁଦାୟର ସ୍ଥାୟିତ୍ୱ, ଦାୟିତ୍ୱପୂର୍ଣ୍ଣ ବ୍ୟବହାର ଓ ଦୀର୍ଘସ୍ଥାୟୀ ଉତ୍ପାଦନ, ଜଳବାୟୁ ଭିତ୍ତିକ କାର୍ଯ୍ୟ ପନ୍ଥା, ଜଳ ଭିତରର ଜୀବନ, ସ୍ଥଳ ଭାଗରେ ଜୀବନ, ଶାନ୍ତି ନ୍ୟାୟ ଏବଂ ଦୃଢ ପ୍ରତିଷ୍ଠାନ ଓ ଲକ୍ଷ୍ୟ ହାସଲ ନିମନ୍ତେ ସହଭାଗିତା ଇତ୍ୟାଦିକୁ ସୁନିଶ୍ଚିତ କରିବା। ଏହାର ସଫଳତା ପାଇଁ ସଚେତନତା, ସକ୍ରିୟ ଭାଗୀଦାରି ଓ ଦାୟିତ୍ୱବୋଧ ଅତ୍ୟାବଶ୍ୟକ ବୋଲି ତିହିଡ଼ି ବ୍ଲକ ପ୍ରଶାସନ ପକ୍ଷରୁ ଅନୁଷ୍ଠିତ ବ୍ଲକସ୍ତରୀୟ ପ୍ରଶିକ୍ଷଣ କର୍ମଶାଳାରେ ଅତିଥିମାନେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବିଡିଓ ନିରଞ୍ଜନ ବାରିକଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥି ଓ ପ୍ରଶିକ୍ଷଣ ଭାବେ ଜିଲ୍ଲା ପ୍ଲାନିଂର ଡେପୁଟି ଡାଇରେକ୍ଟର ପ୍ରହ୍ଲାଦ ରଣା, ଅତିରିକ୍ତ ବିଡିଓ ମୀନକେତନ ବାରିକ, ଭଗବାନ ବାରିକ, ରଶ୍ମିତା ପୃଷ୍ଟି, ପାଳିଆବିନ୍ଧା କଲେଜ ଓଡ଼ିଆ ବିଭାଗ ମୁଖ୍ୟ ଡକ୍ଟର ବିଶ୍ୱରଞ୍ଜନ ଦାସ ଓ ତିହିଡ଼ି ଡିଗ୍ରୀ କଲେଜ ଅଧ୍ୟକ୍ଷ ରମେଶ ପ୍ରତାପ ଯୋଗଦେଇ ସମସ୍ତଙ୍କ ସହଯୋଗରେ ଗ୍ରାମ୍ୟ ସମାଜ, ଲୋକ ସଭ୍ୟତା ଓ ପୃଥିବୀରେ ନିରନ୍ତର ବିକାଶର ସଫଳତା ହାସଲ କରିପାରିବ ବୋଲି କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବ୍ଲକସ୍ତରୀୟ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତିସଭ୍ୟ, ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟା, ସମବାୟ ସମିତି ସମ୍ପାଦକ ଓ ବିଭିନ୍ନ ବିଭାଗର କର୍ମକର୍ତ୍ତା ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# ବିରଞ୍ଚି ନାରାୟଣ ମନ୍ଦିର ବୁଲିଲେ ଅତିରିକ୍ତ ସହକାରୀ କମିଶନର



**ତିହିଡ଼ି, ୨୩।୧(ସମିସ):** ଓଡ଼ିଶା ରାଜ୍ୟ ସରକାରଙ୍କର ଦେବୋତ୍ତର ବିଭାଗ ତରଫରୁ ତିହିଡ଼ି ପାଳିଆବିନ୍ଧା ସ୍ଥିତ ବିରଞ୍ଚି ନାରାୟଣ ମନ୍ଦିର ପରିଦର୍ଶନ କରାଯିବା ସହ ବିଭିନ୍ନ କାର୍ଯ୍ୟର ସମୀକ୍ଷା କରାଯାଇଛି। ଦେବୋତର ବିଭାଗର ଅତିରିକ୍ତ ସହକାରୀ କମିଶନର ପ୍ରକାଶ କର ଏବଂ ଦେବୋତର ବିଭାଗ ନିରୀକ୍ଷକ ଦେବବ୍ରତ ବିଶ୍ୱାଳ ପ୍ରମୁଖ ପରିଦର୍ଶନରେ ଆସି ମନ୍ଦିର ଓ ମନ୍ଦିର ପରିସର ବୁଲି ଦେଖିଥିଲେ। ମନ୍ଦିର ଟ୍ରଷ୍ଟ ପକ୍ଷରୁ ମ୍ୟାନେଜିଂ ଟ୍ରଷ୍ଟି ସୁଧନ୍ୱା ନାୟକ, ସଭ୍ୟ ବିକାଶ ହାପାତ୍ର, ରାମନାରାୟଣ ନାୟକ, ବିଜୟ କୁମାର ପାତ୍ର, ତାପସ ଦାସ, ଅଜିତ ମହାନ୍ତି, ରଣଜିତ ଦାସ, ମଦନ ମୋହନ ମୁଦୁଲି, କ୍ଷୀରୋଦ ଚନ୍ଦ୍ର ଶତପଥି, ରଣଜିତ କୁମାର ନାୟକ, ବାବାଜୀ ଚରଣ ବିଶ୍ୱାଳ ଓ ସୁରେଶ ଚନ୍ଦ୍ର ପାତ୍ର ଓ ପୂର୍ବତନ ସରପଞ୍ଚ ଅର୍ଚ୍ଚନା ନାୟକ ପ୍ରମୁଖ ସେମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ। କମିଶନର ଶ୍ରୀ କର ଟ୍ରଷ୍ଟର ସଦସ୍ୟମାନଙ୍କ ସହ ଆଲୋଚନା କରିଥିଲେ। ମନ୍ଦିରର ନିଜସ୍ୱ ଆୟ କିପରି ବୃଦ୍ଧି ପାଇବ ଓ ମନ୍ଦିର କିପରି ସୁରକ୍ଷିତ ରହି ପାରିବ ସେ ନେଇ ପରାମର୍ଶ ଦେଇଥିଲେ। ନବମ ଶତାବ୍ଦିରେ ନିର୍ମିତ ଏହି ମନ୍ଦିରରେ ନେତ ବାନ୍ଧିବା ପାଇଁ ଏକ ଲୁହା ଶିଡ଼ି ନିର୍ମାଣ କରିବା ସହ ମନ୍ଦିର ପରିସରରେ ଯଜ୍ଞକୁଣ୍ଡ ନିର୍ମାଣ ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଅନୁରୋଧ କରାଯାଇଥିଲା। ସେହିପରି ମନ୍ଦିର ନାମରେ ଥିବା ଜମି ଉଦ୍ଧାର କରିବା ପାଇଁ ମଧ୍ୟ କମିଶନର ପରାମର୍ଶ ଦେଇଥିଲେ।

# ବୀଣାପାଣି ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ




**ତିହିଡ଼ି, ୨୩।୧(ସମିସ):** ତିହିଡ଼ି ବ୍ଲକ ଅଧୀନ ଅଚକ ପଞ୍ଚାୟତ ମହାଜନ ସାହିର ବୀଣାପାଣି ଯୁବ ପରିଷଦର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି। ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶ ସୂରଜ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିବା ସହ ଯୁବପିଢ଼ି ଆଧୁନିକ ବୁଝାମଣା ସହ ପରମ୍ପରାକୁ ଆପଣେଇନେଲେ ସଂସ୍କୃତିର କଦାପି ନଷ୍ଟ ହୁଏ ନାହିଁ ବରଂ ଏହା ଶାଶ୍ୱତ ହୋଇଉଠେ ବୋଲି କହିଥିଲେ। ସ୍ୱଦେଶୀ ଦ୍ରବ୍ୟ ବ୍ୟବହାର କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ପରିଷଦର ଉପଦେଷ୍ଟା ଅମରନାଥ ଶତପଥୀଙ୍କ ସଭାପତିତ୍ୱ ଓ ଗୀତିକାର ସିଦ୍ଧାର୍ଥ ସାହୁଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ସମାରୋହରେ ସୋସୋ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ଶବିଶରଣ ଖାମୁରାଇ ମୁଖ୍ୟବକ୍ତା, ଅଚକ ପଞ୍ଚାୟତର ସମିତିସଭ୍ୟା ମାଧବୀଲତା ଭୋଇ, ସାମ୍ବାଦିକ ରାମନାରାୟଣ ନାୟକ ସମ୍ମାନୀତ ଅତିଥିଭାବେ ଯୋଗଦେଇ ଅନୁଷ୍ଠାନର ନିରବଚ୍ଛିନ୍ନ କାର୍ଯ୍ୟକ୍ରମ ଅନ୍ୟ ଅନୁଷ୍ଠାନ ପାଇଁ ପ୍ରେରଣାର ଉତ୍ସ ହେବ ବୋଲି କହିଥିଲେ। ସଭାପତି ମାନସ କୁମାର ସାହୁ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଅନୁଷ୍ଠାନର କାର୍ଯ୍ୟକ୍ରମକୁ ନିରନ୍ତରତା ପ୍ରଦାନ କରିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଶିଷ୍ଟ ପ୍ରବଚକ ସଂଗ୍ରାମ ଆଚାର୍ଯ୍ୟଙ୍କ ପ୍ରବଚନ କାର୍ଯ୍ୟକ୍ରମ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି କରିଥିଲା। ଅନୁଷ୍ଠାନ ପକ୍ଷରୁ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।


# ଆଗରପଡ଼ାରେ ବାଗ୍‌ଦେବୀଙ୍କ ପୂଜାର୍ଚ୍ଚନା



**ବନ୍ତ/ଆଗରପଡ଼ା, ୨୩।୧(ସମିସ):** ବନ୍ତ ବ୍ଲକ ତଥା ଆଗରପଡ଼ା ଓ ଏହାର ଆଖପାଖ ବିଭିନ୍ନ ଶିକ୍ଷାନୁଷ୍ଠାନ ଏବଂ କ୍ଲବ୍‌ମାନଙ୍କରେ ବାଗଦେବୀଙ୍କର ପୂଜାର୍ଚ୍ଚନା ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଗଣିଜାଙ୍ଗ ଗ୍ରାମ ପଞ୍ଚାୟତ ବାଳିକା ଉଚ୍ଚ ବିଦ୍ୟାଳୟରେ ମା' ସରସ୍ୱତୀଙ୍କ ପୂଜା ଧୁମ୍ ଧାମରେ ପାଳିତ ହୋଇଯାଇଛି। ପୂଜାରୀ ସୋମନାଥ ଦାଶ ସମସ୍ତ ପୂଜା କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ପ୍ରଫୁଲ୍ଲ କୁମାର ଦାସ ଶିକ୍ଷକ/ଶିକ୍ଷୟତ୍ରୀ ପ୍ରତିମା ଭୂୟାଁ, ବିଶ୍ୱନାଥ ନାୟକ, ଅଞ୍ଜୁଶ୍ରୀ ଜେନା, ନିବେଦିତା ଘଡାଇ, ଶୋଭାରାନୀ ଦାସ, ଧ୍ରୁବ ଚରଣ କର, ମନୋରମା ଦାସ, ଯମୁନା ମୁଖୀ ଉପସ୍ଥିତ ରହିଥିବା ବେଳେ ଶୁଭଶ୍ରୀ ପଲାଇ, ରଶ୍ମିତା ପାଲ, ନମିତା ପାଲ, ଜ୍ୟୋତି ପ୍ରଭା ନାୟକ, ସାଇସ୍ୱରି ନାଥ, ସୁଭସ୍ମିତା ସାମଲ, ପୁଷ୍ପାରାଣୀ ନାୟକ, ସୁସ୍ମିତା ଗିରି, ପ୍ରଣତି ଜେନା ସମେତ ସମସ୍ତ ଛାତ୍ରୀ ସହଯୋଗ କରିଥିଲେ। ସେହିପରି ସରକାରୀ ପ୍ରାଥମିକ ବିଦ୍ୟାଳୟ ବିନାୟକପୁର ବିଦ୍ୟାଳୟରେ ମା'ଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଯାଇଛି। ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଟୁଟୁ କୁମାର ପାଲଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ମା ସରସ୍ୱତୀଙ୍କ ପୂଜାରେ ପୂଜାରୀ ତଥା ସହକାରୀ ଶିକ୍ଷକ ଜିତେନ୍ଦ୍ର ମିଶ୍ର ସମସ୍ତ ପୂଜା ସମ୍ପାଦନ କରିଥିବା ବେଳେ ସିଆରସିସି ପ୍ରଫୁଲ୍ଲ ଦାସ, ପୂର୍ଣ୍ଣିମା ଦାସ, ଶରତ ଦାସ, ତାରିଣୀ ପ୍ରସାଦ ଦାସ, ପ୍ରଭାତୀ ମୁଦୁଲି, ନମିତା ଦାସ, ପ୍ରମିଳା ଦାସ, ରୀନାରାଣୀ ଦାସ, ଅହଲ୍ୟା ଦାସ, କନକ ଲତା ଦାସ ପ୍ରମୁଖ ସହଯୋଗ କରିଥିଲେ। ସେହିପରି ବନ୍ତ ବ୍ଲକର ବିଭିନ୍ନ ସ୍ଥାନରେ ବାଗଦେବୀଙ୍କର ପୂଜାର୍ଚ୍ଚନା ପାଳିତ ହୋଇଯାଇଛି।

# ବାଗ୍‌ଦେବୀଙ୍କୁ ପୂଜିଲେ, ଆଶିଷ ନେଲେ

**ଅସୁରାଳି, ୨୩।୧ସମିସ):** ପବିତ୍ର ବସନ୍ତ ପଞ୍ଚମୀ ଅବସରରେ ମା ବାଗଦେବୀ ଙ୍କ ପୂଜା ଉତ୍ସବ କୋଠାର ଅଞ୍ଚଳ ରେ ମହା ସମାରୋହ ରେ ଅନୁଷ୍ଠିତ ହୋଇ ଯାଇଛି। କୋଠାର କଚେରୀ ଦାଣ୍ଡ ଓ କୋଠାର ଛକ ଠାରେ ପ୍ରାୟ ପଚାଶ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି ଏହି ପୂଜା ଅନୁଷ୍ଠିତ ହୋଇ ଆସୁଛି। ଏହି ଅବସରରେ କଚେରୀ ଦାଣ୍ଡ ଠାରେ ଅପେରା ମଞ୍ଚସ୍ଥ ହୋଇଥାଏ। ସେହିପରି କୋଠାର କଲେଜ, କୋଠାର ହାଇସ୍କୁଲ, ନସଲାପୁର ଯୁବକ ସଂଘ, ଡିଲୋ ରାଉତ ସାହି ଧୂଷୁରୀ ବେତାଲିଙ୍ଗା ଗୋବିନ୍ଦ ପୁର ଅସୁରାଳୀ ଗାଡ଼ିଆଲି କଟସାହିମଙ୍ଗଳପୁର ରହୀପୁର ବାମକୁରା ଫତେପୁର ବିଭିନ୍ନ ଅନୁଷ୍ଠାନ ରେ ମା ଙ୍କର ପୂଜା ଅନୁଷ୍ଠିତ ହୋଇଛି, ଓ ମହାନ୍ତି ସାହି ଯୁବକ ସଂଘ ରେ ମଧ୍ୟ ମା ଙ୍କର ପୂଜା ଧୁମ ଧାମ ରେ ଅନୁଷ୍ଠିତ ହୋଇଛି।



## ମା' ରଟନ୍ତୀ କାଳୀ ପୂଜାର ୬ଷ୍ଠ ସନ୍ଧ୍ୟା

# ଦୁଲୁକୁଛି ଯାତ୍ରା ମଞ୍ଚ, ବଢୁଛି ଭିଡ଼



**ଅସୁରାଳି, ୨୩।୧(ସମିସ)**

ଅସୁରାଳୀରେ ଚାଲୁଥିବା ମା' ରଟନ୍ତୀ କାଳୀ ପୂଜାରେ ଷଷ୍ଠ ସନ୍ଧ୍ୟା ଆଧ୍ୟାତ୍ମିକ ଓ ସାଂସ୍କୃତିକ ଉତ୍ସାହରେ ଭରିଥିଲା। ଏହି ସନ୍ଧ୍ୟାରେ ଧୂଷୁରୀ ଜୋନ୍ ଜିଲ୍ଲାପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ଡାକ୍ତର ସଞ୍ଜୟ ଦାସ, ପୂର୍ବତନ ବ୍ଲକ ଅଧ୍ୟକ୍ଷ ଅଶୋକ ନାୟକ, ସମାଜସେବୀ ଅଶୋକ ଦାସ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅମରେନ୍ଦ୍ର ନାୟକ, ଅରୁଣ ସାହୁ ପ୍ରମୁଖ ଅତିଥିମାନେ ଯୋଗଦେଇଥିଲେ। ସାଧାରଣ ଭକ୍ତଜନଙ୍କ ଉପସ୍ଥିତିରେ ମା'ଙ୍କ ଆରତି, ପ୍ରବଚନ ଓ ଭଜନ ସନ୍ଧ୍ୟା ଆୟୋଜିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଓଡ଼ିଶୀ ଓ ସମ୍ବଲପୁରୀ ନୃତ୍ୟ ସହିତ ପିଲାମାନଙ୍କ ନୃତ୍ୟ ପ୍ରତିଯୋଗିତା ଦର୍ଶକଙ୍କୁ ଆନନ୍ଦିତ କରିଥିଲା। ଏହାଛଡ଼ା, ୬ଷ୍ଠ ରାତ୍ରିରୁ 'ଯାତ୍ରା ଓଁକାର' ଦ୍ୱାରା ଫ୍ରି ଅପେରା ଶୋ ଆରମ୍ଭ ହୋଇଥିବାରୁ ଗ୍ରାମବାସୀ ଓ ଅତିଥିମାନଙ୍କ ଭିଡ଼ ବହୁଗୁଣା ବଢ଼ିଛି। ଅପେରାର ଆକର୍ଷଣୀୟ ପ୍ରଦର୍ଶନ ସାଧାରଣ ଜନତାଙ୍କୁ ମନୋରଞ୍ଜନ ସହିତ ଆଧ୍ୟାତ୍ମିକ ଉତ୍ସବରେ ଅଧିକ ସଂଲଗ୍ନ କରୁଛି। ପୂଜା କମିଟି ସଭାପତି ଡା. ସଦାନନ୍ଦ ଦାସଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟମାନେ ତଥା ସମ୍ପାଦକ ଅଜୟ ସ୍ୱାଇଁ, ସହସମ୍ପାଦକ ଅମୂଲ୍ୟ ବେହେରା, ଉପଦେଷ୍ଟା ଅଙ୍କୁର କବି, କୋଷାଧ୍ୟକ୍ଷ ପ୍ରତାପ ସ୍ୱାଇଁ, ନାରାୟଣ ଚନ୍ଦ୍ର ସାହୁ, ଶାରଦା ପ୍ରସନ୍ନ ସାହୁ, ହୁନକୁ ମଲ୍ଲିକ, ସମାଜସେବୀ ସୂରଜ ସାହୁ, ବିଷ୍ଣୁ ବେହେରା, ଅଶୋକ ଦାସ, ହେମେନ୍ଦ୍ର ସାହୁ, ଦେବରାଜ ଖଟୁଆ, ଅଶୋକ ଦାସ, କାହ୍ନୁ ଚରଣ ରାଉତ ଓ ଅନ୍ୟାନ୍ୟ ସଦସ୍ୟମାନେ ଏହି ବର୍ଷର ପୂଜାକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରୟାସରତ। ପୁଲିସ୍ ପ୍ରଶାସନର ସହଯୋଗରେ ଶାନ୍ତି ଶୃଙ୍ଖଳା ରକ୍ଷା କରାଯାଇଛି। ମା' ରଟନ୍ତୀ କାଳୀ ପୂଜା କେବଳ ଧାର୍ମିକ ଆସ୍ଥାର ପ୍ରତୀକ ନୁହେଁ, ଏହା ଅସୁରାଳୀର ସାମୁଦାୟିକ ସଂହତି, ସାଂସ୍କୃତିକ ଉନ୍ନତି ଓ ଲୋକପ୍ରିୟତାର ଜୀବନ୍ତ ଉଦାହରଣ ଭାବେ ପରିଚିତ ହୋଇଛି।

# ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟିତ



**ଭଣ୍ଡାରିପୋଖରୀ/ବାରିକପୁର, ୨୩।୧(ସମିସ):** ପବିତ୍ର ସରସ୍ୱତୀ ପୂଜା ଉପଲକ୍ଷେ ଆଜି ଏକ ରଙ୍ଗାରଙ୍ଗ ସନ୍ଧ୍ୟାରେ ଚନ୍ଦ୍ରଭାନପୁର ପଡ଼ିଆ ଠାରେ ଭଣ୍ଡାରିପୋଖରୀ ମହୋତ୍ସବ ଉଦ୍‌ଘାଟିତ ହୋଇଯାଇଛି। ମହୋତ୍ସବ କମିଟି ସଭାପତି ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ ଯୋଗଦେଇ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଏହା ଗୌରବମୟ ଇତିହାସକୁ ମନେ ପକାଇବାର ସୁଅବସର ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ, ବର୍ଷିଆନ ନାଟ୍ୟକାର ତଥା ସାହିତ୍ୟିକ ସୁଧାକର ନନ୍ଦ, ଯୁବ ଉଦ୍ୟୋଗୀ ସଞ୍ଜୀବ କୁମାର ପରିଡ଼ା ପ୍ରମୁଖ ଯୋଗଦେଇ ଆମ ଅଞ୍ଚଳର କଳା ସଂସ୍କୃତିକୁ ଉଜ୍ଜୀବିତ କରିବା ମହୋତ୍ସବର ଲକ୍ଷ୍ୟ ବୋଲି ମତପ୍ରକାଶ କରିଥିଲେ। ମହୋତ୍ସବ କମିଟି ସମ୍ପାଦକ ଗୋଲଖ ଚନ୍ଦ୍ର ବେହେରା ବାର୍ଷିକ ବିବରଣୀ ପାଠ କରିଥିଲେ। ସେହିଭଳି ଅଧ୍ୟାପକ ଭରତ ଚନ୍ଦ୍ର କରଣ ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଶିକ୍ଷକ ପବନ କୁମାର ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପଞ୍ଚାୟତ ପ୍ରତିନିଧି ଓ ସମ୍ବାୟ ସମିତି ସଭାପତି ମାନଙ୍କୁ ଅତିଥିମାନେ ସମ୍ମାନୀତ କରିଥିଲେ। ମହୋତ୍ସବ କମିଟି ସଦସ୍ୟ ବିଜୟ ଶଙ୍କର ମହାନ୍ତି ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଭୁବନେଶ୍ୱର କଳାକାର ମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ଉଦଘାଟନୀ ସନ୍ଧ୍ୟା କାର୍ଯ୍ୟକ୍ରମକୁ ରଜନୀକାନ୍ତ ଚନ୍ଦ, ରାଜେନ୍ଦ୍ର ଖଣ୍ଡାଇ, ଜ୍ୟୋତି ରଞ୍ଜନ ନାୟକ, ସତ୍ୟାନନ୍ଦ ମହାପାତ୍ର ସୁଶାନ୍ତ କୁମାର ଦାସ ପ୍ରମୁଖ ପରିଚାଳନା କରିଥିଲେ।

# ଗୁଟ୍‌ଖା ବ୍ୟାନ୍ ପରେ ମାଲାମାଲ ଅସାଧୁ ବ୍ୟବସାୟୀ



## ଗଚ୍ଛିତ ରଖିଛନ୍ତି ଲକ୍ଷ ଲକ୍ଷ ଟଙ୍କାର ସାମଗ୍ରୀ

ଧାମନଗର,୨୩।୧(ସମିସ): ରାଜ୍ୟରେ ଗୁଟ୍‌ଖା, ସିଗାରେଟ ସହ ସମସ୍ତ ତମାଖୁ ଜାତ ଦ୍ରବ୍ୟ ଓ ନିକୋଟିନ୍ ଯୁକ୍ତ ସାମଗ୍ରୀ ଉପରେ ସମ୍ପୂର୍ଣ୍ଣ ବ୍ୟାନ୍ ଘୋଷଣା କରିଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଏବଂ ସାର୍ବଜନୀନ ସ୍ୱାସ୍ଥ୍ୟ ସୁରକ୍ଷା ଦୃଷ୍ଟିରୁ ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ନିଷେଧାଦେଶ ଜାରି ହୋଇଛି। କିନ୍ତୁ କାଗଜ କଲମରେ ପ୍ରଚାର ଯେତେ ଜୋରଦାର ହେଉଛି ବାସ୍ତବରେ ତାହାର ଓଲଟା ଦେଖିବାକୁ ମିଳୁଛି। ଯାହାଫଳରେ ଏହି ସବୁ ଦ୍ରବ୍ୟର କଳାବଜାରୀ ବହୁ ପରିମାଣରେ ବୃଦ୍ଧି ପାଉଛି। ଯାହାର ବାସ୍ତବ ଚିତ୍ର ଏବେ ଧାମନଗର ଅଞ୍ଚଳର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳୁଛି। ତମାଖୁ ବ୍ୟାନକୁ ଆଖି ଆଗରେ ରଖି କିଛି ଅସାଧୁ ବ୍ୟବସାୟୀ ଲାଭଖୋର ମନୋବୃତ୍ତି ନେଇ ପୂର୍ବରୁ ଲକ୍ଷାଧିକ ଟଙ୍କାର ଗୁଟ୍‌ଖା-ତମାଖୁ ସାମଗ୍ରୀ ଗଚ୍ଛିତ କରି ରଖିଥିବା ଦେଖିବାକୁ ମିଳୁଛି। କିନ୍ତୁ ସରକାର ସମ୍ପୂର୍ଣ୍ଣ ବେଆଇନ୍ ଘୋଷଣା କରିବା ସହ ବିକ୍ରି ଉପରେ ରୋକ ଲଗାଇବାଇବାକୁ ଦୃଢ଼ ପଦକ୍ଷେପ ନେବା ଜାଣିବା ପରେ ଅସାଧୁ ବ୍ୟବସାୟୀମାନେ ଗଛିତ ରଖିଥିବା ନିଶା ଦ୍ରବ୍ୟକୁ ଛୋଟ ଛୋଟ ବ୍ୟବସାୟୀଙ୍କ ନିକଟକୁ ପଠାଇ ଅଧିକ ଦାମରେ କଳାବଜାରୀ କରୁଥିବାର ଦେଖିବାକୁ ମିଳୁଛି। ଅସାଧୁ ବ୍ୟବସାୟୀମାନେ ଏହି ସାମଗ୍ରୀକୁ ନିଜ ଦୋକାନ ଗୋଦାମରେ ନରଖି ନିଜ ଘରେ ଅବା ବିଭିନ୍ନ ଗୁପ୍ତ ସ୍ଥାନଗୁଡ଼ିକରେ ମହଜୁଦ ରିଖିଛନ୍ତି। ସରକାରୀ ସ୍ତରରେ ବ୍ୟାନ ହୋଇଥିଲେ ମଧ୍ୟ କଡ଼ା ଆଭିମୁଖ୍ୟ ଅଭାବରୁ ଏହାର ପ୍ରଭାବ ଅସାଧୁ ବେପାରୀଙ୍କ ଉପରେ କିଛି ଫରକ ପଡୁନାହିଁ। ବରଂ ଏହି ସବୁ ସାମଗ୍ରୀର ହଠାତ୍ ଅଧିକ ମୁଲ୍ୟରେ ବିକ୍ରି କରି ଲାଭମାନ ହେଉଛନ୍ତି। ସତେ ଯେମିତି ଏହା ଧର୍ମକୁ ଆଖିଠାର ସଦୃଶ ପାଲଟିଛି। ଯାହାଫଳରେ ସାଧାରଣ ଲୋକେ ପରୋକ୍ଷରେ ଅଧିକ ଖର୍ଚ୍ଚାନ୍ତ ହେଉଛନ୍ତି। ଏହି ବିଷୟରେ ଖୁଚୁରା ଦୋକାନୀଙ୍କ ମତ ହେଉଛି, ସରକାରଙ୍କର ଏଭଳି ନିଷ୍ପତ୍ତି ସ୍ୱାଗତଯୋଗ୍ୟ, କିନ୍ତୁ ଯଦି ଏହି ସବୁ ସାମଗ୍ରୀକୁ ବନ୍ଦ କରିବାର ଅଛି, ତା ହେଲେ ଯେଉଁ କମ୍ପାନୀ ଏହାକୁ ତିଆରି କରୁଛି ତାକୁ ପ୍ରଥମେ ବନ୍ଦ କରନ୍ତୁ। ଦ୍ୱୟରେ ବଜାରରେ ଯେଉଁ ଡିଲରମାନେ ଏହାକୁ ମହଜୁଦ ରଖି ଅଧିକ ଦାମରେ ଚୋରାରେ ବିକୁଛନ୍ତି ତାଙ୍କ ଉପରେ ଚଢ଼ଉ କରାଯାଇ ସେ ସବୁକୁ ନଷ୍ଟ କରାଯିବା ସହିତ ମୋଟା ଅଙ୍କରେ ଫାଇନ୍ ଆଦାୟ କରାଗଲେ ନିଶ୍ଚିତ ଭାବରେ ସରକାରଙ୍କ ଉଦ୍ଦେଶ୍ୟ ସଫଳ ହୋଇପାରିବ।

# ୨୫ରେ ସତ୍‌ସଙ୍ଗ ମହୋତ୍ସବ 'ଧୃତି ସନ୍ଦୀପନା'




ଭଦ୍ରକ,୨୩।୧(ସମିସ): ପରମ ପ୍ରେମମୟ ଶ୍ରୀଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କର ଅଶେଷ ଦୟା ଓ କରୁଣା ପୂଜ୍ୟପାଦ ଶ୍ରୀଶ୍ରୀ ଆଚାର୍ଯ୍ୟଦେବଙ୍କ ଶୁଭ ଆଶୀର୍ବାଦ ଓ ପୂଜ୍ୟ ଶ୍ରୀ ଅବିନ ଦା' ଙ୍କ ଐଶୀ ପ୍ରେରଣାକୁ ପାଥେୟ କରି ଆସନ୍ତା ୨୫ ତାରିଖ ରବିବାର ଦିନ ଭଦ୍ରକ ଆରଡି ରାସ୍ତାର ମା' ସାତଭଉଣୀ ମନ୍ଦିର ପାର୍ଶ୍ୱବର୍ତ୍ତୀ ଖେଳପଡ଼ିଆରେ ଭଦ୍ରକ ଜିଲାସ୍ତରୀୟ ସତ୍‌ସଙ୍ଗ ମହୋତ୍ସବ 'ଧୃତି ସନ୍ଦୀପନା' ଆୟୋଜିତ ହେବ। ବିଭିନ୍ନ ଜନହିତକର କାର୍ଯ୍ୟକ୍ରମ ମଧ୍ୟରେ ମହାଆଡମ୍ବରରେ ପାଳିତ ହେବାକୁ ଯାଉଛି ବୋଲି ଆଜି ଉତ୍ସବ କମିଟିର କର୍ମକର୍ତ୍ତାମାନେ ଭଦ୍ରକର ସତସଙ୍ଗ ବିହାର ପରିସରରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି। ପୂର୍ଣ୍ଣଚନ୍ଦ୍ର ନାୟକ, ନନ୍ଦଦୁଲାଲ ଦାସ, ନବକିଶୋର ପତି, ଧରଣୀଧର ସ୍ୱାଇଁ, ସୁରଥ ମଲ୍ଲିକ, ଗୋକୁଳାନନ୍ଦ ସ୍ୱାଇଁ, ସୁଦର୍ଶନ ବାରିକ, ପ୍ରଦୀପ କୁମାର ଲେଙ୍କା, ବସନ୍ତ କୁମାର ବଳ ପ୍ରମୁଖ କର୍ମକର୍ତ୍ତା ଏହି ସୂଚନା ଦେଇଛନ୍ତି। ଦିବସବ୍ୟାପୀ ଏହି ଉତ୍ସବରେ ପ୍ରାୟ ୨୦ ହଜାର ଭକ୍ତଙ୍କର ସମାବେଶ ଆଶା କରାଯାଉଛି। ଏତଦ୍‌ବ୍ୟତୀତ ସାଂସ୍କୃତିକ, ସଂଗୀତ ଭିତିକ କାର୍ଯ୍ୟକ୍ରମ ସହ ଯାଜନର ବ୍ୟବସ୍ଥା କରାଯାଇଛି। ଏହି ଉତ୍ସବରେ ପଡୋଶୀ ଜିଲ୍ଲାମାନଙ୍କରୁ ମଧ୍ୟ ବହୁ ଭକ୍ତଙ୍କର ଆଗମନ ଫଳରେ ପ୍ରଥମକରି ଜିଲ୍ଲା ଉତ୍ସବ ଭାବେ ପାଳିତ ଏହି ସମାବେଶରେ ଅନୁଗାମୀ ବହୁ ଶ୍ରଦ୍ଧାଳୁ ଯୋଗଦେବାକୁ କର୍ମକର୍ତ୍ତାମାନେ ଏହି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ନିବେଦନ କରିଛନ୍ତି।

# ବିଭିନ୍ନ ସ୍ଥାନରେ ବାଗ୍‌ଦେବୀଙ୍କ ଆରାଧନା





ତିହିଡ଼ି, ୨୩।୧(ସମିସ): ତିହିଡ଼ି ବ୍ଲକ ଅଧିନ ଗୁଆମାଳ ପଂଚାୟତ ର ନୁଆଁଶାସନ ଗାଁରେ ସର୍ବପୁରାତନ ସରସ୍ୱତୀ ପୂଜା ଗ୍ରାମବାସୀ ଧୂମଧାମରେ ପାଳନ କରୁଥିବା ଦେଖିବାକୁ ମିଳୁଛି। ଶହେ ବର୍ଷ ପୂର୍ବ ରୁ ମା ସରସ୍ୱତୀ ଙ୍କ ଗ୍ରାମବାସୀ ଙ୍କ ସହଯୋଗରେ ହେଉଥିବା ବେଳେ ୫ ଦିନ ଧରି ମା'ଙ୍କ ପୂଜା ପାଳନ ହେଉଥିଲା ବେଳେ ୩ ଦିନ ଧରି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବା ସହ ୫ଦିନ ଧରି ସମବେତ ପ୍ରସାଦ ସେବନ ର ଆୟୋଜନ କରାଯାଇଥାଏ । ସେହିପରି ଝାଡପଟା ଗାଁ, ମସୁଆପାଳ ଗାଁ ଓ ବିଶ୍ୱନାଥପୁର ଗାଁରେ ମହାଆଡ଼ମ୍ବର ସରସ୍ୱତୀ ପୂଜା ପାଳିତ ହେଉଥିବା ଦେଖିବାକୁ ମିଳୁଛି।

**ବାରିକପୁର :** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ବ୍ୟବସାୟ ପ୍ରତିଷ୍ଠାନ, ଯୁବକ ସଂଘ ପକ୍ଷରୁ ଆଜି ଭାବ ଭକ୍ତିର ସହିତ ବାକଦେବୀ ମା ସରସ୍ୱତୀଙ୍କ ପୂଜା ଆରଧନା ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକର ଶାରଦା ବିଦ୍ୟାମନ୍ଦିର ଠାରେ ଛାତ୍ର ଛାତ୍ରୀ ମାନଙ୍କ ଦ୍ୱାରା ବୈଦିକ ରୀତି ନୀତି ଅନୁଯାୟୀ ସରସ୍ୱତୀଙ୍କୁ ପୂଜାର୍ଚ୍ଚନା କରାଯାଇଛି। ହାରାମଣି ବାଳିକା ବିଦ୍ୟାଳୟ, ସରସଦା ସରକାରୀ ଉଚ୍ଚ ବିଦ୍ୟାଳୟ, ରହଣିଆ, ମାଳଦା, ମଞ୍ଜୁରୀ ରୋଡ, ଆଖୁଆପଦା, ବାଲିପୋଖରୀ ବିଦ୍ୟାଳୟ ସମେତ ଅନ୍ୟାନ୍ୟ ସରକାରୀ ଓ ବେସରକାରୀ ବିଦ୍ୟାଳୟ ଠାରେ ବିଦ୍ୟାର୍ଥୀ ମାନଙ୍କ ତରଫରୁ ଭାବ ଉଦ୍ଦୀପନା ର ସହିତ ପୂଜା ଅନୁଷ୍ଠିତ ହୋଇଛି। ନାଆମୀ ମହାବିଦ୍ୟାଳୟ, ବାରିକପୁର ପଞ୍ଚାୟତ ଡିଗ୍ରୀ ମହାବିଦ୍ୟାଳୟ, ନୟନମଣି ବାଳିକା ମହାବିଦ୍ୟାଳୟ ଠାରେ ମଧ୍ୟ ବେଶ ଧୂମଧାମରେ ପୂଜା ଆୟୋଜନ ହୋଇଥିଲା। ଏହାଛଡା ଗ୍ରାମ୍ୟ ବଜାରରେ ଥିବା ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ ଓ ଗାଁର ଯୁବକ ସଂଘ ପକ୍ଷରୁ ମା ବାଗଦେବୀଙ୍କ ପୂଜା ଆୟୋଜିତ ହୋଇଛି। ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ପୂଜା ଉପଲକ୍ଷେ ଆୟୋଜକ କମିଟି ପକ୍ଷରୁ ଭଜନ ସନ୍ଧ୍ୟା ଅନୁଷ୍ଠିତ ହୋଇଥିବା ଜଣାପଡ଼ିଛି।

# ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ



ଭଦ୍ରକ,୨୩।୧(ସମିସ): ନେତାଜୀ ସୁବାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଉପଲକ୍ଷେ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସଂସ୍କୃତି ଅନୁଭାଗ ପକ୍ଷରୁ ଆଜି ପୂର୍ବାହ୍ନ ସାଢ଼େ ୮ଟା ବେଳେ ଭଦ୍ରକ ଜିଲ୍ଲା ସ୍କୁଲ ପରିସରରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଏହି ଅବସରରେ ମହାନ ସ୍ୱାଧୀନତା ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ଜିଲ୍ଲାପାଳ ଦିଲ୍ଲୀପ ରାଉତରାଏ ଓ ଏନ୍‌ସିସି କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ପୁଷ୍ପମାଲ୍ୟ ଅର୍ପଣ କରି ନେତାଜୀଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଶ୍ରୀ ରାଉତରାଏ ନେତାଜୀଙ୍କ ଦେଶପ୍ରେମ, ତ୍ୟାଗ ଓ ସଂଘର୍ଷମୟ ଜୀବନ ଆଜିର ଯୁବପିଢ଼ି ପାଇଁ ପ୍ରେରଣାସ୍ୱରୂପ ବୋଲି କହିଥିଲେ। ଏନ୍‌ସିସି କର୍ଣ୍ଣେଲ ଏସ୍.ଏସ୍. ରଘୁବଂଶୀ ନେତାଜୀଙ୍କ ଶାସନଶୀଳତା ଓ ନେତୃତ୍ୱଗୁଣ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ତ୍ୟାଗଭୂମି ସଭାପତି ଅଜୟ ନାୟକ, ଶିକ୍ଷାବିତ ତଥା ସାହିତ୍ୟିକା ଡ.ରାଧାରାଣୀ ମହାପାତ୍ର, ଉତ୍କଳ ସର୍ବୋଦୟ ମଣ୍ଡଳ ଜିଲ୍ଲା ସଭାପତି ଅମର କୁମାର ପାଣିଗ୍ରାହୀ, ରୋଟାରିଆନ୍ ଅତିଶ୍ ବେହେରା, ସାମ୍ବାଦିକ ଦୁର୍ଗା ଶଙ୍କର ବିଶ୍ୱାଳ ଓ ସୂଚନା କର୍ମୀ ବିପ୍ଳବ ହୋତା ପ୍ରମୁଖ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜନ୍ମତିଥି ଉପଲକ୍ଷେ ନିଜର ଅନୁପ୍ରେରଣାମୂଳକ ଅଭିଭାଷଣ ରଖିଥିଲେ। ସମସ୍ତ ସାମ୍ବାଦିକ ବନ୍ଧୁଗଣ,ପ୍ରଶାସନର ଅଧିକାରୀ, ବରିଷ୍ଠ ନାଗରିକ ସଂଘର କର୍ମକର୍ତ୍ତା, ଜିଲ୍ଲା ସ୍କୁଲ ଶିକ୍ଷକ ଶିକ୍ଷୟିତ୍ରୀ, ଏନ୍‌ସିସି କ୍ୟାଡେଟ୍, ଛାତ୍ରଛାତ୍ରୀ ଓ ସାଧାରଣ ଜନତା ଉପସ୍ଥିତ ରହି ନେତାଜୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

**ବାରିକପୁର:** ଭଣ୍ଡାରିପୋଖରୀ ବ୍ଲକ୍ ବାଲିପୋଖରୀ ପଞ୍ଚାୟତ ପରମାନନ୍ଦପୁର ଠାରେ ନେତାଜୀ ସୁଭାଷ ବୋଷ ଜୟନ୍ତୀ ପାଳିତ ହୋଇଯାଇଛି। ନେତାଜୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ ଅକ୍ଷୟ ତ୍ରିପାଠୀ, ସମାଜସେବୀ ଅଲେଖଚନ୍ଦ୍ର ଘଡ଼େଇ, ଯୁବନେତା ଶ୍ରୀଧର ସ୍ୱାଇଁ, ଗଗନବିହାରୀ ସେଠୀ, ଉପଦେଷ୍ଟା ରବୀନ୍ଦ୍ର ମିଶ୍ର ପ୍ରମୁଖ ଯୋଗ ଦେଇଥିଲେ। ଯୁବକ ସଂଘ ସଭାପତି ହରେକୃଷ୍ଣ ନାୟକଙ୍କ ସଂଯୋଜନାରେ ଜାତୀୟ ପତାକା ଉତ୍ତୋଳନ ସହିତ ପ୍ରଭାତ ଫେରି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଏହାଛଡ଼ା ଅତିଥିମାନେ ନେତାଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ତାଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ପାଦକ ବିଶ୍ୱମ୍ବର ସାହୁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ସ୍ଥାନୀୟ ବ୍ୟକ୍ତିବିଶେଷଙ୍କ ସମେତ ବିଦ୍ୟାଳୟ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।



# ନେତାଜୀ ମାର୍କେଟ କମ୍ପ୍ଲେକ୍ସରେ ନେତାଜୀ ଜୟନ୍ତୀ



ଭଦ୍ରକ,୨୩।୧(ସମିସ): ଭଦ୍ରକ ପୌରପାଳିକା ଅଧୀନ ନେତାଜୀ ମାର୍କେଟ କମ୍ପ୍ଲେକ୍ସରେ ଆଜି ସବୁବର୍ଷ ଭଳି ନେତାଜୀ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମାର୍କେଟ କମ୍ପ୍ଲେକ୍ସରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ନେତାଜୀଙ୍କ ଦୁଃସାହସ, ତ୍ୟାଗ, ସ୍ୱାଧୀନତା ଆନ୍ଦୋଳନରେ ଭୂମିକା ସମ୍ପର୍କରେ ଆଲୋକପାତ କରାଯାଇଥିଲା। ଏହି ଜୟନ୍ତୀ ପାଳନ ବେଳେ ବରିଷ୍ଠ ବ୍ୟବସାୟୀ ସୁଶୀଲ କୁମାର ଦାସ, ରମେଶ ଚନ୍ଦ୍ର ଜେନା, ଶଶୀକାନ୍ତ ଧର, ବିକ୍ରମ ଜେନା, ରଫିକ୍ ଖାନ୍, ତାଜୁଦ୍ଦିନ୍ ଖାଁ, ଜସିରୁଦ୍ଦିନ୍, ରଞ୍ଜିତ ଧଳ ଓ ବିଭୁପ୍ରସାଦ ଓଝା ପ୍ରମୁଖ ଉପସ୍ଥିତ ଥିଲେ।

# 'ପିଏମ୍‌ଶ୍ରୀ କ୍ଷେତ୍ରବାସୀ'ରେ ବାର୍ଷିକ କ୍ରୀଡ଼ା ଉତ୍ସବ




ଭଦ୍ରକ,୨୩।୧(ସମିସ): ପିଏମ୍‌ଶ୍ରୀ କ୍ଷେତ୍ରବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରାଙ୍ଗଣରେ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭୀମଚରଣ ପରିଡ଼ାଙ୍କ ସଭାପତିତ୍ୱରେ, ମୁଖ୍ୟ ଅତିଥି ଭାବରେ ଭଦ୍ରକ ବ୍ଲକ୍ ଅଧ୍ୟକ୍ଷା ଉର୍ମିଳା ନାୟକ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ ଜିଲ୍ଲା କ୍ରୀଡା ଶିକ୍ଷାଧିକାରୀ ରାଜେନ୍ଦ୍ର ନାୟକ, ପୂର୍ବତନ ଜିଲ୍ଲା କ୍ରୀଡ଼ା ଶିକ୍ଷାଧିକାରୀ ତଥା ଉକ୍ତ ବିଦ୍ୟାଳୟର ଅବସରପ୍ରାପ୍ତ କ୍ରୀଡ଼ା ଶିକ୍ଷକ ମାନସ ରାଉତ, ପ୍ରଧାନ ଶିକ୍ଷକ ଖଗେଶ୍ୱର ଜେନା, ପ୍ରଧାନ ଶିକ୍ଷୟିତ୍ରୀ ଜୟଶ୍ରୀ ରଶ୍ମିରେଖା ଜେନା, କ୍ରୀଡ଼ା ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ, ବିଦ୍ୟାଳୟର ପଂଚସଖା ଶିକ୍ଷା ସେତୁର ସଭାପତି ନିତ୍ୟାନନ୍ଦ ବେହେରା, ସମାଜସେବୀ ଗୌରୀ ଗୋପାଳ ଜେନା, ଇଞ୍ଜିନିୟର ତାପସ ରାୟ, ଚୁନିଦା କ୍ଲଷ୍ଟର୍‌ର ସିଆରସିସି ମୋହିଉଦ୍ଦିନ୍ ଖାଁ, ବିଦ୍ୟାଳୟ ପରିଚାଳନା କମିଟିର ଅଧ୍ୟକ୍ଷା ସୁକାନ୍ତି ବେହେରା ପ୍ରମୁଖ ଯୋଗଦେଇଥିଲେ। ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗରେ କ୍ରୀଡା ଉତ୍ସବ ଆରମ୍ଭ ହୋଇଥିଲା। କ୍ରୀଡ଼ା ଶିକ୍ଷକ ଅଶୋକ କୁମାର ପଣ୍ଡାଙ୍କ ତତ୍ତ୍ୱାବଧାନରେ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ଏବଂ ବିଜୟୀ ଛାତ୍ରଛାତ୍ରୀଙ୍କୁ ମୁଖ୍ୟ ଅତିଥି ବ୍ଲକ ଅଧ୍ୟକ୍ଷା ଶ୍ରୀମତୀ ନାୟକଙ୍କ ଦ୍ୱାରା ପୁରସ୍କାର ବିତରଣ ପୂର୍ବକ କ୍ରୀଡ଼ାର ମହତ୍ୱ ଓ ଗୁଣାତ୍ମକ ଶିକ୍ଷା ସମ୍ବନ୍ଧରେ ଆଲୋଚନା କରିଥିଲେ।

# ଓଡ଼ିଶା ବ୍ରିଗେଡ୍ ସୈନିକ ସ୍କୁଲର ସଫଳତା



ଦୋଳସାହି,୨୩।୧(ସମିସ): ଚଳିତ ବର୍ଷ (୨୦୨୫-୨୦୨୬) ରେ ପ୍ରକାଶ ପାଇଥିବା ତିହିଡି ବ୍ଲକ୍‌ର ତୃତୀୟ ଏବଂ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷାରେ ଗୁଆମାଳସ୍ଥିତ ଓଡ଼ିଶା ବ୍ରିଗେଡ (ସୈନିକ) ସ୍କୁଲକୁ ସଫଳତା ମିଳିଛି। ଏହି ସ୍କୁଲର ତୃତୀୟ ଶ୍ରେଣୀରେ ମହେଶ ସାହୁ ଓ ଦିପ୍ତିରେଖା ବେହରା ଏବଂ ୫ମ ଶ୍ରେଣୀ ରେ ଓମ୍ ପ୍ରକାଶ ସାହୁ ବୃତି ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେମାନଙ୍କର ସଫଳତା ପାଇଁ ସେମାନଙ୍କୁ ବିଭିନ୍ନ ମହଲରୁ ଅଭିନନ୍ଦନ ଜଣାଯାଇଛି।

# ଧାନ କିଣାରେ ଚାଷୀଙ୍କୁ ଶୋଷଣ; ବର୍ଷିଲା କଂଗ୍ରେସ

## ଜିଲ୍ଲା ମହୋତ୍ସବ ବନ୍ଦ ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି

ଭଦ୍ରକ,୨୩।୧(ସମିସ)




ଭଦ୍ରକ ଜିଲ୍ଲାରେ ମଣ୍ଡିରୁ ଧାନ କିଣାରେ ଅହେତୁକ ବିଳମ୍ବ ଓ ଏଫ୍‌ଏକ୍ୟୁ ବାହାନାରେ ଚାଷୀଙ୍କୁ ଶୋଷଣ କରିବା ଅଭିଯୋଗ କରି ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟଠାରେ ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ସରକାରଙ୍କ ଉପରେ ବର୍ଷିଛନ୍ତି। ମିଲର ଓ ପ୍ରଶାସକଙ୍କ ଆସାଧୁ ମେଳି ପାଇଁ ଚାଷୀ ହତାଶ ହେବା ସହିତ କିଭଳି ଧାନକିଣା ନିୟମ ଚାଷୀଙ୍କ ଦୁର୍ଦ୍ଦଶା ଦ୍ୱିଗୁଣିତ କରିଛି ଓ ଚାଷୀଙ୍କ ବିଭିନ୍ନ ସମସ୍ୟା ବଢୁଛି ସେ ନେଇ କ୍ଷୋଭ ପ୍ରକାଶ କରିଥିଲେ। ଏଥିସହିତ କିଭଳି ଚାଷୀଙ୍କ ଧାନ ନେବାକୁ ପ୍ରଶାସନ ଲୁଚକାଳି ଖେଳ ଖେଳୁଛି, ଭଦ୍ରକ ଜିଲ୍ଲା ପ୍ରଶାସନ ଚାଷୀଙ୍କ ସ୍ୱାର୍ଥକୁ ଦଳି ମକଚି ଦେଇଛି, ତାକୁ ନେଇ ସମାଲୋଚନା କରିଥିଲେ। ଏଫ୍‌ଏକ୍ୟୁ (ଫେୟାର ଆଭେରେଜ କ୍ୱାଲିଟି) ମାନର ଧାନ କିଣା ଯିବା କହି ସରକାର ସମୟ ଗଡ଼ାଇ ଚାଲିଛନ୍ତି। ଏହି ବାହାନାରେ ଚାଷୀଙ୍କ ଧାନ ନନେବାକୁ ଚାଲ୍ କରିଛନ୍ତି। ଏଫ୍‌ଏକ୍ୟୁ ବାହାନାରେ ସରକାର ଅନଭିଜ୍ଞ ଘରୋଇ ସଂସ୍ଥାକୁ ଅନଭିଜ୍ଞ କ୍ୱାଲିଟି ଆନାଲାଇସରଙ୍କ ଦ୍ୱାରା ଧାନର ମାନ ନିର୍ଦ୍ଧାରଣ କରିବାକୁ ଦିଆଯାଇଛି। ଧାନ କିଣା ସମୟ ଗଡ଼ାଇ ଚାଷୀଙ୍କ ଯନ୍ତ୍ରଣା ବଢ଼ାଇଛନ୍ତି। ଧାନ ଚାଷ କରି ଚାଷୀ ଦଣ୍ଡ ପାଉଛନ୍ତି। ୫ ତାରିଖରୁ ମଣ୍ଡିରେ କଣ୍ଟାପୂଜା ସାରିଦେଇ ସରକାର ହାତ ବାନ୍ଧି ବସିଛନ୍ତି। ଜିଲ୍ଲା ରେ ୮୦ହଜାର ଟୋକନ୍ ଦିଆଯାଇଛି। କିଛି ଟୋକନର ଅବଧି ଫେବୃଆରୀ ୫ ତାରିଖରେ ସରୁଛି। ତେବେ ମିଲର୍ ଧାନ ନ କିଣିବାରୁ ମଣ୍ଡିରେ, ଖଳାରେ ଧାନ ବସ୍ତା ଗଦା ଗଦା ହୋଇ ପଡ଼ିରହିଛି। ଚାଷୀ ହତାଶ ହୋଇ ନିଜର ଅତ୍ୟାବଶ୍ୟକ ସମସ୍ୟା ମେଣ୍ଟାଇବା ନିମନ୍ତେ ବାଧହୋଇ ଶାଗମାଛ ଦରରେ ଧାନ ଅସାଧୁ ବେପାରିଙ୍କୁ ବିକ୍ରି କରିଦେଉଛନ୍ତି। ଏପରିକି ନିର୍ଦ୍ଧାରିତ ସରକାରୀ ମୂଲ୍ୟର ଅଧା ଦରରେ ୧୪୦୦ ରୁ ୧୬୦୦ ଟଙ୍କାରେ ଧାନ ବିକୁଛନ୍ତି। ଯାହା ଦୁର୍ଭାଗ୍ୟଜନକ, ସରକାର ଜାଣିଶୁଣି ବିଳମ୍ବ କରୁଛନ୍ତି, ମିଲର୍‌ଙ୍କୁ ଖୁସି କରିବା ପାଇଁ ଧାନ ଶୁଖିଗଲେ କିଣିବା ପାଇଁ ଯୋଜନା କରିଛନ୍ତି। ଆଗରୁ ନଭେମ୍ବରରୁ ଡିସେମ୍ବର ମଧ୍ୟରେ ମଣ୍ଡି ଖୁଲୁଥିଲେ। ଏଥର ବିଳମ୍ବରେ ଜାନୁୟାରୀ ୫ରେ ଖୋଲିଲେ ଅଦ୍ୟାବଧି ଗୋଟେ କେଜି ବି ଧାନ କିଣି ନାହାନ୍ତି, ପରିସ୍ଥିତ ଏପରି ହୋଇଛି ଧାନ ଚାଷ ଓ ଅମଳ କଷ୍ଟ ଠାରୁ ଧାନ ବିକ୍ରିର କଷ୍ଟ ଚାଷୀଙ୍କ ପାଇଁ ଦ୍ୱିଗୁଣିତ ହୋଇଛି ବୋଲି ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଜିଲ୍ଲା କଂଗ୍ରେସ ସଭାପତି ନଳିନୀକାନ୍ତ ମହାନ୍ତିଙ୍କ ନେତୃତ୍ୱରେ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସନେତା ମାନେ ସରକାରଙ୍କ ଉପରେ ବର୍ଷିଛନ୍ତି।

ସେହିଭଳି ଜିଲ୍ଲା ମହୋତ୍ସବ ନାଁରେ ଜିଲ୍ଲାର ସମ୍ମାନକୁ କେମିତି ଦଳି ଦିଆଗଲା ସେଇଟା ସାରା ଓଡ଼ିଶା ଦେଖିଲା ବୋଲି ଦଳ ଅଭିଯୋଗ କରିଛି। ଶାସକ ଦଳର କନ୍ଦଳ ପାଇଁ ମହୋତ୍ସବକୁ ଗୋଟିଏ ଦିନ ବନ୍ଦ କରି ଦିଆଗଲା। ଏବେ ସେଥିରେ ପ୍ୟାଚ୍ ପକାଇବାକୁ ଜିଲ୍ଲା ପ୍ରଶାସନ ମାତିଛି। ଗୁରୁତ୍ୱପୂର୍ଣ୍ଣ କଥା ବିଶୃଙ୍ଖଳା ସୃଷ୍ଟି କରି ମହୋତ୍ସବ ବନ୍ଦ କରିବା ଘଟଣାରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଗଲାନି କି ପ୍ରଶାସନର ଷ୍ଟଲ ବେପାର ନେଇ ଆଗତ ଅଭିଯୋଗର ତଦନ୍ତ ବି ହେଲାନି। ଏ ନେଇ ପ୍ରାକ୍ତନ ଜିଲ୍ଲା କାର୍ଯ୍ୟକାରୀ ସଭାପତି ଦେବରୂପ ମହାନ୍ତି ପ୍ରଶ୍ନ ଉଠାଇଥିଲେ।

ଜିଲ୍ଲାପାଳ ଏକ ସ୍ପେଶାଲ ସ୍କ୍ୱାର୍ଡ ଗଠନ କରନ୍ତୁ, ମିଲରଙ୍କ ଗୋଦାମ ଯାଞ୍ଚ କରନ୍ତୁ। କେଉଁ ମିଲରେ କେତେ ଧାନ ଅଛି ତାହା ଦେଖନ୍ତୁ। ସେହିସବୁ ଧାନ ଚାଷୀଙ୍କର ନା ଦଲାଲ ଆଗୁଆ ମିଲରେ ରଖିଛନ୍ତି ତା'ର ତଦନ୍ତ ହେଉ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି। ସେହିଭଳି ପ୍ରତି ଧାନକିଣା କେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜ୍ ପ୍ରଶାସନ ନିଜ ୱେବସାଇଟ୍‌ରେ ଅପଲୋଡ କରିବାକୁ କଂଗ୍ରେସ ପକ୍ଷରୁ ଦାବି ହୋଇଛି। କେଉଁ ସୋସାଇଟିରେ ଦୈନିକ କେତେ ଧାନକିଣା ହେଲା, ମିଲର ଗାଡ଼ି କେତେ ଧାନ ଉଠାଇଲା ସେସବୁ ଜଣାପଡ଼ିବ। ଏହା ନକଲେ ମିଲର-ଦଲାଲ-ପ୍ରଶାସନ ଓ ଶାସକଦଳ ନେତାଙ୍କ ମଧ୍ୟରେ ଅସାଧୁ ମେଣ୍ଟ ରହିଛି ବୋଲି ଧରାଯିବ ବୋଲି ଜିଲ୍ଲା ସଭାପତି ଶ୍ରୀ ମହାନ୍ତି ଦାବି କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ଟାଉନ ସଭାପତି ମୋକିତ ଖାନ, ବରିଷ୍ଠନେତା ଦେବେନ୍ଦ୍ର ମହାନ୍ତି, ପୀତବାସ ଧଳ, ଅମିତାବାଳା ଆଚାର୍ଯ୍ୟ, ରାଜେନ୍ଦ୍ର ପ୍ରସାଦ ଜେନା, ପ୍ରଦ୍ୟୁମ୍ନ ଦାସ, ଶର୍ମିଷ୍ଠା ପଣ୍ଡା, ବିଜୟ ବାରିକ, ମନୋଜ ମଲ୍ଲିକ, ସୁଧାଂଶୁ ଶେଖର ନାୟକ, ସବିର ଖାନ ପ୍ରମୁଖ ବହୁ କଂଗ୍ରେସ ନେତା ଉପସ୍ଥିତ ଥିଲେ।

# ଚରମ୍ପା 'ଫିଡର୍ ରୋଡ୍'ର ଶିଳାନ୍ୟାସ



## ଖର୍ଚ୍ଚ ହେବ ୩କୋଟି ୯୬ଲକ୍ଷ ଟଙ୍କା


ଭଦ୍ରକ,୨୩।୧(ସମିସ): ଭଦ୍ରକ ଚରମ୍ପା ରେଳ ଷ୍ଟେସନରୁ ଜାତୀୟ ରାଜପଥକୁ ସଂଯୋଗ କରୁଥିବା "ଫିଡର ରୋଡ୍'ର ଉନ୍ନତୀକରଣ ଲାଗି ଗୁରବାର ଶିଳାନ୍ୟାସ ହୋଇଛି। ପୂର୍ତ୍ତ ବିଭାଗ ପକ୍ଷରୁ ଏହି ରାସ୍ତା ନିର୍ମାଣ ଲାଗି ୩ କୋଟି ୯୬ ଲକ୍ଷ ଟଙ୍କାର ବ୍ୟୟ ବରାଦ ହୋଇଛି। ଟେଣ୍ଡର ପରେ ଠିକା ସଂସ୍ଥା ସହ ଚୁକ୍ତିନାମା ସରିଛି। ୯ ମାସର ଅବଧି ମଧ୍ୟରେ କାର୍ଯ୍ୟ ଶେଷ କରିବାର ଲକ୍ଷ୍ୟ ରଖାଯାଇଛି। ସାଂସଦ ଅଭିମନ୍ୟୁ ସେଠୀ ଓ ବିଧାୟକ ସୀତାଂଶୁ ଶେଖର ମହାପାତ୍ରଙ୍କ ଉପସ୍ଥିତିରେ ଏହି ଶିଳାନ୍ୟାସ ଉତ୍ସବର ଆୟୋଜନ କରାଯାଇଥିଲା। ଏହି ରାସ୍ତା ପ୍ରକଳ୍ପ ଭଦ୍ରକ ସହର ତଥା ଜିଲ୍ଲାବାସୀଙ୍କ ଦୀର୍ଘଦିନର ସ୍ୱପ୍ନ ଥିଲା ଯାହା ସରକାର ପୂରଣ କରିଛନ୍ତି ବୋଲି ସାଂସଦ ଶ୍ରୀ ସେଠୀ କହିଥିଲେ। ବିଧାୟକ ଶ୍ରୀ ମହାପାତ୍ର କହିଥିଲେ ଯେ, ଭଦ୍ରକ ଓ ପଡ଼ୋଶୀ ଜିଲ୍ଲାର ବାସିନ୍ଦା ରେଳ ଷ୍ଟେସନକୁ ଅଣ ଓସାରିଆ ରାସ୍ତାରେ ଆତଯାତ କରୁଥିଲେ। ଐତିହାସିକ କାଳୀପୂଜା ବେଳେ ଅସମ୍ଭାଳ ଟ୍ରାଫିକ ସମସ୍ୟା ଉପୁଜିଥାଏ। ଏବେ ରାସ୍ତା ୪ ଲେନ ବିଶିଷ୍ଟ ହେବ ଏବଂ ଡ୍ରେନ ନିର୍ମାଣ ବି ହେବ। ୯ ମାସର ଅବଧି ପୂର୍ବରୁ ରାସ୍ତା କାମ ସାରିବାକୁ ପୂର୍ତ୍ତ ବିଭାଗ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଏହି ଶିଳାନ୍ୟାସ ଉତ୍ସବରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କ ସମେତ ସମାଜସେବୀ ରୋ. ଶିଶିର ମିଶ୍ର, ତ୍ୟାଗଭୂମି ସାଂସ୍କୃତିକ ସମ୍ମେଳନର ମୁଖ୍ୟ ଅଜୟ ନାୟକ, ବିଜେପି ଜିଲ୍ଲା ସଭାପତି ଭଗବାନ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

### ତରଡ଼ିଆ ଡ୍ୟାମ୍ କାମରେ ତଞ୍ଚକତା

# ମୁରୁଜ ପଥରରେ ରାସ୍ତା ନିର୍ମାଣ ଯୋଗୁଁ ଅସନ୍ତୋଷ

ଆନନ୍ଦପୁର,୨୩।୧(ସମିସ)

ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ରହିଥିବା ତରଡ଼ିଆ ଡ୍ୟାମ୍ ଉନ୍ନତୀକରଣ ଓ ରାସ୍ତା ନିର୍ମାଣ କାର୍ଯ୍ୟନିମ୍ନମାନର ହେଉଥିବା ଅଭିଯୋଗ ହୋଇଛି। ମେଣ୍ଟାଲ ବଦଳରେ ଧଳାମୁରୁଜ ପଥର ବ୍ୟବହାର କରାଯାଇ ନିମ୍ନମାନର କାମକୁ ନେଇ ସ୍ଥାନୀୟ ଜନସାଧାରଣ ଅସନ୍ତୋଷ ପ୍ରକାଶ କରିଛନ୍ତି। କେନ୍ଦୁଝର ଜିଲ୍ଲା ସୀମାନ୍ତ ମୟୂରଭଞ୍ଜ ଜିଲ୍ଲାରେ ରହିଛି ତରଡ଼ିଆ ଡ୍ୟାମ୍ ୪୫ବର୍ଷ ତଳେ ଜଙ୍ଗଲରୁ ବହି ଆସିଥିବା ଝରଣାର ଜଳକୁ ଗଚ୍ଛିତ ରଖି ଚାଷକାମରେ ବ୍ୟବହାର କରିବାପାଇଁ ଏହି ଡ୍ୟାମ୍ ନିର୍ମାଣ କରାଯାଇଥିଲା। ଏହି ଡ୍ୟାମ୍‌ର ପାଣି ଦ୍ୱାରା ଆନନ୍ଦପୁର ବ୍ଲକ୍ କୋଡ଼ପଡ଼ା ପଞ୍ଚାୟତର ଭୋଗପୁର,



ଗୁଳାବନ୍ଧ, ଜୋରାଗଡ଼ିଆ, କୋଡ଼ପଡ଼ା, ତନେଇପାଳ ଅଞ୍ଚଳର ଚାଷଜମି ଜଳସେଚିତ ହେଉଛି। ସେହିପରି ଗୋଡ଼ଭଙ୍ଗା, ଜୋରାଗଡ଼ିଆ ଗ୍ରାମର ଶହେରୁ ଅଧିକ ମତ୍ସ୍ୟଜୀବୀ ଡ୍ୟାମ୍‌ରୁ ମାଛମାରି ପରିବାର ପ୍ରତିପୋଷଣ କରୁଛନ୍ତି। ଏହି ଡ୍ୟାମର ଉନ୍ନତୀକରଣ ପାଇଁ କରଞ୍ଜିଆ ବିଧାୟକ ପଦ୍ମଚରଣ ହାଇବ୍ରୁ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। କିଛିମାସ ତଳେ ଆନନ୍ଦପୁର କ୍ଷୁଦ୍ର ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମ୍ ଓ କେନାଲ କାମ ପାଇଁ ୪କୋଟି ୫୭ଲକ୍ଷ ଟଙ୍କାର ଟେଣ୍ଡର ହେବାପରେ କିଛିଦିନ ହେଲା ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଛି। ଆରମ୍ଭରୁ କାମକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଡ୍ୟାମ୍ ରାସ୍ତାର ସଂପ୍ରସାରଣ କାମରେ ନିମ୍ନମାନର ଧଳା ମୁରୁଜପଥର ବ୍ୟବହାର କରାଯାଉଛି। ଏପରିକି ସୂଚନାଫଳକ ଲଗାଯାଇ ନ ଥିବାରୁ କାମ ସମ୍ପର୍କରେ ସ୍ଥାନୀୟ ଲୋକେ ଜାଣିପାରୁ ନାହାନ୍ତି। ଡ୍ୟାମ୍‌ର ଜଳଧାରଣ କ୍ଷମତା ବୃଦ୍ଧି କରିବାକୁ ଗ୍ରାମବାସୀ ଦାବି କରିଛନ୍ତି। ଏ ସମ୍ପର୍କରେ ଆନନ୍ଦପୁର ଜଳସମ୍ପଦ ବିଭାଗର ଅଧୀକ୍ଷଣ ଯନ୍ତ୍ରୀ ଅଶୋକ କୁମାର ସେଠୀଙ୍କୁ ପଚାରିବାରୁ, ତୁରନ୍ତ ସୂଚନାଫଳକ ଲଗାଯିବା ସହିତ କାମ ଠିକ୍ ଭାବେ ହେବ ବୋଲି ସେ କହିଛନ୍ତି।

## ଧରଣୀଧର ଏମ୍‌ଇ ସ୍କୁଲ୍‌ରେ ସରସ୍ୱତୀ ପୂଜା



କେନ୍ଦୁଝର,୨୩।୧(ସମିସ): କେନ୍ଦୁଝର ଧରଣୀଧର ବିଶ୍ୱବିଦ୍ୟାଳୟରେ ଥିବା ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସରସ୍ୱତୀ ପୂଜା ପାଳିତ ହୋଇଛି। ପୂଜା ମଣ୍ଡପରେ ଛାତ୍ରଛାତ୍ରୀ ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଆଗଭର ହୋଇ ପୂଜାର୍ଚ୍ଚନାକୁ ସୁରୁଖୁରୁରେ ସମ୍ପାଦନ କରିଛନ୍ତି। ଧରଣୀଧର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧକ୍ଷ ଡ. ପ୍ରକାଶ ଚନ୍ଦ୍ର ପାଣ୍ଡାଙ୍କ ତତ୍ତ୍ୱାବଧାନରେ ପୂଜାକାର୍ଯ୍ୟ ସମାପନ ହୋଇଥିଲା।

## ବିଭିନ୍ନ ଅନୁଷ୍ଠାନରେ ସରସ୍ୱତୀ ପୂଜା



ବାଲିବନ୍ଧ,୨୩।୧(ସମିସ): ଝୁମ୍ପୁରା ବ୍ଲକର ବିଭିନ୍ନ ସରକାରୀ ତଥା ବେସରକାରୀ ଅନୁଷ୍ଠାନ ଗୁଡ଼ିକରେ ମା 'ସରସ୍ୱତୀଙ୍କ ପୂଜା ପାଳିତ ହୋଇଯାଇଛି। ଝୁମ୍ପୁରା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଝୁମ୍ପୁରା ସରକାରୀ ଉଚ୍ଚ ବିଦ୍ୟାଳୟ, ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଭାଲୁକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଶ୍ରୀରାମପୁର ପ୍ରାଥମିକ ବିଦ୍ୟାଳୟ, ଓଡ଼ିଶାଆଦର୍ଶ ବିଦ୍ୟାଳୟ, ରାମକୃଷ୍ଣ ଉଚ୍ଚ ବିଦ୍ୟାଳୟ ଖେଣ୍ଡରା, କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟ ଖେଣ୍ଡରା ପ୍ରମୁଖ ବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ପୂଜାର୍ଚ୍ଚନା କରିଥିଲେ। ସେହିପରି ଝୁମ୍ପୁରା ବ୍ଲକ୍ କାର୍ଯ୍ୟାଳୟ ପରିସର ବୈତରଣୀ ଭବନରେ ୨୫ତମ ସରସ୍ୱତୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ରମେଶ ପଣ୍ଡାଙ୍କ ଦ୍ୱାରା ପୂଜାପାଠ କରାଯାଇଥିଲା। ଏହି ଅବସରରେ ଚମ୍ପୁଆ ଉପଜିଲ୍ଲାପାଳ ଉମାକାନ୍ତ ପରିଡ଼ା, ଏବିଡିଓ ଜିତୁ ରଞ୍ଜନ ଜେନା, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦା ମାଝୀଙ୍କ ସମେତ ବହୁ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ବାଣୀପୀଠରେ ମା' ସରସ୍ୱତୀଙ୍କ ପୂଜା



ଉଦଳା,୨୩।୧(ସମିସ): ମୟୂରଭଞ୍ଜର ସର୍ବପୁରାତନ ବାଣୀପୀଠ ଉଦଳାରେ ଶ୍ରୀପଞ୍ଚମୀରେ ବିଦ୍ୟାଦାତ୍ରୀ ମା' ସରସ୍ୱତୀଙ୍କ ପୂଜାର୍ଚ୍ଚନା ଚାଲିଛି। ବିଭିନ୍ନ ବିଦ୍ୟାଳୟଠାରୁ ଆରମ୍ଭ କରି ଅନୁଷ୍ଠାନରେ ପୂଜା ପାଉଛନ୍ତି ମା' ବୀଣାପାଣି। ଓଡ଼ିଶାର ଏକମାତ୍ର ସରସ୍ୱତୀ ମନ୍ଦିର ଯାହାକି ଉଦଳା ବାଣୀପୀଠ ଭାବେ ବେଶ ପରିଚିତ। ମୟୂରଭଞ୍ଜ ଜିଲ୍ଲା ଉଦଳା ସରସ୍ୱତୀ ମନ୍ଦିରରେ ଆରମ୍ଭ ହୋଇଛି ପୂଜାର୍ଚ୍ଚନା। ମନ୍ତ୍ର ପାଠରେ ସୃଷ୍ଟି ହେଉଛି ଭକ୍ତିମୟ ପରିବେଶ। ପ୍ରତ୍ୟେକ ଦିନ ମା' ସରସ୍ୱତୀ ପୂଜା ପାଇଥା'ନ୍ତି। ଶ୍ରୀପଞ୍ଚମୀ ଦିନ ନୀତିକାନ୍ତିରେ ପୂଜାର୍ଚ୍ଚନା ଆରମ୍ଭ ହୋଇଛି। ସକାଳୁ ବିଭିନ୍ନ ଜାଗାରୁ ଭକ୍ତମାନେ ଆସି ମା'ଙ୍କ ନିକଟରେ ପୂଜାର୍ଚ୍ଚନା କରୁଛନ୍ତି। କିଏ ମା'ଙ୍କ ପାଖରେ ମାନସିକ ରଖୁଛି ତ କିଏ ମାନସିକ ପୂରଣ ପରେ ଆଜି ମା'ଙ୍କ ପାଖରେ ଭକ୍ତିର ସହ ପୂଜାର୍ଚ୍ଚନା କରୁଛନ୍ତି। ଭକ୍ତ ଯେଉଁଠି ଭଗବାନ ସେଇଠି। ଯେତେ ସମୟ ଅତିକ୍ରାନ୍ତ ହେଉଛି ମନ୍ଦିରରେ ବେଶ ଭିଡ ଦେଖିବାକୁ ମିଳୁଛି। ପ୍ରାତଃ ୪.୩୦ ସମୟରେ ମନ୍ଦିର ଦ୍ୱାରଖୋଲା ହେବା ପରେ ନେତବନ୍ଧନ, ସୂର୍ଯ୍ୟପୂଜା, ଶ୍ରୀପଞ୍ଚମୀ ସ୍ୱତନ୍ତ୍ର ପୂଜା, ମଙ୍ଗଳ ଆଳତୀ, ବାଲ୍ୟ ଭୋଗ ପରେ ଶ୍ରଦ୍ଧାଳୁଙ୍କ ଦର୍ଶନ ହୋଇଥିବାବେଳେ ନୂତନ ବିଦ୍ୟାର୍ଥୀଙ୍କ ଖଡି ଛୁଆଁ କରାଯାଇଥିଲା। ତେବେ ମନର ଆବେଗ ଭକ୍ତ ଓ ଭଗବାନଙ୍କ ଅପୂର୍ବ ମିଳନ ବେଶ୍ ପରିଲକ୍ଷିତ ହୋଇଥିଲା। ଏହି ସରସ୍ୱତୀ ପୂଜା ଅବସରରେ ୧୫ ଦିନ ଧରି ଏକ ସରସ୍ୱତୀ ମେଳା ଅନୁଷ୍ଠିତ ହୋଇଥାଏ।

## ଇନ୍ଦିରା ଗାନ୍ଧୀ ମହାବିଦ୍ୟାଳୟ ଛାତ୍ରୀ ନିବାସ କାର୍ଯ୍ୟ ସମ୍ପନ୍ନ

ଗୋପବନ୍ଧୁନଗର,୨୩।୧(ସମିସ): ଉଦଳାନଗର ଅଞ୍ଚଳରେ ୧୯୮୪ରେ ପ୍ରତିଷ୍ଠା ହୋଇଥିବା ଏକମାତ୍ର ମହିଳା ମହାବିଦ୍ୟାଳୟ ଛାତ୍ରୀ ନିବାସ ନିର୍ମାଣ କାମ ସମ୍ପନ୍ନ ହୋଇଛି। ଏହି ମହାବିଦ୍ୟାଳୟର ଛାତ୍ରୀ ନିବାସର ଗତ ୨୦୨୫ ବାର୍ଷିକ ଉତ୍ସବରେ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ମହାବିଦ୍ୟାଳୟର ଅଧ୍ୟୟନରତ ଛାତ୍ରୀଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ଉଦଳା ସହରଠାରୁ ୧ କିମି ଦୂରରେ ୫ ଏକର ପରିମିତ ସ୍ଥାନରେ ରାଢ଼ୋ ଉଦଳା ତେଲଦିହୁଡ଼ି ଉଦଳା ରାସ୍ତାର ସଂଯୋଗସ୍ଥଳ ପାଶ୍ୱର୍ରେ ନିର୍ମିତ ହୋଇ କେନ୍ଦ୍ର ଓ ରାଜ୍ୟ ସରକାରଙ୍କର ଅନୁଦାନରେ ନିର୍ମିତ ହୋଇ ଉଦ୍‌ଘାଟିତ ହୋଇଯାଇଛି। ମାତ୍ର ଅନ୍ତେବାସୀଙ୍କ ନିମନ୍ତେ ସୁରକ୍ଷା ବ୍ୟବସ୍ଥା ସ୍ୱରୂପ ପାଚେରୀ ଆବଶ୍ୟକ ଥିବାବେଳେ କିଛି କିଛି ଜବରଦଖଲକାରୀଙ୍କ ଅକ୍ତିଆର



ହୋଇଛି। ଏଠାରେ ଉଲ୍ଲେଖଯୋଗ୍ୟ କଲେଜ ଛାତ୍ରୀଙ୍କ ପାଇଁ ହଷ୍ଟେଲର ବ୍ୟବସ୍ଥା ସରକାରଙ୍କ ସ୍ୱାଗତଯୋଗ୍ୟ ପଦକ୍ଷେପ ଥିଲେ ମଧ ସ୍ଥାନୀୟ ପ୍ରଶାସନର ମନମୁଖୀ କାର୍ଯ୍ୟ ପାଇଁ ହଷ୍ଟେଲ ଓ ଚତୁପାଶ୍ୱର୍ରେ ଅଦ୍ୟାବଧି ପାଚେରୀ ନିର୍ମାଣ ହୋଇ ନ ପାରି ଖୋଲା ମେଲା ହୋଇପଡ଼ିଛି। ଏଣୁ ପ୍ରଶାସନ ପକ୍ଷରୁ ଅନ୍ତେବାସୀଙ୍କୁ ହଷ୍ଟେଲରେ ଅବସ୍ଥାପିତ କରିବା ପୂର୍ବରୁ ଛାତ୍ରୀଙ୍କ ସୁରକ୍ଷା ବ୍ୟବସ୍ଥା କରିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ସ୍ଥାନୀୟ ବାସିନ୍ଦାଙ୍କ ପକ୍ଷରୁ ଦାବି ହେଉଛି।

## ରକ୍ତଦାନ ଶିବିର, ୨୩ ୟୁନିଟ୍ ସଂଗୃହୀତ

ବୈଶିଙ୍ଗା,୨୩।୧(ସମିସ): ବୈଶିଙ୍ଗା ଥାନା ଅଧୀନ ଆଗ୍ରିଆ ପଞ୍ଚାୟତସ୍ଥ ବଡଚ୍ଛୁରୁଣୀ ଉଦୟଭାନୁ ଯୁବକ ସଂଘ ଆନୁକୂଲ୍ୟରେ ପବିତ୍ର ଶ୍ରୀପଞ୍ଚମୀ ଅବସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ମା' ସରସ୍ୱତୀଙ୍କ ପୂଜା ଅବସରରେ ଯୁବକ ସଂଘ ପକ୍ଷରୁ ସରସ୍ୱତୀ ପୂଜା ଅବସରରେ ରକ୍ତଦାନ ଶିବିରର ଆୟୋଜନ କରାଯାଉଛି। ଶୁକ୍ରବାର ଆୟୋଜିତ ରକ୍ତଦାନ ଶିବିରରେ ବିଧାୟକ ସନାତନ ବିଜୁଳିଙ୍କ ସମେତ ମଣ୍ଡଳ ସଭାପତି ଜୀବନ ପରିଡା ଓ ଅନ୍ୟାନ୍ୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ। ବାରିପଦା ରକ୍ତଭଣ୍ଡାରରୁ ଆସିଥିବା ଡାକ୍ତରୀ ଟିମ୍ ୨୩ ୟୁନିଟ ରକ୍ତ ସଂଗ୍ରହ କରିଥିଲେ। ରକ୍ତଦାତାଙ୍କୁ ଏହି ଅବସରରେ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା। ପରିଚାଳନାରେ



ଆୟୋଜିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରକୁ ବିଧାୟକ ସନାତନ ବିଜୁଳି ଆନୁଷ୍ଠାନିକ ଭାବେ ଉଦଘାଟନ କରିବା ସହିତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବଡଚ୍ଛୁରୁଣୀସ୍ଥ ଉଦୟଭାନୁ ଯୁବକ ସଂଘ ଆନୁକୂଲ୍ୟରେ ପାଖାପାଖି ୪୫ ବର୍ଷ ଧରି ସରସ୍ୱତୀ ପୂଜା ଆୟୋଜନ କରାଯାଇଆସୁଛି। କିଛିବର୍ଷ ଧରି ଆୟୋଜକ ଆୟୋଜକ ଉଦୟଭାନୁ ଯୁବକ ସଂଘର ଅରୂପ ବେହେରା, ରୋନକ ଖଟୁଆ, ତାପସ ପାତ୍ର, ପ୍ରସନ୍ନଜିତ ବେହେରା, ସରୋଜ ଖଟୁଆ, ମାନସ ମଡୁଆଳ, ରବିଶଙ୍କର ବେହେରା, ଜିତୁ ଖଟୁଆ, ଲିପୁ ନାୟକ ପ୍ରମୁଖଙ୍କ ସମେତ ସମସ୍ତ କାର୍ଯ୍ୟକର୍ତ୍ତା ଓ ସଦସ୍ୟଗଣ ସକ୍ରିୟ ଦାୟିତ୍ୱ ସମ୍ପାଦନ କରିଥିଲେ।

## ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ



ଆନନ୍ଦପୁର,୨୩।୧(ସମିସ): କେନ୍ଦୁଝର ଜିଲ୍ଲା ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ଥାନୀୟ ଶାଳପଡ଼ା ଜଳସେଚନ ବିଭାଗ ପଡ଼ିଆରେ ଅଷ୍ଟମ ଜିଲ୍ଲାସ୍ତରୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟର ଶିଶୁରୋଗ ବିଶେଷଜ୍ଞ ଡାକ୍ତର ଅମର କୁମାର ବେହେରା ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ମ୍ୟାଚରେ ସାଇଁକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୧୭ ରନ୍‌ରେ ଉପଖଣ୍ଡ ଚିକିତ୍ସାଳୟ ଟିମ୍‌କୁ ପରାସ୍ତ କରିଥିଲା। ଦ୍ୱିତୀୟ ମ୍ୟାଚରେ ଶାଳନିଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୮ ୱିକେଟରେ ଉଦୟପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରାସ୍ତ କରିଥିଲା। ତୃତୀୟ ମ୍ୟାଚରେ ହରିଚନ୍ଦନପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ୭ରନ୍‌ରେ ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପରାସ୍ତ କରିଥିଲା। ଚାରିଦିନ ଧରି ହେବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟରେ ମୋଟ୍ ୧୦ଟି ସ୍ୱାସ୍ଥ୍ୟକେନ୍ଦ୍ରର ଟିମ୍ ଅଂଶଗ୍ରହଣ କରିଛନ୍ତି। ଧର୍ମେନ୍ଦ୍ର ଚକ୍ର, ପ୍ରଦୀପ ପାଗଳ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ବିଶ୍ୱବ୍ରତ ଅଧିକାରୀ, ଅଶୋକ ସୁର, ଶାରଦା ପ୍ରସନ୍ନ ନାୟକ ସ୍କୋରର ରହିଥିଲେ। ଅବିନାଶ ଧଳ, ଚନ୍ଦନ କୁମାର ସାହୁ, ସୁଦର୍ଶନ ବେହେରା, ପ୍ରସନ୍ନ ସାହୁ, ସ୍ୱାସ୍ଥ୍ୟକର୍ମୀ ପ୍ରସନ୍ନ କୁମାର ଶତପଥୀ, ସୁକାନ୍ତ ଜେନା, ରଞ୍ଜନ ରାଉତ, ରମାନାଥ -ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲା।

## ସାମ୍ବାଦିକ ତ୍ରିଲୋଚନ ମିଶ୍ରଙ୍କ ଜୟନ୍ତୀ



କପ୍ତିପଦା,୨୩।୧(ସମିସ): କପ୍ତିପଦା ଶ୍ରୀଅରବିନ୍ଦଙ୍କ ସମାଧି ପୀଠ ପରିସରରେ ସାମ୍ବାଦିକ ତ୍ରିଲୋଚନ ମିଶ୍ରଙ୍କ ୯୩ତମ ଜୟନ୍ତୀ ତ୍ରିଲୋଚନ ମିଶ୍ର ସ୍ମୃତି ପରିଷଦ ପକ୍ଷରୁ ପାଳିତ ହୋଇଯାଇଛି। ସଭାପତି ଶିକ୍ଷାବିତ ପ୍ରଫୁଲ୍ଲ ଚନ୍ଦ୍ର ମହାଳିକ ଉଦଘାଟନ କରିବା ସହିତ ତ୍ରିଲୋଚନ ମିଶ୍ର ଜଣେ ସାମ୍ବାଦିକ ନ ଥିଲେ, ସେ ଥିଲେ ସମାଜ ସଂସ୍କାରକ ଓ ଉତ୍ସର୍ଗୀକୃତ ବ୍ୟକ୍ତିତ୍ୱ। କପ୍ତିପଦା ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ସେ ଆଜୀବନ ସଂଗ୍ରାମ କରିଥିଲେ, କେବଳ ମାନସିକ ଶିକ୍ଷା ନୁହେଁ ସମସ୍ତ ଅଙ୍ଗର ଶିକ୍ଷା ପାଇବା ପାଇଁ ସେ ଗଢିଥିଲେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର। କେବଳ ମାନସିକ ଶିକ୍ଷାରେ ଶିକ୍ଷାର ପରିପକ୍ୱତା ଆସି ନ ଥାଏ,ତେଣୁ ସମସ୍ତ ଅଙ୍ଗର ଶିକ୍ଷା ପାଇଁ ଆଧ୍ୟାତ୍ମିକ ମାର୍ଗରେ ସବୁଅଙ୍ଗ ପାଇଁ ଶିକ୍ଷାର ଆବଶ୍ୟକତା ରହିଛି ବୋଲି କହିଥିଲେ। ଜଣେ କେବଳ ଚାକିରି ପାଇଁ ନୁହେଁ ବରଂ ଭଲ ମଣିଷଟିଏ ଗଢ଼ିବା ଥିଲା ତାଙ୍କର ଲକ୍ଷ୍ୟ ବୋଲି ମୁଖ୍ୟବକ୍ତା ମାଟିଫୁଲର ସମ୍ପାଦକ ଗାଳ୍ପିକ ବସନ୍ତ ରାଉଳ ତାଙ୍କ କହିଥିଲେ।

୧୯୮୬ରେ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଆରମ୍ଭ ହୋଇଥିଲା। ଏହା ୪୦ ବର୍ଷରେ ପଦାର୍ପଣ କରିଥିବାବେଳେ ଏହାର ପ୍ରତିଷ୍ଠାତା ତ୍ରିଲୋଚନ ମିଶ୍ରଙ୍କ ସ୍ୱପ୍ନ ପୂରଣ ହୋଇଛି। କପ୍ତିପଦା ବ୍ଲକର ସୁନେଇବନ୍ଧ, ଉଦଳା କଲେଜ ତାଙ୍କର ଅନ୍ୟ କୃତିତ୍ୱ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ଭରତ ବରାଳ, ଅବସରପ୍ରାପ୍ତ ଉପକୃଷି ନିର୍ଦ୍ଦେଶକ ପରେଶ ସାହୁ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଶରତ ଚନ୍ଦ୍ର ମିଶ୍ର ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ଶ୍ରୀ ମିଶ୍ରଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। ଏ ଅବସରରେ ଉଲ୍ଲେଖନୀୟ ଅବଦାନ ପାଇଁ ବରିଷ୍ଠ ସାମ୍ବାଦିକ ସନ୍ତୋଷ କୁମାର ଶତପଥୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜସେବୀ ଆଶିଷ ମଲ୍ଲିକ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ



ଆନନ୍ଦପୁର,୨୩।୧(ସମିସ): ଘସିପୁରା ବ୍ଲକ୍ ମଦନପୁର ପଞ୍ଚାୟତ ଅଧୀନ ଭଗାନଇସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବାର୍ଷିକ ଉତ୍ସବ ପାଳିତ ହୋଇଯାଇଛି। ଏହି ସମାରୋହରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ମୁରଲୀଧର ଜେନାଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ସାହୁ, ସମ୍ମାନିତ ଅତିଥି ଭାବେ ପରିଚାଳନା କମିଟିର ଅଧ୍ୟକ୍ଷ ମଧୁସୂଦନ ସାହୁ, ସହକାରୀ ଶିକ୍ଷକ କୁଶଭଦ୍ର ସାହୁ, ଆନନ୍ଦଚରଣ ସାହୁ, ଶୁବ୍ରତ ସାହୁ, ଅଞ୍ଜଳି ପରିଡ଼ା, ମନୋରମା ଓ ଝା, କ୍ରୀଡ଼ା ଶିକ୍ଷକ ଯୁଧିଷ୍ଠିର ମୁଦୁଲୀ, କଳାଶିକ୍ଷକ ମଧୁସୁଦନ ରାଉତ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଧାନଶିକ୍ଷକ ବାର୍ଷିକ ବିବରଣୀ ପାଠ କରିଥିଲେ। ବାର୍ଷିକ କ୍ରୀଡ଼ା, ବିଭିନ୍ନ ଅନ୍ୟ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମକୁ ଗ୍ରାମବାସୀ, ଅଭିଭାବକ ତଥା ଦର୍ଶକମାନେ ମନଭରି ଉପଭୋଗ କରିଥିଲେ।

## ୨୪୧ ହିତାଧିକାରୀଙ୍କୁ ଋଣ ପ୍ରଦାନ




କେନ୍ଦୁଝର,୨୩।୧: କେନ୍ଦ୍ରସରକାର "ପ୍ରଧାନମନ୍ତ୍ରୀ ଷ୍ଟ୍ରିଟ୍ ଆତ୍ମନିର୍ଭର ନିଧି' ଯୋଜନା ଆରମ୍ଭ କରିଛନ୍ତି। ଏହି ଯୋଜନା ଅଧୀନରେ ଦେଶବ୍ୟାପୀ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ କେନ୍ଦୁଝର ଅଡିଟୋରିୟମ ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କେନ୍ଦୁଝରଗଡ଼ ପୌରପାଳିକାରେ ବ୍ୟବସାୟ କରୁଥିବା ୨୪୧ଜଣ ହିତାଧିକାରୀଙ୍କୁ ଋଣ ପ୍ରଦାନ କରାଯାଇଛି।

### • ଗୁଟଖା ବ୍ୟାନ୍‌ର ଫାଇଦା ଉଠାଉଛନ୍ତି ଦୋକାନୀ

## ଚଢ଼ାଦରରେ ବିକ୍ରି ହେଉଛି ଗୁଟ୍‌ଖା

ହାଟଡ଼ିହୀ,୨୩।୧(ସମିସ): ଗୁଟଖା ବ୍ୟାନ୍ ହେବା ନେଇ ଖବରପ୍ରସାର ପରେ ହାଟଡ଼ିହୀ ଅଞ୍ଚଳର ପ୍ରାୟ ଦୋକାନମାନଙ୍କରେ ଅତି ଚଢ଼ାଦରରେ ଗୁଟଖା ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ହାଟଡ଼ିହୀ ଅଞ୍ଚଳର କିଛି ହୋଲସେଲର ଦୋକାନୀ ବିଭିନ୍ନ ପ୍ରକାରର ଶହଶହ ଗୁଟଖା ବସ୍ତା ମହଜୁଦ୍ ରଖି ଏବେ ଛୋଟ ଛୋଟ ଦୋକାନୀଙ୍କୁ ମନଇଚ୍ଛା ଚଢ଼ାଦରରେ ବିକ୍ରି କରୁଥିବା ଦେଖାଯାଇଛି। ଗୁଟଖା ବ୍ୟାନ୍ ହେବାର ଖବର ଶୁଣିବା ପରେ ହୋଲସେଲର ଦୋକାନୀମାନେ ମୋଟା ଅଙ୍କର ମୁନଫା ଉଠାଇବା ଉଦ୍ଦେଶ୍ୟରେ ଏବେ ବଜାରକୁ ଅଳ୍ପ ଅଳ୍ପ ପରିମାଣର ଗୁଟଖା ବିକ୍ରି କରୁଛନ୍ତି। ଯାହାକି, କିଣା ମୂଲ୍ୟଠାରୁ ସେମାନେ ଅଧିକ ଲାଭ କରୁଛନ୍ତି। ବଜାରରେ ଏବେ ପାଞ୍ଚଟଙ୍କା ଗୁଟଖା ସାତ ଟଙ୍କାରେ, ତିନି ଟଙ୍କା ମୂଲ୍ୟର ଗୁଟଖା ପାଞ୍ଚ ଟଙ୍କାରେ ବିକ୍ରି ହେଉଛି। ଏପରି ଯୋଗୁଁ ଗ୍ରହକମାନେ ସିଧାସଳଖ ଲୁଟ୍‌ର ଶିକାର ହେଉଛନ୍ତି। ଅସାଧୁ ଉପାୟ ସହ ଚଢ଼ାଦରରେ ଗୁଟଖା ବିକ୍ରି ପ୍ରତି ଆନନ୍ଦପୁର ଉପଜିଲ୍ଲାପାଳ ଧ୍ୟାନ ଦେଇ ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାନେଇ କଡ଼ା ତାଗିଦ୍ କରାଇବାକୁ ସାଧାରଣରେ ଦାବି ହେଉଛି।

## ଜାତୀୟ ଯୁବ ପ୍ରକଳ୍ପର ନେତାଜୀ ଜୟନ୍ତୀ

ସରସକଣା, ୨୩।୧(ସମିସ): ସ୍ଥାନୀୟ ଝାରପୋଖରିଆଠାରେ ଜାତୀୟ ଯୁବ ପ୍ରକଳ୍ପ ପକ୍ଷରୁ ନେତାଜୀ ଜୟନ୍ତୀ ପାଳିତ ହୋଇଯାଇଛି। ପ୍ରାରମ୍ଭରେ ସୀମାନ୍ତ ମହାବିଦ୍ୟାଳୟ ପରିସରରେ ଥିବା ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପ୍ରକଳ୍ପର ଜିଲ୍ଲା ସଭାପତି କୁଞ୍ଜବିହାରୀ ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡକ୍ଟର ସରୋଜ ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ନେତାଜୀଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା



ଭାବେ ଅଧ୍ୟାପକ ଅଶୋକ ପୃଷ୍ଟି, ସମ୍ମାନିତ ଅତିଥି ଭାବେ ଦୁର୍ଗାପ୍ରସାଦ ମହାପାତ୍ର, ଜିଲ୍ଲା ସଂଯୋଜକ ମଳୟ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ଉପସ୍ଥାପନ କରିଥିଲେ। ବିଶିଷ୍ଟ ସମାଜସେବୀ ଦେବାଶିଷ ଖାଟୁଆଙ୍କ ନେତୃତ୍ୱରେ ସର୍ବଧର୍ମ ପ୍ରାର୍ଥନା ଅନୁଷ୍ଠିତ ହୋଇଥିଲା। ଲମ୍ବୋଦର ନାଏକ ଧନ୍ୟବାଦ ଅର୍ପଣ କରିଥିଲେ।

## ନେତାଜୀ ଓ ସୁରେନ୍ଦ୍ର ସାଏଙ୍କ ଜୟନ୍ତୀ ପାଳିତ

ବେତନଟୀ, ୨୩।୧(ସମିସ)

ସ୍ଥାନୀୟ ଇନ୍ଦିରାନଗର ପ୍ରାଥମିକ ବିଦ୍ୟାଳୟରେ ଅପରାହ୍ନରେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ୧୨୯ତମ ଜୟନ୍ତୀ ଓ ବୀର ସୁରେନ୍ଦ୍ର ସାଏଙ୍କ ଜନ୍ମଦିନ ପାଳନ କରାଯାଇଛି। ଏଥିନିମନ୍ତେ ଆୟୋଜକ ନେତାଜୀ ଇନଭେଷ୍ଟିଗେସନ ବ୍ୟୁରୋ ମୁଖ୍ୟ ବାସୁଦେବ ନାପିତ ପ୍ରାରମ୍ଭିକ ସୂଚନା ସହ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାରେ ବେତନଟୀର ଅଗ୍ରଣୀ ଅନୁଷ୍ଠାନ ସିଭିଲ ସୋସାଇଟି, ମୟୂର ସାହିତ୍ୟ ସଂସଦ, ଅବସରପ୍ରାପ୍ତ କର୍ମଚାରୀ ସଂଘ, ବିଶ୍ୱ ଜନନୀ ମହିଳା ସଂଗଠନ ଆଦିରୁ ଅନେକ କର୍ମକର୍ତ୍ତା



ଓ ସଭ୍ୟସଭ୍ୟା ଯୋଗଦାନ କରିଥିଲେ। ବିଜୟ କୁମାର ଦ୍ୱିବେଦୀଙ୍କ ସଭାପତିତ୍ୱ ଓ ଦୁର୍ଯ୍ୟୋଧନ ସିଂଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ରୂପେ ରବୀନ୍ଦ୍ର ମିଶ୍ର, ମୁଖ୍ୟବକ୍ତା ରୂପେ ସଚ୍ଚିଦାନନ୍ଦ ମହାନ୍ତିଙ୍କ ସହ ସମ୍ମାନିତ ଅତିଥି ଭାବେ ଯତୀନ୍ଦ୍ରନାଥ ସାହୁ ଯୋଗ ଦେଇଥିବାବେଳେ ବରିଷ୍ଠ ସାମ୍ବାଦିକ ହରିଶ ଚନ୍ଦ୍ର ନନ୍ଦ ଗୋସ୍ୱାମୀ ପ୍ରମୁଖ ବକ୍ତବ୍ୟରେ ଉଭୟ ସ୍ୱାଧୀନତା ସଂଗ୍ରାମୀଙ୍କ ସମ୍ବନ୍ଧରେ ତଥ୍ୟ ପ୍ରଦାନ କରିଥିଲେ। ଜୟହିନ୍ଦ ସ୍ଲୋଗାନ, ମୋତେ ରକ୍ତ ଦିଅ ମୁଁ ତୁମକୁ ସ୍ୱାଧୀନତା ଦେବି, ଜାତୀୟ କଂଗ୍ରେସ ଗଠନ, ଆଜାଦ ହିନ୍ଦ ଫୌଜ ଗଠନ, ଜାତୀୟ ଫରୱାର୍ଡ ବ୍ଲକ୍ ଗଠନ କରି ଦେଶପାଇଁ କରିଥିବା କାର୍ଯ୍ୟ ସମ୍ବନ୍ଧରେ ଆଲୋଚନା ହୋଇଥିଲା। ସହଦେବ ଗିରି ଓ ନିର୍ମଳା ସାହୁଙ୍କ ବକ୍ତବ୍ୟ ପରେ ଚାରିଜଣ ବୀର ଯବାନଙ୍କୁ ସେମାନଙ୍କର ତ୍ୟାଗପୂତ ଦେଶପ୍ରେମ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା। ହରେନ୍ଦ୍ର ନାଥ ବାରିକ, ରମାନାଥ ବାରିକ, ଭାସ୍କର ଚନ୍ଦ୍ର ଦାସ ପ୍ରମୁଖ ଯୋଗ ଦେଇଥିବାବେଳେ କମଳଲୋଚନ କର ସହଯୋଗ କରିଥିଲେ। ତିଲୋତ୍ତମା ନାହାକ ଧନ୍ୟବାଦ ଅର୍ପଣ କରିଥିଲେ।

## ଆଜିର ରାଶିଫଳ

**ମେଷ:** ଦିନଟିରେ ଚିନ୍ତାଗ୍ରସ୍ତ ରହିବେ । ଆୟର ନୂତନ ମାର୍ଗ ଉନ୍ମୋଚନ ହେବ । ନିବେଶରୁ ଦୂରେଇ ରହିବେ । ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି । ନୂଆ ଯୋଜନା ପାଇଁ ଗୁରୁଜନଙ୍କ ପରାମର୍ଶ ନେବେ ।

**ବୃଷ:** ଅଧିକ ଖର୍ଚ୍ଚାନ୍ତ ହେବେ । ବ୍ୟବସାୟରୁ ଲାଭ ମିଳିବ । ପ୍ରେମ ସମ୍ବନ୍ଧ ମଜଭୁତ୍ ହେବ । ଉଧାର ଧନ ଫେରିପାଇବେ । ବିଦ୍ୟାର୍ଥୀ ଖେଳକୁଦରେ ସମୟ ଅତିବାହିତ କରିବେ ।

**ମିଥୁନ:** ସନ୍ତାନଙ୍କ ଭବିଷ୍ୟତ ପାଇଁ ଚିନ୍ତାରେ ରହିବେ । ଧନ ଆଗମନ ଯୋଗ ଅଛି । ପରିବାର ସଦସ୍ୟଙ୍କ ସହିତ ମତାନ୍ତର ହେବ । ବ୍ୟବସାୟୀ ଦୂର ସ୍ଥାନକୁ ଯାତ୍ରା କରିବେ । ମନ ପ୍ରସନ୍ନ ରହିବ ।

**କର୍କଟ:** ଅଫିସ୍ କାମରେ ବ୍ୟସ୍ତ ରହିବେ ଏବଂ ଅତିରିକ୍ତ ଦାୟିତ୍ୱ ତୁଲାଇବେ । ବନ୍ଧୁଙ୍କ ସାହାଯ୍ୟରେ ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ । ଧାର୍ମିକ କାର୍ଯ୍ୟ ପାଇଁ ଆଗ୍ରହୀ ହେବେ ।

**ସିଂହ:** କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ବନ୍ଧୁଙ୍କ ସହ ବୁଲିବା ପାଇଁ ନୂଆ ଯୋଜନା କରିବେ । ଧାର କରଜରୁ ଦୂରେଇ ରହିବେ । ନୃତ୍ୟଶିଳ୍ପୀଙ୍କ ପାଇଁ ଦିନଟି ଭଲ ।

**କନ୍ୟା:** ଯାତ୍ରାରୁ ଲାଭ ମିଳିବ । ଦିନଟିରେ କର୍ମଚଞ୍ଚଳ ରହିବେ । ପାରିବାରିକ ଜୀବନରେ ତିକ୍ତତା ଦେଖା ଦେବ । ବ୍ୟବସାୟରେ ସଫଳତା ମିଳିବ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଦିନଟି ମିଶ୍ରଫଳ ପ୍ରଦାନ କରିବ । ସାମାଜିକ କାର୍ଯ୍ୟରେ ସାମିଲ ହେବେ । ଅଫିସ୍‌ରେ ସହକର୍ମୀଙ୍କ ସହ ବ୍ୟକ୍ତିଗତ କଥା ଆଲୋଚନା କରିବେ ନାହିଁ । ଘରକୁ ଅତିଥିଙ୍କ ଆଗମନ ହେବ ।

**ବିଛା:** ଦିନଟି ଶୁଭଫଳ ପ୍ରଦାନ କରିବ । ସରକାରୀ କାମ ସମସ୍ୟା ସମାଧାନ ହେବ । ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କ ସହଯୋଗ ମିଳିବ । ପାରିବାରିକ ବିବାଦରୁ ଦୂରେଇ ରହିବେ ।

**ଧନୁ:** କାର୍ଯ୍ୟରେ ଉନ୍ନତି ଘଟିବ । ଦାମ୍ପତ୍ୟ ଜୀବନ ହସଖୁସିରେ ଅତିବାହିତ କରିବେ । ଇଚ୍ଛା ପୂରଣ ହେବ । ଗରିବ, ଅସହାୟଙ୍କୁ ସାହାଯ୍ୟ କରିବେ । ଗୁରୁଜନଙ୍କ ଆଦେଶ ପାଳନ କରିବେ ।

**ମକର:** ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ବଦଭ୍ୟାସ ପରିତ୍ୟାଗ କରିବେ । ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ । ବିବାହ ପ୍ରସ୍ତାବ ସ୍ଥିର ହେବ । ବିଦ୍ୟାର୍ଥୀ ପ୍ରବେଶିକା ପରୀକ୍ଷା ଲାଗି ପ୍ରସ୍ତୁତି ଜାରି ରଖିବେ ।

**କୁମ୍ଭ:** ଦୀର୍ଘ ଦିନ ସମସ୍ୟାର ସମାଧାନ ହେବ । ଅଫିସ୍ କାମ ସୂଚାରୁରୂପେ ତୁଲାଇବେ । ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ । ବଡ଼ ଭାଇ ଓ ଭଉଣୀଙ୍କ ସହଯୋଗ ମିଳିବ ।


**ମୀନ:** କଥା ଓ କାମ ମଧ୍ୟରେ ଲୋକଙ୍କୁ ପ୍ରଭାବିତ କରିବେ । ବନ୍ଧୁଙ୍କ ସାହାଯ୍ୟ ମିଳିବ । ଆର୍ଥିକ ମାମଲାରେ ସୁଧାର ଆସିବ । ମାଆଙ୍କ ସ୍ୱାସ୍ଥ୍ୟାବସ୍ଥା ପାଇଁ ଚିନ୍ତାରେ ରହିବେ ।

## ଆଜିର ଇତିହାସ

- ୧୮୫୭-କଲିକତା ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ।
- ୧୯୫୦- ଜନ-ଗଣ-ମନକୁ ଭାରତୀୟ ଜାତୀୟ ସଙ୍ଗୀତର ମାନ୍ୟତା । ।
- ୧୯୫୨- ମୁମ୍ବାଇରେ ପ୍ରଥମ ଆନ୍ତର୍ଜାତିକ ଫିଲ୍ମ ମହୋତ୍ସବ ଆୟୋଜିତ ।
- ୧୯୬୫- ବ୍ରିଟେନର ପୂର୍ବତନ ପ୍ରଧାନମନ୍ତ୍ରୀ ୱିନ୍‌ଷ୍ଟନ ଚର୍ଚ୍ଚିଲଙ୍କ ପରଲୋକ ।
- ୧୯୬୬- ଏୟାର୍ ଇଣ୍ଡିଆ ବିମାନ 'ବୋଇଂ ୭୦୭' ଦୁର୍ଘଟଣାଗ୍ରସ୍ତ ହେବାରୁ ୧୧୭ ଲୋକଙ୍କ ମୃତ୍ୟୁ ।


## ଆଜି ବାହୁଡ଼ିଥିଲେ

# ବକ୍ସି ଜଗବନ୍ଧୁ



ପାଇକ ବିଦ୍ରୋହର ମୁଖ୍ୟ ପୁରୋଧା ବକ୍ସି ଜଗବନ୍ଧୁଙ୍କ ଆଜି ଶ୍ରାଦ୍ଧ ଦିବସ । ଇଂରେଜମାନେ ୧୮୦୩ ମସିହାରେ ଓଡ଼ିଶା ଅଧିକାର କରିବାର ମାତ୍ର ୧୪ ବର୍ଷ ମଧ୍ୟରେ ୧୮୧୭ ମସିହାରେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଓଡ଼ିଶାରେ ପ୍ରଥମ ବିଦ୍ରୋହ ତେଜି ଉଠିଥିଲା , ଯାହାର ନାମ ଥିଲା 'ପାଇକ ବିଦ୍ରୋହ' । ଏହାର ନେତୃତ୍ୱ ନେଇଥିଲେ ସଂଗ୍ରାମୀ ବୀର ବକ୍ସି ଜଗବନ୍ଧୁ । ପାଇକ ବିଦ୍ରୋହକୁ ଅନେକ ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ ବୋଲି ମତ ପ୍ରକାଶ କରିଥାଆନ୍ତି । ବକ୍ସି ଜଗବନ୍ଧୁଙ୍କ ସମ୍ପୂର୍ଣ୍ଣ ନାମ ଜଗବନ୍ଧୁ ବିଦ୍ୟାଧର ମହାପାତ୍ର ଭ୍ରମରବର ରାଏ । ସେ ବକ୍ସି ଜଗବନ୍ଧୁଙ୍କ ନାମରେ ବେଶ୍ ଲୋକପ୍ରିୟ । ୧୭୭୩ ମସିହାରେ ପୁରୀ ଜିଲ୍ଲା ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗ ଗ୍ରାମରେ ବକ୍ସି ଜଗବନ୍ଧୁ ଜନ୍ମଗ୍ରହଣ କରିଥିଲେ । ବକ୍ସି ଥିଲେ ରାଜକୁଳ ସମ୍ଭୂତ । ପିଲାଦିନୁ ସେ ଅଶ୍ୱଚାଳନାର ବିଭିନ୍ନ ରଣକୌଶଳ ଶିଖିଥିଲେ । ଯୁବକାବସ୍ଥାରେ ପଦାର୍ପଣ କଲାପରେ ସେ 'ବକ୍ସି' ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇପାରିଥିଲେ । ଖୋର୍ଦ୍ଧା ରାଜ୍ୟରେ ଗଜପତି ମୁକୁନ୍ଦଦେବଙ୍କ ପରେ ଲୋକମାନେ ବକ୍ସି ଜଗବନ୍ଧୁଙ୍କୁ ଅଧିକ ସମ୍ମାନ ଦେଉଥିଲେ । ତାଙ୍କରି କଥାରେ, ମାର୍ଗରେ ପରିଚାଳିତ ହେଉଥିଲେ । ସେହି ସମୟରେ ପାଇକମାନେ ନିଷ୍କର ଜମି ଭୋଗ କରୁଥିଲେ । ମରହଟ୍ଟାମାନଙ୍କୁ ଓଡ଼ିଶାରୁ ହଟାଇବା ପାଇଁ ଇଂରେଜମାନେ ଗଜପତି ମହାରାଜାମାନଙ୍କୁ ସାହାଯ୍ୟ କରିଥିଲେ । ଏହାପରେ ରାଜ୍ୟର ଶାସନଭାରରେ ସେମାନେ ହସ୍ତକ୍ଷେପ କଲେ । ଇଂରେଜମାନେ ୧୮୦୪ ଖ୍ରୀଷ୍ଟାବ୍ଦରେ ଖୋର୍ଦ୍ଧାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବଙ୍କୁ ଗାଦିଚ୍ୟୁତ କରି ତାଙ୍କର ରାଜ୍ୟକୁ ଇଂରେଜ ଶାସନାଧୀନ ଅଞ୍ଚଳ ସହିତ ମିଶାଇ ଦେଲେ । ପାଇକଙ୍କ ନିଷ୍କର ଜମି ଉପରେ ଉଚ୍ଚ ହାରରେ କର ଧାର୍ଯ୍ୟ ହେଲା । ଫଳରେ ପାଇକମାନେ ତାଙ୍କ ବଂଶାନୁକ୍ରମିକ ନିଷ୍କର ବୃତ୍ତିରୁ ବଞ୍ଚିତ ହେଲେ । ଅନେକ ଘରଦ୍ୱାର ଛାଡ଼ି ନିକଟବର୍ତ୍ତୀ କରଦ ରାଜ୍ୟମାନଙ୍କରେ ଆଶ୍ରୟ ନେଲେ । ଯେଉଁମାନେ ରହିଲେ ସେମାନଙ୍କ ଆର୍ଥିକ ଅବସ୍ଥା ଶୋଚନୀୟ ହୋଇପଡିଲା । ୧୮୧୭ ମସିହାରେ ଇଂରେଜମାନେ ଘୁମୁସର ରାଜା ଧନଞ୍ଜୟ ଭଞ୍ଜଙ୍କୁ ଏକ ହତ୍ୟା ମାମଲାରେ ଗିରଫ କଲେ । ଏହି ଘଟଣାର ପ୍ରତିବାଦରେ ଖୋର୍ଦ୍ଧାର ପାଇକମାନେ ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଇଂରେଜମାନଙ୍କ ଅନ୍ୟାୟ ନୀତି ଓ ନିର୍ଯାତନା ବିରୋଧରେ ବିଦ୍ରୋହ କଲେ । ଏହାପରେ ପାଇକ ବିଦ୍ରୋହର ସୂତ୍ରପାତ ହୋଇଥିଲା । ଏହି ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ । ଯାହାର ମୁଖ୍ୟ କାରଣ ହେଉଛି, ନୂଆ ରାଜସ୍ୱ ନୀତି ଏବଂ ଲବଣ ଦର ବୃଦ୍ଧି । ଘୁମୁସରର କନ୍ଧ ଓ ପାଇକମାନେ ମିଳିତ ଭାବେ ବାଣପୁରରେ ଥିବା ଇଂରେଜମାନଙ୍କ ବିଭିନ୍ନ କାର୍ଯ୍ୟାଳୟ ଉପରେ ଆକ୍ରମଣ କରିଥିଲେ । ବାଣପୁରରୁ ପିପିଲି ମଧ୍ୟରେ ଥିବା ଇଂରେଜଙ୍କର ବିଭିନ୍ନ କାର୍ଯ୍ୟାଳୟ ଓ ସୈନ୍ୟ ଛାଉଣୀ ଉପରେ ଆକ୍ରମଣ ହୋଇଥିଲା । ପରେ ପୁରୀ ଆଡ଼କୁ ଅଗ୍ରସର ହୋଇଥିଲେ । ମାତ୍ର ସେଠାରେ ଇଂରେଜ ସୈନ୍ୟମାନଙ୍କୁ ପ୍ରତିରୋଧ କରିବା ସମ୍ଭବ ହୋଇ ପାରିନଥିଲା । ମାତ୍ର ବକ୍ସି ଜଗବନ୍ଧୁଙ୍କୁ ଇଂରେଜମାନେ ଗିରଫ କରି ନ ଥିଲେ । ପରେ ବଡ଼ଲାଟ୍ ୧୮୨୨ ମସିହାରେ ଜଗବନ୍ଧୁଙ୍କୁ କେତେ ସର୍ତ୍ତରେ କ୍ଷମା କରିବେ ବୋଲି ଘୋଷଣା କରିଥିଲେ । ମାତ୍ର ବକ୍ସି ଜଗବନ୍ଧୁ ଏହାକୁ ଗ୍ରହଣ କରି ନଥିଲେ । ଏହାପରେ ୧୮୨୫ ମସିହା ମେ' ମାସ ୨୭ ତାରିଖରେ ବକ୍ସି ଜଗବନ୍ଧୁ କଟକରେ ଆତ୍ମସମର୍ପଣ କରିଥିଲେ । ୧୮୨୯ ଆଜିର ଦିନରେ ପାଇକ ବିଦ୍ରୋହର ମହାନାୟକ ବକ୍ସି ଜଗବନ୍ଧୁ ଇହଲୀଳା ସମ୍ବରଣ କରିଥିଲେ ।

# ନିଖିଲଙ୍କ ଫିଲ୍ମରେ କାର୍ତ୍ତିକ୍



ବଲିଉଡ୍ ଅଭିନେତା କାର୍ତ୍ତିକ୍ ଆର୍ଯ୍ୟନ୍‌ଶେଷ ଥର ପାଇଁ 'ତୁ ମେରି ମେ ତେରା ମେ ତେରା ତୁ ମେରି' ଫିଲ୍ମରେ ଦେଖାଯାଇଥିଲେ । ଏହି ଫିଲ୍ମ ଗତ ଡିସେମ୍ବର ୨୫ରେ ରିଲିଜ୍ ହୋଇଥିଲା । ବକ୍ସ ଅଫିସ୍‌ରେ ଏହି ଫିଲ୍ମଟି କିନ୍ତୁ ଭଲ ବିଜିନେସ୍ କରିପାରିନି । କରନ୍ ଜୋହର୍‌ଙ୍କ ଧର୍ମା ପ୍ରଡକ୍ସନ୍ ଏହାର ପ୍ରଯୋଜନା ଦାୟିତ୍ୱରେ ଥିଲା । ତେବେ ଏହି ଫିଲ୍ମ ଫ୍ଲପ୍ ହେବା ପରେ ବି ଏହା କାର୍ତ୍ତିକ୍‌ଙ୍କ କ୍ୟାରିୟର ଉପରେ ସେତେଟା ପ୍ରଭାବ ପକାଇ ପାରି ନାହିଁ । ଇତିମଧ୍ୟରେ ନିର୍ଦ୍ଦେଶକ ନିଖିଲ ନାଗେଶ ଭଟ୍ଟ ତାଙ୍କ ଫିଲ୍ମ ପାଇଁ କାର୍ତ୍ତିକ୍‌ଙ୍କୁ ଅଫର୍ ଦେଇଥିବା ଜଣାପଡ଼ିଛି । ପୌରାଣିକ କାହାଣୀ ଉପରେ ଆଧାରିତ ଏହା ଏକ ଆକ୍ସନ୍ ଆଡଭେଞ୍ଚର ଫିଲ୍ମ ହେବ । କାର୍ତ୍ତିକ୍ ମଧ୍ୟ ଏହି ଫିଲ୍ମକୁ ନେଇ ବେଶ୍ ଉତ୍ସାହିତ ଥିବା ଜଣାପଡ଼ିଛି । କାର୍ତ୍ତିକଙ୍କ କାମ କଥା କହିବାକୁ ଗଲେ, ଚଳିତବର୍ଷ ତାଙ୍କ ଅଭିନୀତ ଦୁଇଟି ଫିଲ୍ମ ପରଦାକୁ ଆସିବ । ଏବେ ସେ 'ନାଗଜିଲା'ର ସୁଟିଂରେ ବ୍ୟସ୍ତ ଅଛନ୍ତି । ଏହାବାଦ୍ ସେ ଅନୁରାଗ ବସୁଙ୍କ ଏକ ଫିଲ୍ମରେ ମଧ୍ୟ କାମ କରୁଛନ୍ତି । ଏଥିରେ ତାଙ୍କ ବିପକ୍ଷରେ ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ଶ୍ରୀଲୀଳା ଦେଖାଯିବେ । ଏହା ଚଳିତବର୍ଷ ମଧ୍ୟ ଆଡ଼କୁ ରିଲିଜ୍ ହୋଇପାରେ ।

# ଜାତୀୟ କନ୍ୟା ସନ୍ତାନ ଦିବସ



ବର୍ତ୍ତମାନ ସମୟରେ ପୁଅମାନଙ୍କ ତୁଳନାରେ ଝିଅମାନେ କିଛି କମ୍ ନୁହଁନ୍ତି । ତଥାପି ସମାଜରେ ଝିଅଟିଏ ଅଣଦେଖା ଓ ଅଲୋଡ଼ା ହୋଇ ରହିଛି । ଦେଶରେ କନ୍ୟା ସନ୍ତାନଙ୍କ ପ୍ରତି ହେଉଥିବା ଅତ୍ୟାଚାର, ଜନ୍ମ ପୂର୍ବରୁ ହତ୍ୟା, ସମାଜରେ ଝିଅମାନେ ସାମ୍ନା କରୁଥିବା ଅସମାନତା ଦୂର କରିବା, ସେମାନଙ୍କ ଅଧିକାର ବିଷୟ ସାଧାରଣରେ ଉଠାଇ ସଚେତନ କରିବା, ଶିକ୍ଷାର ଗୁରୁତ୍ୱ, ସ୍ୱାସ୍ଥ୍ୟ ଓ ପୋଷଣ ଆଦି ବିଷୟରେ ସଚେତନ ଓ ଆଲୋଚନା ପାଇଁ ପ୍ରତିବର୍ଷ ଜାନୁଆରୀ ୨୪ ତାରିଖକୁ ଜାତୀୟ କନ୍ୟା ଦିବସ ଭାବେ ପାଳନ କରାଯାଏ । ପ୍ରତ୍ୟେକ କ୍ଷେତ୍ରରେ କନ୍ୟା ସନ୍ତାନଙ୍କୁ ସମର୍ଥନ କରିବା ଓ ସେମାନଙ୍କ ପାଇଁ ଅଧିକରୁ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରିବା ହିଁ ହେଉଛି ଏହି ଦିବସ ପାଳନର ମୂଳ ଉଦ୍ଦେଶ୍ୟ । କନ୍ୟା ସନ୍ତାନମାନଙ୍କ ସାମାଜିକ ଗୁରୁତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଓ ସେମାନେ ଏକ ସମ୍ମାନଜନକ ଜୀବନ ଜିଇଁବା ଦିଗରେ ଗୃହ, ଗୋଷ୍ଠୀ ଏବଂ ଅନୁଷ୍ଠାନମାନଙ୍କରେ ଅନୁକୂଳ ବାତାବରଣ ନିର୍ମାଣ କରିବା ନିମନ୍ତେ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟସ୍ତରରେ ଏବଂ ବିଭିନ୍ନ ଜିଲ୍ଲାଗୁଡ଼ିକରେ ଏହି ଦିବସ ପାଳନ କରାଯାଏ । ଜାତୀୟ ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପକ୍ଷରୁ ୨୦୦୮ ମସିହାରେ ପ୍ରଥମ ଥର ପାଇଁ ଜାତୀୟ କନ୍ୟା ଦିବସ ପାଳନ ପାଇଁ ପଦକ୍ଷେପ ନିଆଯାଇଥିଲା । ଶୋଷିତ, ନିର୍ଯାତିତ ଶିଶୁକନ୍ୟାମାନଙ୍କୁ ଉଦ୍ଧାର କରି ସମାଜରେ ସଚେତନତା ସୃଷ୍ଟି କରାଇ ଶିକ୍ଷା, ସ୍ୱାସ୍ଥ୍ୟ, ସୁବିଧା ସୁଯୋଗ ଯୋଗାଇଦେବା ଏହି ଦିବସ ପାଳନର ଅନ୍ୟତମ ଉଦ୍ଦେଶ୍ୟ । କନ୍ୟା ସନ୍ତାନଙ୍କ ସୁରକ୍ଷା, ଲିଙ୍ଗଗତ ସମାନତା, ଉତ୍ତମ ସ୍ୱାସ୍ଥ୍ୟ, ସୁରକ୍ଷିତ ବାତାବରଣ ନିମନ୍ତେ ଏହିଦିନ ସରକାରୀ ତଥା ସ୍ୱେଚ୍ଛାସେବୀ ସଂଗଠନଗୁଡ଼ିକ ତରଫରୁ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ କରାଯାଏ ।

## ପ୍ରହେଳିକା

- ନୂଆ ସମ୍ବିଧାନ ଲାଗୁ ହୋଇଲା
  ବ୍ରିଟିଶ ନିୟମ ଦୂରେଇ ଗଲା
  ସାର୍ବଭୌମ ଗଣତନ୍ତ୍ର ରାଷ୍ଟ୍ରଟେ ହୋଇ
  ଇତିହାସ ରଚିଲା ଭାରତ ଭୂଇଁ
  ଥିଲା କେଉଁ ମାସ ତାରିଖ କେତେ
  କହିଦିଅ ପିଲେ ଜାଣିଛ ଯେତେ ?

  ଉ-ଜାନୁଆରୀ ୨୬

- ସାରା ଭାରତ ହୁଅଇ ସଜା
  ଉଡ଼ୁଥାଏ ଆମ ତ୍ରିରଙ୍ଗା ଧ୍ୱଜା
  ଶାନ୍ତି ପ୍ରୀତି ମୈତ୍ରୀ ଭାବକୁ ନେଇ
  ପାଳୁଥାନ୍ତି ସବୁ ଭଉଣୀ ଭାଇ
  ସମ୍ବିଧାନ ପ୍ରଣୟନ ଦିବସ ଇଏ
  ନାମଟି ତାହାର କହିବ କିଏ ?

  ଉ-ସାଧାରଣତନ୍ତ୍ର ଦିବସ


- ଭାରତମାତାର ସୁଯୋଗ୍ୟ ସନ୍ତାନ
  ଥିଲେ ସିଏ କର୍ମବୀର
  ବାପୁଜୀ, ସୁବାଷ, ସର୍ଦ୍ଦାରଙ୍କ ସାଥେ
  ଦେଇଥିଲେ ରଣ ହୁଙ୍କାର
  ପ୍ରଣୟନ ହେଲେ ନୂଆ ସମ୍ବିଧାନ
  ସ୍ୱାଧୀନ ଭାରତ ପାଇଁ
  ଜାଣିଅଛ ଯଦି ନାମଟି ତାଙ୍କର
  ଆନନ୍ଦରେ ଦିଅ କହି ?

  ଉ-ବି.ଆର୍. ଆମ୍ବେଦକର

ପ୍ରଶାନ୍ତ କୁମାର ନାଥ
ସୁନ୍ଦରପୁର, ଯାଜପୁର
ମୋ-୮୩୧୦୩୨୮୩୪୫

## ଗଣତନ୍ତ୍ର ଆମ ଗର୍ବ

# ରଖିବା ଦେଶର ଗଉରବ



କୁଞ୍ଜ ବିହାରୀ ସାହୁ



ଆଜି ମନେପଡ଼େ ଆମ୍ବେଦକରଙ୍କୁ
ଯିଏ ଲେଖିଥିଲେ ସମ୍ବିଧାନ,
ସେହିଦିନ ପରା ଛବିଶ ତାରିଖ
ଜାନୁଆରୀ ମାସ ଖୁସି ଦିନ ।
ସ୍ୱାଧୀନ ଭାରତ ଗଣତନ୍ତ୍ର ବୋଲି
ସଭିଙ୍କୁ ବାରତା ଦେଲେ ସିଏ,
କୋଟି ଭାରତର ମଉଡ଼ମଣି ସେ
କାଳ କାଳ ଅଛି କଥାଟିଏ ।
ରାଜ ଶାସନ ତ ଯାଇଛି ଉଭେଇ
ଆମେରେ ମଣିଷ ଗୋଟେ ଜାତି,
ନାହିଁ ଭେଦଭାବ କାହାରି ମନରେ
ବିପଦେ ଦେଖାଉ ନିଜ ଛାତି ।
ଆକାଶେ ଉଡ଼ୁଛି ଜାତୀୟ ପତାକା
ଶାନ୍ତି, ସୁଖ, ବୀର-ଗାଥା ଗାଇ,
ଆସରେ ପିଲାଏ ଏକାଠି ହୋଇବା
ଭାରତମାତାଙ୍କୁ ମନେ ଧାୟୀ ।
ଏକତା ବଳରେ ଜିଣିବା ବଇରି
ରଖିବା ଦେଶର ଗଉରବ,
ଏଇ ଗଣତନ୍ତ୍ର ଦିବସରେ ଆମେ
ବାଣ୍ଟିବା ମଇତ୍ରୀ-ସଉରଭ ।

ପାତ୍ରପଡ଼ା, ଭୁବନେଶ୍ୱର
ମୋ- ୭୦୦୮୧୪୨୦୪୦




ନିରଞ୍ଜନ ସାହୁ


ଜାନୁୟାରୀ ମାସ ଛବିଶ ତାରିଖ
ଆସନ୍ତୁ ପାଳନ କରିବା
ଜାତୀୟ ପତାକା ଉତ୍ତୋଳନ କରି
ହୃଦୟରେ ଗର୍ବ ଭରିବା ।
ସାଧାରଣତନ୍ତ୍ର ଦିବସ ଭାବରେ
ଏହାର ସୁଖ୍ୟାତି ରହିଛି
ଭାରତ ମାତାର ଜୟ ହେଉ ବୋଲି
ଏ ତୁଣ୍ଡ ଆନନ୍ଦେ କହିଛି ।
କିଏ କହେ ଗଣତନ୍ତ୍ର ଦିବସ ଏ
ଅଟଇ ଜାତୀୟ ପରବ
ଆନ କହେ ଜନରାଜ୍ୟ ଦିବସ ଏ
ପାଳନେ ଆସଇ ଗରବ ।
ଉଣେଇଶ ଶହ ପଚାଶ ମସିହା
ଜାନୁୟାରୀ ମାସ ଛବିଶ
ସମ୍ବିଧାନ କାର୍ଯ୍ୟକାରୀ ହୋଇଥିଲା
ଦେଶର ଆଇନ ଭବିଷ୍ୟ ।
ସେହି କଥା ମନେ ରଖିବା ପାଇଁକି
ପ୍ରତିବର୍ଷ ଆମେ ପାଳିବା
ସମ୍ବିଧାନ ମାନି ଚଳିବା ସରବେ
ସେଦିନ କଥାକୁ ଭାଳିବା ।
ଆମ ସମ୍ବିଧାନ ଆମ ପାଇଁ ବଡ଼
କିଏ ସମକକ୍ଷ ହୋଇବ
ଏହି ସମ୍ବିଧାନ ମାନିକି ଚଳିବା
ସୁରକ୍ଷା ଆଣିକି ଥୋଇବ ।
ଅଧିକାର ନେବା କର୍ତ୍ତବ୍ୟ କରିବା
ସୁନାଗରିକଙ୍କୁ ଗଢ଼ିବା
ଭାରତୀୟ ବୋଲି ପରିଚୟ ଦେଇ
ଆଗକୁ ଆଗକୁ ବଢ଼ିବା ।

ନିହଲ ପ୍ରସାଦ , ଢେଙ୍କାନାଳ
ମୋ-୯୯୩୮୭୪୧୫୮୩

## ସୁମନ

# ରାଜା ଓ ଚତୁର ମନ୍ତ୍ରୀ






ସୁବ୍ରତ କୁମାର ଦାସ

ପୁରାତନ କାଳରେ ସୃଜନପୁର ନାମରେ ଏକ ରାଜ୍ୟ ଥିଲା । ସେହି ରାଜ୍ୟରେ ବାହାଦୁର ସିଂ ନାମକ ଜଣେ ଦୟାଳୁ ଓ ନ୍ୟାୟପ୍ରିୟ ରାଜା ଶାସନ କରୁଥିଲେ । ତାଙ୍କର ଜଣେ ବୁଦ୍ଧିମାନ ଓ ଚତୁର ମନ୍ତ୍ରୀ ଥିଲେ । ତାଙ୍କ ନାମ ଚତୁର ଦେବ ଥିଲା । ସେ ସବୁବେଳେ ରାଜ୍ୟର ମଙ୍ଗଳ ପାଇଁ ଚିନ୍ତା କରୁଥିଲେ । ଦିନେ ରାଜା ଦରବାରରେ ବସିଥିବା ବେଳେ କହିଲେ, "ମନ୍ତ୍ରୀ ମହୋଦୟ, ମୁଁ ଜାଣିବାକୁ ଚାହୁଁଛି; ପ୍ରକୃତରେ ଶକ୍ତି ବଡ଼ ନା ବୁଦ୍ଧି ବଡ଼? ମନ୍ତ୍ରୀ ନମ୍ରତାର ସହ କହିଲେ, "ମହାରାଜ, ବୁଦ୍ଧି ବିନା ଶକ୍ତି ଅନ୍ଧ । ବୁଦ୍ଧି ଥିଲେ ଶକ୍ତି ଆପେଆପେ ମିଳେ ।" ରାଜା ପଚାରିଲେ କେମିତି ! ସେ ପରୀକ୍ଷା କରିବାକୁ ଚାହିଁଲେ । ମନ୍ତ୍ରୀଙ୍କୁ ଆଦେଶ ଦେଲେ, "ଆଚ୍ଛା ; ତେବେ ଜଣେ ଦୁଷ୍ଟ ଚୋରକୁ ବଳ ବ୍ୟବହାର ନ କରି ଧରି ଆଣ ।" ମନ୍ତ୍ରୀ ଚିନ୍ତା କଲେ କ'ଣ କରାଯିବ । ସଙ୍ଗେସଙ୍ଗେ ସେହି ରାଜ୍ୟର ଜଣେ ପେଶାଦାର ଚୋର ପାଖକୁ ସେ ବାହାରିଲେ । ଅତି ଚତୁରତାର ସହ ଚୋରଟି ପାଖକୁ ଯାଇ କହିଲେ, "ବହୁଦିନ ଧରି ତୁ ରାଜ୍ୟରେ ଚୋରି କରୁଥିଲୁ, ରାଜା ସବୁ ତୋ ବିଷୟରେ ଜାଣିଛନ୍ତି । ତେଣୁ ସବୁ ଭୁଲ ତୋର ! କାରଣ ସୃଜନପୁର ଭଳି ରାଜ୍ୟରେ ପୁଣି ରାଜା ବାହାଦୁର ସିଂ ଙ୍କ ଆଖିରେ ଧୂଳି ଦେଇ କେହି ଖସି ଯାଇ ନାହାନ୍ତି । ରାଜା କିନ୍ତୁ ତୁମ ଚତୁରତାରେ ଖୁସି ହୋଇଛନ୍ତି । ଯଦି ତୁମେ ନିଜ ଭୁଲ ମାନିବ, ସେ ତୁମକୁ ନିଶ୍ଚୟ କ୍ଷମା କରିଦେବେ ।" ଚୋରଟି ମନ୍ତ୍ରୀଙ୍କ କଥା ବିଶ୍ୱାସ କରି ଦରବାରକୁ ଆସି ନିଜ ଦୋଷ ସ୍ୱୀକାର କଲା ଓ ରାଜାଙ୍କ ଗୁଣଗାନ କଲା । ରାଜା ବୁଝିଗଲେ ତାକୁ କ୍ଷମା ଦେବା ସହ ଉପଦେଶ ଦେଇ ଛାଡ଼ିଦେଲେ । ରାଜା ଖୁସି ହୋଇ କହିଲେ, "ଆଜି ମୁଁ ବୁଝିଗଲି, ବୁଦ୍ଧି ବଳଠାରୁ ଅଧିକ ଶକ୍ତିଶାଳୀ ।" ସେହିଦିନଠାରୁ ରାଜା ସବୁ କାମରେ ବୁଦ୍ଧି, ଧୈର୍ଯ୍ୟ ଓ ନ୍ୟାୟକୁ ଆଗରେ ରଖିଲେ । ରାଜ୍ୟ ମଧ୍ୟ ସୁଖ ସମୃଦ୍ଧିରେ ପୂରି ଉଠିଲା । ସମସ୍ତେ ରାଜାଙ୍କୁ ପ୍ରଶଂସା କଲେ ।

ରାଜେନ୍ଦ୍ରପୁର, ଭଦ୍ରକ
ମୋ-୯୪୩୭୭୩୧୯୦୩

## ପତ୍ରିକା ପରିଚୟ



**ମୋ ଆଶା**
ସଂପାଦକ: ସୁମନ୍ତ ମହାରଣା
ଲିଟିଲ୍ ଷ୍ଟାର୍ ଗ୍ରୁପ୍
ପାଟପୁର, ନିମାପଡ଼ା, ପୁରୀ-୭୫୨୧୦୬
ମୂଲ୍ୟ: ୨୦ ଟଙ୍କା

ତ୍ରୟମାସିକ ଶିଶୁ କିଶୋର ପତ୍ରିକା 'ମୋ ଆଶା'ର ଶୀତ ସଂଖ୍ୟା -୨୦୨୬ ପ୍ରକାଶ ପାଇଛି । ସୁମନ୍ତ ମହାରଣାଙ୍କ ସଂପାଦିତ ଏହି ପତ୍ରିକାର ପ୍ରତିଟି ବିଭାଗର ଲେଖାଗୁଡ଼ିକ ମନଛୁଆଁ ହୋଇଛି । ଆନନ୍ଦ କୁମାର ମେହେରଙ୍କ 'ମୋଚି ଓ ସୁବର୍ଣ୍ଣ କଙ୍କଣ', କାଳିକିଙ୍କରଙ୍କ 'ମେଳଣ', ପର୍ଶୁରାମ ବେହେରାଙ୍କ 'ବାହାପିଆ ମୂଷା ଓ କାଳି ବିଲେଇ', ଶ୍ରୁତକୀର୍ତ୍ତି ତ୍ରିପାଠୀଙ୍କ 'ପରୀକ୍ଷାର ଭୟ', ସୁଶାନ୍ତ କୁମାର ସେନାପତିଙ୍କ 'ଯଦୁମଣିଙ୍କ ଚଉପଦୀ ରହସ୍ୟ', ତସନିମ୍ ସୁଲତାନାଙ୍କ 'ଡିଜିଟାଲ ଉପବାସ' ଆଦି ଗପଗୁଡ଼ିକ ହୃଦୟସ୍ପର୍ଶୀ ଓ ଶିକ୍ଷଣୀୟ ହୋଇଛି । ସେଭଳି 'ଚୋରି ଓ ପ୍ରାୟଶ୍ଚିତ', 'ସ୍ୱାମୀର ସାହାସିକତା', 'ଶ୍ରେଷ୍ଠ ଗୁରୁ' ଆଦି ଅନୁବାଦ ଗପ ମଧ୍ୟ ଶିକ୍ଷଣୀୟ ଓ ପ୍ରେରଣାପ୍ରଦ ହୋଇଛି । 'କବିତା ବିଭାଗ'ରେ ଡ. ସୁଷମା ମିଶ୍ରଙ୍କ 'ନୂଆ ବରଷ', ସୁରଞ୍ଜନ ପାତ୍ରଙ୍କ 'ଘାସଫୁଲ', କମଳିନୀ ମଲ୍ଲିକଙ୍କ 'ନବ ଚେତନା', ଲକ୍ଷ୍ମୀପ୍ରିୟା ଦାଶଙ୍କ 'ବୀର ସୁରେନ୍ଦ୍ର ସାଏ', ପ୍ରହଲ୍ଲାଦ ଛାଟୋଇଙ୍କ 'ଶୀତ ଋତୁ', ଧ୍ରୁବ ଚରଣ ଘିବେଲାଙ୍କ 'ଖାଇବା କହିବା ଅଳପ ଭଲ', ରଞ୍ଜନା ମଞ୍ଜରୀ କରଙ୍କ 'ସୈନିକ' ଆଦି କବିତା ଭାବ ଛଳଛଳ ଓ ମର୍ମସ୍ପର୍ଶୀ ହୋଇଛି । ସେଭଳି 'ମୋ ଆଶା'ରେ ପ୍ରକାଶିତ କବିତାଗୁଡ଼ିକର ଭାଷା ଅତ୍ୟନ୍ତ ସରଳ ଓ ବୋଧଗମ୍ୟ । ସଂପାଦକୀୟଠାରୁ ଆରମ୍ଭ କରି ଆମ ପ୍ରତିଭା, କୁନି ମଡେଲ, ଆମ ହାତ ଅଙ୍କା ଛବି ଆଦି ଆକର୍ଷଣୀୟ ହୋଇଛି । 'ମୋ ଆଶା'ର ଜାନୁଆରୀ-ମାର୍ଚ୍ଚ ୨୦୨୬ ସଂଖ୍ୟାର ଲେଖାଗୁଡ଼ିକ ପାଠକମାନଙ୍କ ହୃଦୟକୁ ଛୁଇଁ ପାରିବ ବୋଲି ଆଶା କରାଯାଏ ।

## ଶିଶୁ ଅଙ୍କେ ତୁଳୀ





**ପ୍ରିୟଲ ଶାହ**
ପ୍ରଥମ ଶ୍ରେଣୀ
ଗୀତା ଦେବୀ ଡିଏଭି ପବ୍ଲିକ୍ ସ୍କୁଲ
ଦେଓଘର, ଝାରଖଣ୍ଡ






**ସାତ୍ୱିକା ମହାପାତ୍ର**
ୟୁକେଜି
ଡିଏଭି ପବ୍ଲିକ୍ ସ୍କୁଲ
ପୋଖରୀପୁଟ, ଭୁବନେଶ୍ୱର





**ସାଇଶ୍ରୀ ବେହେରା**
ତୃତୀୟ ଶ୍ରେଣୀ
ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର
ନିମାପଡ଼ା





**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କାନ୍ତିପୁର, ଢେଙ୍କାନାଳ

# ନ୍ୟୁଜିଲାଣ୍ଡ ବ୍ୟାଟର୍‌ଙ୍କ ଦ୍ରୁତ ରନ୍ ସଂଗ୍ରହ

**ରାୟପୁର,୨୩।୧(ଏଜେନ୍ସି):** ଏଠାରେ ଆଜି ଅନୁଷ୍ଠିତ ଭାରତ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡର ସମସ୍ତ ବ୍ୟାଟର ଦ୍ରୁତ ରନ୍ ସଂଗ୍ରହ କରିଛନ୍ତି। ଯାହା ଫଳରେ ପ୍ରଥମେ ବ୍ୟାଟିଂ କରିଥିବା ଭ୍ରମଣକାରୀ ଦଳ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ



## ଦ୍ୱିତୀୟ ଟି-୨୦ ମୁକାବିଲା

ହରାଇ ୨୦୮ ରନ୍ ସଂଗ୍ରହ କରିନେଇଛି। ଦଳ ପକ୍ଷରୁ ଅଧିନାୟକ ମିଚେଲ ସାଣ୍ଟନର ୨୭ ବଲ୍‌ରେ ସର୍ବାଧିକ ୪୭, ଭାରତୀୟ ବଂଶୋଦ୍ଭବ ଖେଳାଳି ରାଚିନ ରବୀନ୍ଦ୍ର ୨୬ ବଲ୍‌ରେ୪୪, ଟିମ୍ ସେଇଫର୍ଟ ୧୩ ବଲ୍‌ରେ ୨୪ ରନ୍ ସଂଗ୍ରହ କରିଥିଲେ। ଭାରତ ପକ୍ଷରୁ କୁଲଦୀପ ଯାଦବ ୨ଟି, ଶିବମ ଦୁବେ, ବରୁଣ ଚକ୍ରବର୍ତ୍ତୀ, ହର୍ଷିତ ରାଣା ଓ ହାର୍ଦ୍ଦିକ ପାଣ୍ଡ୍ୟା ଗୋଟିଏ ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ସିରିଜ୍‌ର ପ୍ରଥମ ମ୍ୟାଚ୍‌ରେ ଭାରତ ୧୯ ରନ୍‌ରେ ବିଜୟୀ ହୋଇଥିଲା। ସେହିପରି ଦୁଇ ଦେଶ ମଧ୍ୟରେ ତୃତୀୟ ଟି-୨୦ ମୁକାବିଲା ଗୁଆହାଟୀର ବର୍ଷାପଡ଼ା ଷ୍ଟାଡିୟମ୍‌ରେ ଆସନ୍ତା ୨୫ ତାରିଖ ରବିବାର ଖେଳାଯିବ। ଭାରତ ଘରୋଇ ମାଟିରେ ୧୦୦ତମ ଟି-୨୦ ମ୍ୟାଚ୍ ଏଠାରେ ଖେଳୁଛି।

ଏହି ମ୍ୟାଚ୍‌ରେ ଟସ ଜିତି ଭାରତ ପ୍ରଥମେ ବ୍ୟାଟିଂ କରିବାକୁ ନ୍ୟୁଜିଲାଣ୍ଡକୁ ଆମନ୍ତ୍ରଣ କରିଥିଲା। ଦଳ ପକ୍ଷରୁ ଦୁଇ ଓପନର ବିସ୍ଫୋରକ ବ୍ୟାଟିଂ କରି ଭଲ ଆରମ୍ଭ ଦେଇଥିଲେ। ଏପରିକି ଦଳ ୩.୨ ଓଭରରେ ୪୩ ରନ୍ ସଂଗ୍ରହ କରିନେଇଥିଲା। ଏହି ସମୟରେ ହର୍ଷିତ ରାଣା ଓପନର ଡେଭନ କନୱେ (୯ ବଲ୍‌ରେ ୧୯ ରନ୍)ଙ୍କୁ ଆଉଟ କରି ପ୍ରଥମ ବ୍ରେକ୍ ଥ୍ରୁ ଦେଇଥିଲେ। ସେହି ୪୩ ରନ୍‌ରେ ଅନ୍ୟତମ ଓପନର ଟିମ୍ ସେଇଫର୍ଟ (୧୩ ବଲ୍‌ରେ ୨୪ରନ୍) ମଧ୍ୟ ଆଉଟ ହୋଇଥିଲେ। ତାଙ୍କୁ ଆଉଟ କରିଥିଲେ ସ୍ପିନର ବରୁଣ ଚକ୍ରବର୍ତ୍ତୀ। ୪୩ ରନ୍‌ରେ ଦୁଇ ଓପନରଙ୍କୁ ହରାଇଥିଲେ ମଧ୍ୟ ନ୍ୟୁଜିଲାଣ୍ଡର ରନ୍ ସଂଗ୍ରହ ହାର କମି ନ ଥିଲା। ନଂ-୩ ରାଚିନ ରବୀନ୍ଦ୍ର ଗୋଟିଏ ପଟେ ଛିଡ଼ା ହୋଇଥିଲାବେଳେ ଅନ୍ୟପଟେ ଜଣଙ୍କ ପରେ ଜଣେ ଆଉଟ ହୋଇଯାଇଥିଲେ। ସେମାନଙ୍କ ମଧ୍ୟରୁ ଦୁଇ ବିସ୍ଫୋରକ ବ୍ୟାଟର ଗ୍ଲେନ୍ ଫିଲିପ୍ସ ୧୩ ବଲ୍‌ରେ ୧୯, ଡାରିଲ ମିଚେଲ ୧୧ ବଲ୍‌ରେ ୧୮ ଏବଂ ମାର୍କ ଚାପମ୍ୟାନ୍ ୧୩ ବଲ୍‌ରେ ୧୦ ରନ୍ କରିଥିଲେ। ଏହି ସମୟରେ ରବୀନ୍ଦ୍ର ମଧ୍ୟ ଆଉଟ ହୋଇଥିଲେ। ସେ ଆଉଟ ହେଲା ବେଳକୁ ୨୬ ବଲ୍‌ରେ ୪୪ ରନ୍ କରିଥିଲେ। ଏଥିରେ ୨ଟି ଚୌକା ଓ ୪ଟି ଛକା ମାରିଥିଲେ। ତାଙ୍କ ଆଉଟ ପରେ ଅଧିନାୟକ ମିଚେଲ ସାଣ୍ଟନର ବିସ୍ଫୋରକ ବ୍ୟାଟିଂ କରି ଭାରତୀୟଙ୍କୁ ଅଡୁଆରେ ପକାଇଥିଲେ। ସେ ୨୭ ବଲ୍ ଖେଳି ୬ ଚୌକା ଓ ୧ ଛକା ସହାୟତାରେ ସର୍ବାଧିକ ୪୭ ରନ୍‌ରେ ଅପରାଜିତ ରହିଥିଲେ।

ଭାରତ ପକ୍ଷରୁ କୁଲଦୀପ ଯାଦବ ଓ ବରୁଣ ଚକ୍ରବର୍ତ୍ତୀ ୪ ଓଭରରେ ୩୫ ରନ୍ ଲେଖାଏଁ ୭୦ ରନ୍ ଦେଇ ୩ଟି ୱିକେଟ ନେଇଥିଲେ। କୁଲଦୀପ୍‌ଙ୍କୁ ୨ଟି, ହାର୍ଦ୍ଦିକ ପାଣ୍ଡ୍ୟା, ହର୍ଷିତ ରାଣା, ବରୁଣ, ଶିବମ ଦୁବେଙ୍କୁ ଗୋଟିଏ ଲେଖାଏଁ ୱିକେଟ ମିଳିଥିଲା।

### ■ ଦ୍ୱିତୀୟ ମ୍ୟାଚ୍‌ରେ ୫ ଖେଳାଳି ବଦଳିଲେ

ନାଗପୁରରେ ଅନୁଷ୍ଠିତ ପ୍ରଥମ ଟି-୨୦ରେ ଖେଳିଥିବା ଉଭୟ ଦଳରୁ ୫ଜଣ ଖେଳାଳି ଦ୍ୱିତୀୟ ମ୍ୟାଚ୍ ଖେଳି ନ ଥିଲେ। ଏଥିରେ ଭାରତରୁ ଦୁଇ ଓ ନ୍ୟୁଜିଲାଣ୍ଡରୁ ୩ଜଣ ଖେଳାଳି ରହିଛନ୍ତି। ଆହତ ହୋଇଥିବା ଅକ୍ଷର ପଟେଲ ଓ ବିଶ୍ରାମ ନେଇଥିବା ଯଶପ୍ରୀତ୍ ବୁମ୍‌ରାଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦିଆଯାଇଥିଲା। ସେମାନଙ୍କ ସ୍ଥାନରେ କୁଲଦୀପ ଯାଦବ ଓ ହର୍ଷିତ ରାଣାଙ୍କୁ ସୁଯୋଗ ମିଳିଥିଲା। ସେହିପରି ନ୍ୟୁଜିଲାଣ୍ଡ ଦଳରୁ ଟିମ୍ ରବିନସନ, କାଏଲ ଜାମିସନ ଓ କ୍ରିଷ୍ଟିଆନ କ୍ଲାର୍କଙ୍କ ପରିବର୍ତ୍ତେ ଟିମ୍ ସେଇଫର୍ଟ, ଜାକାରୀ ଫୋକ୍ସ ଓ ମ୍ୟାଟ୍ ହେନେରୀଙ୍କୁ ସାମିଲ କରାଯାଇଛି।

● ହକି ଇଣ୍ଡିଆ ଲିଗ୍‌ରେ ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ

# ଫାଇନାଲରେ କଳିଙ୍ଗ ଲାନ୍ସର୍ସ

ଭୁବନେଶ୍ୱର,୨୩।୧: ତାରକା ଖେଳାଳି ଆଲେକ୍‌ଜାଣ୍ଡର ହେଣ୍ଡ୍ରିକ୍ସଙ୍କ ଡବଲ ଗୋଲ ବଳରେ ବେଦାନ୍ତ କଳିଙ୍ଗ ଲାନ୍ସର୍ସ ୨-୧ ଗୋଲରେ ରାଞ୍ଚି ରୟାଲ୍‌ସକୁ କ୍ୱାଲିଫାୟର-୧ରେ ପରାସ୍ତ କରି ହକି ଇଣ୍ଡିଆ ଲିଗ୍ ଫାଇନାଲରେ ପ୍ରବେଶ କରିଛି। ସେହିପରି ପୂର୍ବରୁ ଖେଳାଯାଇଥିବା ମ୍ୟାଚ୍‌ରେ ଓଡ଼ିଆ ଫରୱାର୍ଡ ଖେଳାଳି ଶିଳାନନ୍ଦ ଲାକ୍ରାଙ୍କ ଡବଲ ଗୋଲ ବଳରେ ହାଇଦରାବାଦ୍ ତୁଫାନ୍ସ କ୍ୱାଲିଫାୟର-୨ରେ ପ୍ରବେଶ କରିଛି। ଶିଳାନନ୍ଦଙ୍କ ଗୋଲ ବଳରେ ତୁଫାନ୍ସ ୨-୦ ଗୋଲର ଏଚ୍‌ଆଇଏଲ୍ ଗଭର୍ଣ୍ଣିଂ କାଉନ୍ସିଲ ଟିମ୍‌କୁ ହରାଇଥିଲା। ଆଜିର ମ୍ୟାଚ୍‌ରେ ପରାଜିତ ରାଞ୍ଚି ରୟାଲ୍ସ ଓ କ୍ୱାଲିଫାୟର-୧'ର



ବିଜେତା ହାଇଦରାବାଦ୍ ତୁଫାନ୍ସ ସହ ଆସନ୍ତା ୨୫ ତାରିଖ ଦିନ କ୍ୱାଲିଫାୟର-୨'ରେ ମୁକାବିଲା କରିବ। କ୍ୱାଲିଫାୟର ୧ ଓ ୨ର ବିଜେତା ମଧ୍ୟରେ ଫାଇନାଲ ମୁକାବିଲା ଜାନୁଆରୀ ୨୬ ତାରିଖରେ ଟାଇଟଲ ଲଢ଼େଇରେ ପରସ୍ପର ସହ ମୁକାବିଲା କରିବେ।

ଆଜି ପ୍ରଥମେ ଏଲିମିନେଟର ମୁକାବିଲା ଆୟୋଜିତ ହୋଇଥିଲା। ଏଥିରେ ହାଇଦରାବାଦ୍ ତୁଫାନ୍ସ ଆରମ୍ଭରୁ ଦମ୍‌ଦାର ଖେଳିଥିଲା। ସ୍ଥାନୀୟ ଖେଳାଳି ଶିଳାନନ୍ଦ ଲାକ୍ରା ଏଠାରେ ଚମତ୍କାର ଖେଳି ଦୁଇଟି ଗୋଲ ଦେଇଥିଲେ। ଖେଳର ୧୬ତମ ଓ ୩୯ତମ ମିନିଟ୍‌ରେ ସେ ଦୁଇଟି ଗୋଲ ଦେଇ ତୁଫାନ୍ସର ବିଜୟ ରାସ୍ତା ପରିଷ୍କାର କରିଦେଇଥିଲେ। ଆରମ୍ଭରୁ ତୁଫାନ୍ସ ଦଳ ଏକାଧିକ ସୁଯୋଗ ପାଇଥିଲା। ତାହାକୁ କିନ୍ତୁ ଖେଳାଳିମାନେ ଗୋଲ୍‌ରେ ପରିଣତ କରି ପାରି ନ ଥିଲେ। ଶେଷରେ ସୁଯୋଗର ଫାଇଦା ଉଠାଇ ଶିଳାନନ୍ଦ ଗୋଲ ଦେବାରେ ସମର୍ଥ ହୋଇଥିଲେ। ଗଭର୍ଣ୍ଣିଂ କାଉନ୍ସିଲ ମଧ୍ୟ ଗୋଲ ଶୁଝାଇବାର ୩ଟି ସୁଯୋଗ ପାଇଥିଲା। କିନ୍ତୁ ତାହାକୁ କେହି କାର୍ଯ୍ୟକାରୀ କରି ପାରି ନ ଥିଲେ। ଏହା ଫଳରେ ଦଳ ମ୍ୟାଚ୍ ହାରିଯାଇଥିଲା। ମ୍ୟାଚ୍‌ଟି ଜୋରଦାର ମୁକାବିଲା ହୋଇଥିଲା।

# ପୁରୀରେ ରାଜ୍ୟ ଜିମ୍ନାଷ୍ଟିକ୍ ଚାମ୍ପିଅନସିପ୍ ଆଜିଠାରୁ

**ପୁରୀ, ୨୩।୧(ସମିସ):** ଓଡ଼ିଶା ଜିମ୍ନାଷ୍ଟିକ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ଜଗନ୍ନାଥ ଷ୍ଟାଡିୟମ୍ ପରିସରରେ ଥିବା ଜିମ୍ନାଷ୍ଟିକ୍ ସେଣ୍ଟରରେ ୪୪ତମ ରାଜ୍ୟ ଜିମ୍ନାଷ୍ଟିକ୍ ଚାମ୍ପିଅନ୍‌ସିପ ଆସନ୍ତାକାଲିଠାରୁ ଅନୁଷ୍ଠିତ ହେବ। ଦୁଇଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ରାଜ୍ୟର ୩୫୦ରୁ ଊର୍ଦ୍ଧ୍ୱ ପ୍ରତିଯୋଗୀ ଓ କର୍ମକର୍ତ୍ତା ଅଂଶଗ୍ରହଣ କରିବାର କାର୍ଯ୍ୟକ୍ରମ ରହିଛି। ଏହି ପ୍ରତିଯୋଗିତାରୁ ମଧ୍ୟ ବିଭିନ୍ନ ଜାତୀୟ ପ୍ରତିଯୋଗିତା ଲାଗି ପ୍ରତିଯୋଗୀ ଚୟନ କରାଯିବ। ରବିବାର ଶେଷ ହେବାକୁ ଥିବା ଏହି ପ୍ରତିଯୋଗିତା ଲାଗି ଭୁବନେଶ୍ୱର ଦଳ ଚୟନ କରାଯାଇଛି। ସେମାନଙ୍କ ମଧ୍ୟରେ ବରିଷ୍ଠ ବାଳିକା ବିଭାଗରେ ଜେଏମ୍ ରିତିକା ଦାସ ଓ ବିଘ୍ନେଶା ଦାସ, କନିଷ୍ଠ ବାଳିକାରେ ଶରଣ୍ୟା ମିଶ୍ର ଓ ବାଳକ ବିଭାଗରେ ବରକତ ଅଲି, ୧୪ ବର୍ଷରୁ କମ୍ ବାଳକ ବିଭାଗରେ ଜିଶାନ ଅହମ୍ମଦ୍ ଖାନ୍ ଓ ତନ୍ମୟ ପାଢୀ, ସବ୍‌ଜୁନିଅର ବାଳିକା ବିଭାଗରେ ସୌମ୍ୟଶ୍ରୀ ପ୍ରିୟଦର୍ଶିନି, ପଟେଲ ଶଗୁନ ମିତେଶ, ସିଦ୍ଧିକ୍ଷା ସାହୁ, ଏସ୍. ଆରଚି କ୍ରିଷ୍ଣା, ପ୍ରିୟମ ପାର୍ବତୀ, ଅଭିଶ୍ରୀ ଅସ୍ମିତା, ୧୨ ବର୍ଷରୁ କମ୍ ବାଳକ ବିଭାଗରେ ଦିବ୍ୟାଂଶ ପାଣିଗ୍ରାହୀ, ଯଶରାଜ ମହାନ୍ତି, ବିଶ୍ୱଜିତ ଜେନା ଓ ଦିବ୍ୟଜିତ ମହାରଣା ପ୍ରମୁଖ ଭାଗନେବେ। ସେହିପରି ୧୦ ବର୍ଷରୁ କମ୍ ବିଭାଗ ବାଳକରେ ୨ ଓ ବାଳିକାରେ ୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରୁଛନ୍ତି।



# ଟି-୨୦ ବିଶ୍ୱକପ୍: ପାକିସ୍ତାନ ଦଳରେ ଆଜମ୍, ଆଫ୍ରିଦି ସାମିଲ

**କରାଚି,୨୩।୧(ଏଜେନ୍ସି):** ଭାରତ ଓ ଶ୍ରୀଲଙ୍କାରେ ଫେବୃଆରୀ ୭ରୁ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ କ୍ରିକେଟ ଲାଗି ପାକିସ୍ତାନ ଦଳ ଘୋଷଣା କରାଯାଇଛି। ନିକଟରେ ଶ୍ରୀଲଙ୍କା ସହ ଟି-୨୦ ସିରିଜ୍ ଖେଳି ନ ଥିବା ଦଳର ଦୁଇ ପ୍ରମୁଖ ଖେଳାଳି ବାବର ଆଜମ ଓ ସାହିନ୍ ଆଫ୍ରିଦିଙ୍କୁ ଦଳରେ ସାମିଲ କରାଯାଇଛି। ବିବିଏଲ୍‌ରୁ ଆଗୁଆ ଫେରି ଆଜମ ପାକିସ୍ତାନ ପ୍ରଶିକ୍ଷଣ ଶିବିରରେ ଯୋଗଦେଇଛନ୍ତି। ଫିଟ୍ ହେବା ପରେ ଆଫ୍ରିଦି ମଧ୍ୟ ଏହି ଶିବିରରେ ରହିଛନ୍ତି। ଏହି ଦଳ ମଧ୍ୟ ଫେବୃଆରୀ ୧ ମଧ୍ୟରେ ଅଷ୍ଟ୍ରେଲିଆ ସହ ୩ ମ୍ୟାଚ୍ ବିଶିଷ୍ଟ ସିରିଜ୍ ଖେଳିବ। ଗ୍ରୁପ୍-ଏ'ରେ ସ୍ଥାନ ପାଇଥିବା ପାକିସ୍ତାନ ତାହାର ସମସ୍ତ ମ୍ୟାଚ୍ ଶ୍ରୀଲଙ୍କାର କଲମ୍ବୋରେ ଖେଳିବ। ଫେବୃଆରୀ ୭ରେ ନେଦରଲାଣ୍ଡ ସହ ମୁକାବିଲାରୁ ପାକିସ୍ତାନ ତାହାର ଅଭିଯାନ ଆରମ୍ଭ କରିବ। ୧୫ରେ ଭାରତ ସହ ମୁକାବିଲା କରିବ।

**ଘୋଷିତ ଦଳ:** ସଲମାନ ଅଲି ଆଘା (ଅଧିନାୟକ), ଆବ୍ରାର ଅହମ୍ମଦ୍, ବାବର ଆଜମ, ଫହୀମ ଅଶ୍ରଫ, ଫକର ଜମାନ, ଖ୍ୱାଜା ମହମ୍ମଦ୍ ନାଫାୟ, ମହମ୍ମଦ୍ ନୱାଜ, ମହମ୍ମଦ୍ ସଲମାନ ମିର୍ଜା, ମହମ୍ମଦ୍ ୱାସିମ ଜୁନିଅର, ନସୀମ ଶାହ, ସାହିବଜାଦା ଫରହାନ୍, ସାଏମ ଆୟୁବ, ସାହିନ ଆଫ୍ରିଦୀ, ସଦାବ ଖାନ୍, ଉସ୍‌ମାନ ଖାନ୍ ଓ ଉସ୍‌ମାନ ତାରିକ୍।

# ଅଷ୍ଟ୍ରେଲିଆନ୍ ଓପନ୍: ପ୍ରି-କ୍ୱାର୍ଟରରେ ଆଲ୍‌କାରାଜ, ଜ୍ୱେରେଭ୍, ସାବାଲେଙ୍କା

**ମେଲ୍‌ବୋର୍ଣ୍ଣ, ୨୩।୧ (ଏଜେନ୍ସି):** ଏଠାରେ ଚାଲିଥିବା ଅଷ୍ଟ୍ରେଲିଆନ୍ ଓପନର ଶୁକ୍ରବାର ଖେଳାଯାଇଥିବା ୩ୟ ରାଉଣ୍ଡ ମ୍ୟାଚ୍‌ର ପୁରୁଷ ସିଙ୍ଗଲ୍ସରେ ଟପ୍ ସିଡ୍ କାର୍ଲୋସ୍ ଆଲକାରାଜ୍ ୪ର୍ଥ ରାଉଣ୍ଡ ବା ପ୍ରି-କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ସ୍ପେନ୍‌ର ଆଲକାରାଜ୍ ସହଜରେ ୬-୨, ୬-୪, ୬-୧ ସେଟେରେ ୩୨ନଂ ସିଡ୍ ଫ୍ରାନ୍ସର କୌରେଣ୍ଟିନ୍ ମୌଟେଟ୍‌ଙ୍କୁ ପରାସ୍ତ କରିଛନ୍ତି। ଏଠାରେ ସେ କ୍ୱାର୍ଟରଫାଇନାଲ ଅତିକ୍ରମ କରିନାହାନ୍ତି। ୩ୟ ସିଡ୍ ଜର୍ମାନୀର ଆଲେକ୍‌ଜାଣ୍ଡର ଜ୍ୱେରେଭ୍ ମଧ୍ୟ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଗତବର୍ଷ ଏଠାରେ ଫାଇନାଲ ଖେଳିଥିବା ଜ୍ୱେରେଭ୍ ୭-୫, ୪-୬, ୬-୧, ୬-୩ ସେଟ୍‌ରେ ୨୬ନଂ ସିଡ୍ ବ୍ରିଟେନର କାମେରନ୍ ନୋରିଙ୍କୁ ପରାସ୍ତ କରିଛନ୍ତି। ୬ଷ୍ଠ ସିଡ୍ ଅଷ୍ଟ୍ରେଲିଆର ଆଲେକ୍ସ ଡି ମିନାଉର, ୧୦ମ ସିଡ୍ ଆଲେକଜାଣ୍ଡର ବୁବଲିକ୍,୧୧ନଂ ସିଡ୍ ରୁଷିଆର ଡାନିଲ ମେଦଭେଦେଭ୍ ୫ଟି ସେଟେରେ ହଙ୍ଗେରୀର ଫାବିଆନ୍ ମାରିଜାନ୍‌ଙ୍କୁ ହରାଇଛନ୍ତି।





ମହିଳା ସିଙ୍ଗଲ୍ସରେ ବିଶ୍ୱର ନଂ-୧ ଖେଳାଳି ଆରିନା ସାବାଲେଙ୍କା ୭-୬, ୭-୬ ସେଟ୍‌ରେ ଅଷ୍ଟ୍ରିଆର ଆନାଷ୍ଟାସିଆ ପୋଟାପୋଭାଙ୍କୁ ପରାସ୍ତ କରିଛନ୍ତି। ୨ ଥର ଅଷ୍ଟ୍ରେଲିଆନ୍ ଓପନ୍ ସହ ମୋଟ ୪ଟି ଗ୍ରାଣ୍ଡସ୍ଲାମ୍ ଜିତିଥିବା ବେଲାରୁଷର ସାବାଲେଙ୍କା ପ୍ରି-କ୍ୱାର୍ଟରରେ ୧୭ଶ ସିଡ୍ କାନାଡାର ଭିକ୍ଟୋରିଆ ଏମ୍ବୋକୋଙ୍କ ମୁକାବିଲା କରିବେ। ୩ୟ ସିଡ୍ ଆମେରିକାର କୋକୋ ଗୌଫ୍ ମଧ୍ୟ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ୭ମ ସିଡ୍ ଇଟାଲୀର ଜସ୍ମିନ୍ ପାଓଲିନି ହାରିଛନ୍ତି। ପାଓଲିନିଙ୍କୁ ୬-୨, ୭-୬ ସେଟେରେ ଆମେରିକାର ଇଭା ଜୋଭିଚ୍ ହରାଇଛନ୍ତି। ପ୍ରି-କ୍ୱାର୍ଟରଫାଇନାଲରେ ପହଞ୍ଚିଥିବା ଅନ୍ୟ ଦୁଇ ଖେଳାଳି ହେଲେ ୧୭ନଂ ସିଡ୍ କାନାଡାର ଭିକ୍ଟୋରିଆ

ଏମ୍ବୋକୋ ଓ ୧୯ନଂ ସିଡ୍ ଚେକ୍ ଗଣରାଜ୍ୟର କାରୋଲିନା ମୁଚୋଭା। ୮ମ ସିଡ୍ ରୁଷିଆର ମିରା ଆଣ୍ଡ୍ରିଭା ୬-୩, ୬-୪ ସେଟ୍ରେ ରୋମାନିଆର ଏଲିନା ରୁସ୍‌ଙ୍କୁ ପରାସ୍ତ କରିଛନ୍ତି। ୧୨ଶ ସିଡ୍ ୟୁକ୍ରେନର ଏଲିନା ସ୍ୱିତୋଲିନା ୭-୬, ୬-୩ ସେଟରେ ରୁଷିଆର ଡାଏନା ସ୍ନାଇଡରଙ୍କୁ ପରାସ୍ତ କରିଛନ୍ତି।

## ଦ୍ୱିତୀୟ ଇଣ୍ଡିଆ ତାଏକ୍ୱୋଣ୍ଡୋ ଫେଡେରେସନ କପ୍‌ରେ ଓଡ଼ିଆଙ୍କ ସଫଳତା

ଭୁବନେଶ୍ୱର,୨୩।୧(ସମିସ): ରାଜସ୍ଥାନର ଜୟପୁରରେ ଜାନୁଆରୀ ୧୮ରୁ ୨୩ ମଧ୍ୟରେ ଆୟୋଜିତ ଦ୍ୱିତୀୟ ଇଣ୍ଡିଆ ତାଏକ୍ୱୋଣ୍ଡୋ ଫେଡେରେସନ କପ୍‌ରେ ଓଡ଼ିଆ ଖେଳାଳିମାନ ସଫଳ ପ୍ରଦର୍ଶନ କରିଛନ୍ତି। ଏଥିରେ ଓଡ଼ିଶାରୁ ୧୫୦ରୁ ଅଧିକ କ୍ରୀଡ଼ାବିତ ଅଂଶଗ୍ରହଣ କରିଥିଲେ। ପ୍ରତିଯୋଗିତାରେ ସୁଧାମୟୀ ପାଢ଼ୀ ସ୍ୱର୍ଣ୍ଣ, ସୋହମ, ସ୍ୱରାଜ ଶେଖର ନାୟକ, ଶିବ ପାଇକ, ସୋନାକ୍ଷୀ ସେଠୀ, ସୁଧାମୟୀ ପାଢ଼ୀ ସ୍ୱର୍ଣ୍ଣ, ଜାଭିଲି ତନୁଜ ରୌପ୍ୟ, ଆଲିଶା ସାବତ- ପି, ପ୍ରତୀକ ପାତ୍ର ରୌପ୍ୟ, ସୁବର୍ଣ୍ଣ ସାହୁ ରୌପ୍ୟ ପଦକ ହାସଲ କରିଛନ୍ତି। ଆହୁରି ଏକାଧିକ ଖେଳାଳି ରୌପ୍ୟ ଓ କାଂସ୍ୟ ପଦକ ମଧ୍ୟ ହାସଲ କରିଛନ୍ତି। ପଦକ ହାସଲ କରିଥିବା ଖେଳାଳିଙ୍କୁ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ, ରାଜ୍ୟ ତାଏକ୍ୱୋଣ୍ଡୋ ସଂଘର ଅଧ୍ୟକ୍ଷ ହରିପ୍ରସାଦ ପଟ୍ଟନାୟକ, ସଭାପତି ଚିନ୍ମୟ କୁମାର ସାହୁ, ପୃଷ୍ଠପୋଷକ ଦେବେନ୍ଦ୍ର କୁମାର ସାହୁ, ଉପଦେଷ୍ଟା ରଞ୍ଜିତା ସ୍ୱାଇଁ, ସାଧାରଣ ସମ୍ପାଦକ ଚିନ୍ମୟ ବେହେରା, ଉପ- ସଭାପତି ପ୍ରସନ୍ନ କୁମାର ରାଉତ ଅଭିନନ୍ଦନ ଜଣାଇଛନ୍ତି।

# ପାଣି ପିଇବାକୁ ଯାଇ ଅଭିମନ୍ୟୁ ଆଉଟ

**କୋଲକାତା,୨୩।୧(ଏଜେନ୍ସି):** ବେଙ୍ଗଲ ରଣଜୀ ଦଳର ସୁପରଷ୍ଟାର ଅଭିମନ୍ୟୁ ଈଶ୍ୱରନ୍ ସର୍ଭିସେସ୍ ବିପକ୍ଷ ମ୍ୟାଚ୍‌ରେ ଏକ ଅଭାବନୀୟ ପରିସ୍ଥିତିରେ ଆଉଟ ହୋଇଛନ୍ତି। ଗତକାଲି ଏହି ମୁକାବିଲାର ଥିଲା ପ୍ରଥମ ଦିନ। ୪୧ତମ ଓଭରର ଶେଷ ବଲ୍‌କୁ ଷ୍ଟ୍ରାଇକ୍‌ରେ ଥିବା ବ୍ୟାଟର ସୁଦୀପ ଚାଟାର୍ଜୀ ପୁସ୍ କରିଥିଲେ। ବଲଟି ସିଧାସଳଖ ବୋଲିଂ କରିଥିବା ଆଦିତ୍ୟ କୁମାରଙ୍କ ହାତକୁ ଯାଇଥିଲା। ଏହି ସମୟରେ ଡ୍ରିଙ୍କସ ନେବାକୁ ଅଭିମନ୍ୟୁ ପାଭିଲିଅନ ଅଭିମୁଖେ ଚାଲିଯାଇଥିଲେ। ବଲ୍‌ଟି କିନ୍ତୁ ଆଦିତ୍ୟଙ୍କ ହାତରେ ବାଜି ଷ୍ଟମ୍ପ୍‌ରେ ବାଜିଥିଲା। ସର୍ଭିସେସ୍‌ର ଖେଳାଳିମାନେ ଅଭିମନ୍ୟୁଙ୍କ ଆଉଟ ଲାଗି ଆବେଦନ କରିଥିଲେ। ଏହି ଆବେଦନ ତୃତୀୟ ଅମ୍ପାୟାରଙ୍କ ଦ୍ୱାରା ଗୃହୀତ ହୋଇଥିଲା ଓ ଦମ୍‌ଦାର ୮୧ ରନ୍ କରି ୨୮ତମ ପ୍ରଥମଶ୍ରେଣୀ ଶତକ ଅଭିମୁଖେ ସେଟ୍ ହୋଇଥିବା ଅଭିମନ୍ୟୁ ଆଉଟ ହୋଇଯାଇଥିଲେ। ସେ ରନ୍ ନେବାକୁ ଚେଷ୍ଟା କରି ନ ଥିଲେ କିମ୍ବା ସେଭଳି କିଛି କରି ନ ଥିଲେ। କିନ୍ତୁ ନିୟମ ଅନୁଯାୟୀ ଆଦିତ୍ୟଙ୍କ ହାତରେ ବଲ୍ ଥିବାରୁ ତାହା ଡେଡ୍ ହୋଇ ନ ଥିଲା।



ଏଭଳି ତ୍ରୁଟିକୁ ସ୍ୱୀକାର କରିଛନ୍ତି ବେଙ୍ଗଲର ଅଭିମନ୍ୟୁ। ତାଙ୍କ ମତରେ ଏହା ମୋର ଅନିଚ୍ଛାକୃତ ତ୍ରୁଟି। କିନ୍ତୁ ମୁଁ ସେପରି କିଛି କରି ନ ଥିବାରୁ ସର୍ଭିସେସ୍‌ର ଖେଳାଳିମାନେ ମୋତେ ଫେରାଇନେବେ ବୋଲି ଆଶା କରୁଥିଲି। କିନ୍ତୁ ତାହା ହୋଇ ନ ଥିଲା। ଯାହା ଫଳରେ ମୋତେ ଆଉଟ ହେବାକୁ ପଡ଼ିଥିଲା। ଏହା ମୋତେ ମହାଶିକ୍ଷା ଦେଇଛି ଓ ଭବିଷ୍ୟତରେ ଏଭଳି ତ୍ରୁଟି ଯେପରି ନ ହୁଏ ସେଥିପ୍ରତି ଯତ୍ନବାନ ହେବି ବୋଲି ଅଭିମନ୍ୟୁ କହିଛନ୍ତି।

## ରଣଜୀ ଟ୍ରଫି

# ଓଡ଼ିଶା ୧୪୮ ରନ୍‌ରେ ଅଲ୍‌ଆଉଟ

**କଟକ,୨୩।୧(ସମିସ):** କିଟ ଗ୍ରାଉଣ୍ଡରେ ଖେଳାଯାଉଥିବା ତାମିଲନାଡୁ ବିପକ୍ଷ ରଣଜୀ ମ୍ୟାଚ୍‌ରେ ଘରୋଇ ଓଡ଼ିଶା ଦୁର୍ବଳ ବ୍ୟାଟିଂ ପ୍ରଦର୍ଶନ କରିଛି। ଭ୍ରମଣକାରୀ ତାମିଲନାଡୁର ପ୍ରଥମ ପାଳି ୨୮୬ରନରେ ସୀମିତ ରହିବା ପରେ ଓଡ଼ିଶା ୧୪୮ରନରେ ଅଲଆଉଟ ହୋଇଛି। ଚଳିତ ସିଜନରେ ଦଳର ଏହା ସର୍ବନିମ୍ନ ସ୍କୋର। ଶୁକ୍ରବାର ମ୍ୟାଚ୍‌ର ଦ୍ୱିତୀୟ ଦିବସ ଷ୍ଟମ୍ପ ଅପସାରଣ ସୁଦ୍ଧା ତାମିଲନାଡୁ ଦ୍ୱିତୀୟ ପାଳିରେ ଗୋଟିଏ ୱିକେଟ ହରାଇ ୨୬ରନ ସଂଗ୍ରହ କରିଛି। ୧୬୪ରନରେ ଆଗୁଆ ରହିଥିବା ତାମିଲନାଡୁ ଦୃଢ଼ ସ୍ଥିତିରେ ପହଞ୍ଚିବା ସହ ଏଠାରେ ବିଜୟ ପଏଣ୍ଟ ହାତେଇବାକୁ ଆଶା ବାନ୍ଧିଛି।

ଅସମାପ୍ତ ପ୍ରଥମ ପାଳି ୨୮୧/୭ରୁ ଆଜି ତାମିଲନାଡୁ ଖେଳ ଆରମ୍ଭ କରିଥିଲା। ଦଳୀୟ ସ୍କୋରରେ ଆଉ ୫ରନ ଯୋଡ଼ି ହେବା ସହ ଅବଶିଷ୍ଟ ୩ ୱିକେଟ ପତନ ଘଟିଥିଲା। ୫୪ରନରେ ଅପରାଜିତ ଥିବା ନିଧିଶ ରାଜଗୋପାଳ ଏବଂ ୧୨ରନରେ ଅପରାଜିତ ଥିବା ଅଧିନାୟକ ସାଇ କିଶୋର ବ୍ୟକ୍ତିଗତ ସ୍କୋରକୁ ବଢ଼ାଇବା ପୂର୍ବରୁ ପ୍ୟାଭିଲିୟନ ଫେରିଥିଲେ। ତ୍ରିଲୋକ ନାଗଙ୍କୁ ୧ରନରେ କ୍ଲିନ ବୋଲ୍ଡ କରି ଦେବବ୍ରତ ପ୍ରଧାନ ତାମିଲନାଡୁ ଇନିଂସର ପରିସମାପ୍ତି ଘଟାଇଥିଲେ। ଦେବବ୍ରତ ଏବଂ ରାଜେଶ ମହାନ୍ତିଙ୍କୁ ୩ଟି ଲେଖାଏ ୱିକେଟ ମିଳିଥିବା ବେଳେ ଗୋବିନ୍ଦ ପୋଦ୍ଦାର ୨ଟି ୱିକେଟ ଅକ୍ତିଆର କରିଥିଲେ। ଜବାବରେ ପ୍ରଥମ ପାଳି ବ୍ୟାଟିଂ ଆରମ୍ଭ କରିଥିବା ଓଡ଼ିଶା ୨୧ରନରେ ୫ଟି ୱିକେଟ ହରାଇ ସଙ୍କଟରେ ପଡ଼ିଥିଲା। ସ୍ୱସ୍ତିକ ସାମଲ ୧ରନ, ଶାନ୍ତନୁ ମିଶ୍ର ୬ରନ, ଅଧିନାୟକ ଶୁଭ୍ରାଂଶୁ ସେନାପତି ୧୨ରନ, ଗୋବିନ୍ଦ ପୋଦ୍ଦାର ୦ ଏବଂ ବିପ୍ଳବ ସାମନ୍ତରାୟ ୧ରନରେ ଆଉଟ ହୋଇଥିଲେ। ନାଗାଲାଣ୍ଡ ବିପକ୍ଷରେ ଶତକୀୟ ପାଳି ଖେଳିଥିବା ୨୫ବର୍ଷୀୟ ଡାହାଣହାତୀ ବ୍ୟାଟର ଅନୀଲ ପରିଡ଼ା ଏଠାରେ ପୁର୍ନବାର ନିଜ ଦକ୍ଷତାର ଛାପ ଛାଡ଼ିଥିଲେ। ୧୨୮ ବଲ ସମ୍ମୁଖୀନ ହୋଇ ୬ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ୫୬ରନ ସଂଗ୍ରହ କରି ଓଡ଼ିଶାକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ମୁକୁଳାଇଥିଲେ। ୱିକେଟ କିପର ରାଜେଶ ଧୂପର ୮ରନରେ ଆଉଟ ହୋଇଥିବା ବେଳେ ସମ୍ବିତ ବରାଳ ୩୬ରନ, ଦେବବ୍ରତ ୧୫ରନ ଏବଂ ରାଜେଶ ମହାନ୍ତି ୬ରନ କରିଥିଲେ।

ତାମିଲନାଡୁର ଡାହାଣହାତୀ ପେସ୍ ବୋଲର ସୋନୁ ଯାଦବ ସର୍ବାଧିକ ୫ଟି ୱିକେଟ ଅକ୍ତିଆର କରିଛନ୍ତି।



ଇନିଂସ ଅଗ୍ରଣୀ ସହ ଦୃଢ଼ ସ୍ଥିତିରେ ତାମିଲନାଡୁ

# ମ୍ୟାଚ୍ ମଝିରେ ଆହତ ଖେଳାଳି ବଦଳ

**ଲକ୍ଷ୍ନୌ,୨୩।୧(ଏଜେନ୍ସି):** ଅନ୍ତର୍ଜାତୀୟ କ୍ରିକେଟରେ ଗମ୍ଭୀର ଆଘାତ ସମସ୍ୟାକୁ ନେଇ ଯେପରି କନ୍‌କସନ ମାଧ୍ୟମରେ ଖେଳାଳି ବଦଳ କରାଯାଉଛି, ସେହିପରି ଘରୋଇ ରଣଜୀ ଟ୍ରଫି କ୍ରିକେଟରେ ଏହି ନିୟମକୁ ଲାଗୁ କରାଯାଇଛି। ଗୁରୁତର ଆହତ ଖେଳାଳିଙ୍କୁ ତାଙ୍କ ସମକକ୍ଷ ଖେଳାଳିଙ୍କ ସହ ପରିବର୍ତ୍ତନ କରାଯିବାର ନିୟମ ରହିଛି। ଚଳିତ ସିଜନରେ ଉତ୍ତରପ୍ରଦେଶ ଓ ଝାଡଖଣ୍ଡ ମଧ୍ୟରେ ଚାଲିଥିବା ମ୍ୟାଚ୍‌ରେ ଏପରି ଦେଖିବାକୁ ମିଳିଛି। ଘଟଣାରୁ ଜଣାଯାଇଛି, ପ୍ରଥମଦିନ ଲଞ୍ଚବେଳକୁ ଉତ୍ତରପ୍ରଦେଶର ପ୍ରଶାନ୍ତ ବୀର ଆହତ ହୋଇଥିଲେ। ଖେଳ ଶେଷରେ ପ୍ରଶାନ୍ତଙ୍କ ମେଡିକାଲ ରିପୋର୍ଟରୁ ସେ ଆଉ ଏହି ମ୍ୟାଚ୍‌ରେ ଖେଳିପାରିବେ ନାହିଁ ବା ୩ ସପ୍ତାହ ପୂର୍ବରୁ ଫିଟ୍ ହେବେ ନାହିଁ ବୋଲି ଜଣାପଡ଼ିଥିଲା। ଏହି ରିପୋର୍ଟ ପାଇବା ପରେ ମ୍ୟାଚ୍ ରେଫରି ଖେଳାଳି ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେଇଥିଲେ। ଦ୍ୱିତୀୟ ଦିନ ସକାଳେ ଉତ୍ତରପ୍ରଦେଶ ଦଳ ସହ ଶିବମ ଶର୍ମା ଖେଳିବାକୁ ଆସିଥିଲେ। ପ୍ରଥମଥର ଘରୋଇ କ୍ରିକେଟରେ ଏହି ନିୟମ ବିସିସିଆଇ ଲାଗୁ କରିଛି ଯାହା ଫଳରେ ଆହତ ହୋଇଥିବା ଖେଳାଳିଙ୍କ ଟିମ୍ ଅସୁବିଧାକୁ ଏଡ଼ାଇଯାଇଛି। ଏଭଳି ଘଟଣା କୋଲକାତାରେ ବେଙ୍ଗଲ ଓ ଗୁଜରାଟ ମଧ୍ୟରେ ଖେଳାଯାଇଥିବା ରଣଜୀ ମ୍ୟାଚ୍‌ରେ ପ୍ରଥମେ ଦେଖିବାକୁ ମିଳିଥିଲା। ଏହି ମ୍ୟାଚ୍‌ରେ ବେଙ୍ଗଲ ଓପନର ସୁଦୀପ ଚାଟାର୍ଜୀଙ୍କ ବଦଳରେ କାଜି ଜୁନୈଦ୍ ସୈଫି ଖେଳିବାକୁ ଆସିଥିଲେ। ଏହା ଫଳରେ ଆଘାତ ସମସ୍ୟାରୁ ଖେଳାଳି ବଦଳିବାରେ କାଜି ଭାରତର ପ୍ରଥମ ବ୍ୟାଟର ହୋଇଛନ୍ତି।

# ୨ ଦିନରେ ପଞ୍ଜାବକୁ ହରାଇଲା ସୌରାଷ୍ଟ୍ର

**ରାଜକୋଟ,୨୩।୧(ଏଜେନ୍ସି):** ରଣଜୀ ଟ୍ରଫିର ଷଷ୍ଠ ରାଉଣ୍ଡରେ ଆଜି ପ୍ରଥମ ଫଳାଫଳ ମିଳିଛି। ରାଜକୋଟର ଟର୍ଣ୍ଣିଂ ୱିକେଟରେ ପଞ୍ଜାବ ଓ ସୌରାଷ୍ଟ୍ର ମଧ୍ୟରେ ଅନୁଷ୍ଠିତ ମ୍ୟାଚ୍ ଦୁଇ ଦିନରେ ଶେଷ ହୋଇଛି। ଏଥିରେ ବାମହାତୀ ସ୍ପିନର ପାର୍ଥ ଭୂତ ୧୦ଟି ୱିକେଟ ନେବା ଫଳରେ ସୌରାଷ୍ଟ୍ର ୧୯୪ ରନ୍‌ରେ ପଞ୍ଜାବକୁ ପରାସ୍ତ କରି ପୂରା ପଏଣ୍ଟ ପାଇଛି। ଏହି ମ୍ୟାଚରେ ସୌରାଷ୍ଟ୍ର ପ୍ରଥମ ଇନିଂସରେ ୧୭୨ ଓ ଦ୍ୱିତୀୟ ଇନିଂସରେ ୨୮୬ ରନ୍ କରିଥିଲା। ଜବାବରେ ପଞ୍ଜାବ ଯଥାକ୍ରମେ ୧୩୯ ଓ ୧୨୫ ରନ୍ କରିବାକୁ ସମର୍ଥ ହୋଇଥିଲା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS